# ଧରିତ୍ରୀ
DHARITRI

ଭୁବନେଶ୍ୱର,ସୋମବାର, ସେପ୍ଟେମ୍ବର ୩୦/୨୦୨୪ (୧୬ ପୃଷ୍ଠା) Bhubaneswar, Monday, September 30/2024 Page 16 ₹ 7.00

୫୦ଶ ଭାଗ ୩୦୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 307 ମୂଲ୍ୟ ₹୭/-



DSPL-125





# ପୋଷଣ ମାସ ପାଳନ

ସେପ୍ଟେମ୍ବର ୧ ରୁ ୩୦ ତାରିଖ ପର୍ଯ୍ୟନ୍ତ

ଉତ୍ତମ ପୋଷଣ - ସୁସ୍ଥ ଜୀବନ

- ରକ୍ତହୀନତା ବିଷୟରେ ସଚେତନ ହେବା, ଏହାର ପରୀକ୍ଷା, ଚିକିତ୍ସା ବିଷୟରେ ଆଲୋଚନା କରିବା
- ଦୈନନ୍ଦିନ ଖାଦ୍ୟରେ ବିବିଧତା ଆଣିବା ପାଇଁ ଆଞ୍ଚଳିକ ତଥା ମିଲେଟ୍ ବା କ୍ଷୁଦ୍ର ଖାଦ୍ୟ ଶସ୍ୟ ସାମିଲ୍ କରିବା
- ଶିଶୁର ଅଭିବୃଦ୍ଧି ନିରୀକ୍ଷଣ କରିବା ସହିତ ଆଦ୍ୟ ଶୈଶବ ଏବଂ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପାଇଁ ଯତ୍ନବାନ୍ ହେବା
- ପାରିପାର୍ଶ୍ୱିକ ସୁରକ୍ଷା ପାଇଁ ମାଟି, ପାଣି ଓ ପରିବେଶର ଯତ୍ନ ନେବା
- ସୁସ୍ଥ ଜୀବନ ପାଇଁ ସୁଷମ ଖାଦ୍ୟ ଖାଇବା ସହିତ ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେବା

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର

OIPR-33001/13/0019/2425

## ସଂକ୍ଷେପରେ

### ଆତଙ୍କବାଦୀ ନିହତ

ଜମ୍ମୁ, ୨୯।୯

ଜମ୍ମୁ-କଶ୍ମୀରର କଠୁଆ ଜିଲାର ଏକ ସୁଦୂର ଗ୍ରାମରେ ରବିବାର ସୁରକ୍ଷା ବାହିନୀଙ୍କ ଏନ୍‌କାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ଉକ୍ତ ଆତଙ୍କବାଦୀ ଜଣକ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଙ୍ଗଠନ 'ଜୈଶ୍-ଏ-ମହମ୍ମଦ(ଜେଇଏମ୍)' ସହ ଜଡ଼ିତ ଥିବା ନେଇ ଆଶଙ୍କା କରାଯାଉଛି ବୋଲି ସୁରକ୍ଷା ବାହିନୀର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ୨ ଜଣ ଆତଙ୍କବାଦୀ ଲୁଚି ରହିଥିବା ନେଇ ମିଳିଥିବା ଗୋଇନ୍ଦା ସୂଚନା ଆଧାରରେ ରଜୌରୀ ଜିଲା ଥାନାମଣ୍ଡି ଅଞ୍ଚଳରେ ସୁରକ୍ଷା ବାହିନୀ ପକ୍ଷରୁ ରବିବାର ସନ୍ଧ୍ୟାରେ ସର୍ଚ୍ଚ ଅପରେଶନ ଜାରି ରହିଛି। ତେବେ ଥାନାମଣ୍ଡିରେ ଉକ୍ତ ସର୍ଚ୍ଚ ଅପରେଶନ ଚାଲିଥିବା ସମୟରେ ଉଭୟ ସୁରକ୍ଷା ବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିବା ସୂଚନା ମିଳିଛି।



ଜମ୍ମୁ-କଶ୍ମୀରର ବାରାମୂଲା ଜିଲା ଗୁଲମାର୍ଗରେ ପିଡିପି ନେତ୍ରୀ ଇଲ୍‌ତିଜା ମୁଫ୍‌ତିଙ୍କ ନିର୍ବାଚନ ପ୍ରଚାର ପାଇଁ ରୋଡ୍ ଶୋ' ବେଳେ ସମର୍ଥକମାନେ ତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

## କଶ୍ମୀରରେ ନିର୍ବାଚନ ପ୍ରଚାର ଶେଷ

ଶ୍ରୀନଗର, ୨୯।୯

ଜମ୍ମୁ-କଶ୍ମୀର ବିଧାନସଭାର ତୃତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ନିର୍ବାଚନ ମଙ୍ଗଳବାର ହେବାକୁ ଥିବାବେଳେ ଏଥିପାଇଁ ପ୍ରଚାର ରବିବାର ସନ୍ଧ୍ୟାରେ ଶେଷ ହୋଇଛି। ଶେଷ ପର୍ଯ୍ୟାୟର ଶେଷ ଦିନରେ ସମସ୍ତ ରାଜନୈତିକ ଦଳ ପକ୍ଷରୁ ଜୋର୍‌ଦାର ପ୍ରଚାର କରାଯାଇଥିଲା। ବିଶେଷ କରି ଭାଜପା, କଂଗ୍ରେସ, ନ୍ୟାଶନାଲ କନ୍‌ଫରେନ୍ସ ଏବଂ ପିଡିପି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ପରସ୍ପରକୁ ଟାର୍ଗେଟ କରିଥିଲେ। ପାକିସ୍ତାନ, ଅନୁଚ୍ଛେଦ ୩୭୦, ଆତଙ୍କବାଦ ଏବଂ ସଂରକ୍ଷଣ ଆଦି ପ୍ରଚାରରେ ମୁଖ୍ୟ ପ୍ରସଙ୍ଗ ହୋଇଥିଲା। ମଙ୍ଗଳବାର ଜମ୍ମୁ ଅଞ୍ଚଳର ଜମ୍ମୁ, ଉଧାମପୁର, ସାମ୍ବା ଓ କଠୁଆ ଏବଂ ଉତ୍ତର କଶ୍ମୀରର ବାରମୂଲ୍ଲା, ବନ୍ଦିପୋରା ଏବଂ କୁପ୍‌ୱାଡ଼ା ଜିଲାର ୪୦ଟି ଆସନରେ ମତଦାନ ହେବ। ଏହି ପର୍ଯ୍ୟାୟରେ ୪୧୫ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଏହା କଶ୍ମୀରରେ ପ୍ରଥମ ବିଧାନସଭା ନିର୍ବାଚନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ପ୍ରଚାରରେ ଯାଇ କଶ୍ମୀରରୁ ବହୁ ଦଶନ୍ଧିର ଅନ୍ୟାୟ ଏବଂ ଅସମାନତା ଦୂର ପାଇଁ ତାଙ୍କର ୧୦ ବର୍ଷର ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। କଶ୍ମୀରକୁ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବା ଏକ ସାମୟିକ ନିଷ୍ପତ୍ତି ଥିଲା ଏବଂ ଭାଜପା ନେତୃତ୍ୱରେ ଖୁବ୍‌ଶୀଘ୍ର ରାଜ୍ୟ ମାନ୍ୟତା ଫେରାଇ ଦିଆଯିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ପ୍ରମୁଖ ସକ୍ରିୟ ଭାବେ ପ୍ରଚାର କରିଥିଲେ। ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଦଳର ପ୍ରଚାର ମଙ୍ଗ ଧରିଥିବାବେଳେ ଫାରୁକ୍ ଅବଦୁଲ୍ଲା, ଓମାର ଅବଦୁଲ୍ଲା ଏବଂ ମେହବୁବା ମୁଫ୍‌ତି ଯଥାକ୍ରମେ ଏନ୍‌ସି ଏବଂ ପିଡିପି ପ୍ରଚାରର ନେତୃତ୍ୱ ନେଇଥିଲେ।

### ପାକ୍ ସୀମାରେ ବୁଲେଟ୍‌ପ୍ରୁଫ୍ ଘାଟି ନିର୍ମାଣ କରିବ ଭାରତ

ନୂଆଦିଲ୍ଲୀ, ୨୯।୯

ଜମ୍ମୁ ଅଞ୍ଚଳରେ ଆତଙ୍କବାଦୀ ହିଂସା ବଢ଼ିଥିବାରୁ କେନ୍ଦ୍ର ସରକାର ଭାରତ-ପାକ୍ ସୀମାରେ ଥିବା ତାରବାଡ଼ର ଉନ୍ନତୀକରଣ ପାଇଁ ନିଷ୍ପତ୍ତି ନେଇଛନ୍ତି। ଅନୁପ୍ରବେଶ ଉପରେ ନଜର ରଖିବା ପାଇଁ ସୀମାରେ ଅଧିକ ଘାଟି ନିର୍ମାଣ କରାଯିବା ସହ ସେଗୁଡ଼ିକୁ ବୁଲେଟ୍‌ପ୍ରୁଫ୍ କରିବା ନିମନ୍ତେ ସରକାର ଯୋଜନା କରୁଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଜମ୍ମୁ-କଶ୍ମୀର ସମେତ ରାଜସ୍ଥାନ, ଗୁଜରାଟ ଏବଂ ପଞ୍ଜାବର ବିଭିନ୍ନ ସୀମାନ୍ତ ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଛି। ସୀମାନ୍ତ ଅଞ୍ଚଳରେ ତୁରନ୍ତ ପହଞ୍ଚିବା ପାଇଁ ବିଭିନ୍ନ ନଦୀରେ ବିକାଶମୂଳକ ପ୍ରକଳ୍ପକୁ ମଞ୍ଜୁରୀ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ୧,୫୦୦ କୋଟି ଟଙ୍କା ବ୍ୟୟ ହେବ।

# ହମାସ୍, ହେଜ୍‌ବୋଲ୍ଲା ପରେ ହୁଟି

ଜେରୁଜେଲମ୍/ବେରୁଟ୍/ ତେହରାନ/, ୨୯।୯

୨୦୨୩ ଅକ୍ଟୋବର ୭ରେ ଗାଜାର ସଶସ୍ତ୍ର ଶାସକ ହମାସ୍ ଇସ୍ରାଏଲ୍ ଉପରେ ଆକ୍ରମଣ କରି ପ୍ରାୟ ୧୨୦୦ ନିରୀହଙ୍କ ଜୀବନ ନେବା ପରେ ଅନେକଙ୍କୁ ପଣବନ୍ଦୀ କରିଥିଲା। ସେବେଠୁ ଇସ୍ରାଏଲୀ ସେନା ଓ ହମାସ୍ ପ୍ରତ୍ୟକ୍ଷ ଭାବେ ଯୁଦ୍ଧ ଚଳାଇଆସିଛନ୍ତି। ହମାସ୍‌କୁ ଲେବାନନ୍‌ର ହେଜ୍‌ବୋଲ୍ଲା ଓ ୟେମେନ୍‌ର ହୁଟି ସହଯୋଗ କରୁଥିବାରୁ ୨ ଆତଙ୍କବାଦୀ ସଙ୍ଗଠନ ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍)ର ଟାର୍ଗେଟ୍‌କୁ ଆସିଥିଲେ। ଏଥିପାଇଁ ଆତଙ୍କବାଦୀମାନଙ୍କୁ ସମୂଳେ ନିପାତ କରିବା ପାଇଁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ପଣ କରିଛନ୍ତି। ଏହି କ୍ରମରେ ରବିବାର ୟେମେନ୍‌ସ୍ଥିତ ଲୋହିତ ସାଗରର ବନ୍ଦର ସହର ହୋଦେଇଦାକୁ ଆଇଡିଏଫ୍ ଆକ୍ରମଣ କରିଛି। ୨୦୨୧ ପରଠୁ ହୁଟି ନିୟନ୍ତ୍ରଣରେ ଥିବା ହୋଦେଇଦା ସହର ୟେମେନ୍‌ବାସୀଙ୍କୁ ଖାଦ୍ୟ ଓ ଅନ୍ୟ ଜରୁରୀ ସାମଗ୍ରୀ ଯୋଗାଇଥାଏ। ଇରାନ୍ ସମର୍ଥିତ ହୁଟି ଏହି ବନ୍ଦର ଦେଇ ଇସ୍ରାଏଲୀ ଜାହାଜଗୁଡ଼ିକୁ ଆକ୍ରମଣ କରିବା ସହ ବୈଶ୍ୱିକ ବାଣିଜ୍ୟିକ କାରବାରରେ ବାଧା ସୃଷ୍ଟି କରିଆସୁଥିଲା। ତେଣୁ ହମାସ୍, ହେଜ୍‌ବୋଲ୍ଲା ପରେ ଏବେ ହୁଟିକୁ ଇସ୍ରାଏଲ୍ ଏୟାରଷ୍ଟ୍ରାଇକ୍ କରି ଏହାର ନେତାମାନଙ୍କୁ ନିପାତ କରିବାକୁ ଉଦ୍ୟମ ଆରମ୍ଭ କରିଛି।



ହୁଟି ନିୟନ୍ତ୍ରଣରେ ଥିବା ୟେମେନ୍‌ର ହୋଦେଇଦା ବନ୍ଦର ଉପରେ ରବିବାର ଇସ୍ରାଏଲୀ ସେନା ଏୟାରଷ୍ଟ୍ରାଇକ୍ କରିବା ପରେ ସେଠାରୁ ଧୂଆଁ ବାହାରୁଛି।

ଇସ୍ରାଏଲୀ ସେନା ହେଜ୍‌ବୋଲ୍ଲା ମୁଖ୍ୟ ହାସନ୍ ନସ୍‌ରଲ୍ଲା ଓ ତାଙ୍କ ଝିଅ ଜୈନାନବଙ୍କୁ ଏୟାରଷ୍ଟ୍ରାଇକ୍‌ରେ ନିପାତ କରିବା ପରେ ମଧ୍ୟ ମିଶନ ଜାରି ରଖିଛି। ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ଆକ୍ରମଣରେ ବେରୁଟ୍‌ରେ ହେଜ୍‌ବୋଲ୍ଲାର ସେଣ୍ଟ୍ରାଲ କାଉନ୍‌ସିଲ ଉପମୁଖ୍ୟ ନାବିଲ୍ କାଓଉକ୍ ନିହତ ହୋଇଛନ୍ତି। ପ୍ରାୟ ସପ୍ତାହେ ମଧ୍ୟରେ ନିଜ ସପ୍ତମ ବରିଷ୍ଠ ନେତାଙ୍କୁ ହରାଇବା ପରେ ହେଜ୍‌ବୋଲ୍ଲା ରକ୍ତମୁଖା ହୋଇଉଠିଛି। ହେଜ୍‌ବୋଲ୍ଲାକୁ ବଳ ଦେଇଆସିଥିବା ଇରାନ୍ ମଧ୍ୟ ଇସ୍ରାଏଲ୍‌କୁ ଆକ୍ରମଣ ଧମକ ଦେଇଛି। ଇରାନ୍‌ର ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଅରଘଚି ରବିବାର କହିଛନ୍ତି, ଜଣେ ବରିଷ୍ଠ ଇରାନୀୟ ଜେନେରାଲଙ୍କ ସମେତ ନସ୍‌ରଲ୍ଲାଙ୍କ ମୃତ୍ୟୁ ଅନୁତ୍ତରିତ ରହିବ ନାହିଁ। ଆକ୍ରମଣକାରୀ ଇହୁଦୀ ଶାସକଙ୍କ ଭୟଙ୍କର ଅପରାଧ ପାଇଁ ଇସ୍ରାଏଲ୍‌କୁ କଡ଼ା ଜବାବ ଦିଆଯିବ। ସେହିପରି ଇରାନର ରଣନୈତିକ ବ୍ୟାପାର ଉପମୁଖ୍ୟ ଜାଭେଦ ଜରିଫ୍ ମଧ୍ୟ ଉପଯୁକ୍ତ ସମୟରେ ତେହରାନ୍ କଡ଼ା ଜବାବ ଦେବ ବୋଲି ଧମକ ଦେଇଛନ୍ତି। ତେବେ ଏହା ଉପରେ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମ୍‌ନେଇଙ୍କ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି।

### ଇସ୍ରାଏଲ୍‌କୁ ଆକ୍ରମଣ ଧମକ ଦେଲା ଇରାନ୍

ଇସ୍ରାଏଲ ଆକ୍ରମଣରେ ଲେବାନନ୍‌ରେ ୧୫୬ ମହିଳା ଓ ୮୭ ଶିଶୁଙ୍କ ସମେତ ଅନ୍ୟୂନ ୧,୦୩୦ ନାଗରିକଙ୍କ ମୃତ୍ୟୁ ଘଟିଲାଣି। ଏଥିସହ ୨.୫ ଲକ୍ଷ ଲୋକ ବାସହରା ହୋଇ ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ହେଜ୍‌ବୋଲ୍ଲା ମଧ୍ୟ ଏହାର ପ୍ରତିଶୋଧ ନେବାକୁ ଯାଇ ଇସ୍ରାଏଲ୍‌ର ଉତ୍ତର ଭାଗରେ ତୁହାକୁ ତୁହା ରକେଟ ଓ ମିଶାଇଲ ମାଡ଼ କରୁଛି। କିନ୍ତୁ ସେଥିରୁ ଅଧିକାଂଶକୁ ଇସ୍ରାଏଲ୍ ଇଣ୍ଟରସେପ୍ଟ କରି ଖସାଇଦେବାରେ ସକ୍ଷମ ହୋଇଛି। ସେପ୍ଟେମ୍ବର ୨୦ରେ ସଂଘର୍ଷ ଆରମ୍ଭ ହେବା ପରଠାରୁ କେହି ଜଣେ ହେଲେ ଇସ୍ରାଏଲୀ ମୃତାହତ ହୋଇ ନ ଥିବା ଆଇଡିଏଫ୍ ପକ୍ଷରୁ କୁହାଯାଇଛି।

### ସିରିଆରେ ଆମେରିକାର ଏୟାରଷ୍ଟ୍ରାଇକ୍: ୩୭ ଆତଙ୍କବାଦୀ ନିହତ

ବେରୁଟ୍, ୨୯।୯

ସିରିଆରେ ଆମେରିକାର ଏୟାରଷ୍ଟ୍ରାଇକ୍‌ରେ ୩୭ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଏବଂ ଅଲ୍‌କାଏଦା ସହ ସମ୍ପୃକ୍ତ ଗ୍ରୁପ୍ ଦ୍ୱାରା ଆତଙ୍କବାଦୀ ଭାବେ ସ୍ୱୀକୃତି ପାଇଥିଲେ ବୋଲି ଆମେରିକା ସେନା କହିଛି। ମୃତକଙ୍କ ମଧ୍ୟରୁ ୨ ଜଣ ବରିଷ୍ଠ ଆତଙ୍କବାଦୀ। ଅଲ୍‌କାଏଦା ସହ ସମ୍ପୃକ୍ତ ହୁରାସ୍ ଅଲ୍-ଦିନ୍ ଗ୍ରୁପ୍‌ର ବରିଷ୍ଠ ଆତଙ୍କବାଦୀ ଓ ଅନ୍ୟ ୮ ଜଣଙ୍କୁ ଟାର୍ଗେଟ କରି ମଙ୍ଗଳବାର ଆମେରିକା ସେଣ୍ଟ୍ରାଲ କମାଣ୍ଡ ସିରିଆର ଉତ୍ତରପଶ୍ଚିମ ଭାଗରେ ବୋମାମାଡ଼ କରିଥିଲା। ସେପ୍ଟେମ୍ବର ୧୬ରେ କେନ୍ଦ୍ରୀୟ ସିରିଆର ଏକ ଅଜଣା ସ୍ଥାନରେ ରହିଥିବା ଆଇଏସ୍‌ର ପ୍ରଶିକ୍ଷଣ କ୍ୟାମ୍ପ୍‌କୁ ଟାର୍ଗେଟ କରି ଆମେରିକା ଜୋର୍‌ଦାର ଏୟାରଷ୍ଟ୍ରାଇକ୍ କରିବାରୁ ୨୮ ଜଣ ନିହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ଅନ୍ୟୂନ ୪ ଜଣ ସିରିଆ ନେତା ଥିଲେ।

### ତାମିଲନାଡୁ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଉଦୟନିଧି



ଚେନ୍ନାଇ, ୨୯।୯

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ତାଙ୍କ ପୁଅ ଉଦୟନିଧିଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତି ଦେବାର ଦିନକ ପରେ ରବିବାର ରାଜ୍ୟପାଳ ଆର୍.ଏନ୍. ରବି ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ତେବେ ଏହା କେବଳ ଏକ ପଦବୀ ନୁହେଁ, ଅତିରିକ୍ତ ଦାୟିତ୍ୱ ବୋଲି ଉଦୟନିଧି କହିଛନ୍ତି। କ୍ୟାବିନେଟ ସମ୍ପ୍ରସାରଣକୁ ଭାଜପା ସମାଲୋଚନା କରିଥିବାବେଳେ ଉଦୟନିଧି ନିଜ କାର୍ଯ୍ୟ ଜରିଆରେ ଏହାର ଜବାବ ଦେବେ ବୋଲି କହିଛନ୍ତି। ପୁନର୍ବାର ମନ୍ତ୍ରିମଣ୍ଡଳକୁ ଫେରିଥିବା ଭି. ସେନ୍ଥିଲ ବାଲାଜୀଙ୍କୁ ବିଦ୍ୟୁତ୍ ଏବଂ ଅବକାରୀ, ଡ. ଗୋଭି ଚେଝିଆନ୍‌ଙ୍କୁ ଉଚ୍ଚଶିକ୍ଷା ଏବଂ ଆର୍. ରାଜେନ୍ଦ୍ରନ୍‌ଙ୍କୁ ପର୍ଯ୍ୟଟନ ବିଭାଗ ଦିଆଯାଇଛି। ନୂଆ ମନ୍ତ୍ରୀମାନଙ୍କୁ ରାଜ୍ୟପାଳ ଶପଥ ପାଠ କରାଇଛନ୍ତି।

## 'ଏକ ରାଷ୍ଟ୍ର, ଏକ ନିର୍ବାଚନ' କାର୍ଯ୍ୟକାରୀ କରିବାକୁ ୩ ବିଲ୍ ଆଣିବ କେନ୍ଦ୍ର

ନୂଆଦିଲ୍ଲୀ, ୨୯।୯(ପି.ଟି.)

ଦେଶରେ ଏକସଙ୍ଗେ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ କରାଇବା ପାଇଁ 'ୱାନ୍ ନେଶନ ୱାନ୍ ଇଲେକ୍‌ଶନ' ଯୋଜନା କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ୩ଟି ବିଲ୍ ଆଣିବା ନିମନ୍ତେ ବିଚାର କରୁଛନ୍ତି। ଏଥିପାଇଁ ୨ଟି ସମ୍ବିଧାନ ସଂଶୋଧନ ବିଲ୍ ଏବଂ ଗୋଟିଏ ସାଧାରଣ ସଂଶୋଧନ ବିଲ୍ ଗୃହୀତ କରାଇବାକୁ ହେବ। ଏକସଙ୍ଗେ ନିର୍ବାଚନ ପାଇଁ ଉଚ୍ଚସ୍ତରୀୟ କମିଟି ଚଳିତ ମାସ ଆରମ୍ଭରେ ସରକାରଙ୍କୁ ସୁପାରିସ କରିଥିଲା। ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକର କାର୍ଯ୍ୟକାଳ ଶେଷ ନେଇ ଅନୁଚ୍ଛେଦ ୮୨ଏରେ ସଂଶୋଧନ କରି ଏଥିରେ ଦୁଇଟି ଉପଅନୁଚ୍ଛେଦ ଯୋଡ଼ିବାକୁ ହେବ। ଲୋକ ସଭାର କାର୍ଯ୍ୟକାଳ ଓ ଭଙ୍ଗ ସମ୍ପର୍କିତ ଅନୁଚ୍ଛେଦ ୮୩(୨)ରେ ନୂଆ ଉପଅନୁଚ୍ଛେଦ (୩) ଏବଂ (୪) ଯୋଡ଼ିବାକୁ ହେବ। ସେହିପରି ଏକସଙ୍ଗେ ନିର୍ବାଚନ ଲାଗି ବିଧାନସଭାଗୁଡ଼ିକୁ ଭଙ୍ଗ ପାଇଁ ଅନୁଚ୍ଛେଦ ୩୨୭ରେ ସଂଶୋଧନ ଆଣିବାକୁ ପଡ଼ିବ। ଏହି ସଂଶୋଧନ ପାଇଁ ୫୦ ପ୍ରତିଶତ ରାଜ୍ୟର ସମର୍ଥନ ଆବଶ୍ୟକ ହେବନାହିଁ। ଅନ୍ୟପକ୍ଷରେ ରାଷ୍ଟ୍ର ବ୍ୟାପାର ସମ୍ପର୍କିତ ପ୍ରସଙ୍ଗ ଡିଲ୍ ପାଇଁ ଦ୍ୱିତୀୟ ସମ୍ବିଧାନ ସଂଶୋଧନରେ ଅନ୍ୟୂନ ୫୦% ରାଜ୍ୟର ସମର୍ଥନ ଆବଶ୍ୟକ ହେବ। ସେହିପରି ପୌରସଂସ୍ଥା ଓ ପଞ୍ଚାୟତଗୁଡ଼ିକର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସହ ପରାମର୍ଶ କରି ନିର୍ବାଚନ କମିଶନ ଭୋଟର ତାଲିକା ପ୍ରସ୍ତୁତ କରିବେ। ଏଥିପାଇଁ ଉଦ୍ଦିଷ୍ଟ ସାମ୍ବିଧାନିକ ବ୍ୟବସ୍ଥାରେ ସଂଶୋଧନ ଆଣିବାକୁ ହେବ। ବିଧାନସଭା ଥିବା କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀ, ଦିଲ୍ଲୀ ଏବଂ ଜମ୍ମୁ-କଶ୍ମୀରରେ ଏହାକୁ ଡିଲ୍ କରୁଥିବା ୩ଟି ଆଇନର ବ୍ୟବସ୍ଥାରେ ସଂଶୋଧନ ପାଇଁ ତୃତୀୟ ବିଲ୍ ଆଣିବାକୁ ହେବ ବୋଲି କୁହାଯାଇଛି।

## ସୀତାରାମନ୍‌ଙ୍କ ଇସ୍ତଫା ଦାବି କଲା କଂଗ୍ରେସ

**ଇଲେକ୍ଟୋରାଲ ବଣ୍ଡ ମାମଲା**

ନୂଆଦିଲ୍ଲୀ, ୨୯।୯

ନିର୍ବାଚନୀ ବଣ୍ଡ୍ ଜରିଆରେ ୮,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବଟି ଆଦାୟ ଅଭିଯୋଗରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ନାଁରେ ମାମଲା ରୁଜୁ ପରେ ରବିବାର କଂଗ୍ରେସ ତାଙ୍କ ଇସ୍ତଫା ଦାବି କରିଛି। ଇଲେକ୍ଟୋରାଲ ବଣ୍ଡ୍ ଯୋଜନାର ସମ୍ପୂର୍ଣ୍ଣ ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ଦ୍ୱାରା କରାଯିବା ପାଇଁ ବିରୋଧୀ ଦଳ ଏହାର ଦାବି ଦୋହରାଇଛି। ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ଦୁର୍ନୀତି ପାଇଁ କଂଗ୍ରେସ ଶାସକ ଭାଜପାକୁ କଡ଼ା ସମାଲୋଚନା କରିବା ସହ ସୀତାରାମନ୍ ଗଣତନ୍ତ୍ରକୁ ଦୁର୍ବଳ କରିଥିବା ଅଭିଯୋଗ କରିଛି। ନିର୍ବାଚନୀ ବଣ୍ଡ୍ ନାଁରେ ସୀତାରାମନ୍ ଓ ଅନ୍ୟମାନେ ଏକ ବଟି ଆଦାୟ ର୍‍ୟାକେଟ ଚଳାଇଥିବା ନେଇ ଜନଅଧିକାର ସଂଘର୍ଷ ସଂଗଠନର ସହଅଧ୍ୟକ୍ଷ ଆଦର୍ଶ ଆୟାର ଅଭିଯୋଗ ଦାଏର କରିଥିଲେ।

## ମୋଦି କ୍ଷମତାରୁ ନ ହଟିବା ଯାଏ ମରିବି ନାହିଁ

**ଭାଷଣବେଳେ ଖାର୍ଗେ ଅସୁସ୍ଥ**

ଜମ୍ମୁ, ୨୯।୯

ଜମ୍ମୁ-କଶ୍ମୀରର କଠୁଆ ଜିଲା ଅନ୍ତର୍ଗତ ଜସ୍ରୋତା ବେଲ୍ଟରେ ରବିବାର ଏକ ସଭାରେ ଭାଷଣ ଦେବାବେଳେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଅସୁସ୍ଥ ହୋଇପଡ଼ିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ହୋଇ ପୁଣିଥରେ ଭାଷଣ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାରୁ ନ ହଟିବା ପର୍ଯ୍ୟନ୍ତ ସେ ମରୁନାହାନ୍ତି ବୋଲି ଖାର୍ଗେ କହିଛନ୍ତି।

ଭାଷଣ ଦେବା ପୂର୍ବରୁ କଠୁଆରେ ତଲାସୀ ଅଭିଯାନ ବେଳେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ପୋଲିସ ହେଡ୍ କନ୍‌ଷ୍ଟେବଲଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦେବାବେଳେ କଂଗ୍ରେସ ନେତା ଅସୁସ୍ଥ ହୋଇପଡ଼ିଥିଲେ। ସହକର୍ମୀମାନେ ତାଙ୍କୁ ଚେୟାରକୁ ନେଇଯାଇଥିଲେ। ସଭାମଞ୍ଚରେ ୮୩ ବର୍ଷୀୟ ଖାର୍ଗେଙ୍କୁ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ଭାଷଣ ଦେବାକୁ ଚାହୁଁଥିବାବେଳେ ମୁଣ୍ଡ ଘୂରାଇଦେବାରୁ ବସିପଡ଼ିଲି। ତେବେ ମୋଦି କ୍ଷମତାରୁ ଯିବା ପର୍ଯ୍ୟନ୍ତ ବଞ୍ଚିରହିବି ବୋଲି ଖାର୍ଗେ କହିଛନ୍ତି। ଏହା ପରେ ସେ କଂଗ୍ରେସ ପ୍ରଧାନମନ୍ତ୍ରୀମାନଙ୍କ ଭୂମିକାର ପ୍ରଚାର କରିଥିଲେ। ଇନ୍ଦିରା ଗାନ୍ଧୀ ବାଂଲାଦେଶକୁ ସ୍ୱାଧୀନ କରିଥିଲେ। ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ନେତୃତ୍ୱରେ ଭାରତ ପାକିସ୍ତାନକୁ ପରାସ୍ତ କରିଥିଲା ବୋଲି ଖାର୍ଗେ କହିଥିଲେ। କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ଖାର୍ଗେ ବିମାନ ଯୋଗେ ଜସ୍ରୋତା ଯାଇ ରାଲି କରିଥିଲେ।



ସଭାମଞ୍ଚରେ ମଲ୍ଲିକାର୍ଜୁନ ଖାର୍ଗେଙ୍କ ମୁଣ୍ଡ ବୁଲାଇବାରୁ ଦଳୀୟ ନେତାମାନେ ତାଙ୍କୁ ଧରିଛନ୍ତି।

## କୋଲ୍‌କାତାରେ ବନ୍ଦ ହେବ ୧୫୦ ବର୍ଷର ଟ୍ରାମ୍ ସେବା

କୋଲକାତା, ୨୯।୯

କୋଲକାତାରେ ୧୫୦ ବର୍ଷର ଟ୍ରାମ୍ ସେବା ବନ୍ଦ ହେବାକୁ ଯାଉଛି। ଟ୍ରାଫିକ୍ ଭିଡ଼ ହ୍ରାସ ଏବଂ ଦ୍ରୁତ ପରିବହନ ମାଧ୍ୟମ ପ୍ରଚଳନ ପାଇଁ ପଶ୍ଚିମବଙ୍ଗ ସରକାର କୋଲକାତାର ଟ୍ରାମ୍ ସେବାକୁ ବନ୍ଦ କରିବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁଯାୟୀ, ଐତିହାସିକ ଟ୍ରାମ୍ ସେବା କେବଳ ଏସ୍‌ପ୍ଲାନେଡ୍‌ରୁ ମାଇଦାନ ରୁଟ୍ ବ୍ୟତୀତ କୋଲକାତାର ଅନ୍ୟ ସବୁ ରୁଟ୍‌ରେ ବନ୍ଦ ହେବ। ସରକାରଙ୍କ ଏଭଳି ନିଷ୍ପତ୍ତିରେ ଅନେକ ଯାତ୍ରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଟ୍ରାଫିକ ଭିଡ଼ ପାଇଁ ଟ୍ରାମ୍‌କୁ ଦାୟୀ କରାଯାଇପାରିବ ନାହିଁ ବୋଲି ସେମାନେ କହିଛନ୍ତି। ଟ୍ରାମ୍ ଶସ୍ତା ଏବଂ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ହୋଇଥିବାରୁ ଏହାକୁ ବନ୍ଦ କରାଯିବା ଉଚିତ ନୁହେଁ। ଏହା କୋଲକାତା ଜନସାଧାରଣ ବିଶେଷକରି ଗରିବଙ୍କ ପାଇଁ ଜୀବନରେଖା ସଦୃଶ ବୋଲି ଯାତ୍ରୀମାନେ କହିଛନ୍ତି।




## 'ଯୌନକାର୍ଯ୍ୟ ଦେଖିବାକୁ ବାଧ କରିଥିଲେ'

**ଫିଲ୍ମ ନିର୍ମାତା ବାଲଚନ୍ଦ୍ର ମେନନ୍‌ଙ୍କ ବିରୋଧରେ ଅଭିନେତ୍ରୀ ମିନୁ ମୁନିରଙ୍କ ଅଭିଯୋଗ**

ଥିରୁଭାନନ୍ତପୁରମ, ୨୯।୯

ମଲିଉଡ୍‌ର ବରିଷ୍ଠ ଫିଲ୍ମ ନିର୍ମାତା ବାଲଚନ୍ଦ୍ର ମେନନ୍‌ଙ୍କ ବିରୋଧରେ ରବିବାର ଅଭିନେତ୍ରୀ ମିନୁ ମୁନିର ଏକ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ୨୦୦୭ରେ ଅନ୍ୟମାନଙ୍କ ସହ ମିଶି ସେକ୍ସୁଆଲ ଆକ୍ଟ ଦେଖିବାକୁ ତାଙ୍କୁ ମେନନ୍ ବାଧ କରିଥିଲେ ବୋଲି ମିନୁ ଅଭିଯୋଗ ଆଣିଛନ୍ତି। ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି, ସେତେବେଳେ ମେନନ୍ ତାଙ୍କୁ ତାଙ୍କ ରୁମ୍‌କୁ ନେଇଥିଲେ। ସେଠାରେ ପୂର୍ବରୁ ଯୌନ କାର୍ଯ୍ୟକଳାପ ଚାଲୁଥିଲା। କେତେଜଣ ପୁରୁଷ ଓ ଯୁବତୀ ମଧ୍ୟ ଉକ୍ତ ରୁମ୍‌ରେ ଉପସ୍ଥିତ ଥିଲେ। ସେ ରୁମ୍ ମଧ୍ୟରେ ପହଞ୍ଚିବା ପରେ ମେନନ୍ ୩ ଜଣ ଯୁବତୀଙ୍କ ସହ ସେଠାରେ ଯୌନ କାର୍ଯ୍ୟକଳାପରେ ଲିପ୍ତ ରହିଲେ। ଏହାସହ ଅନ୍ୟ ପୁରୁଷଙ୍କ ସହ ଏକାଠି ବସି ତାଙ୍କର ଯୌନ କାର୍ଯ୍ୟକଳାପକୁ ଉପଭୋଗ କରିବାକୁ ମେନନ୍ ବାଧ କରିଥିବା ମିନୁ କହିଛନ୍ତି। ତେବେ ହେମା କମିଟି ରିପୋର୍ଟ ଆସିବା ପରେ ତାଙ୍କୁ ଦିଆଯାଇଥିବା ପୁରୁଣା ନିର୍ଯାତନାଗୁଡ଼ିକୁ ସେ ଲୋକଲୋଚନକୁ ଆଣିବାକୁ ସକ୍ଷମ ହୋଇପାରୁଛନ୍ତି ବୋଲି ଏହି ସାକ୍ଷାତ୍‌କାରରେ ଅଭିନେତ୍ରୀ ଜଣଙ୍କ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ମିନୁ ପୂର୍ବରୁ ମାଲୟାଲମ ଅଭିନେତା ଜୟସୁରିୟାଙ୍କ ସମେତ ୭ ଜଣଙ୍କ ବିରୋଧରେ ଶାରୀରିକ ନିର୍ଯାତନାର ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲାରେ ଏଫ୍‌ଆଇଆର୍ ରୁଜୁ କରିଥିଲା।



ମିନୁ ମୁନିର



ବାଲଚନ୍ଦ୍ର ମେନନ୍

# ଧରିତ୍ରୀ
DHARITRI

ଭୁବନେଶ୍ୱର,ସୋମବାର, ସେପ୍ଟେମ୍ବର ୩୦/୨୦୨୪ | Bhubaneswar, Monday, September 30/2024 | ପୃଷ୍ଠା-୧




**'ସ୍ତ୍ରୀ ୨'ର ରେକର୍ଡ ଭାଙ୍ଗିଲା 'ଦେବରା ପାର୍ଟ ୧'**

ଜୁନିୟର ଏନ୍‌ଟିଆର୍‌ଙ୍କ 'ଦେବରା ପାର୍ଟ ୧' ଫିଲ୍ମ ରିଲିଜ୍ ହେବାର ୨ ଦିନ ମଧ୍ୟରେ ୨୧୨ କୋଟି ଟଙ୍କାର ବ୍ୟବସାୟ କରି 'ସ୍ତ୍ରୀ ୨' ଫିଲ୍ମର ରେକର୍ଡକୁ ଭାଙ୍ଗିପାରିଛି।

୧୦

୧୨

**କାମିନ୍ଦୁ ପ୍ଲେୟର ଅଫ୍ ଦ ମ୍ୟାଚ**

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ପ୍ଲେୟର ଅଫ୍ ଦ ମ୍ୟାଚ ବିବେଚିତ ହୋଇଛନ୍ତି ଶ୍ରୀଲଙ୍କାର କାମିନ୍ଦୁ ମେଣ୍ଡିସ ।





ଦକ୍ଷିଣ ବେରୁଟ୍ ଉପକଣ୍ଠସ୍ଥିତ ଏକ କୋଠାର ଭଗ୍ନାବଶେଷରେ ରବିବାର ହେଜ୍‌ବୋଲ୍ଲା ମୁଖ୍ୟ ହାସନ୍ ନସ୍‌ରଲ୍ଲାଙ୍କ ମୃତଦେହ ଠାବ ହୋଇଛି। ଶୁକ୍ରବାର ଇସ୍ରାଏଲୀ ସେନାର ଆକ୍ରମଣରେ ନସ୍‌ରଲ୍ଲା ନିହତ ହୋଇଥିଲେ।

# ଦଶହରା ପୂର୍ବରୁ ସୁଭଦ୍ରା ଭେଟି

## ୯ରେ ମିଳିବ ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା

ଭୁବନେଶ୍ୱର, ୨୯।୯(ସୁନିତ୍ ମିଶ୍ର)

ଦଶହରା ପୂର୍ବରୁ ମହିଳାମାନଙ୍କୁ ସୁଭଦ୍ରା ଯୋଜନା ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ମିଳିବ। ଅକ୍ଟୋବର ୯ ତାରିଖରେ 'ସୁଭଦ୍ରା' ଟଙ୍କା ମହିଳାମାନଙ୍କ ଆକାଉଣ୍ଟକୁ ଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରବିବାର ସୂଚନା ଦେଇଛନ୍ତି। ବାରିପଦାରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଟଙ୍କା ପ୍ରଦାନ କରିବେ। ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ଆବେଦନ କରିଥିବା ଯୋଗ୍ୟ ମହିଳା ୯ ତାରିଖରେ ଟଙ୍କା ପାଇଯିବେ। ସୁଭଦ୍ରା ଯୋଜନାରେ ପ୍ରଥମ ଓ କୋଟିଏ ନମ୍ବରରେ ଥିବା ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିବେ। ପ୍ରାୟ ୪୦ ଲକ୍ଷରୁ ଅଧିକ ମହିଳାଙ୍କୁ ଦ୍ୱିତୀୟ ପର୍ଯ୍ୟାୟ 'ସୁଭଦ୍ରା' ଟଙ୍କା ଦିଆଯିବ। ବର୍ତ୍ତମାନ ସୁଦ୍ଧା ୯୭ ଲକ୍ଷ ମହିଳା 'ସୁଭଦ୍ରା' ପାଇଁ ଆବେଦନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ୧୧ ଜଣ ମହିଳାଙ୍କୁ ଟଙ୍କା ମିଳିଛି। ମାର୍ଚ୍ଚ ୮ ପୂର୍ବରୁ ସମସ୍ତ ଯୋଗ୍ୟ ମହିଳା ହିତାଧିକାରୀଙ୍କୁ 'ସୁଭଦ୍ରା' ଟଙ୍କା ମିଳିଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୭ ତାରିଖରେ ରାଜ୍ୟରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଥିଲା। ଭୁବନେଶ୍ୱରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସରକାର ପ୍ରତି ବର୍ଷ ୨ଟି କିସ୍ତିରେ ୧ କୋଟି ଯୋଗ୍ୟ ମହିଳାଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରିବେ। ଏହିପରି ୫ ବର୍ଷରେ ମହିଳାମାନଙ୍କୁ ୫୦ ହଜାର ଟଙ୍କା ଲେଖାଏ ଦେବେ। ଗତ ୧୭ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା।

### ଆଜିର ମନ୍ତବ୍ୟ

"ବିଧାନସଭା ଜରିଆରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଫେରାଇଆଣିବା ସମ୍ଭବ ନୁହେଁ। ତେଣୁ ଜନସାଧାରଣ ରାଜନେତାମାନଙ୍କ ମିଛ ପ୍ରତିଶ୍ରୁତିରେ ବିଭ୍ରାନ୍ତ ନ ହୋଇ ଜମ୍ମୁ-କଶ୍ମୀରର ବିକାଶ ଓ ପ୍ରଗତି ପାଇଁ ଭୋଟ ଦିଅନ୍ତୁ।

-ଗୁଲାମ ନବୀ ଆଜାଦ, ଡିପିଏପି ଅଧ୍ୟକ୍ଷ






# ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ

## ଏସ୍. ଦେବଦତ୍ତ ପୋଲିସ କମିଶନର

ଭୁବନେଶ୍ୱର, ୨୯।୯ (ସତ୍ୟଜିତ୍ ରାଉତ)

ରାଜ୍ୟ ସରକାର ଆଇପିଏସ୍ ଅଫିସରସ୍ତରରେ ରବିବାର ବଡ଼ ଧରଣର ଅଦଳବଦଳ କରିଛନ୍ତି। ଏନେଇ ୨ଟି ପର୍ଯ୍ୟାୟରେ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଥମ ବିଜ୍ଞପ୍ତିରେ ୨୭ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ବଦଳି କରାଯାଇଥିବାବେଳେ ୨ୟ ବିଜ୍ଞପ୍ତିରେ ଏସ୍‌ପିସ୍ତରରେ ୨୨ ଏବଂ ୫ଜଣ ଓପିଏସ୍‌ଙ୍କୁ ମଧ୍ୟ ଅଦଳବଦଳ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଭୁବନେଶ୍ୱର-କଟକ ପୋଲିସ କମିଶନର ସଞ୍ଜୀବ ପଣ୍ଡାଙ୍କୁ ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମି (ବିପିଏସ୍‌ପିଏ)ର ନିର୍ଦ୍ଦେଶକ ଓ ଏଡିଜି ଟ୍ରେନିଂ ଭାବେ ବଦଳି କରାଯାଇଛି। ଏଡିଜି (ଅପରେଶନ୍) ଦାୟିତ୍ୱରେ ଥିବା ୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ସୁରେଶ ଦେବଦତ୍ତ ସିଂଙ୍କୁ ନୂଆ ପୋଲିସ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

**ଅନ୍ଧବିଶ୍ୱାସ କରିଦେଉଛି ଅନ୍ଧ**

# ସହରାଞ୍ଚଳ ଶାସନରେ ଓଡ଼ିଶା ଦ୍ୱିତୀୟ

ମୁମ୍ବାଇ, ୨୯।୯

ସହରାଞ୍ଚଳ ଶାସନ କ୍ଷେତ୍ରରେ କେରଳ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଓଡ଼ିଶା ଦ୍ୱିତୀୟରେ ରହିଛି। ସଦ୍ୟ ପ୍ରକାଶିତ ଅର୍ବାନ ଗଭର୍ନାନ୍ସ ଇଣ୍ଡେକ୍ସ (ୟୁଜିଆଇ) ୨୦୨୪ରୁ ଏହି ବିଷୟ ସ୍ପଷ୍ଟ ହୋଇଛି। ପ୍ରଜା ଫାଉଣ୍ଡେସନ୍ ପକ୍ଷରୁ ଭାରତର ବିଭିନ୍ନ ସହରରେ ଏନେଇ ୨ ବର୍ଷ ଧରି ଅଧ୍ୟୟନ ଚାଲିଥିଲା। ବିଭିନ୍ନ ମାପଦଣ୍ଡରେ ୧୦୦ରୁ କେରଳକୁ ୫୯.୩୧ ନମ୍ବର ମିଳିଥିବାବେଳେ ଓଡ଼ିଶା ୫୫.୧୦ ନମ୍ବର ରଖିଛି।

ଅଧ୍ୟୟନ ଅନୁଯାୟୀ, ଓଡ଼ିଶା ସଶକ୍ତ ନାଗରିକ କ୍ଷେତ୍ରରେ ପ୍ରଥମ ସ୍ଥାନରେ ଥିବାବେଳେ ସହରାଞ୍ଚଳ ପ୍ରଶାସନର ସଶକ୍ତୀକରଣରେ ରାଜ୍ୟକୁ ଆହୁରି ଅନେକ ପଦକ୍ଷେପ ନେବାକୁ ପଡ଼ିବ ବୋଲି ଉକ୍ତ ସୂଚକାଙ୍କ ରିପୋର୍ଟରେ କୁହାଯାଇଛି। ୟୁଜିଆଇ ୨୦୨୪ ଅଧ୍ୟୟନ ବେଳେ ସହରଗୁଡ଼ିକର ବିକାଶ, ଲୋକଙ୍କ ଉନ୍ନତି ଓ ନୀତିରେ ପରିବର୍ତ୍ତନ ସମେତ ମୋଟ ୪୨ଟି ସୂଚକାଙ୍କକୁ ମାପଦଣ୍ଡ ରୂପେ ଧରାଯାଇଥିଲା। ତାଲିକାର ପ୍ରଥମ ୫ ରାଜ୍ୟ ମଧ୍ୟରେ କେବଳ କେରଳ ଓଡ଼ିଶାଠାରୁ ଉନ୍ନତ ସ୍ଥିତିରେ ରହିଛି। ତଳଆଡ଼ୁ ଦେଖିଲେ ନାଗାଲାଣ୍ଡ, ମଣିପୁର, ମେଘାଳୟ, ଚଣ୍ଡିଗଡ଼ ଓ ପଞ୍ଜାବ ସବୁଠୁ ନିକୃଷ୍ଟ ପ୍ରଦର୍ଶନକାରୀ ରାଜ୍ୟ ବିବେଚିତ ହୋଇଛନ୍ତି। ଜାତୀୟ ରାଜଧାନୀ ଦିଲ୍ଲୀ ୩୯.୭୦ ନମ୍ବର ପାଇଛି।

୨୦୨୦ରେ କରାଯାଇଥିବା ଅଧ୍ୟୟନରେ ଓଡ଼ିଶା ୫୬.୮୮ ନମ୍ବର ହାସଲ କରି ପ୍ରଥମ ସ୍ଥାନରେ ରହିଥିବାବେଳେ ନାଗାଲାଣ୍ଡ ସବା ତଳେ ରହିଥିଲା। ମହାରାଷ୍ଟ୍ର, ଛତିଶଗଡ଼, କେରଳ ଓ ମଧ୍ୟପ୍ରଦେଶର ସ୍ଥାନ ଦ୍ୱିତୀୟରୁ ପଞ୍ଚମରେ ରହିଥିଲା। ସଦ୍ୟ ରିପୋର୍ଟ ଆସିବା ପରେ ଓଡ଼ିଶାର ଗୃହନିର୍ମାଣ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଏହି ସ୍ୱୀକୃତି କ୍ଷମତା ବିକେନ୍ଦ୍ରୀକରଣ ପ୍ରତି ଆମର ନିରନ୍ତର ଉଦ୍ୟମକୁ ଦର୍ଶାଉଛି। ଆମ ସହର ଓ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକର ସ୍ୱଚ୍ଛତା ପ୍ରତି ପ୍ରାଥମିକତା ଏବଂ ନାଗରିକ କୈନ୍ଦ୍ରୀକ ଶାସନକୁ ଦର୍ଶାଯାଉଛି।

କେରଳ ସବୁଠୁ ଗୁରୁତ୍ୱପୂର୍ଣ୍ଣ ୨ଟି ବିଷୟ ଏମ୍ପାୱାର୍ଡ ସିଟି ଇଲେକ୍ଟେଡ୍ ରିପ୍ରେଜେଣ୍ଟେଟିଭ୍ସ ଆଣ୍ଡ୍ ଲେଜିସ୍‌ଲେଟିଭ୍ ଷ୍ଟ୍ରକ୍ଚର (୧୮.୬୩/୩୦.୦୦) ଏବଂ ଫିସ୍କାଲ ଏମ୍ପାୱାରମେଣ୍ଟ (୨୩.୨୨/୩୦.୦୦)ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। କେରଳ ସହ ଛତିଶଗଡ଼, ମିଜୋରାମ ଓ ଓଡ଼ିଶା ନିଜର ପ୍ରତ୍ୟେକ କାଉନ୍‌ସିଲଙ୍କ ପାଇଁ ଅନ୍ୟୂନ ଗୋଟିଏ କମିଟିର ସଦସ୍ୟ ହେବା ଲାଗି ବାଧ୍ୟ କରିଛନ୍ତି। ସେହିପରି ସ୍ଥାନୀୟ ସରକାରଙ୍କୁ ନିଜ ମ୍ୟୁନିସିପାଲ ଆଇନ ଅନୁସାରେ ନୂଆ ଟିକସ ବ୍ୟବସ୍ଥା କରିବା ଉପରେ ସ୍ୱାଧୀନ କର୍ତ୍ତୃତ୍ୱ ରହିଥିବା ୯ ରାଜ୍ୟ ମଧ୍ୟରେ କେରଳ ରହିଛି। କିନ୍ତୁ ଓଡ଼ିଶା ଏଥିରେ ସ୍ଥାନ ପାଇ ନ ଥିବା ଉକ୍ତ ଅଧ୍ୟୟନରୁ ଜଣାପଡ଼ିଛି।

ମୁମ୍ବାଇରେ ମୁଖ୍ୟାଳୟ ଥିବା ପ୍ରଜା ଫାଉଣ୍ଡେଶନ୍ ଏକ ଅଣଲାଭକାରୀ ସଙ୍ଗଠନ। ୧୯୯୭ରେ ପ୍ରତିଷ୍ଠିତ ଏହି ସଂସ୍ଥା ପ୍ରତି ୨ ବର୍ଷରେ ସହରାଞ୍ଚଳ ଶାସନ ସମ୍ପର୍କିତ ଅଧ୍ୟୟନ ରିପୋର୍ଟ ପ୍ରକାଶ କରିଥାଏ। ଗତ ୨ ବର୍ଷ ମଧ୍ୟରେ ୨୮ ରାଜ୍ୟ ଓ ୩ କେନ୍ଦ୍ରଶାସିତ ଅଞ୍ଚଳର ୪୩ ସହରରେ ନିର୍ବାଚିତ ପ୍ରତିନିଧି, ପ୍ରଶାସନିକ ଅଧିକାରୀ, ଶିକ୍ଷାବିତ୍, ନାଗରିକ ସମାଜ, ଗଣମାଧ୍ୟମ ଏବଂ ସହରାଞ୍ଚଳ ଶାସନ ତଥା ନୀତି ସମ୍ପର୍କିତ ବିଶେଷଜ୍ଞଙ୍କ ସମେତ ୨,୨୧୩ ଜଣଙ୍କୁ ଭେଟି ସେମାନଙ୍କ ମତାମତ ନେବା ପରେ ଉପରୋକ୍ତ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ବିଶେଷକରି ଶସକ୍ତ ସହରର ନିର୍ବାଚିତ ପ୍ରତିନିଧି, ପ୍ରଶାସନ, ନାଗରିକ ଓ ବିତ୍ତୀୟ ସଶକ୍ତୀକରଣ ଆଦି ଦିଗ ଉପରେ ଅନୁଧ୍ୟାନ କରାଯାଇଛି। ସହରାଞ୍ଚଳର ପ୍ରଶାସନକୁ ବାସ୍ତବରେ ସଶକ୍ତ କରିବା ପାଇଁ ୭୪ତମ ସମ୍ବିଧାନ ସଂଶୋଧନର ଦ୍ୱାଦଶ ପରିଚ୍ଛେଦରେ ସୂଚୀବଦ୍ଧ ସମସ୍ତ ୧୮ଟି କାର୍ଯ୍ୟକାରିତାକୁ ଜୋର୍ ଦେବାକୁ ପଡ଼ିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

# ସାନ୍ତାଳୀ ଭାଷାର ପ୍ରସାର ପାଇଁ ମୟୂରଭଞ୍ଜର ରାମଜିତ୍‌ଙ୍କୁ ମୋଦିଙ୍କ ପ୍ରଶଂସା

ନୂଆଦିଲ୍ଲୀ/ବାରିପଦା (ନୀଳାଦ୍ରି ବିହାରି ଦଣ୍ଡପାଟ) ୨୯।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ରେ ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ପାଇଁ ମୟୂରଭଞ୍ଜର ରାମଜିତ ଟୁଡୁଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ସାନ୍ତାଳୀ ଭାଷାର ଅନ୍‌ଲାଇନ ପରିଚୟ ସୃଷ୍ଟି ପାଇଁ ୨୮ ବର୍ଷୀୟ ସାନ୍ତାଳୀ ଆଦିବାସୀ ଯୁବକ ଟୁଡୁ ଅଭିଯାନ ଜାରି ରଖିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ, କେତେକ ଭାଷା ରହିଛି, ଯାହାକୁ ଖୁବ୍ କମ୍ ଲୋକ ବ୍ୟବହାର କରିଥାନ୍ତି। ତେବେ ଆପଣମାନେ ଜାଣି ଖୁସି ହେବେ ଯେ, ଏଭଳି ଭାଷାର ସଂରକ୍ଷଣ ପାଇଁ ଅନନ୍ୟ ଉଦ୍ୟମ ଜାରି ରହିଛି। ଏଭଳି ଏକ ଭାଷା ହେଲା ସାନ୍ତାଳୀ, ଯାହାକୁ ଡିଜିଟାଲ ଇନୋଭେଶନ ସହାୟତାରେ ନୂତନ ପରିଚୟ ଦେବା ନିମନ୍ତେ ଏକ ଅଭିଯାନ ଆରମ୍ଭ ହୋଇଛି। ରାମଜିତ୍ ଟୁଡୁ ଏହି ଅଭିଯାନ ଚଳାଇଛନ୍ତି। ସେ ଏକ ଡିଜିଟାଲ ପ୍ଲାଟ୍‌ଫର୍ମ କରିଛନ୍ତି, ଯେଉଁଠି ସାନ୍ତାଳୀ ଭାଷାର ସାହିତ୍ୟ ପଢ଼ାଯାଇପାରିବ ଓ ଉକ୍ତ ଭାଷାରେ ଲେଖାଯାଇପାରିବ ବୋଲି ମୋଦି କହିଛନ୍ତି।

ମନ୍ କୀ ବାତ୍ ୧୦ ବର୍ଷ ପୂରଣ କରିବାକୁ ଯାଉଥିବାରୁ ଆଜିର ଅଧ୍ୟାୟ ତାଙ୍କୁ ଭାବବିହ୍ୱଳ କରିଥିବା ପ୍ରଧାନମନ୍ତ୍ରୀ କହିଥିଲେ। ୧୦ ବର୍ଷ ପୂର୍ବରୁ ଅକ୍ଟୋବର ୩ ବିଜୟାଦଶମୀରେ ପ୍ରଧାନମନ୍ତ୍ରୀ ଏହି ରେଡିଓ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ଅବସରରେ ପୁରୁଣା ସ୍ମୃତିଗୁଡ଼ିକ ତାଙ୍କ ମନକୁ ଆନ୍ଦୋଳିତ କରୁଥିବା ମୋଦି କହିଛନ୍ତି। କାର୍ଯ୍ୟକ୍ରମର ଶ୍ରୋତାମାନେ ହେଉଛନ୍ତି ଏହାର ପ୍ରକୃତ ଉପସ୍ଥାପକ। ଏଥିରେ ମସଲାଦାର କିମ୍ବା ନକାରାତ୍ମକ ଆଲୋଚନା ନ ଥିଲେ ମଧ୍ୟ ଦେଶର ସକାରାତ୍ମକ ତଥ୍ୟ ସମ୍ପର୍କରେ ଜାଣିବା ପାଇଁ ଲୋକେ ଖୁବ୍ ଆଗ୍ରହର ସହ ଅପେକ୍ଷା କରିଥାନ୍ତି। ଲୋକେ ସକାରାତ୍ମକ ବିଷୟ, ପ୍ରେରଣାଦାୟକ ଦୃଷ୍ଟାନ୍ତ ଏବଂ ଉତ୍ସାହ ପ୍ରଦାନକାରୀ କଥା ଶୁଣିବାକୁ ଭଲପାଉଥିବା ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତ ଅବସରରେ ସେଠାକାର ସରକାର ଭାରତକୁ ପାଖାପାଖି ୩୦୦ ପୁରୁଣା କଳାକୃତି ଫେରାଇ ଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ☞ପୃଷ୍ଠା-୨

# ଶାହରୁଖ୍ ଶ୍ରେଷ୍ଠ ଅଭିନେତା, 'ଆନିମଲ୍' ଶ୍ରେଷ୍ଠ ଚଳଚ୍ଚିତ୍ର

## ଆଇଆଇଏଫ୍ଏ ଆୱାର୍ଡ୍ସ ୨୦୨୪

ଆବୁଧାବି, ୨୯।୯

ଭାରତୀୟ ଚଳଚ୍ଚିତ୍ର କ୍ଷେତ୍ରରେ ସର୍ବୋତ୍ତମ ପ୍ରତିଭାମାନଙ୍କୁ ସମ୍ମାନିତ କରିବା ପାଇଁ ଶନିବାର ରାତିରେ ଆବୁଧାବିର ୟସ୍ ଆଇଲାଣ୍ଡରେ ଇଣ୍ଟରନ୍ୟାଶ୍‌ନାଲ୍ ଇଣ୍ଡିଆନ୍ ଫିଲ୍ମ ଏକାଡେମୀ(ଆଇଆଇଏଫ୍ଏ) ୨୦୨୪ ଆୟୋଜିତ ହୋଇଯାଇଛି। ଏହି ପୁରସ୍କାର ବିତରଣ ଉତ୍ସବରେ ବିଭିନ୍ନ ବର୍ଗରେ ଅଭିନେତ୍ରୀ ଏବଂ ଅଭିନେତାମାନଙ୍କୁ ସମ୍ମାନିତ କରାଯାଇଛି। 'ଜୱାନ' ଫିଲ୍ମରେ ଦମ୍‌ଦାର ଅଭିନୟ ପାଇଁ ସୁପରଷ୍ଟାର ଶାହରୁଖ୍ ଖାନ୍‌ଙ୍କୁ ଏହି ସମାରୋହରେ ଶ୍ରେଷ୍ଠ ☞ପୃଷ୍ଠା-୨



# ୩ ପରିବାର ଯାଜପୁରକୁ ଲୁଟିଛନ୍ତି: ମୁଖ୍ୟମନ୍ତ୍ରୀ

ଯାଜପୁର/ଚଣ୍ଡିଖୋଲ/ଛତିଆ (ହର୍ଷବର୍ଦ୍ଧନ ବେହେରା/ପ୍ରଦୀପ୍ତକୁମାର ପୃଷ୍ଟି/ସୌମ୍ୟ ରଞ୍ଜନ ସାହୁ), ୨୯।୯

ଯାଜପୁର ଜିଲାରେ ବିକାଶ ନାମରେ ବିନାଶ ବେଶି ହୋଇଛି। ୩ ପରିବାରର ସଦସ୍ୟ ଯାଜପୁରକୁ ଲୁଟିଛନ୍ତି। ନିଜକୁ କ୍ରୀତଦାସ କହିବାକୁ ମଧ୍ୟ ସେମାନେ ପଛାଉ ନ ଥିଲେ। ଯାଜପୁରକୁ ସମୃଦ୍ଧ ଜିଲା ଭାବେ ପରିଗଣିତ କରିବାକୁ ସେମାନେ ପ୍ରତିଶ୍ରୁତି ଦେଇଥିଲେ। ତେବେ କୁଆଡେ ଗଲା ସମୃଦ୍ଧ ଯାଜପୁର। ଖଣି ଓ ଶିଳ୍ପ ସମୃଦ୍ଧ ଏହି ଜିଲାରେ ଯେତିକି ଉନ୍ନତି ହେବା କଥା ସେତିକି ହୋଇପାରିନାହିଁ। ଖଣିଜ ସମ୍ପଦରେ ଭରପୂର ଅଞ୍ଚଳରେ ଥିବା ନଗଡ଼ା ଗ୍ରାମରେ ୧୫ରୁ ଊର୍ଦ୍ଧ୍ୱ ଶିଶୁଙ୍କ ଅପପୁଷ୍ଟି ଯୋଗୁ ମୃତ୍ୟୁ ହେବା ଘଟଣା ଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହା ହେଉଛି ପୂର୍ବ ସରକାରଙ୍କ ବଡ଼ ବିଫଳତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବୁଢ଼ାକେନ୍ଦୁଆଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଓ ☞ପୃଷ୍ଠା-୨

- ବିକାଶ ନାମରେ ବିନାଶ ବେଶି
- ନଗଡ଼ା ଅପପୁଷ୍ଟି ପୂର୍ବ ସରକାରଙ୍କ ବଡ଼ ବିଫଳତା



ମୋହନ ଚରଣ ମାଝୀ

## ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁ ମାମଲାର ତଦନ୍ତ ହେବ

ଯାଜପୁର, ୨୯।୯ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାରେ ନାରୀଙ୍କୁ କେତେ ସମ୍ମାନ ମିଳେ ତାହା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାରୁ ବାରି ହେଉଛି। ସ୍ମିତାରାଣୀଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ଏହାର ଉପଯୁକ୍ତ ତଦନ୍ତ ହେବ। ଯିଏ ବି ଦୋଷୀ ଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯାଜପୁର ଜିଲାର ବଡ଼ଚଣା ବ୍ଲକ ଅନ୍ତର୍ଗତ ବୁଢ଼ାକେନ୍ଦୁଆଠାରେ ରବିବାର ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଓ ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୯ ଅକ୍ଟୋବର ୧୬ରେ ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ପିଇଓ ସ୍ମିତାରାଣୀଙ୍କ ରହସ୍ୟଜଣକ ଭାବେ ମୃତ୍ୟୁ ହୋଇଥିଲା। ସେ ଅଫିସ୍ କାର୍ଯ୍ୟରେ ହରିଦାସପୁର ଯାଇଥିବା ବେଳେ ସେହି ପଞ୍ଚାୟତର ତତ୍କାଳୀନ ସରପଞ୍ଚଙ୍କ ସ୍ୱାମୀ ରୂପେଶ ଭଦ୍ରଙ୍କ ଗେଷ୍ଟ ହାଉସ୍‌କୁ ମଧ୍ୟାହ୍ନଭୋଜନ କରିବାକୁ ଯାଇଥିଲେ। ତେବେ ସେଠାରେ ଥିବା ଏକ କୋଠରିରେ ସ୍ମିତାରାଣୀଙ୍କୁ ମୁମୂର୍ଷୁ ଅବସ୍ଥାରେ ରୂପେଶ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାଜ୍ୟସ୍ତରୀୟ ପୋଷଣ ମାସ ପାଳନ, ସ୍ଥାନ: ଷ୍ଟେଟ୍ ଇନ୍ଷ୍ଟିଚ୍ୟୁଟ୍ ଫର୍ ଓମେନ୍ ଆଣ୍ଡ ଚିଲଡ୍ରେନ, ଲକ୍ଷ୍ମୀସାଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଇଣ୍ଟରନ୍ୟାଶନାଲ ଡେ ଅଫ୍ ଓଲ୍ଡର ପର୍ସନ୍ସ, ସ୍ଥାନ: ରେଡକ୍ରସ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାତୀୟ ସମ୍ମିଳନୀ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୭୮ତମ ସଂସ୍କୃତି ଚର୍ଚ୍ଚା, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ସନ୍ଧ୍ୟା ୬ଟା ୧୫।

## କଟକ

- ଧନେଶ୍ୱର ରଥ ସ୍ମୃତି ସଂସଦ ଆନୁକୂଲ୍ୟରେ ବିଶିଷ୍ଟ ସାମାଜିକ କର୍ମୀ ଓ ଶିକ୍ଷାବିତ୍ ଧନେଶ୍ୱର ରଥଙ୍କ ସ୍ମୃତି ସମାରୋହ, ସ୍ଥାନ: କଟକ ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା।

## • ଖୋର୍ଦ୍ଧା

- ନିପୁଣ ଓଡ଼ିଶା ମିଶନ କାର୍ଯ୍ୟକ୍ରମ, ସ୍ଥାନ: ଜଟଣୀ ବ୍ଲକ ପରିସର ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ସିଭିଲ୍ ସୋସାଇଟି ପକ୍ଷରୁ ଧାରଣା, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ:ତରାଙ୍ଗ ପ୍ରାଥମିକ ବିଦ୍ୟାଳୟ,ଖଇରା ବ୍ଲକ,ସମୟ:ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ:ପିଞ୍ଛାବଣିଆ ବୈଦିକ ଗୁରୁକୁଳ ଆଶ୍ରମ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ତୃତୀୟ ଜାତୀୟ ଅନୁବାଦକ ସମ୍ମିଳନୀ–୨୦୨୪ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଏଫ୍‌ଏମ୍ୟୁ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବ୍ଲକସ୍ତରୀୟ ଖେଳ କୁଦ ପ୍ରତିଯୋଗିତା ଉଦ୍‌ଯାପନ ଉତ୍ସବ, ସ୍ଥାନ: ଜଳେଶ୍ୱରପୁର ସରକାରୀ ହାଇସ୍କୁଲ ଖେଳ ପଡ଼ିଆ, ଭୋଗରାଇ, ସମୟ: ଅପରାହ୍ନ ୩ଟା।

## • କେନ୍ଦୁଝର

- ଶିବ ମନ୍ଦିରରେ ରୁଦ୍ରାଭିଷେକ, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ: ହାଟଡ଼ିହୀ ବ୍ଲକ୍, ସମୟ: ଅପରାହ୍ନ ୪ଟା।
- ସତ୍ୟସାଇ ମନ୍ଦିରରେ ଭଜନ ଏବଂ ଆଧାତ୍ମିକ ଆଲୋଚନା, ସ୍ଥାନ: ଡ଼ଅଁର, ହାଟଡିହୀ, ସମୟ: ସନ୍ଧ୍ୟା ୬ଟା ୩୦।

## ମୟୂରଭଞ୍ଜ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: କୁସୁମୀ ବ୍ଲକ ସମ୍ମିଳନୀ କକ୍ଷ ,ସମୟ:ପୂର୍ବାହ୍ନ ୧୦ଟା।
- ପୋଷଣ ମାସ କାର୍ଯ୍ୟକ୍ରମ, ସ୍ଥାନ: ଦାନ୍ତିଆମୁହାଁ କଲ୍ୟାଣ ମଣ୍ଡପ, ମୋରଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅନ୍ନ ଭୋଗ ବିକ୍ରି, ସ୍ଥାନ:ପୂର୍ଣ୍ଣେଶ୍ୱର ମନ୍ଦିର ପରିସର କରଞ୍ଜିଆ,ସମୟ: ଅପରାହ୍ନ୨ଟା।
- ସାହାଣୀ କପ୍ ଫୁଟବଲ ଚାମ୍ପିୟନସିପ୍ ୬ଷ୍ଠ ଦିବସର ପ୍ରଥମ ମ୍ୟାଚ ବାଲେଶ୍ୱର ବନାମ ଢେଙ୍କାନାଳ ଏବଂ ଦ୍ୱିତୀୟ ମ୍ୟାଚ ଦେବଗଡ଼ ବନାମ ଯାଜପୁର, ସ୍ଥାନ: ଆଥ୍‌ଲେଟିକ ଆସୋସିଏସନ ଷ୍ଟାଡିୟମ, ବାରିପଦା,ସମୟ: ଅପରାହ୍ନ ୨ଟା।

## ଗଞ୍ଜାମ

- ରୋଗୀକଲ୍ୟାଣ ସମିତି ବୈଠକ,ସ୍ଥାନ: ମୁନିସିପେଣ୍ଡ ସିଏସ୍‌ସି, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ଅଲ ଓଡ଼ିଶା ପେଣ୍ଟିଙ୍ଗ୍ ଆର୍ଟିଷ୍ଟ ୱାର୍କସ ଆସୋସିଏସନର ଜିଲା ସମ୍ମିଳନୀ, ସ୍ଥାନ–ଗୋପବନ୍ଧୁ ଟାଉନହଲ, ସମୟ–ପୂର୍ବାହ୍ନ ୧୧ଟା।
- ଜିଲା ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ–ସଦ୍‌ଭାବନା ହଲ, ଜିଲା କାର୍ଯ୍ୟାଳୟ, ସମୟ–ଅପରାହ୍ନ ସାଢ଼େ ୪ଟା।

## ଜଗତ୍‌ସିଂହପୁର

- ସାହାଣୀ କପ୍– ପାରାଦୀପ ବନାମ କେନ୍ଦ୍ରାପଡ଼ା ଏବଂ ଭୁବନେଶ୍ୱର ବନାମ ଖୋର୍ଦ୍ଧା ଲିଗ୍ ମ୍ୟାଚ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣୀ ଶିବିର, ସ୍ଥାନ:ବ୍ଲକ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ:ପୂର୍ବାହ୍ନ ୧୦ଟା।

## ଯାଜପୁର

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବରୀ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଅଭିଭାବକ ଶିକ୍ଷକ ସମ୍ମିଳନୀ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶୋଡଷ ଦିବସୀୟ ପୂଜାର ସପ୍ତମ ଦିବସ, ସ୍ଥାନ: କନକ ଦୁର୍ଗା ପୀଠ ନୟାଗଡ଼ ପୁରୁଣା ସହର ରାଜବାଟୀ ପାଖ, ସମୟ: ସକାଳ ୭ଟା।
- ଶୋଡଷ ଦିବସୀୟ ପୂଜାର ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିରର ବିମଳା ପୀଠ, ସମୟ: ସକାଳ ୭ଟା।
- ଶୋଡଷ ଦିବସୀୟ ପୂଜାର ସପ୍ତମ ଦିବସ, ସ୍ଥାନ: ଶରଣକୁଳ ଲଦୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## • ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯକ୍ରମ, ସ୍ଥାନ: ଗୁଣପୁର ଉପଜିଲାପାଳଙ୍କ ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ଜଳନିଧି ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## • ନବରଙ୍ଗପୁର

- ଜିଲାପାଳ, ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ , ସମୟ:ପୂର୍ବାହ୍ନ ୧୦ଟା।

## • ସମ୍ବଲପୁର

- ଭିନ୍ନକ୍ଷମ ଚିହ୍ନଟ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ସର୍ବ ଭାରତୀୟ ବୀର ସୁରେନ୍ଦ୍ର ସାଏ ଫୁଟ୍‌ବଲ୍ ପ୍ରତିଯୋଗିତାର ପ୍ରଥମ ସେମି ଫାଇନାଲ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ଗାନ୍ଧୀ ଜୟନ୍ତୀ ପାଇଁ ବିଜେଡିର ପ୍ରସ୍ତୁତି ବୈଠକ, ସ୍ଥାନ: ନାରୀ ସେବା ସଦନ, ସମୟ: ଅପରାହ୍ନ ୪ଟା।

## ବଲାଙ୍ଗୀର

- ଓମେନ ଫାର୍ମର ସର୍ଭିସେସ ପ୍ରଡ୍ୟୁସର୍ କମ୍ପାନୀ ଲିମିଟେଡର ବାର୍ଷିକ ସାଧାରଣ ପରିଷଦ ବୈଠକ, ସ୍ଥାନ: ବୁଢ଼ୀପଦର ହାଇସ୍କୁଲ ପଡ଼ିଆ, ଲୋଇସିଂହା ବ୍ଲକ, ସମୟ: ସକାଳ ୯ ଟା।

## ସୁବର୍ଣ୍ଣପୁର

- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: କେଶଲଗା ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଢୁଙ୍ଗୁରିପାଲି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ହିନ୍ଦୁ ସୁରକ୍ଷା ସମିତିର ଜରୁରୀ ବୈଠକ, ସ୍ଥାନ: ବୀରମହାରାଜପୁର କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୨ଟା।
- ତୁଳସୀ ରାମାୟଣ ପଠନ, ସ୍ଥାନ: ଲୁଡୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ତରଭା ନୀଳକଣ୍ଠେଶ୍ୱର ମନ୍ଦିର ନିକଟସ୍ଥ ଦୁର୍ଗା ମନ୍ଦିରରେ ନବଦିନାତ୍ମକ ପୂଜା ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା ।

## • ବରଗଡ଼

- ଶ୍ରୀମଦ୍ ଭଗବତ କଥା, ସ୍ଥାନ: ଶ୍ରୀ ଶ୍ରୀ ଗୌରୀଶଙ୍କର ମନ୍ଦିର ମଣ୍ଡପ, ରାଣୀବନ୍ଧ ପଡ଼ା, ବରଗଡ଼, ସମୟ: ସକାଳ ୯ଟା।
- ନିଃଶୁଳ୍କ ବିଦ୍ୟୁତ୍ ଦାବିରେ ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ, ସ୍ଥାନ: ଭେଡ଼େନ ମାର୍କେଟ୍ ୟାର୍ଡ, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଝାଦେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୫ଟା।
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ହୋମଯଜ୍ଞ, ସ୍ଥାନ: ସହରସ୍ଥିତ ବାଗଡିହି ଗ୍ରାମ, ମହାକାଳ ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୫ଟା ୩୦।
- ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ରଜରାଜନଗର ପୌରପାଳିକା ସଭା ଗୃହ, ସମୟ ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ବଡ଼ଗାଁ ବନ୍ଦଜିପା ପଡାରେ ଓମ ଶାନ୍ତି କ୍ଲବ ପକ୍ଷରୁ ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ,ସ୍ଥାନ: ସ୍ଥାନୀୟ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୧।

## • ରାଉରକେଲା

- ରାଉରକେଲା ମଜଦୁର ସଭା ପକ୍ଷରୁ ସେଲ୍ କର୍ମଚାରୀଙ୍କ ବୋନସ ଦାବିରେ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୭ଟା।
- ନୀଳମଣି ଆଧ୍ୟାତ୍ମିକ ପ୍ରବଚନ, ସ୍ଥାନ: କୋଏଲନଗର ଆର୍‌ଏସ୍‌ପି ରିଟାୟାର୍ଡ ଆସୋସିଏଶନ, ସମୟ: ସନ୍ଧ୍ୟା ୬ଟା।
- ବିର୍ସା ମୁଣ୍ଡା ହାଇସ୍କୁଲ ପକ୍ଷରୁ ସ୍ୱଚ୍ଛତା ଅଭିଯାନ, ସମୟ: ଗୁଙ୍ଗୁରିଟୋଲା, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ବାମଣ୍ଡା ସୁନ୍ଦରୀ, ନୃତ୍ୟ, ସଙ୍ଗୀତ ଓ ଏକକ ଅଭିନୟ ପ୍ରତିଯୋଗିତା ନାମ ପଞ୍ଜୀକରଣ, ସ୍ଥାନ: ଟାଉନ ହଲ, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ କଣ୍ଡାପାଲି ଗ୍ରାମ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ବାମଣ୍ଡା ସୁନ୍ଦରୀ, ନୃତ୍ୟ, ସଙ୍ଗୀତ ଓ ଏକକ ଅଭିନୟ ପ୍ରତିଯୋଗିତା ପାଇଁ ଅଡିସନ, ସ୍ଥାନ: ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଧରଣୀଧର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ଟାଉନ ହଲ, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ସୌର ଶକ୍ତି ଦ୍ୱାରା ଜୀବନ ଜୀବିକାର ସୁଦୃଢ଼ୀକରଣ କର୍ମଶାଳା, ସ୍ଥାନ: ଆମ୍ବା କାର୍ଯ୍ୟାଳୟ, କର୍ଲାମୁଣ୍ଡା, ସମୟ: ସକାଳ ୧୦ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ନର୍ଲା ବ୍ଲକ ଅଫିସ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ସିନାପାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ନବମ ମା' ବନ୍ଦ୍ରାଣୀ କପ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ସିହିନାମୁଣ୍ଡା ଗାଁ ତ୍ରିଭୂଜ ଖେଳପଡିଆ, ସମୟ: ଅପରାହ୍ନ ୩ ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ବହିରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବୌଦ୍ଧ ବ୍ଲକ, ସମୟ : ପୂର୍ବାହ୍ନ ୧୦ଟା।
- ଟାସ୍କଫୋର୍ସ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସଭାଗୃହ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଅଟକିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। କର୍ମକ୍ଷେତ୍ର, ବ୍ୟବସାୟ, ପରିବହନ, ରାଜନୀତି, ସଭାସମିତି ପାଇଁ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ସମ୍ପର୍କୀୟଙ୍କ ମିଥ୍ୟା ଅଭିଯୋଗ ସକାଶେ ନିଜ ଲୋକଙ୍କୁ ଦାୟୀ କରିବେ। କୃତ୍ତିକା ନକ୍ଷତ୍ରର ଆପୋସ ଆଲୋଚନା ଦ୍ୱାରା ପାରିବାରିକ ସମସ୍ୟାର ସମାଧାନ କରିବେ।

**ବୃଷ** ପରୋକ୍ଷ ଶତ୍ରୁତା କାରଣରୁ କୌଣସି ଭୁଲ୍ ନ କରି ମଧ୍ୟ ଦୋଷୀ ରୂପେ ପରିଗଣିତ ହେବେ। କେତେକ ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ଏହା ଘଟିବାର ସମ୍ଭାବନା ଅଧିକ ରହିଛି। ଅର୍ଥ କିମ୍ବା ଆବଶ୍ୟକତା ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ମୃଗଶିରା ନକ୍ଷତ୍ରର ସାଧାରଣ ସ୍ଥିତିରେ ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ।

**ମିଥୁନ** ଆଜି ସ୍ୱାସ୍ଥ୍ୟରେ ଉନ୍ନତି, ଗୃହରେ ଶାନ୍ତି, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ। ମାଲି ମକଦ୍ଦମା, ଗବେଷଣା, ପ୍ରେସ୍ ପବ୍ଲିକେଶନ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ସାହିତ୍ୟ, ରାଜନୀତି, ଶିଳ୍ପ, ବାଣିଜ୍ୟରେ ଚାପର ସମ୍ମୁଖୀନ ହେବେ। ଆରଦ୍ରା ନକ୍ଷତ୍ର ସହମତି ଭିତ୍ତିରେ କାମ କଲେ ସଫଳତା ପାଇବେ।

**କର୍କଟ** ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ, ଭ୍ରମଣ ସୁଯୋଗ, ସତ୍‌ସଙ୍ଗ, ବନ୍ଧୁଙ୍କ ନିମନ୍ତ୍ରଣ, ଦୂରଯାତ୍ରା ଓ ବନ୍ଧୁମିଳନରୁ ଖୁସି ରହିବେ। ପୁଷ୍ୟା ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ ମାନସିକ ଦ୍ୱନ୍ଦ୍ୱ ଭିତରେ ସମୟ କଟାଇବେ। ତରବରିଆ ପଦକ୍ଷେପ ନେଲେ ଅସୁବିଧା ଭୋଗିବେ। ବ୍ୟବସାୟ, ଯୋଗାଣ କାରବାରରେ ଉନ୍ନତି କରିପାରନ୍ତି।

**ସିଂହ** ପରିସ୍ଥିତି କେତେକାଂଶରେ ଭଲ ହେଲେ ମଧ୍ୟ ପ୍ରତ୍ୟେକ କାମରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। ଉତ୍ତରା ଫାଲଗୁନୀ ନକ୍ଷତ୍ରର ହାତଖାଲି ହେବାରୁ ମନରେ ସରସତା ରହିବ ନାହିଁ। ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିୟୋଜିତ ହେବେ। ଅବହେଳାଜନିତ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ।

**କନ୍ୟା** ଆଜି ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ଚିତ୍ରା ନକ୍ଷତ୍ରର ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରଯତ୍ନ କରିବେ ଓ ଏଥିପାଇଁ ବନ୍ଧୁଙ୍କୁ ନେହୁରା ହେବାକୁ ପଡିବ। ସ୍ତ୍ରୀ, ପ୍ରତିଦ୍ୱନ୍ଦ୍ୱୀ, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢିବ। ସାମାଜିକ ସ୍ତରରେ ଲୋକସମ୍ପର୍କ ବଢିବ ଏବଂ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ତୁଳା** ନିଜ ଲୋକ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ଆଜି ବିଶାଖା ନକ୍ଷତ୍ରର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ ଓ ବନ୍ଧୁମିଳନର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ପ୍ରିୟବନ୍ଧୁଠାରୁ ପାଇବାକୁଥିବା ବକେୟା ଟଙ୍କା ପାଇଁ ସମସ୍ୟା ଉପୁଜିପାରେ।

**ବିଛା** ନିଜର ପ୍ରାଧାନ୍ୟ ରକ୍ଷା କରିବାକୁ ଯାଇ ବନ୍ଧୁମାନଙ୍କ ସହ ମତାନ୍ତରର ସମ୍ଭାବନା ରହିଛି। ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ ଓ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପ୍ରିୟଜନମାନଙ୍କ ସାହାଯ୍ୟରୁ ଅପରାହ୍ନେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। ଅନୁରାଧା ନକ୍ଷତ୍ରର କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଛବାଚ ଘଟିପାରେ।

**ଧନୁ** ଆପଣଙ୍କ ପ୍ରୟୋଗାତ୍ମକ କୌଶଳ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିବ। ଆଜି ଅର୍ଥଲାଭ, ସମ୍ମାନ ପ୍ରାପ୍ତି, କାର୍ଯ୍ୟସିଦ୍ଧି ହେତୁ ମନ ପ୍ରଫୁଲ୍ଲ ରହିବ। କାହାକୁ ସହଜରେ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ଉତ୍ତରାଷାଢା ନକ୍ଷତ୍ର ଶାରୀରିକ ସୁସ୍ଥତା ଫେରିପାଇବେ ସତ, ବହୁ ହଇରାଣ ହେବାକୁ ପଡ଼ିବ।

**ମକର** ଆଜିର ଯାତ୍ରା, ବାଣିଜ୍ୟ, ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ଆସିପାରେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବେ। ଧନିଷ୍ଠା ନକ୍ଷତ୍ରର ଭୁଲ୍‌ବୁଝାମଣାରୁ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେବ। ପରିବାର ଭିତରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** ଆଜି ଗୃହ, ଯାନ, ଯାନ୍ତ୍ରିକ ଜିନିଷ, ଅଳଙ୍କାର ପ୍ରଭୃତି କ୍ରୟ ପାଇଁ ମନ ବଳାଇବେ। ଶତଭିଷା ନକ୍ଷତ୍ରର ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆର୍ଥିକ ସମସ୍ୟା, ଜମିଜମା, ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ମନ ଉଦବିଗ୍ନ ରହିବ। ବନ୍ଧୁଙ୍କ ସହାୟତାରେ ଅଭିଳଷିତ କାମ ହାସଲ କରି ଖୁସି ଅନୁଭବ କରିବେ।

**ମୀନ** ଆଜି ଯେଉଁ କାମରେ ହାତ ଦେବେ, ସେଥିରେ ନିଶ୍ଚିତ ସଫଳତା ହାସଲ କରିବେ। ବିଳମ୍ବରେ ହେଲେ ମଧ୍ୟ କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ରେବତୀ ନକ୍ଷତ୍ର ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ।

ଆଜି ସେପ୍ଟେମ୍ବର ୩୦ ତାରିଖ, ଆଶ୍ୱିନ କୃଷ୍ଣ ତ୍ରୟୋଦଶୀ ସୋମବାର, ରାଶିନକ୍ଷତ୍ର–ପୂର୍ବାଫାଲଗୁନୀ/ସିଂହ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୪୦ ଗତେ, ଘ.୦୭।୦୯ ମଧ୍ୟେ, ଘ.୦୮।୫୦ ଗତେ, ଘ.୧୧।୧୨ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୦୯ ଗତେ, ଘ.୦୮।୩୮ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ସାନ୍ତାଳୀ ଭାଷାର ପ୍ରସାର ...

ଜୋ ବାଇଡେନ୍ ସେଥିରୁ କେତେକ କଳାକୃତିକୁ ଅତି ଆଦରର ସହ ତାଙ୍କୁ ଦେଖାଇଥିଲେ। ଫେରିଥିବା କଳାକୃତିଗୁଡ଼ିକ ଟେରାକୋଟା, ପଥର, ହାତୀଦାନ୍ତ, କାଠ, ତମ୍ବା ଓ ବ୍ରୋଞ୍ଜରେ ନିର୍ମିତ। ସେଥିରୁ କେତେକ ୪,୦୦୦ ବର୍ଷର ପୁରୁଣା ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## ୩ ପରିବାର ଯାଜପୁରକୁ ...

ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନରେ ସାମିଲ ହୋଇ କହିଛନ୍ତି। ପରିବାରବାଦ ରାଜନୀତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି ଯେ, ଯାଜପୁର ଜିଲାରେ ଏହା ଶେଷ ହୋଇଛି। ଜିଲାବାସୀ ଏହାର ଜବାବ ଦେଇ ସାରିଛନ୍ତି। ଭାଜପା ପରିବାରବାଦ ରାଜନୀତିରେ ବିଶ୍ୱାସ କରେ ନାହିଁ। ତେଣୁ ସାଧାରଣ ପରିବାରର ଲୋକଟିଏ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ହୋଇପାରୁଛନ୍ତି। ସେ ମଧ୍ୟ ଏକ ସାଧାରଣ ପରିବାରରୁ ଆସି ମୁଖ୍ୟମନ୍ତ୍ରୀ ହୋଇପାରିଛନ୍ତି। ଯାଜପୁର ଜିଲାର ତିନି ପ୍ରଭାବଶାଳୀ ରାଜନେତାଙ୍କ ଉତ୍ତରାଧିକାରୀ ଶାସନ କରିଆସୁଥିଲେ। ସାଧାରଣ ଲୋକମାନେ ତାହାର ଅନ୍ତ ଘଟାଇଛନ୍ତି। କାହାର ନାମ ନ ନେଇ ସେ କହିଛନ୍ତି, ବିକାଶ ନାମରେ ତିନି ପରିବାର କେବଳ ଯାଜପୁରକୁ ଲୁଟ କରିଛନ୍ତି। ଜଣେ ସରକାରୀ ଅଧିକାରୀଙ୍କ ଯାଜପୁର ଜିଲାଗସ୍ତ ବେଳେ ଏମାନେ ଟେଣ୍ଟ ବନ୍ଧା କାର୍ଯ୍ୟ କରୁଥିଲେ। ନଗଡ଼ାର ଗୁରୁବାରୀ ମାଉସୀ ଚାକୁଣ୍ଡା ପତ୍ର ଭାଜି ଖାଉଥିଲେ, ଯାହା ବିନାଶର ଚିତ୍ରକୁ ପ୍ରତିଫଳିତ କରିଛି। ଯାଜପୁର ଜିଲାରେ ଭାଜପାର ୪ ଜଣ ବିଧାୟକ ଓ ଜଣେ ଏମ୍‌ପି ପ୍ରାର୍ଥୀଙ୍କୁ ଜିତାଇଥିବାରୁ ସେ ଜିଲାବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିକଶିତ ଜିଲା ଗଠନ ପାଇଁ ଆମ ସରକାରଙ୍କ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯିବ। ଏଥିପାଇଁ ଜିଲାବାସୀ ଆହୁରି ୨୫ ବର୍ଷ ପର୍ଯ୍ୟନ୍ତ ସହଯୋଗ କରିବେ ବୋଲି ସେ ଆଶା ରଖିଛନ୍ତି। ଗତ ସରକାରରେ ଜଣେ ବୁଢ଼ୀ ମାଉସୀ ୧୬ ଥର ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବାକୁ ଯାଇ ନିରାଶ ହୋଇଥିଲେ। ରାଜ୍ୟରେ ସରକାର ବଦଳିବା ପରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ଦେଖାକରି ସେହି ବୁଢୀ ମାଉସୀ କହିଥିଲେ ଯେ ମୁଖ୍ୟମନ୍ତ୍ରୀ କିଏ ବୋଲି ଏବେ ସେ ଜାଣିଲେ। ଆମ ସରକାର ଆସିବା ପରେ ସଙ୍ଗେ ସଙ୍ଗେ ଜନଶୁଣାଣି ଆରମ୍ଭ ହୋଇଛି ଏବଂ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରୁଛୁ। ଆଉ ଯାହା ବାକି ଅଛି, ଖୁବ୍‌ଶୀଘ୍ର ପୂରଣ କରିବୁ ବୋଲି ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମରେ ପ୍ରତିଶ୍ରୁତି ଦେଇଛନ୍ତି। ବିଜେଡି ସରକାର ଧାନ କୁଇଣ୍ଟାଲ ପିଛା ୧୦୦ ଟଙ୍କା ବୋନସ୍ ଦେବେ ବୋଲି କହିଥିଲେ। ତାହା ପୂରଣ ହୋଇପାରିଲାନାହିଁ। ଆସନ୍ତା ଖରିଫ ଋତୁରେ ଚାଷୀଙ୍କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ସମବାୟ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ପ୍ରଦୀପ କୁମାର ବଳସାମନ୍ତ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ବରୀ ଯୁବନେତା ଉମେଶ ଜେନା, ଭାଜପାର ଜିଲା ମହିଳା ସଭାନେତ୍ରୀ ବବିତା ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ ।

ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ଜାତୀୟ ରାଜପଥର ନେକିଆ ଛକ ନିକଟରେ ପହଞ୍ଚିବା ପରେ ଯାଜପୁର ଜିଲାର ମନ୍ତ୍ରୀ, ବିଧାୟକ ଓ ଦଳୀୟ କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ତାଙ୍କୁ ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ପ୍ରାରମ୍ଭରେ ବୁଢ଼ାକେନ୍ଦୁଆ ଫୁଟବଲ ପଡ଼ିଆ ସଭାମଞ୍ଚରେ ପ୍ରଧାନମନ୍ତ୍ରୀଙ୍କ ୧୧୫ ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମକୁ ସମସ୍ତେ ଶୁଣିଥିଲେ। ପରେ ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନର ଆରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିଆଁ ସରପଞ୍ଚ ବିଶ୍ୱବିଜୟୀ ବ୍ରହ୍ମ, ପ୍ରମିତା ରାଉତ, ବେଣୁଧର ବିଶ୍ୱାଳ, ପ୍ରୀତମ ନାୟକ, ହରିଶଙ୍କର ପଣ୍ଡା, ସୀତାନାଥ ବଳସାମନ୍ତ, ରେବତୀ ଭୋଇ ପ୍ରମୁଖ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଭାଜପା ଜିଲା ସାଧାରଣ ସମ୍ପାଦିକା ଦେବଯାନୀ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଛାତ୍ର ବିକାଶ ଦାସ ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ର ପ୍ରଦାନ କରିଥିବାବେଳେ ଚିନ୍ମୟୀ ସାହୁ ରାମମନ୍ଦିରର ଏକ କଳାକୃତି ପ୍ରଦାନ କରିଥିଲେ।

## ପିଇଓ ସ୍ମିତାରାଣୀଙ୍କ ...

ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଭାଜପା ଓ କଂଗ୍ରେସ ପକ୍ଷରୁ ସେହି ସମୟରେ ଅଭିଯୋଗ କରାଯାଇ ସିବିଆଇ ତଦନ୍ତ ପାଇଁ ଆନ୍ଦୋଳନ କରାଯାଇଥିଲା। ଏହି ଘଟଣା ଏବେ ବି ରହସ୍ୟାବୃତ ହୋଇରହିଛି । ସ୍ମିତାରାଣୀଙ୍କ ମୃତ୍ୟୁ ମାମଲାରେ ସରପଞ୍ଚଙ୍କ ସ୍ୱାମୀ ରୂପେଶ ଭଦ୍ରଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା ଏବଂ ସେ କିଛି ମାସ ଜେଲରେ ଥିଲେ। ହେଲେ ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ। ଏହି ଘଟଣାରେ ଏକାଧିକ ପ୍ରଭାବଶାଳୀ ବ୍ୟକ୍ତି ସମ୍ପୃକ୍ତ ଥିବା ସେତେବେଳେ ଚର୍ଚ୍ଚା ହୋଇଥିଲା। ସମଗ୍ର ଘଟଣାକୁ ଅନୁଧ୍ୟାନ କଲେ ପୋଲିସର ଭୂମିକା ସନ୍ଦେହଜନକ ରହିଥିଲା। କାରଣ ଘଟଣା ଘଟିବା ଦିନ ସ୍ମିତାରାଣୀଙ୍କ ମୃତଦେହକୁ ଡାକ୍ତରଖାନାରୁ ଜବତ କରିବା ପରେ ତତ୍‌କ୍ଷଣାତ୍ ଅଭିଯୁକ୍ତମାନଙ୍କୁ ନିଜ ହେପାଜତକୁ ନେଇ ନ ଥିଲା। ସେହିପରି ପୋଲିସ ଘଟଣାସ୍ଥଳକୁ ନ ଯାଇ ସ୍ମିତାରାଣୀ ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ବାପା ଓ ଶ୍ୱଶୁରଙ୍କଠାରୁ ଅଭିଯୋଗ ଲେଖାଇ ନେଇଥିଲା। ଆଉ କେତେକ ବିଷୟ ଯେପରିକି ଅତିଥି ଭବନର ଗୋଟିଏ ପ୍ରକୋଷ୍ଠକୁ ସିଲ୍ କରି ଅନ୍ୟ ପ୍ରକୋଷ୍ଠଗୁଡ଼ିକର ଚାବି ଅଭିଯୁକ୍ତଙ୍କ ପରିବାର ହାତକୁ ଟେକିଦେବା, ତୁରନ୍ତ ଅତିଥି ଭବନର ସିସିଟିଭି କ୍ୟାମେରାକୁ ଜବତ ନ କରିବା, ଘଟଣା ଦିନ ଅତିଥି ଭବନରେ ଉପସ୍ଥିତ ଥିବା ଲୋକଙ୍କୁ ଜେରା ନ କରିବା, ସ୍ମିତାରାଣୀଙ୍କ ଭଗ୍ନାବସ୍ଥା କାର୍ଯ୍ୟରେ ବ୍ୟବହାର ହୋଇଥିବା କାର୍‌କୁ ଜବତ କରା ନ ଯିବା ଆଦି ପୋଲିସକୁ ସନ୍ଦେହଘେରକୁ ଠେଲି ଦେଇଥିଲା। ତେଣୁ ସ୍ମିତାରାଣୀଙ୍କ ମୃତ୍ୟୁ ମାମଲାର ନିରପେକ୍ଷ ତଦନ୍ତ କରାଗଲେ ବହୁ ଲୁକ୍କାୟିତ ରହସ୍ୟ ଲୋକଲୋଚନକୁ ଆସିପାରନ୍ତା ବୋଲି ମତପ୍ରକାଶ ପାଇଛି। ଏଭଳିସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ପୁଣି ତଦନ୍ତ କରିବା ପ୍ରତିଶ୍ରୁତି ଜିଲାରେ ଚହଳ ପକାଇଛି।

## ଶାହରୁଖ୍ ଶ୍ରେଷ୍ଠ ଅଭିନେତା, ...

ଅଭିନେତା ଭାବେ ପୁରସ୍କୃତ କରାଯାଇଛି। ନିର୍ଦ୍ଦେଶକ ମଣି ରତ୍ନମ ଓ ପ୍ରସିଦ୍ଧ ସଙ୍ଗୀତଜ୍ଞ ଏ ଆର୍ ରେହମାନ୍ ମଞ୍ଚରେ ଶାହରୁଖଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି 'ମିସେସ୍ ଚାଟାର୍ଜୀ ଭର୍ସେସ୍ ନରୱେ' ଫିଲ୍ମ ପାଇଁ ଅଭିନେତ୍ରୀ ରାଣୀ ମୁଖାର୍ଜୀଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ମିଳିଛି। ସନ୍ଦୀପ ରେଡ୍ଡୀ ବଙ୍ଗାଙ୍କ ଫିଲ୍ମ 'ଆନିମଲ୍'କୁ ଏହି ସମାରୋହରେ ଶ୍ରେଷ୍ଠ ଫିଲ୍ମ ଭାବେ ସମ୍ମାନିତ କରାଯାଇଛି। ଫିଲ୍ମ ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ବଙ୍ଗା ଓ ପ୍ରଯୋଜକ ଭୂଷଣ କୁମାର ଏହି ସମ୍ମାନ ଗ୍ରହଣ କରିଛନ୍ତି। ସେହିପରି 'ଆନିମଲ୍' ଫିଲ୍ମ ପାଇଁ ଅଭିନେତା ଅନିଲ କପୁର ଓ ବବି ଦେଓଲଙ୍କୁ ଯଥାକ୍ରମେ ଶ୍ରେଷ୍ଠ ସହାୟକ ଅଭିନେତା ଓ ଶ୍ରେଷ୍ଠ ଖଳନାୟକ ଭାବେ ପୁରସ୍କୃତ କରାଯାଇଛି। ଅଭିନେତା ବବି ପୁରସ୍କାର ଗ୍ରହଣ କରିବା ପରେ ଫିଲ୍ମର ପ୍ରସିଦ୍ଧ 'ଜମାଲ କୁଡୁ' ଗୀତର ଲୋକପ୍ରିୟ ଷ୍ଟେପ୍‌କୁ ନିର୍ଦ୍ଦେଶିତ ବଙ୍ଗାଙ୍କ ସହ କରି ଉପସ୍ଥିତ ଅତିଥି ତଥା ଦର୍ଶକଙ୍କର ମନୋରଞ୍ଜନ କରିଥିଲେ। ସେହିପରି 'ଆନିମଲ୍' ଫିଲ୍ମର 'ଅର୍ଜନ ଭେଲି' ଗୀତ ପାଇଁ ସଙ୍ଗୀତଜ୍ଞ ଭୂପିନ୍ଦର ବବ୍ବଲଙ୍କୁ ଶ୍ରେଷ୍ଠ ପ୍ଲେ ବ୍ୟାକ୍ ସିଙ୍ଗର(ପୁରୁଷ) ପୁରସ୍କାର ମିଳିଛି। ପରିବାର ସହ ଜନ୍ମଦିନ ପାଳନ କରୁଥିବାରୁ 'ଆନିମଲ୍' ଫିଲ୍ମର ମୁଖ୍ୟ ଅଭିନେତା ରଣବୀର କପୁର ଏହି ଆୱାର୍ଡ ସେରିମୋନିରେ ଯୋଗ ଦେଇ ପାରି ନାହାନ୍ତି। ଅନ୍ୟପକ୍ଷରେ 'ଟ୍ୱେଲ୍‌ଭଥ୍ ଫେଲ୍' ଫିଲ୍ମ ପାଇଁ ଫିଲ୍ମ ନିର୍ମାତା ବିଧୁ ବିନୋଦ ଚୋପ୍ରାଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପୁରସ୍କୃତ କରାଯାଇଛି। ଫିଲ୍ମ 'ରକି ଔର ରାନିକି ପ୍ରେମ୍ କାହାନୀ'ରେ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ଜେଜେ ମା' ଚରିତ୍ରରେ ଅଭିନୟ କରିଥିବା ଭେଟେରାନ ଅଭିନେତ୍ରୀ ଶବାନା ଆଜମୀଙ୍କୁ ଶ୍ରେଷ୍ଠ ସହାୟକ ଅଭିନେତ୍ରୀ ଭାବେ ପୁରସ୍କାର ମିଳିଛି। ସେହିପରି ଭେଟେରାନ ଅଭିନେତ୍ରୀ ତଥା ଏମ୍‌ପି ହେମାମାଳିନୀଙ୍କୁ 'ଆଉଟଷ୍ଟାଣ୍ଡିଂ ଆଚିଭ୍‌ମେଣ୍ଟ ଇନ୍ ଇଣ୍ଡିଆନ୍ ସିନେମା ଆୱାର୍ଡ' ପ୍ରଦାନ କରାଯାଇଛି। 'ଜୱାନ' ଫିଲ୍ମର 'ଚଲେୟା' ଗୀତ ପାଇଁ ସଙ୍ଗୀତଜ୍ଞ ଶିଲ୍ପା ରାଓଙ୍କୁ ଶ୍ରେଷ୍ଠ ପ୍ଲେ ବ୍ୟାକ୍ ସିଙ୍ଗର (ମହିଳା) ପୁରସ୍କାର ମିଳିଛି। ତେବେ ଏହି କାର୍ଯ୍ୟକ୍ରମରେ 'ବ୍ୟାଡ୍ ନ୍ୟୁଜ୍' ଫିଲ୍ମର ପ୍ରସିଦ୍ଧ ଗୀତ 'ତୌବା ତୌବା'ର ଲୋକପ୍ରିୟ ଷ୍ଟେପ୍ କରି ଉଭୟେ ଶାହରୁଖ୍ ଓ ଅଭିନେତା ଭିକି କୌଶଲ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲେ। ସେହିପରି ଭେଟେରାନ ଅଭିନେତ୍ରୀ ରେଖା, ଅଭିନେତା ପ୍ରଭୁ ଦେବା, ଶାହିଦ୍ କପୁର, ଅଭିନେତ୍ରୀ ଜାହ୍ନବୀ କପୁର, କ୍ରୀତି ସାନନ୍, ନୋରା ଫତେହି , ଅନନ୍ୟା ପାଣ୍ଡେ ପ୍ରମୁଖଙ୍କ ଡ୍ୟାନ୍ସ ପର୍‌ଫର୍ମାନ୍ସ ଉପସ୍ଥିତ ଦର୍ଶକଙ୍କୁ ମତୁଆଲା କରିଥିଲା।

## ଆଇପିଏସ୍ ଅଫିସର ସ୍ତରରେ ...

ସେହିପରି କ୍ରାଇମବ୍ରାଞ୍ଚ ଏଡିଜି ଥିବା ୧୯୯୬ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅରୁଣ ବୋଥ୍ରାଙ୍କୁ ରେଲୱେ ଓ କୋଷ୍ଟାଲ ସିକ୍ୟୁରିଟି ଏଡିଜି ଭାବେ ବଦଳି କରାଯାଇଛି। ଷ୍ଟେଟ୍ କ୍ରାଇମ ରେକର୍ଡସ୍ ବ୍ୟୁରୋ (ଏସ୍‌ସିଆର୍‌ବି) ନିର୍ଦ୍ଦେଶକ ଥିବା ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ବିନୟତୋଷ ମିଶ୍ରଙ୍କୁ କ୍ରାଇମବ୍ରାଞ୍ଚ ଏଡିଜି ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ସ୍ପେଶାଲ ଆର୍ମଡ ପୋଲିସ (ଏସ୍‌ଏପି) ଏଡିଜି ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ଆର୍.ପି.କୋଚେଙ୍କୁ ଗୋଇନ୍ଦା ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଗୋଇନ୍ଦା ନିର୍ଦ୍ଦେଶକ ଥିବା ୧୯୯୫ ବ୍ୟାଚ୍‌ର ଆଇପିଏସ୍ ଅଫିସର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଏଡିଜି (ଆଧୁନିକୀକରଣ) ଭାବେ ବଦଳି କରାଯାଇଛି। ସେହିପରି ଲିଖନ, ମୁଦ୍ରଣ ଓ ପ୍ରକାଶନ ନିର୍ଦ୍ଦେଶକ ଥିବା ଏ.କେ ରାୟଙ୍କୁ ଜେଲ ଡିଜି ଭାବେ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ଗୃହ ବିଭାଗର ଓସ୍‌ଡି ଦାୟିତ୍ୱରେ ଥିବା ଏସ୍.ଏମ୍ ନରବାଣେଙ୍କୁ ଅବସ୍ଥାପିତ କରାଯାଇଛି। ପୋଲିସ ମୁଖ୍ୟାଳୟରେ ଥିବା ଏଡିଜି ରାଧାକୃଷ୍ଣ ଶର୍ମାଙ୍କୁ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ସେହିପରି ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ସହ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ (ଓପିଏଚ୍‌ଡବ୍ଲ୍ୟୁସି)ର ସିଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ସମ୍ଭାଳୁଥିବା ୧୯୯୫ ବ୍ୟାଚ୍‌ର ଆଇପିଏସ୍ ଅଫିସର ସନ୍ତୋଷ ବାର୍ଲାଙ୍କୁ ଏସ୍‌ସିଆର୍‌ବି ଓ ଏସ୍‌ଏଫ୍‌ଏସ୍‌ଏଲ୍‌ର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବାବେଳେ ଏଡିଜି (ଆଧୁନିକୀକରଣ) ଦୟାଲ ଗଙ୍ଗୱାରଙ୍କୁ ପୋଲିସ ମୁଖ୍ୟାଳୟର ଏଡିଜି, ରେଲୱେ ଓ କୋଷ୍ଟାଲ ସିକ୍ୟୁରିଟି ଏଡିଜି ସହ ଏସ୍‌ଏଫ୍‌ଏସ୍‌ଏଲ୍‌ର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ରାଜେଶ କୁମାରଙ୍କୁ ଷ୍ଟେଟ୍ ଆର୍ମଡ ପୋଲିସ (ଏସ୍‌ଏପି) ଏଡିଜି ଭାବେ ବଦଳି କରାଯାଇଛି। ସେହିପରି 'ବିପିଏସ୍‌ପିଏ' ଆଇଜି ସହ ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁର ଆଇଜି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ଏସ୍. ସାଇନୀଙ୍କୁ ବଦଳି କରାଯାଇଛି। ତାଙ୍କୁ ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁର ଆଇଜି ଭାବେ ଅବସ୍ଥାପିତ କରାଯାଇଛି। କେନ୍ଦ୍ରାଞ୍ଚଳ ଆଇଜି ଥିବା ସଞ୍ଜୟ କୁମାର କୌଶାଲଙ୍କୁ ଭିଜିଲାନ୍ସ ଆଇଜି ଭାବେ ବଦଳି କରାଯାଇଥିବା ବେଳେ ପୂର୍ବାଞ୍ଚଳ ଆଇଜି ଦୀପକ କୁମାରଙ୍କୁ ଅଗ୍ନିଶମ ଓ ଗୃହରକ୍ଷୀ ଆଇଜି, ଦକ୍ଷିଣାଞ୍ଚଳ ଆଇଜି ସହ ଇଓଡବ୍ଲ୍ୟୁ ଓ ଏସ୍‌ଟିଏଫ୍ ଆଇଜି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ଜୟନାରାୟଣ ପଙ୍କଜଙ୍କୁ ଆଇଜି (ଅପରେଶନ୍), ଗୋଇନ୍ଦା ଆଇଜି ଅନୁପ କୁମାର ସାହୁଙ୍କୁ ବିପିଏସ୍‌ପିଏ ଟ୍ରେନିଂ ଆଇଜି, ଖୋର୍ଦ୍ଧା ଏସ୍‌ପି ଦାୟିତ୍ୱରେ ଥିବା ଡିଆଇଜି ଅବିନାଶ କୁମାରଙ୍କୁ ଏସ୍‌ଏପି ଡିଆଇଜି, ବ୍ରହ୍ମପୁର ଏସ୍‌ପି ଦାୟିତ୍ୱରେ ଥିବା ସାର୍ଥକ ଷଡ଼ଙ୍ଗୀଙ୍କୁ ଦକ୍ଷିଣାଞ୍ଚଳ ଡିଆଇଜି, ପଶ୍ଚିମାଞ୍ଚଳ ଡିଆଇଜି ଥିବା ନୀତି ଶେଖରଙ୍କୁ ଦକ୍ଷିଣାଞ୍ଚଳ ଡିଆଇଜି, ଅନୁଗୋଳ ଏସ୍‌ପି ଦାୟିତ୍ୱରେ ଥିବା ଡିଆଇଜି ଉମାଶଙ୍କର ଦାଶଙ୍କୁ ଭୁବନେଶ୍ୱର–କଟକ ପୋଲିସ କମିଶନରେଟ୍‌ର ଅତିରିକ୍ତ ସିପି ଭାବେ ବଦଳି କରାଯାଇଛି। ସେହିପରି କଟକ ଡିସିପି ପ୍ରକାଶ ଆର୍‌ଙ୍କୁ କ୍ରାଇମବ୍ରାଞ୍ଚ ଡିଆଇଜି ଭାବେ ବଦଳି କରାଯାଇଥିବା ବେଳେ ମାନବାଧିକାର ସୁରକ୍ଷା ସେଲ୍ (ଏଚ୍‌ଆର୍‌ପିସି) ଡିଆଇଜି ସତ୍ୟଜିତ ନାଏକଙ୍କୁ ପୂର୍ବାଞ୍ଚଳ ଡିଆଇଜି, କେନ୍ଦ୍ରୀୟ ଡେପୁଟେଶନରୁ ଫେରିଥିବା ଡିଆଇଜି ଅଖିଳେଶ୍ୱର ସିଂଙ୍କୁ ଡିଆଇଜି (ଅପରେଶନ), ରାଉରକେଲା ଏସ୍‌ପି ଥିବା ଡିଆଇଜି ବ୍ରିଜେଶ କୁମାର ରାୟଙ୍କୁ ପଶ୍ଚିମାଞ୍ଚଳ ଡିଆଇଜି, ଦକ୍ଷିଣାଞ୍ଚଳ ଡିଆଇଜି ଥିବା ଚରଣ ସିଂ ମୀନାଙ୍କୁ କେନ୍ଦ୍ରାଞ୍ଚଳ ଡିଆଇଜି ଓ କେନ୍ଦ୍ରୀୟ ଡେପୁଟେଶନରୁ ଫେରିଥିବା ପାରୁଲ ଗୁପ୍ତାଙ୍କୁ ଡିଆଇଜି (କମ୍ପ୍ୟୁଟର) ଭାବେ ବଦଳି କରାଯାଇଛି।

## ପିନାକ ମିଶ୍ର ଭୁବନେଶ୍ୱର ଡିସିପି

ଭୁବନେଶ୍ୱର, ୨୯।୯(ସୁନିତ୍ ମିଶ୍ର)– ରାଜ୍ୟ ସରକାର ରବିବାର ରାତିରେ ଭୁବନେଶ୍ୱର ଡିସିପିଙ୍କ ସମେତ ମୋଟ ୨୨ ଜଣଙ୍କୁ ଅଦଳବଦଳ କରିଛନ୍ତି। ୨୦୧୪ ବ୍ୟାଚ୍ ଆଇପିଏସ୍ ଅଫିସର ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କୁ ହଟାଇ ତାଙ୍କ ସ୍ଥାନରେ ୨୦୧୧ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ପୁରୀ ଏସ୍‌ପି ପିନାକ ମିଶ୍ରଙ୍କୁ ନୂଆ ଦାୟିତ୍ୱ ଦିଆଯାଇଛି। ପିନାକ ଭୁବନେଶ୍ୱର ଡିସିପି ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି ପ୍ରତୀକ ସିଂଙ୍କୁ କଟକ(ଗ୍ରାମାଞ୍ଚଳ) ଏସ୍‌ପି ଭାବେ ନିଯୁକ୍ତ ଦିଆଯାଇଛି। ଗୃହ ବିଭାଗ ପକ୍ଷରୁ ରବିବାର ପ୍ରକାଶ ପାଇଥିବା ଦ୍ୱିତୀୟ ଆଇପିଏସ୍ ଅଦଳବଦଳ ବିଜ୍ଞପ୍ତି ଅନୁଯାୟୀ, ଢେଙ୍କାନାଳ ଏସ୍‌ପି ଥିବା ୨୦୧୨ ବ୍ୟାଚ୍ ଆଇପିଏସ୍ ମଡକର ସନ୍ଦିପ ସମ୍ପଦଙ୍କୁ ଭଦ୍ରକ ଏସ୍‌ପି, ଦେବଗଡ଼ ଏସ୍‌ପି ଥିବା ୨୦୧୩ ବ୍ୟାଚ୍ ଆଇପିଏସ୍ ଅନୁପମା ଜେମ୍‌ସଙ୍କୁ ଭିଜିଲାନ୍ସ ଏସ୍‌ପି, ଜଗତ୍‌ସିଂହପୁର ଏସ୍‌ପି ଥିବା ୨୦୧୩ ବ୍ୟାଚ୍ ଆଇପିଏସ୍ ରାହୁଲ ପି.ଆର୍‌ଙ୍କୁ ଭିଜିଲାନ୍ସ ଏସ୍‌ପି, ଗଞ୍ଜାମ ଏସ୍‌ପି ଥିବା ୨୦୧୩ ବ୍ୟାଚ୍ ଆଇପିଏସ୍ ଜଗମୋହନ ମୀନାଙ୍କୁ କଟକ ଡିସିପି, କଟକ ଏସ୍‌ପି ଥିବା ୨୦୧୩ ଆଇପିଏସ୍ ଲୋଗୋନୟାଗି ଦିବ୍ୟା ଭିଙ୍କୁ ଭିଜିଲାନ୍ସ ଏସ୍‌ପି, ନୟାଗଡ଼ ଏସ୍‌ପି ଥିବା ୨୦୧୫ ଆଇପିଏସ୍ ରାହୁଲ ଜୈନଙ୍କୁ ଅନୁଗୋଳ ଏସ୍‌ପି, ଭିଜିଲାନ୍ସ ଏସ୍‌ପି ଥିବା ୨୦୧୫ ଆଇପିଏସ୍ ସରାଭାନା ବିବେକ ଏମ୍‌ଙ୍କୁ ବ୍ରହ୍ମପୁର ଏସ୍‌ପି, ଯାଜପୁର ଏସ୍‌ପି ଥିବା ଭୀନିତ୍ ଅଗ୍ରୱାଲଙ୍କୁ ପୁରୀ ଏସ୍‌ପି, ଭଦ୍ରକ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କୁ ମୟୂରଭଞ୍ଜ ଏସ୍‌ପି, ବାଲେଶ୍ୱର ଏସ୍‌ପି ସାଗରିକା ନାଥଙ୍କୁ ଖୋର୍ଦ୍ଧା ଏସ୍‌ପି, ଗଜପତି ଏସ୍‌ପି ସ୍ୱାତୀ ଏସ୍.କୁମାରଙ୍କୁ ରାୟଗଡ଼ା ଏସ୍‌ପି, ମୟୂରଭଞ୍ଜ ଏସ୍‌ପି ଏସ୍. ଶୁଶ୍ରୀଙ୍କୁ ନୟାଗଡ଼ ଏସ୍‌ପି, ମାଲକାନଗିରି ଏସ୍‌ପି ନିତେଶ ୱାଧାୱାନିଙ୍କୁ ରାଉରକେଲା ଏସ୍‌ପି, ବୌଦ୍ଧ ଏସ୍‌ପି ରାଜ ପ୍ରସାଦଙ୍କୁ ବାଲେଶ୍ୱର ଏସ୍‌ପି, ପୋଲିସ ହେଡକ୍ୱାର୍ଟର୍ସ ଏଆଇଜି ଥିବା ନାଗରାଜ ଦେବରକୋଣ୍ଡାଙ୍କୁ ବୌଦ୍ଧ ଏସ୍‌ପି, କନ୍ଧମାଳ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କୁ ଗଞ୍ଜାମ ଏସ୍‌ପି, କୋରାପୁଟ ଏସ୍‌ପି ଥିବା ଅଭିନବ ସୋନକରଙ୍କୁ ଢେଙ୍କାନାଳ ଏସ୍‌ପି, ନବରଙ୍ଗପୁର ଏସ୍‌ପି ରୋହିତ ବର୍ମାଙ୍କୁ କୋରାପୁଟ ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ସେହିଭଳି ସୋନପୁର ଏସ୍‌ପି ଥିବା ଯଶପ୍ରତାପ ଶ୍ରୀମଲଙ୍କୁ ଯାଜପୁର ଏସ୍‌ପି, ରାୟଗଡ଼ା ଏସ୍‌ପି ହରିଶ ବିସିଙ୍କୁ କନ୍ଧମାଳ ଏସ୍‌ପି, ଭୁବନେଶ୍ୱର–କଟକ କମିଶନରେଟର ଅତିରିକ୍ତ ଡିସିପି ଥିବା ଅନିଲ କୁମାର ମିଶ୍ରଙ୍କୁ ଦେବଗଡ଼ ଏସ୍‌ପି, ରାଜ୍ୟ ପୋଲିସ ମୁଖ୍ୟାଳୟରେ ଥିବା ରାମ ପ୍ରସାଦ ସାହୁ (ଓପିଏସ୍)ଙ୍କୁ ସୋନପୁର ଏସ୍‌ପି, ଆଇୟୁସିଏଡବ୍ଲ୍ୟୁ ଅତିରିକ୍ତ ଏସ୍‌ପି ଥିବା ଭବାନୀ ଶଙ୍କର ଉଦ୍‌ଗାତାଙ୍କୁ ଜଗତ୍‌ସିଂହପୁର ଏସ୍‌ପି, ରାଜ୍ୟ ପୋଲିସ ମୁଖ୍ୟାଳୟରେ ଏସ୍‌ପି ଭାବେ ଏବଂ ଏସ୍‌ଆର୍‌ପି କଟକର ଅତିରିକ୍ତ ଦାୟିତ୍ୱରେ ଥିବା ମିହିର ପଣ୍ଡାଙ୍କୁ ନବରଙ୍ଗପୁର ଏସ୍‌ପି, ଶ୍ରୀଜଗନ୍ନାଥ ମନ୍ଦିରର ବରିଷ୍ଠ ପ୍ରଶାସକ(ସୁରକ୍ଷା) ଦାୟିତ୍ୱରେ ଥିବା ଯତୀନ୍ଦ୍ର କୁମାର ପଣ୍ଡାଙ୍କୁ ଗଜପତି ଏସ୍‌ପି ଭାବେ ନିଯୁକ୍ତି ମିଳିଛି।

# ଜଙ୍ଗଲ ଜମି ଅଧିଗ୍ରହଣ ବିନା ଖଣି ଲୁଟ

ଯାଜପୁର,୨୯।୯
(ହର୍ଷବର୍ଦ୍ଧନ ବେହେରା)

**ସିଏଜି ରିପୋର୍ଟ**

■ କାରଣ ଦର୍ଶାଅ ନୋଟିସରେ ସୀମିତ ଖଣି ବିଭାଗର ପଦକ୍ଷେପ

■ ବାଲେଶ୍ୱର ଆଲଏଜଠାରୁ ୧୫୦ କୋଟି ଅନାଦାୟ

ଯାଜପୁର ରୋଡ୍ ଖଣି ସର୍କଲ ଅଧୀନରେ ଥିବା ମେସର୍ସ ବାଲେଶ୍ୱର ଆଲଏଜ ପ୍ରାଇଭେଟ ଲିମିଟେଡ୍ ଜଙ୍ଗଲ ଜମିରେ ବିନା ମଞ୍ଜୁରୀରେ କାଳିଆପାଣି କ୍ରୋମାଇଟ ଖଣିରୁ କ୍ରୋଇମାଇଟ ଉତ୍ତୋଳନ କରିଥିଲା। ୨୦୧୯ ଡିସେମ୍ବର ପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ କୌଣସି ଅନୁମତି ବିନା ଉତ୍ତୋଳନ କରାଯାଇଥିବା କ୍ରୋମାଇଟର ମୂଲ୍ୟ ୧୫୦.୧୦ କୋଟି ଟଙ୍କା ଥିଲା। କିନ୍ତୁ ଏହି ବିପୁଳ କୋଟି ଟଙ୍କା ଅସୁଲ କରିବାରେ ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନେବାରେ ବିଫଳ ହୋଇଥିଲେ। ଯାଜପୁର ରୋଡ୍ ଖଣି ଉପନିର୍ଦ୍ଦେଶକ ୧୨।୯।୨୦୨୨ରେ ଲିଜ୍‌ଧାରୀଙ୍କୁ କେବଳ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏହିମର୍ମରେ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି) ରିପୋର୍ଟ-୨୦୨୪ରେ ଏହା ଦର୍ଶାଯାଇଛି। ଏହାବାଦ ଏହି ବେଆଇନ କାର୍ଯ୍ୟ ବିରୋଧରେ ରାଜ୍ୟ ସରକାରଙ୍କ ପଦକ୍ଷେପ ପର୍ଯ୍ୟାପ୍ତ ନୁହେଁ ଏବଂ କାରଣ ଦର୍ଶାଅ ନୋଟିସ ଜାରି କରିବାର ଏକ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ଲୁଟ ଖଣିଜ ପଦାର୍ଥର ମୂଲ୍ୟ ଅସୁଲ ହୋଇପାରିନାହିଁ। ଏପରିକି ଲିଜ୍‌ଧାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ନଥିପତ୍ରରେ ଉପଲବ୍ଧ ନ ଥିଲା ବୋଲି ଉଲ୍ଲେଖ କରାଯାଇଛି। ଏଥିରୁ କାଳିଆପାଣି କ୍ରୋମାଇଟ ଖଣିରୁ ବିପୁଳ ପରିମାଣର ବେଆଇନ ଉତ୍ତୋଳନ କରିଥିବା ଲିଜ୍‌ଧାରୀ ବାଲେଶ୍ୱର ଆଲଏଜ କମ୍ପାନୀ କର୍ତ୍ତୃପକ୍ଷ ଓ ଖଣି ବିଭାଗ ଅଧିକାରୀଙ୍କ ମଧ୍ୟରେ ଅସାଧୁ ଚୁକ୍ତି ହୋଇଥିବା ସାଧାରଣରେ ସନ୍ଦେହ କରାଯାଇଛି।

ବାଲେଶ୍ୱର ଆଲଏଜ ପ୍ରା.ଲି. ୬୪.୪୬୩ ହେକ୍ଟର ବିଶିଷ୍ଟ କାଳିଆପାଣି କ୍ରୋମାଇଟ ଖଣିର ଲିଜ୍ ନଥି, ଆକଳନ ରେକର୍ଡ ଏବଂ ମାସିକ ରିଟର୍ନର ସମୀକ୍ଷା ସିଏଜିଙ୍କ ଦ୍ୱାରା ହୋଇଥିଲା। ଏଥିରୁ ଜଣାପଡିଥିଲା ଯେ, କଟକ ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) ୨୦୧୪ ଡିସେମ୍ବରରେ ଲିଜ୍‌ଧାରୀଙ୍କୁ ହାଲ୍ ସେଟଲମେଣ୍ଟ ରେକର୍ଡ ଅନୁଯାୟୀ ସମଗ୍ର ଲିଜ୍ ଅଞ୍ଚଳ ଜଙ୍ଗଲ ଜମି ଅଧୀନରେ ଅଛି ବୋଲି ସୂଚନା ଦେଇଥିଲେ। ତେଣୁ ଲିଜ୍ ଅଞ୍ଚଳ ଜମିର ସ୍ଥିତି ଉପରେ ସେ ସ୍ପଷ୍ଟୀକରଣ ମାଗିଥିଲେ। ୨୦୧୫ ଏପ୍ରିଲରେ ଡିଏଫ୍‌ଓ ପୁଣି ଥରେ ଏମ୍‌ଓଇଏଫ୍ ଆଣ୍ଡ ସିସି ନିର୍ଦ୍ଦେଶାବଳୀ ଅନୁଯାୟୀ ଖଣି ଲିଜ୍ ଅଧୀନରେ ଆସୁଥିବା ଅଞ୍ଚଳରେ ଖଣି ଖନନ ପାଇଁ ଜଙ୍ଗଲ ସଂରକ୍ଷଣ ଅଧିନିୟମ-୧୯୮୦ ଅନୁସାରେ ଅନୁମୋଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଲିଜ୍‌ଧାରୀ ୨୦୧୬ ମାର୍ଚ୍ଚରେ ହାଇକୋର୍ଟଙ୍କଠାରୁ ସ୍ଥିତାବସ୍ଥା ହାସଲ କରିଥିଲେ। ଏହାପରେ ଲିଜ୍‌ଧାରୀ ୨୦୧୯ ଡିସେମ୍ବରରୁ ୨୦୨୨ ମାର୍ଚ୍ଚ ପର୍ଯ୍ୟନ୍ତ ଖଣି ଖନନ କାର୍ଯ୍ୟ ଜାରି ରଖିଥିଲେ। ଏହି ସମୟ ମଧ୍ୟରେ ଉତ୍ତୋଳନ କରାଯାଇଥିବା ଖଣିଜ ମୂଲ୍ୟ ହେଉଛି ୧୫୦.୧୦ କୋଟି ଟଙ୍କା। ୨୦୨୩ ସେପ୍ଟେମ୍ବରରେ ସିଏଜି ରିପୋର୍ଟ ଉପରେ ସରକାର ଦର୍ଶାଇଥିଲେ ଯେ, ଯାଜପୁର ରୋଡ୍ ଖଣି ଉପନିର୍ଦ୍ଦେଶଙ୍କ ଦ୍ୱାରା କାଳିଆପାଣି କ୍ରୋମାଇଟ ଖଣି ସମ୍ବନ୍ଧରେ ବାଲେଶ୍ୱର ଆଲଏଜ ଲିମିଟେଡକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ ବୋଲି ସିଏଜି ପକ୍ଷରୁ କୁହାଯାଇଛି। ଏହାବାଦ୍ ଧାରା-୩(ଏ) ଏବଂ ଜଙ୍ଗଲ ସଂରକ୍ଷଣ ଆଇନର ଅନ୍ୟାନ୍ୟ ପ୍ରଯୁଜ୍ୟ ନିୟମାବଳୀ ଅନୁସାରେ କାର୍ଯ୍ୟାନୁଷ୍ଠାନ ଶୂନ ରହିଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି।

ଖଣିଜ ସମ୍ପଦକୁ ବେଆଇନ ଉତ୍ତୋଳନ କରି ଖଣିସଂସ୍ଥା ଲାଭବାନ ହୋଇଥିବାବେଳେ ଭିଟାମାଟି ଛାଡିଥିବା ଅବା କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ଦୁର୍ଦ୍ଦଶା ଏଯାଏ କମି ନାହିଁ। ଖଣି ଅଞ୍ଚଳର ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ପ୍ରଦୂଷଣ ଆଦି ସମସ୍ୟା ଏବେ ବି ଲାଗି ରହିଛି। ପ୍ରଦୂଷଣ ଯୋଗୁ ଶିଶୁଙ୍କଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧ ପର୍ଯ୍ୟନ୍ତ ଅନେକେ ମାରାତ୍ମକ ରୋଗରେ ପୀଡ଼ିତ ହେଉଛନ୍ତି। ଫଳରେ ଜିଲାର ଆର୍ଥିକ ଅଭିବୃଦ୍ଧି କ'ଣ ହେବ, ଅବସ୍ଥା ଆହୁରି ଶୋଚନୀୟ ହୋଇପଡିଛି ବୋଲି ମତପ୍ରକାଶ ପାଇଛି।

# ଅତିରିକ୍ତ ସଚିବଙ୍କ ଜାଲ୍ ଦସ୍ତଖତରେ ନକଲି ନିଯୁକ୍ତିପତ୍ର

ଭୁବନେଶ୍ୱର,୨୯।୯
(ସୂର୍ଯ୍ୟକାନ୍ତ ବେହେରା)

**ଆର୍‌ଆଇ ଚାକିରି ପାଇଁ ସାଇବର ଅପରାଧୀଙ୍କ ଠକେଇ ଜାଲ**

ରାଜ୍ୟରେ ବର୍ତ୍ତମାନ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ପଦବୀ ଲାଗି ପର୍ଯ୍ୟାୟକ୍ରମେ ପରୀକ୍ଷା ଚାଲୁ ରହିଛି। ଏହାକୁ ନେଇ ସାଇବର ଅପରାଧୀମାନେ ବେଶ୍ ସକ୍ରିୟ ହୋଇଉଠିଛନ୍ତି। ଆର୍‌ଆଇ ଚାକିରି ଦେବାକୁ କହି ଆଶାୟୀଙ୍କଠାରୁ ମୋଟା ଅଙ୍କର ଟଙ୍କା ଠକି ନେବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଏନେଇ ଫେକ୍ ନିଯୁକ୍ତିପତ୍ର ପ୍ରସ୍ତୁତ କରି ସୋସିଆଲ ମିଡିଆରେ ଠକେଇ ଜାଲ ବିଛାଇଛନ୍ତି। ଅପରାଧୀମାନେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ସଚିବଙ୍କ ଜାଲ ଦସ୍ତଖତ ବନାଇ ୪୫ ଜଣଙ୍କ ନକଲି ନିଯୁକ୍ତି ଅର୍ଡର ପ୍ରସ୍ତୁତ କରିଛନ୍ତି, ଯାହା ଏବେ ହ୍ୱାଟ୍‌ସଆପ୍ ସହ ବିଭିନ୍ନ ସୋସିଆଲ ମିଡିଆରେ ଘୂରିବୁଲୁଛି। ଏହି ଖବର ଜାଣିବା ପରେ ଅତିରିକ୍ତ ସଚିବ ଘଟଣା ସମ୍ପର୍କରେ ତୁରନ୍ତ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ଏହାସହ ଉକ୍ତ ନକଲି ନିଯୁକ୍ତିପତ୍ରର ପ୍ରମାଣ ପୋଲିସକୁ ଦେବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଏହି ଅଭିଯୋଗ ଆଧାରରେ ପୋଲିସ ମାମଲା ନଂ. ୭୪୨/୨୪ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।




# ଆଜି ଗୁଜରାଟରେ ହେବ ୫ ପୋଲିସ ଅଧିକାରୀଙ୍କ ମିଛଧରା ପରୀକ୍ଷା

ଭୁବନେଶ୍ୱର,୨୯।୯(ସତ୍ୟଜିତ୍ ରାଉତ)

**ଭରତପୁର ଥାନାରେ ନିର୍ଯାତନା ଘଟଣା**

ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ ସୋମବାର ଗୁଜରାଟ ଗାନ୍ଧୀନଗରସ୍ଥିତ ଷ୍ଟେଟ୍ ଫୋରେନସିକ୍ ସାଇନ୍ସ ଲାବୋରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)ରେ ୫ ପୋଲିସ ଅଧିକାରୀଙ୍କ ମିଛଧରା ପରୀକ୍ଷା ହେବ। ଏଥିପାଇଁ ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ର, ଏସ୍‌ଆଇ ବୈଶାଳିନୀ ପଣ୍ଡା, ଏଏସ୍‌ଆଇ ସାଗରିକା ରଥ, ଏଏସ୍‌ଆଇ ସଲିଳମୟୀ ସାହୁ ଏବଂ ଘଟଣା ଦିନ ଥାନାରେ ପ୍ରତ୍ୟକ୍ଷଦର୍ଶୀ ଭାବେ ଉପସ୍ଥିତ ଥିବା କାର୍ଯ୍ୟରତ ଏସ୍‌ଆଇ ପ୍ରଶାନ୍ତ ମହାରଣା ରବିବାର ଗୁଜରାଟ ଯାଇଛନ୍ତି। ଏଥିସହ କ୍ରାଇମବ୍ରାଞ୍ଚ ଡିଏସ୍‌ପି ନରେନ୍ଦ୍ର କୁମାର ବେହେରାଙ୍କ ନେତୃତ୍ୱରେ ୩ଜଣିଆ ଟିମ୍ ମଧ୍ୟ ସେଠାକୁ ଯାଇଛି। ତେବେ ଦୀନକୃଷ୍ଣଙ୍କର ପଲିଗ୍ରାଫ ଟେଷ୍ଟ, ନାର୍କୋ-ଆନାଲିସିସ୍ ଓ ବ୍ରେନ୍ ଫିଙ୍ଗର ପ୍ରିଣ୍ଟିଙ୍ଗ୍ ଟେଷ୍ଟ ହେବାକୁ ଥିବାବେଳେ ଅନ୍ୟ ୪ ପୋଲିସ ଅଧିକାରୀଙ୍କ କେବଳ ପଲିଗ୍ରାଫ୍ ଟେଷ୍ଟ କରାଯିବ। ଜଣଙ୍କ ପରେ ଜଣଙ୍କୁ ଏସବୁ ଟେଷ୍ଟ କରାଇବାକୁ କ୍ରାଇମବ୍ରାଞ୍ଚ ଯୋଜନା କରିଛି। ଟେଷ୍ଟ ସରିବା ପରେ ସମସ୍ତ ପୋଲିସ ଅଧିକାରୀଙ୍କୁ ଧରି କ୍ରାଇମବ୍ରାଞ୍ଚ ଟିମ୍ ଓଡ଼ିଶା ଫେରିଆସିବ। ଉକ୍ତ ରାତିରେ ପ୍ରକୃତରେ କ'ଣ ଘଟିଥିଲା। କାହା ବୟାନରେ ସତ ରହିଛି। ଏସବୁ ଜାଣିବାକୁ କ୍ରାଇମବ୍ରାଞ୍ଚ ପାଖରେ ଶେଷ ବିକଳ୍ପ ରହିଛି ସାଇଣ୍ଟିଫିକ୍ ଟେଷ୍ଟ। ରିପୋର୍ଟ ଆସିବା ପରେ ପ୍ରକୃତ ସତ ପଦାକୁ ଆସିବ ବୋଲି ତଦନ୍ତକାରୀ ଟିମ୍ ଆଶା ରଖିଛି। ଏସବୁ ଟେଷ୍ଟ କରାଇବାକୁ କ୍ରାଇମବ୍ରାଞ୍ଚ କୋର୍ଟଙ୍କ ନିକଟରେ ଆବେଦନ କରିଥିବାବେଳେ ପୋଲିସ ଅଧିକାରୀମାନେ ସହମତି ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, କ୍ରାଇମବ୍ରାଞ୍ଚ ଟିମ୍ ଦିନରେ ଓ ଟେଷ୍ଟ ହେବାକୁ ଥିବା ୫ ପୋଲିସ ଅଧିକାରୀ ରାତିରେ ବିମାନଯୋଗେ ଗୁଜରାଟ ଗସ୍ତ କରିଥିବା ଜଣାପଡିଛି।

# ଅଚ୍ୟୁତ ସାମନ୍ତଙ୍କୁ 'ଆଇକନିକ ହେଲ୍‌ଥକେୟାର ଲିଡର ସମ୍ମାନ'

ଭୁବନେଶ୍ୱର,୨୯।୯(ଶର୍ମିଷ୍ଠା ପାଣିଗ୍ରାହୀ)

କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଆସୋସିଏଶନ ଅଫ୍ ହେଲ୍‌ଥକେୟାର ପ୍ରୋଭାଇଡର୍ସ ଇଣ୍ଡିଆ (ଏଏଚ୍‌ପିଆଇ) ପକ୍ଷରୁ ସମ୍ମାନଜନକ ଆଇକନିକ ହେଲ୍‌ଥକେୟାର ଲିଡର ସମ୍ମାନ ପ୍ରଦାନ କରାଯାଇଛି। ରବିବାର ଚେନ୍ନାଇଠାରେ ଅନୁଷ୍ଠିତ ଦ୍ୱିତୀୟ ଏଏଚ୍‌ପିଆଇ ଲିଡରଶିପ୍ ଅଧିବେଶନରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଏଚ୍‌ପିଆଇ ପକ୍ଷରୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଦାହରଣୀୟ କାର୍ଯ୍ୟ କରିଥିବା ଭାରତୀୟ ବ୍ୟକ୍ତିବିଶେଷଙ୍କୁ ଏହି ସମ୍ମାନ ପ୍ରତିବର୍ଷ ପ୍ରଦାନ କରାଯାଇଥାଏ। ଚଳିତବର୍ଷ ୨ଜଣଙ୍କୁ ସମ୍ମାନିତ କରାଯାଇଛି। ସମ୍ମାନ ପାଇବା ପରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆହୁରି ଅଧିକ କାର୍ଯ୍ୟ କରିବାକୁ ଉତ୍ସାହ ମିଳିଥାଏ ବୋଲି ଡ. ସାମନ୍ତ କହିବା ସହ ତାଙ୍କୁ ଏହି ସମ୍ମାନ ପାଇଁ ଚୟନ କରାଯାଇଥିବାରୁ ଚୟନ କମିଟି ମୁଖ୍ୟ ଡା. ବିଜୟ ଅଗ୍ରୱାଲ ଓ ଏଏଚ୍‌ପିଆଇ ମହାନିର୍ଦ୍ଦେଶକ ଡା. ଗିରିଧର ଜ୍ଞାନୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଆଇଇଡି ବିସ୍ଫୋରଣ, ୫ ଯବାନ ଆହତ

ମାଲକାନଗିରି, ୨୯।୯
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାରେ ରବିବାର ଆଇଇଡି ବିସ୍ଫୋରଣ ଘଟି ୫ ଯବାନ ଆହତ ହୋଇଛନ୍ତି। ଛତିଶଗଡ ବିଜାପୁର ଜିଲା ଚିନ୍ନାଗେଲୁର ସିଆରପିଏଫ କ୍ୟାମ୍ପରୁ ସକାଳୁ ଯବାନମାନେ ତର୍ରେମ୍ ଥାନା ଅଞ୍ଚଳରେ ସର୍ଚ୍ଚ ସମୟରେ ପୂର୍ବରୁ ମାଓବାଦୀମାନେ ଖଞ୍ଜିଥିବା ଆଇଇଡି ସଂସ୍ପର୍ଶରେ ଆସିବାରୁ ବିସ୍ଫୋରଣ ହୋଇଥିଲା। ଏଥିରେ ୫ ଯବାନ ଆହତ ହୋଇଛନ୍ତି। ତେବେ ଏଥିରେ କେବଳ ପୋଲିସ କିମ୍ବା ସୁରକ୍ଷା କର୍ମୀ ନୁହେଁ, ସାଧାରଣ ଲୋକ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି। ଆହତଙ୍କୁ ପ୍ରାଥମିକ ଚିକିତ୍ସାପରେ ବିଜାପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ୬ରେ ଆଉ ଏକ ଲଘୁଚାପ, ୧୦ ଯାଏ ବର୍ଷିବ

ଭୁବନେଶ୍ୱର,୨୯।୯(ଅନୁରାଧା ମହାରଣା)

ରାଜ୍ୟରେ ଏବେ ଲଘୁଚାପଜନିତ ମୌସୁମୀ ବର୍ଷା ଜାରି ରହିଛି। ଅକ୍ଟୋବର ୬ରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗର ସୂଚନାନୁସାରେ, ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହାର ପ୍ରଭାବରେ ରାଜ୍ୟରେ ଅକ୍ଟୋବର ୪ରୁ ୧୦ ଯାଏ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ରାଜ୍ୟରେ କୌଣସି ନିର୍ଦ୍ଦିଷ୍ଟ ନିୟାମକ ସକ୍ରିୟ ନ ଥିବା ବେଳେ ଆଗାମୀ ୩ ତାରିଖ ଯାଏ ବଡ ବର୍ଷା ନାହିଁ। ତେବେ ରବିବାର ଭୁବନେଶ୍ୱର ସମେତ ରାଜ୍ୟର ଅଳ୍ପ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଅକ୍ଟୋବର ୩ ପରେ ଉପକୂଳ ଓଡ଼ିଶାର କିଛି ଜିଲା ସହ କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳରେ ବର୍ଷା ହୋଇପାରେ। କିଛି ସ୍ଥାନରେ ବିଜୁଳି ଘଡଘଡି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଜାରି ରହିବ। ୪ ତାରିଖ ପରେ ପୁଣି ବର୍ଷାର ପରିମାଣ ବଢିପାରେ ବୋଲି ପୂର୍ବାନୁମାନ କରାଯାଇଛି।

ସୂଚନା ଥାଉକି, ଚଳିତ ମୌସୁମୀରେ ରାଜ୍ୟରେ ଜୁନ୍ ୧ରୁ ବର୍ତ୍ତମାନ ସୁଦ୍ଧା ୧୦୯୦.୮ ମିମି ବର୍ଷା ହୋଇଛି, ଯାହା ସ୍ୱାଭାବିକ ବର୍ଷା ୧୧୪୪.୩ ମିମିଠାରୁ ୫ ପ୍ରତିଶତ ନିଅଣ୍ଟିଆ ରହିଛି। ବର୍ତ୍ତମାନ ସୁଦ୍ଧା ୨ଟି ଜିଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି। ସେହିପରି ୨୪ ଜିଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଥିବାବେଳେ ୪ ଜିଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ସୂଚନା ଦିଆଯାଇଛି।

# ପଇଁତରା ମାରୁଛି ପ୍ରଶାସନ, ପୋଲିସ

ଭଦ୍ରକ/ଧାମନଗର,୨୯।୯
(ସନାତନ ରାଉତ/ଦେବେନ୍ଦ୍ର ଆଦିଆ/ସନ୍ତୋଷ ମହାପାତ୍ର)

■ ଆଉ ୪୮ ଘଣ୍ଟା ବଢ଼ିଲା ଇଣ୍ଟରନେଟ ସେବା ବନ୍ଦ

■ ପୂର୍ବାଞ୍ଚଳ ଡିଆଇଜିଙ୍କ ଧାମନଗର ଗସ୍ତ

■ ରାସ୍ତାରୋକୋ ମାମଲାରେ ୭ ଗିରଫ



ରାପିଡ୍ ଆକ୍ସନ ଫୋର୍ସ ପକ୍ଷରୁ ଭଦ୍ରକ ସହରରେ ଫ୍ଲାଗ୍‌ମାର୍ଚ୍ଚ ବେଳେ ଉପସ୍ଥିତ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି।

ସୋସିଆଲ ମିଡିଆରେ ବିବାଦୀୟ ପୋଷ୍ଟକୁ ନେଇ ଭଦ୍ରକ ସହରରେ ଉତ୍ତେଜନା ପରଠାରୁ ୧୬୩ ଧାରା ଜାରି ରହିଥିବା ବେଳେ ଜିଲାରେ ଇଣ୍ଟରନେଟ ସେବା ବନ୍ଦ ରହିଛି। ଶନିବାରଠାରୁ ସୋମବାର ପର୍ଯ୍ୟନ୍ତ ଏହି ସେବା ବନ୍ଦ ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା। ରବିବାର ଏହାକୁ ଆଉ ୪୮ ଘଣ୍ଟା ବଢ଼ାଇ ଦିଆଯାଇଛି। ସୋମବାରଠାରୁ କେବଳ ଲିଜ୍ ଲାଇନ ଇଣ୍ଟରନେଟ ସେବା ଯୋଗାଇ ଦିଆଯିବ ବୋଲି ରବିବାର ସନ୍ଧ୍ୟାରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ ସୂଚନା ଦେଇଛନ୍ତି। ପୋଲିସକୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଲୋକେସନ ଟ୍ରାକିଂ କରାଯାଇଛି। ମିଥ୍ୟା ଗୁଜବକୁ ବିଶ୍ୱାସ ନ କରି ଶାନ୍ତି ବଜାୟ ରଖିବାକୁ ଜନସାଧାରଣଙ୍କୁ ସେ ନିବେଦନ କରିଛନ୍ତି। ଭଦ୍ରକ ଓ ଧାମନଗର ପୋଲିସ ଛାଉଣୀରେ ରହିଛି। ୧୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ପୋଲିସକୁ ଆକ୍ରମଣ ଘଟଣାରେ ଗିରଫଦାରି ପାଇଁ ରାତିରେ ପୋଲିସ ସାହି ସାହିରେ ପଇଁତରା ମାରୁଛି। ଗିରଫ ଭୟରେ ଅଭିଯୁକ୍ତମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଶନିବାର ରାତିରେ ରାପିଡ୍ ଆକ୍ସନ ଫୋର୍ସ ପହଞ୍ଚିବା ପରେ ରବିବାର ସକାଳେ ସନ୍ଥିଆ ଓ ପୁରୁଣାବଜାର ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରିଛି। ଫ୍ଲାଗ୍‌ମାର୍ଚ୍ଚରେ ଡିଆଇଜି, ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି ସାମିଲ ହୋଇଥିଲେ। ପୋଲିସକୁ ଆକ୍ରମଣରେ ଯେଉଁମାନେ ସାମିଲ ଅଛନ୍ତି, ସମସ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଆଇଜି କହିଛନ୍ତି। ସେହିପରି ବିବାଦୀୟ ପୋଷ୍ଟକୁ ବିରୋଧ କରି ଶୁକ୍ରବାର ସନ୍ଧ୍ୟାରେ ଧାମନଗର ବଜାରରେ ରାସ୍ତାରୋକୋ ସହ ଥାନା ଘେରାଉ କରାଯାଇଥିଲା। ରାସ୍ତାରୋକୋ ଘଟଣାରେ ୭ଜଣଙ୍କୁ ଶନିବାର ରାତିରେ ଧାମନଗର ପୋଲିସ ଗିରଫ କରି ଜେଲ ପଠାଇଛି। ଏହି ଘଟଣାକୁ ନେଇ ପୋଲିସ ନିଜ ଆଡୁ ମାମଲା (ନଂ.୪୧୯/୨୪) ରୁଜୁ କରିଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟ କରି ଧାମନଗର ଓ ଦୋବଲରେ ଜାରି ହୋଇଥିବା ୧୬୩ ଧାରା ବଳବତ୍ତର ରହିଛି। ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ୬ ପ୍ଲାଟୁନ ପୋଲିସ ଫୋର୍ସ ସହ ଏକ କମ୍ପାନୀ ରାପିଡ୍ ଆକ୍ସନ ଫୋର୍ସ ମୁତୟନ କରାଯାଇଛି। ରବିବାର ରାପିଡ୍ ଆକ୍ସନ ଫୋର୍ସ ପକ୍ଷରୁ ଧାମନଗର ଏନ୍‌ଏସି ଓ ଦୋବଲରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ଦୋକାନ ବଜାର, ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। ସ୍ଥିତି ଅନୁଧ୍ୟାନ ପାଇଁ ରବିବାର ପୂର୍ବାଞ୍ଚଳ ଡିଆଇଜି, ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକ ପହଞ୍ଚି ଧାମନଗର, ଦୋବଲର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳ ବୁଲିଛନ୍ତି। ସ୍ଥିତିରେ ସୁଧାର ଆଣିବା ପାଇଁ ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ଆଇନ ମାନିବାକୁ ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଇଛି। ଯେଉଁମାନେ ଥାନା ଘେରାଉ, ରାସ୍ତାରୋକୋ ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଡିଆଇଜି ଗଣମାଧ୍ୟମକୁ କହିଛନ୍ତି। ଆଗକୁ ଏହି ଗିରଫ ସଂଖ୍ୟା ବଢ଼ିବ ବୋଲି ଏସ୍‌ଡିପିଓ ତ୍ରିଲୋଚନ ସେଠୀ କହିଛନ୍ତି।



ପ୍ରତ୍ୟେକ ବିଷୟ ତା'ର ଅନ୍ତର୍ନିହିତ ସତ୍ୟ ପାଇଁ ସମର୍ଥନ- ଯୋଗ୍ୟ ହୋଇଥାଏ। ପ୍ରତିଟି ସତ୍ତାର ସତ୍ୟ କେବେ ବି ଗତିହୀନ ହୋଇ ନ ପାରେ। ବିଶ୍ୱ ପ୍ରତି ମୁହୂର୍ତ୍ତରେ ଗତିକରି ଚାଲିଛି। ଯାହା ଦିନେ ସଂପୂର୍ଣ୍ଣ ସତ୍ୟ ବୋଲି ବିବେଚିତ ହୋଇଥିଲା- ତାହା ଆଜି ଆଂଶିକ ସତ୍ୟ ବୋଲି ପ୍ରମାଣିତ ହେଉଛି। -ଶ୍ରୀମା



# ଅନ୍ଧବିଶ୍ୱାସ କରିଦେଉଛି ଅନ୍ଧ

ଇଂଲିଶ ମିଡିୟମ ସ୍କୁଲରେ ପଢ଼ି ବଡ଼ ହେଇହେବ ଓ ତାଙ୍କ ପୂର୍ବ ପୁରୁଷଙ୍କଠାରୁ ଉତ୍ତମ ଶିକ୍ଷା ପାଇବା ଆଶା ରଖି ଉତ୍ତରପ୍ରଦେଶ ହାଥରାସ ଜିଲା ନିକଟବର୍ତ୍ତୀ ଡିଏଲ୍ ପବ୍ଲିକ୍ ସ୍କୁଲରେ ପୁଅକୁ ଭର୍ତ୍ତି କରିଥିଲେ ସ୍ଥାନୀୟ ବାସିନ୍ଦା କ୍ରିଷ୍ଣା କୁସଓ୍ୱା। ହେଲେ ତାଙ୍କ ସ୍ୱପ୍ନ ଚୂରମାର ହୋଇଗଲା ଯେତେବେଳେ ସେ ଜାଣିଲେ ତାଙ୍କ ପୁଅକୁ ପଢୁଥିବା ସ୍କୁଲ ପରିସରରେ ବଳି ଦିଆଯାଇଛି। ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼ିଛି ଯେ, ସ୍କୁଲର ମାଲିକ ଜଣେ ତାନ୍ତ୍ରିକ ହୋଇଥିବା ବେଳେ ତାଙ୍କୁ ଏହି କାର୍ଯ୍ୟରେ ଶିକ୍ଷକମାନେ ମଧ୍ୟ ସାହାଯ୍ୟ କରିଥିଲେ। ଏହି ୧୧ ବର୍ଷୀୟ ଛାତ୍ରଙ୍କୁ ସେପ୍ଟେମ୍ବର ୨୨ରେ ବଳି ଦିଆଯିବା ପୂର୍ବରୁ ଗତ ୬ ତାରିଖରେ ଆଉ ଜଣେ ଛାତ୍ରଙ୍କୁ ବଳି ପାଇଁ ନିଆଯାଉଥିବା ବେଳେ କର୍ତ୍ତୃପକ୍ଷ ବିଫଳ ହୋଇଥିଲେ। ଆହୁରି ଶୁଣିଲେ ସଭ୍ୟସମାଜର ମାନସିକତା ଦୋହଲିଯିବ ଯେ, ସ୍କୁଲର ସଫଳତା ଓ ସମୃଦ୍ଧି ପାଇଁ ଏଭଳି କାଣ୍ଡ କରାଯାଇଛି। ଅନ୍ଧବିଶ୍ୱାସ ମଣିଷକୁ କିଭଳି ଅନ୍ଧ କରିଦିଏ ଏହି ଘଟଣା ଦର୍ଶାଉଛି।

ଏଠାରେ ମନେପକାଇ ଦିଆଯାଇପାରେ ଯେ, ହାଥରାସ ହେଉଛି ଉତ୍ତରପ୍ରଦେଶର ସେହି କୁଖ୍ୟାତ ଅଞ୍ଚଳ, ଯେଉଁଠାରେ ୨୦୨୦ ସେପ୍ଟେମ୍ବର ୧୪ରେ ଖେତ ମଧ୍ୟରେ ଜଣେ ଦଳିତ ଯୁବତୀଙ୍କୁ ଗଣବଳାତ୍କାର କରାଯାଇଥିଲା ଓ ତାହାର ବୀଭତ୍ସତା ସେତେବେଳେ ଦେଶର ବିବେକକୁ ଦୋହଲାଇ ଦେଇଥିଲା। ଏବେ ୧୧ ବର୍ଷୀୟ ଛାତ୍ରଙ୍କୁ ଯେଉଁ ଉଦ୍ଦେଶ୍ୟରେ ବଳି ଦିଆଯାଇଛି, ତାହା ସଭ୍ୟସମାଜରେ ଘୃଣା ସୃଷ୍ଟି କରିବା କଥା। ଯେଉଁ ଧର୍ମରେ ଏହିସବୁ ପ୍ରକାର ଅନ୍ଧବିଶ୍ୱାସ ଓ କୁସଂସ୍କାର ପ୍ରଭାବ ବିସ୍ତାର କରି ରହିଛି, ତାହା ମଣିଷ ଜାତିର ପ୍ରଗତିରେ ନିଶ୍ଚିତ ଭାବେ ବାଧା ସୃଷ୍ଟି କରୁଛି। ଏସବୁକୁ ହିନ୍ଦୁ, ମୁସଲମାନ କିମ୍ବା ଇସାଇର ଆଖ୍ୟା ଦେଇ ସାମାଜିକ ସ୍ୱୀକାରୋକ୍ତି କରିଦେଲେ ତାହା ଭବିଷ୍ୟତ ପାଇଁ ମାରାତ୍ମକ ହେବ ବୋଲି ସ୍ପଷ୍ଟ ଜଣାପଡୁଛି। ତେବେ ହାଥରାସର ଗ୍ରାମାଞ୍ଚଳରେ ପ୍ରତିଷ୍ଠା କରାଯାଇଥିବା ଉକ୍ତ ସ୍କୁଲର ସଫଳତା ହାର କମ୍ ରହିବା ସହ ତା'ର ଆର୍ଥିକ ଉନ୍ନତି ହେଉ ନ ଥିଲା। ତେଣୁ ମାଲିକ ତାନ୍ତ୍ରିକ ହୋଇଥିବାରୁ ଏଭଳି ସୁପରିକଳ୍ପିତ ଷଡ଼ଯନ୍ତ୍ର କରି ଅପରାଧ ଘଟାଇଲେ। ଏହି ଘଟଣା ପୂର୍ବରୁ ବଳି ଦେବା ନେଇ ହୋଇଥିବା ଅନ୍ୟ ଏକ ଉଦ୍ୟମ ବିଷୟରେ ସ୍ଥାନୀୟ ପୋଲିସ ଜାଣିଥିଲା। କିନ୍ତୁ ଏହାକୁ ଗୁରୁତ୍ୱ ନ ଦେବାରୁ ନିରୀହ ଛାତ୍ରଟିର ପ୍ରାଣ ନେଇଯିବା ସହଜ ହୋଇଗଲା। ଏଥିରୁ ବୁଝିବାକୁ ହେବ ଯେ, ହାଥରାସଠାରୁ ଆରମ୍ଭ କରି ଓଡ଼ିଶାର ଭରତପୁର ଥାନା ସମେତ ଦେଶର କୋଣଅନୁକୋଣରେ ଥିବା ଅଧିକାଂଶ ପୋଲିସ ସ୍ଥାନୀୟ ପ୍ରଭାବଶାଳୀ ଲୋକଙ୍କ ହାତବାରିସି ପାଲଟିଛନ୍ତି ଓ ବାରମ୍ବାର ଅନ୍ୟାୟ କରିଚାଲୁଛନ୍ତି। ଯଦି ଏଭଳି ଘଟଣାରେ ଉଚ୍ଚପଦସ୍ଥ ପୋଲିସ ଅଧିକାରୀଙ୍କ ସନ୍ତାନଙ୍କୁ ବଳି ପକାଇ ଦିଆଯାଇଥାଆନ୍ତା, ତେବେ ତାଙ୍କର ପ୍ରତିକ୍ରିୟା ଦେଖିବାଯୋଗ୍ୟ ହୋଇଥାଆନ୍ତା। ଅବଶ୍ୟ ଏଠାରେ ମନେରଖିବାକୁ ହେବ ଯେ ଉତ୍ତର ପ୍ରଦେଶରେ ଅନେକ ଉଚ୍ଚପଦସ୍ଥ ପୋଲିସ ଅଫିସର କାର୍ଯ୍ୟରତ ଥିଲାବେଳେ ସେମାନଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି ଏବଂ ସେଥିପାଇଁ ସେହି ରାଜ୍ୟର ପୋଲିସ ବିଭାଗ ମଧ୍ୟ କୌଣସି ପଦକ୍ଷେପ ନେଇନାହିଁ।

ଆଜି ଭାରତବର୍ଷରେ ଶିକ୍ଷା ସ୍ତର ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି। ସରକାରୀ ସ୍କୁଲରେ ଭଲ ପାଠ ପଢ଼ାଯାଉ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଥିବାରୁ ଅନେକ ମାତାପିତା ଓ ଅଭିଭାବକ ସେମାନଙ୍କ ପିଲାଙ୍କୁ ଘରୋଇ ବିଶେଷକରି ଇଂଲିଶ ମାଧ୍ୟମ ସ୍କୁଲରେ ପଢ଼ାଇବାକୁ ଇଚ୍ଛୁକ ହେଉଛନ୍ତି। ପିଲାମାନଙ୍କୁ ଉତ୍ତମ ଶିକ୍ଷା ଦେବା ସହ ସ୍ମାର୍ଟ କରାଇବାରେ ଯଦିଓ ଇଂଲିଶ ମାଧ୍ୟମ ସ୍କୁଲର ପାଠ୍ୟକ୍ରମ ଅନ୍ୟ ମାଧ୍ୟମଠାରୁ ଅପେକ୍ଷାକୃତ ଉନ୍ନତ ରହିଥିବା କୁହାଯାଉଛି, ତଥାପି ସେଭଳି ଶିକ୍ଷାନୁଷ୍ଠାନ ବାଛିବା ହେଉଛି ବଡ଼ କଥା। ଅଧିକାଂଶ ଜାଣିବାକୁ ଚାହୁଁନାହାନ୍ତି ସ୍କୁଲ ପ୍ରତିଷ୍ଠା କରିଥିବା ବ୍ୟକ୍ତିର ପୃଷ୍ଠଭୂମି। ସେଥିପାଇଁ ଯିଏ ପାରେ ସିଏ ସମାଜର ମୌଳିକ ଭିତ୍ତିଭୂମି ଯଥା ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାରେ ଆଧିପତ୍ୟ ବିସ୍ତାର ସହ ଲାଭ ଉଦ୍ଦେଶ୍ୟ ରଖି ଏସବୁ କ୍ଷେତ୍ରକୁ ଓହ୍ଲାଉଛନ୍ତି। ସେଥିପାଇଁ ଏହି ଦୁଇ କ୍ଷେତ୍ରରେ ଅନେକ ସମୟରେ ବିଭ୍ରାଟ ଦେଖାଦେଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜଣେ ଶିକ୍ଷାବିତ୍ ଶିକ୍ଷାନୁଷ୍ଠାନ ଗଢ଼ିଲେ କିମ୍ବା ଜଣେ ଡାକ୍ତର ହସ୍ପିଟାଲ ଖୋଲିଲେ ସେଠାରେ ଶିକ୍ଷା କିମ୍ବା ସେବା ଉଚ୍ଚକୋଟୀର ହେବ ବୋଲି କିଛି ଗ୍ୟାରେଣ୍ଟି ନାହିଁ। ସେଥିପାଇଁ ଉଦ୍ୟୋଗୀଙ୍କ ପୃଷ୍ଠଭୂମି ସମ୍ପର୍କରେ ସମସ୍ତେ ବୁଝିପାରିବେ ବୋଲି ଭାବିବା ମଧ୍ୟ ଅବାଞ୍ଛିତ।

ବଳି ଘଟଣା ଜଣାପଡ଼ିବା ପରେ ସ୍କୁଲର ମାଲିକ, ତାଙ୍କ ପୁଅ ତଥା ସ୍କୁଲ ନିର୍ଦ୍ଦେଶକ, ପ୍ରଧାନ ଶିକ୍ଷକ ଓ ଅନ୍ୟ ଦୁଇ ଶିକ୍ଷକଙ୍କୁ ପୋଲିସ ଗିରଫ କରିଛି। ଏଭଳି ବ୍ୟକ୍ତି କେତେ ଦିନ ଜେଲରେ ରହିବେ ଏବଂ ମୃତ ଛାତ୍ରଙ୍କ ପରିବାରକୁ କେବେ ନ୍ୟାୟ ମିଳିବ ତାହା କହିବା କଷ୍ଟକର। କାରଣ ଭାରତରେ ପୋଲିସ ବାହିନୀ ଓ ନ୍ୟାୟ ବ୍ୟବସ୍ଥା ସବୁବେଳେ ଧନୀ, ପ୍ରଭାବଶାଳୀ ବ୍ୟକ୍ତିଙ୍କ ସପକ୍ଷରେ ରହିଆସିଛି। ଏହାର ସଦ୍ୟ ଦୃଷ୍ଟାନ୍ତ ଗୁରଗାଓଁର ରାସ୍ତା ଦୁର୍ଘଟଣାରୁ ଜଣାପଡ଼ିଛି। ଘଟଣାଟି ଅତି ସହଜରେ ବୁଝି ହେବ। ଜଣେ ଯୁବକ ଦ୍ରୁତ ଗତିରେ ମୋଟର ସାଇକେଲ ଚଳାଇ ଯାଉଥିଲେ। ବିପରୀତ ଦିଗରୁ ଓ୍ୱାନ୍‌ୱେ ଆଇନକୁ ଅମାନ୍ୟ କରି ଜାତୀୟ ରାଜପଥର ଭୁଲ୍ ଦିଗରୁ ଏକ ଚାରିଚକିଆ ଏସ୍‌ୟୁଭି ଗାଡ଼ି ଦ୍ରୁତଗତିରେ ଆସୁଥିଲା। ଦୁର୍ଘଟଣା ଘଟିଲା ଓ ଯୁବକଙ୍କର ସେହି ସ୍ଥାନରେ ଜୀବନ ଚାଲିଗଲା। ଅନ୍ୟପଟେ ଭୁଲ୍ ରାସ୍ତାରେ ଆସୁଥିବା ଗାଡ଼ି ଚାଳକଙ୍କୁ ମାତ୍ର କେହି ଘଣ୍ଟା ମଧ୍ୟରେ ଜାମିନ ମିଳିଗଲା ବୋଲି ଜଣାପଡ଼ିଛି। ଏଥିରୁ ବୁଝିବାକୁ ହେବ ଯେ ଯେତେ ଆଧୁନିକ ଭିତ୍ତିଭୂମି ସୃଷ୍ଟି କଲେ ମଧ୍ୟ ତାହାର ଉଚିତ ଉପଯୋଗ ସମ୍ପର୍କିତ ଜ୍ଞାନ ଆରମ୍ଭରୁ ନାଗରିକଙ୍କୁ ଦିଆଯିବା ଦରକାର। ଅନୁରୂପ ଭାବେ ଇଂଲିଶ୍ ମିଡିୟମ ସ୍କୁଲଗୁଡ଼ିକୁ ସିବିଏସ୍‌ଇ ଦ୍ୱାରା ତାଲିକାଭୁକ୍ତ କରାଇବା ହେଉଛି ସରକାରଙ୍କ ଦାୟିତ୍ୱ। ପାଠ୍ୟକ୍ରମରେ ଧର୍ମ ଓ ଇତିହାସ ସମ୍ପର୍କରେ କୁହାଯାଉଥିବା ବେଳେ ଶିକ୍ଷା ଯୋଗାଉଥିବା ଶିକ୍ଷକଙ୍କୁ ମଧ୍ୟ ପ୍ରସ୍ତୁତ କରିବା ହେଉଛି ଏକ ଦୂରଦୃଷ୍ଟିସମ୍ପନ୍ନ ସରକାରର ଗୁରୁଦାୟିତ୍ୱ। ଆଜି ଭାରତବର୍ଷରେ ଏହିଭଳି ବିଷୟକୁ କେହି ଦୃଷ୍ଟି ଦେଉନାହାନ୍ତି। ଫଳରେ ପିଲାଙ୍କୁ ବଳି ପକାଇବାକୁ ସ୍କୁଲ ମାଲିକ ବଳ ପାଉଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | 9 | | 6 | | |
| | | | | | 4 | | | 8 |
| | 2 | | | 6 | | 1 | | |
| | | | | 2 | 3 | 4 | | |
| | 4 | 2 | | | | 3 | | |
| 6 | 7 | | | | 9 | | 2 | |
| | | | | | 8 | | | 7 |
| | 8 | | 7 | 4 | | | | |
| 1 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 1 | 4 | 9 | 8 | 3 | 2 | 7 |
| 3 | 9 | 7 | 2 | 6 | 5 | 4 | 8 | 1 |
| 8 | 2 | 4 | 3 | 1 | 7 | 9 | 6 | 5 |
| 6 | 3 | 8 | 1 | 7 | 9 | 2 | 5 | 4 |
| 2 | 4 | 5 | 8 | 3 | 6 | 1 | 7 | 9 |
| 1 | 7 | 9 | 5 | 2 | 4 | 8 | 3 | 6 |
| 7 | 8 | 6 | 9 | 4 | 2 | 5 | 1 | 3 |
| 4 | 5 | 3 | 6 | 8 | 1 | 7 | 9 | 2 |
| 9 | 1 | 2 | 7 | 5 | 3 | 6 | 4 | 8 |

ଗତକାଲିର ଉତ୍ତର

# ଆତ୍ମହତ୍ୟା: ସାମାଜିକ ଓ ସ୍ୱାସ୍ଥ୍ୟ ସମସ୍ୟା



ଡ. ସତ୍ୟକାମ ମହାପାତ୍ର

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରିପୋର୍ଟ ମୁତାବକ ସାରା ବିଶ୍ୱରେ ପ୍ରତିବର୍ଷ ପ୍ରାୟ ଦଶ ଲକ୍ଷ ଲୋକ ଆତ୍ମହତ୍ୟା କରି ମୃତ୍ୟୁବରଣ କରୁଛନ୍ତି। ଅର୍ଥାତ ପ୍ରତି ଦିନ ୩,୦୦୦ ଲୋକ ଆତ୍ମହତ୍ୟା କରୁଛନ୍ତି। ଯେତେ ଲୋକ ଆତ୍ମହତ୍ୟା କରି ମୃତ୍ୟୁବରଣ, କରୁଛନ୍ତି ତାହାର କୋଡ଼ିଏ ଗୁଣ ଲୋକ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି। ଅର୍ଥାତ୍ ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରି ମୃତ୍ୟୁବରଣ କରୁଥିଲା ବେଳେ ପ୍ରତି ୩ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା ଉଦ୍ୟମ କରୁଛି। ଭାରତବର୍ଷରେ ଆତ୍ମହତ୍ୟା ଏକ ଗମ୍ଭୀର ସାମାଜିକ ଓ ସ୍ୱାସ୍ଥ୍ୟଗତ ସମସ୍ୟା ରୂପରେ ପରିଗଣିତ ହୋଇଛି। ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ଭାରତରେ ଆତ୍ମହତ୍ୟାର ହାର ଅତି ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଫଳ ସ୍ୱରୂପ ଭାରତକୁ ଏବେ ବିଶ୍ୱର ଆତ୍ମହତ୍ୟାର ରାଜଧାନୀ ବୋଲି କୁହାଯାଉଛି।

ରାଷ୍ଟ୍ରୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ସଦ୍ୟତମ (୨୦୨୨) ରିପୋର୍ଟ ଅନୁସାରେ ଗତ ବର୍ଷ ପାଖାପାଖି ଏକ ଲକ୍ଷ ଏକସ୍ତରି ହଜାର ଲୋକ ଆତ୍ମହତ୍ୟା କରି ମୃତ୍ୟୁବରଣ କରିଛନ୍ତି। ଭାରତରେ ସର୍ବାଧିକ ଆତ୍ମହତ୍ୟା କରୁଥିବା ରାଜ୍ୟଗୁଡ଼ିକ ହେଲା ମହାରାଷ୍ଟ୍ର (୧୩.୩%), ତାମିଲନାଡୁ (୧୧.୬%), ମଧ୍ୟପ୍ରଦେଶ (୯%), କର୍ନାଟକ(୮%) ଏବଂ ପଶ୍ଚିମ ବଙ୍ଗଳା (୭.୪%)। ଏହି ପାଞ୍ଚଟି ରାଜ୍ୟର ଆତ୍ମହତ୍ୟା ସଂଖ୍ୟା ଭାରତବର୍ଷର ମୋଟ ଆତ୍ମହତ୍ୟାର ଅର୍ଦ୍ଧାଧିକ। ଏଥିମଧ୍ୟରୁ ଓଡ଼ିଶାରେ ୨୦୨୨ରେ ମୋଟ ୬୧୪୦ ଜଣ ଲୋକ ଆତ୍ମହତ୍ୟା କରିଛନ୍ତି। ଆମ ରାଜ୍ୟର ଆତ୍ମହତ୍ୟା ହାର (୧୩.୩) ଜାତୀୟ ହାର (୧୨.୪) ଠାରୁ ଅଧିକ। ପୂର୍ବ ବର୍ଷ ତୁଳନାରେ ୨୦୨୨ ମସିହାରେ ଆମ ରାଜ୍ୟରେ ଆତ୍ମହତ୍ୟା ସଂଖ୍ୟା ୮.୭% ବୃଦ୍ଧି ପାଇଛି। ଏନ୍‌ସିଆର୍‌ବିର ଏହି ରିପୋର୍ଟ ଅନୁସାରେ ଭାରତରେ ଆତ୍ମହତ୍ୟାର ପ୍ରମୁଖ କାରଣ ଗୁଡିକ ହେଲା ପାରିବାରିକ କଳହ (୩୧.୭%), ବିଭିନ୍ନ ରୋଗ (ମାନସିକ ରୋଗ, ବିଭିନ୍ନ ଦୂରାରୋଗ୍ୟ) (୧୮.୪%), ବିଭିନ୍ନ ନିଶାଦ୍ରବ୍ୟ ସେବନ(୬.୮%), ବୈବାହିକ ସମ୍ପର୍କରେ ତିକ୍ତତା (୪.୮%), ପ୍ରେମ ସମ୍ପର୍କରେ ବିଫଳତା(୪.୫%), ଆର୍ଥିକ ସଙ୍କଟ(୪.୧%), ବେରୋଜଗାରୀ(୧.୯%), ପରୀକ୍ଷାରେ ଖରାପ ପ୍ରଦର୍ଶନ, ଚାକିରୀ ଜନିତ ସମସ୍ୟା ଓ ଆତ୍ମୀୟ ଲୋକର ହଠାତ ମୃତ୍ୟୁ ଆଦି।

ଆମ ଦେଶରେ ଯୁବବର୍ଗର (୧୮-୩୦ବର୍ଷ) ଲୋକମାନଙ୍କ ମଧ୍ୟରେ ଆତ୍ମହତ୍ୟା ସର୍ବାଧିକ (୩୪.୬%) ଦେଖା ଦେଉଛି, ଏହା ସହିତ ମଧ୍ୟମ ବୟସ୍କ (୩୦-୪୫ ବର୍ଷ) ଲୋକମାନଙ୍କ ମଧ୍ୟରେ ଆତ୍ମହତ୍ୟା (୩୧.୮%) ଦ୍ୱିତୀୟ ସର୍ବାଧିକ ଦେଖାଦେଉଛି। ପାଖାପାଖି ୧୧ ହଜାର ଅଠର ବର୍ଷରୁ କମ୍ ପିଲା ଏବଂ କିଶୋର ଓ କିଶୋରୀମାନେ ୨୦୨୨ରେ ଆତ୍ମହତ୍ୟା କରି ମୃତ୍ୟୁବରଣ କରିଛନ୍ତି।



୧୫ରୁ ୨୪ ବର୍ଷ ବୟସ ଭିତରେ ଯୁବବର୍ଗର ମୃତ୍ୟୁର ସବୁଠାରୁ ପ୍ରମୁଖ କାରଣ ହେଲା ଆତ୍ମହତ୍ୟା। ସାରା ବିଶ୍ୱର ଯୁବକ ଓ ଯୁବତୀମାନଙ୍କ ମଧ୍ୟରୁ ଭାରତୀୟ ଯୁବକ ଓ ଯୁବତୀମାନେ ସର୍ବାଧିକ ସଂଖ୍ୟାରେ ଆତ୍ମହତ୍ୟା କରିଥାନ୍ତି, ଯାହାକି ଅତ୍ୟନ୍ତ ଚିନ୍ତାଜନକ।

ଏନ୍‌ସିଆର୍‌ବିର ରିପୋର୍ଟ ଅନୁସାରେ ୨୦୨୨ ମସିହାରେ ୧୩,୦୪୪ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରି ମୃତ୍ୟୁ ବରଣ କରିଛନ୍ତି। ଏହି ସଂଖ୍ୟା ଗତ କିଛି ବର୍ଷ ହେବ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ପରୀକ୍ଷାରେ ଭଲ ନମ୍ବର ରଖିବା ପାଇଁ ଅଭିଭାବକମାନଙ୍କର ଚାପ ଯୋଗୁଁ ପିଲାମାନେ ମାନସିକ ଦୁଶ୍ଚିନ୍ତାର ସମ୍ମୁଖୀନ ହେଉଛନ୍ତି। ଏହି ମାନସିକ ଦୁଶ୍ଚିନ୍ତାର ସଫଳତାର ସହିତ ମୁକାବିଲା କରି ପାରୁନାହାନ୍ତି। ସେଥିମଧ୍ୟରୁ କିଛି ଛାତ୍ରୀଛାତ୍ର ନିଜ ମନର ଭାବନା ଓ ଆବେଗକୁ ଠିକ୍ ଭାବରେ ନିୟନ୍ତ୍ରଣ କରିପାରୁନାହାନ୍ତି, ଯାହା ଫଳରେ ସେମାନେ ଆତ୍ମହତ୍ୟା କରୁଛନ୍ତି। ଆତ୍ମହତ୍ୟାର ଯେଉଁ ସଂଖ୍ୟା ଏନ୍‌ସିଆର୍‌ବି ଦ୍ୱାରା ପ୍ରକାଶିତ ହୋଇଛି, ପ୍ରକୃତ ଆତ୍ମହତ୍ୟା ସଂଖ୍ୟା ତାହାଠାରୁ ଢେର ଅଧିକ। ବାସ୍ତବରେ ଆମ ଦେଶରେ ଯେତେ ଲୋକ ଆତ୍ମହତ୍ୟା କରି ମୃତ୍ୟୁମୁଖରେ ପଡୁଛନ୍ତି ବା ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି, ସବୁ ଘଟଣା ସରକାରୀ ସ୍ତରରେ ପଞ୍ଜୀକୃତ ହେଉନାହିଁ। ଗତ କିଛି ମାସ ଧରି ଆମ ରାଜ୍ୟରେ ଆତ୍ମହତ୍ୟା କରୁଥିବା ଲୋକଙ୍କ ସଂଖ୍ୟା ହଠାତ୍ ବୃଦ୍ଧି ପାଇଛି। ଯେତେବେଳେ ଏକ ନିର୍ଦ୍ଦିଷ୍ଟ ଉପାୟରେ ଅଳ୍ପ ଦିନ ଭିତରେ କିଛି ଲୋକ ଆତ୍ମହତ୍ୟା କରନ୍ତି ଓ ସେ ବିଷୟକୁ ଗଣମାଧ୍ୟମରେ ବେଶି ଆଲୋଚନା କରାଯାଏ, ସେତେବେଳେ ଆତ୍ମହତ୍ୟାପ୍ରବଣତା ଦେଖାଦେଉଥିବା ଲୋକମାନେ ସେହି ନିର୍ଦ୍ଦିଷ୍ଟ ଉପାୟରେ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରିଥାନ୍ତି। ଏହାକୁ କପି-କ୍ୟାଟ ସୁଇସାଇଡ୍ କୁହାଯାଏ।

ଆତ୍ମହତ୍ୟାର ସଂଖ୍ୟା ବୃଦ୍ଧି ପାଇବାର ଏକ କାରଣ ହେଲା ସାମାଜିକ ସ୍ଥିତିରେ ପରିବର୍ତ୍ତନ। ଗତ କିଛି ବର୍ଷ ହେଲା ସମାଜରେ ଯୌଥ ପରିବାରର ପରମ୍ପରା ହ୍ରାସ ପାଇବାରେ ଲାଗିଲାଣି। ପରିବାରର ସଦସ୍ୟମାନେ ପରସ୍ପରର ନିକଟତର ହୋଇ ପାରୁନାହାନ୍ତି। ନିଜ ମନର ଭାବର ଆଦାନପ୍ରଦାନ କରିପାରୁ ନାହାନ୍ତି। ଫଳରେ ଜୀବନରେ କୌଣସି ସମସ୍ୟା ଦେଖାଦେଲେ ବ୍ୟକ୍ତି ଯଦି ତାହାର ଏକୁଟିଆ ସମାଧାନ କରି ପାରୁନାହିଁ, ତେବେ ସେ ମାନସିକ ରୂପରେ ଚାପଗ୍ରସ୍ତ ହୋଇଯାଉଛି। ଯେଉଁମାନେ ଏହି ମାନସିକ ଚାପର ଠିକ ମୁକାବିଲା କରି ପାରୁନାହାନ୍ତି, ସେମାନେ ଆତ୍ମହତ୍ୟାର ଉଦ୍ୟମ କରୁଛନ୍ତି।

ଆତ୍ମହତ୍ୟା ରୋକିବାକୁ ହେଲେ ସମସ୍ତଙ୍କୁ ସଚେତନ ହେବାକୁ ପଡ଼ିବ। ପ୍ରତ୍ୟେକ ବ୍ୟକ୍ତି ନିଜ ମଧ୍ୟରେ ଆତ୍ମବିଶ୍ୱାସ ଓ ଆତ୍ମସଞ୍ଜମତା ବଢାଇବା ଉଚିତ। ଏହାଛଡ଼ା ସକାରାତ୍ମକ ମନୋଭାବ ନେଇ ସମସ୍ତ କାମ କରିବା ଉଚିତ। ଜୀବନରେ ଦେଖାଦେଉଥିବା ଅସୁବିଧାଗୁଡ଼ିକୁ ସମାଧାନ କରିବାର କୌଶଳ ଶିଖନ୍ତୁ। ସମାଜରେ ଅନ୍ୟମାନଙ୍କ ସହିତ ଖାପ ଖୁଆଇ ଚଳିବା ଶିଖନ୍ତୁ। ବର୍ତ୍ତମାନର ପରିସ୍ଥିତିରେ ପ୍ରତ୍ୟେକ ଅଭିଭାବକ ନିଜ ପିଲାର ମାନସିକ ସ୍ଥିତି ବିଷୟରେ ଅବଗତ ରହିବା ନିହାତି ଜରୁରୀ। ସେମାନଙ୍କ ଉପରେ ପାଠପଢ଼ା ପାଇଁ କିମ୍ବା ପରୀକ୍ଷାରେ ଅଧିକ ମାର୍କ ରଖିବା ଲାଗି ଅତ୍ୟଧିକ ଚାପ ପକାଇବା ଅନୁଚିତ। ନିଜ ପିଲା ସହିତ ଯଥେଷ୍ଟ ସମୟ ଅତିବାହିତ କରନ୍ତୁ, ସେମାନଙ୍କ ମନର କଥା ଜାଣିବା ପାଇଁ ଚେଷ୍ଟା କରନ୍ତୁ। ଛାତ୍ରୀଛାତ୍ରମାନେ ନିଜର ପାଠପଢ଼ାକୁ ଯୋଜନାବଦ୍ଧ ଭାବରେ କରିବା ଉଚିତ, ଯଦ୍ୱାରା ପରୀକ୍ଷାରେ ଭଲ କରିପାରିବେ ଓ ପାଠପଢ଼ାର ମାନସିକ ଚାପ ମଧ୍ୟ କମିପାରିବ।

ଆତ୍ମହତ୍ୟା କରିବାର ଯଥେଷ୍ଟ ପୂର୍ବରୁ ବ୍ୟକ୍ତି ଏହା ସମ୍ବନ୍ଧରେ ନିଜ ନିକଟତର ଲୋକଙ୍କୁ କିଛି ନା କିଛି ପ୍ରାକ୍ ସୂଚନା ଦେଇଥାଏ। ଯେଭଳି କି ବ୍ୟକ୍ତି ଅନ୍ୟମାନଙ୍କ ସହ ମିଳାମିଶା କରେ ନାହିଁ, ଏକୁଟିଆ ରହିବାକୁ ବେଶି ପସନ୍ଦ କରିଥାଏ, ନିଜର ଦୈନନ୍ଦିନ କାମ ଠିକ୍‌ସେ କରେ ନାହିଁ, ରାତିରେ ଅନିଦ୍ରା ରହେ, ଖାଦ୍ୟ ଖାଇବା କମିଯାଏ, ଅତି ଛୋଟ ଛୋଟ କଥାରେ ଭାବବିହ୍ୱଳ ହୋଇଯାଏ, କାନ୍ଦି ପକାଏ, ପରିବାରର ଲୋକଙ୍କ ସହିତ ଜୀବନ ଓ ମୃତ୍ୟୁ ବିଷୟରେ ଆଲୋଚନା କରେ ଓ ଇଣ୍ଟରନେଟ୍‌ରୁ ଆତ୍ମହତ୍ୟା ବିଷୟରେ ସର୍ଚ୍ଚ କରେ।

ଯଦି ନିଜ ପରିବାର କିମ୍ବା ନିଜର କୌଣସି ନିକଟତର ବ୍ୟକ୍ତିଙ୍କଠାରେ ଆତ୍ମହତ୍ୟା ପ୍ରବଣତା ଦେଖାଯାଉଥାଏ, ତେବେ ତାଙ୍କୁ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ନିଅନ୍ତୁ। ତାଙ୍କ ସହିତ କଥାବାର୍ତ୍ତା କରନ୍ତୁ, ତାଙ୍କ ମନର ଭାବନା ଓ ସମସ୍ୟା ସମ୍ବନ୍ଧରେ ଜାଣିବା ପାଇଁ ଚେଷ୍ଟା କରନ୍ତୁ। ତାଙ୍କୁ ଉତ୍ସାହ ଦିଅନ୍ତୁ। ତାଙ୍କ ବ୍ୟବହାର ଉପରେ ନଜର ରଖନ୍ତୁ। ତାଙ୍କୁ ଗୋଟିଏ ବି ମୁହୂର୍ତ୍ତ ପାଇଁ ଏକୁଟିଆ ଛାଡ଼ନ୍ତୁ ନାହିଁ। ଦରକାର ପଡ଼ିଲେ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାନ୍ତୁ। ନିଜ ମନରେ ଆତ୍ମହତ୍ୟାର ଚିନ୍ତା ଆସିଲେ ଆପଣ ନିଜ ମନର କଥା ନିକଟତର ଲୋକଙ୍କୁ ଜଣାନ୍ତୁ। ନିଜର ଅସୁବିଧା ସମ୍ବନ୍ଧରେ ଅନ୍ୟମାନଙ୍କ ସହିତ ବିଚାରବିମର୍ଶ କରନ୍ତୁ। ଏହି ସମୟରେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ କୁଣ୍ଠାବୋଧ କରନ୍ତୁ ନାହିଁ। ଭାବପ୍ରବଣ ହୋଇ ହଠାତ୍ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଏହି ସମୟରେ ଧୈର୍ଯ୍ୟର ସହିତ ସମସ୍ତ କାମ କରନ୍ତୁ।

**ମାନସିକ ରୋଗ ବିଶେଷଜ୍ଞ**
**ମୋ: ୮୪୫୬୯୧୫୫୦୬**

# ପ୍ରଣାମ ମାହାତ୍ମ୍ୟ



ହରେକୃଷ୍ଣ ଦାସ

ପିତାମହ ଭୀଷ୍ମ ମନଯୋଗ ସହ ଯୁଦ୍ଧ କରୁ ନ ଥିବା ଅଭିଯୋଗ କରି ଦୁର୍ଯ୍ୟୋଧନ ତାଙ୍କ ପ୍ରତି କଟୁ ଶବ୍ଦ ପ୍ରୟୋଗ କଲା ପରେ ପିତାମହ ବଚନ ଦେଇଥିଲେ ଯେ, ସେ ପରଦିନ ଯୁଦ୍ଧରେ ପାଣ୍ଡବମାନଙ୍କ ବିନାଶ କରିବେ। ଏ କଥା ଜାଣିଥିବା ଚତୁର ଶ୍ରୀକୃଷ୍ଣଙ୍କ ପରାମର୍ଶକ୍ରମେ ଦ୍ରୌପଦୀ ସେହି ରାତିରେ ଭୀଷ୍ମଙ୍କୁ ପ୍ରଣାମ କରି ତାଙ୍କଠାରୁ ଅଖଣ୍ଡ ସୌଭାଗ୍ୟବତୀ ହେବାର ଆଶୀର୍ବାଦ ପ୍ରାପ୍ତ ହେବା ପରେ ଭୀଷ୍ମ ଜାଣିପାରିଲେ ଯେ, ସେ ଦ୍ରୌପଦୀଙ୍କୁ ଦେଇଥିବା ବଚନ ଯୋଗୁ ଦୁର୍ଯ୍ୟୋଧନଙ୍କୁ ଦେଇଥିବା ବଚନରୁ ବିଚ୍ୟୁତ ହେବାକୁ ବାଧ୍ୟ ହେବେ। ଆଶୀର୍ବାଦ ହାସଲ କରିଥିବା ଦ୍ରୌପଦୀଙ୍କୁ ସେ ରାତିରେ ଶ୍ରୀକୃଷ୍ଣ କହିଥିବା ମହତ୍ତ୍ୱପୂର୍ଣ୍ଣ କଥା ଏୟା ଥିଲା ,"ତୁମେ ପିତାମହଙ୍କୁ ପ୍ରଣାମ କରିବା ଭଳି ଏକ ସରଳ କାର୍ଯ୍ୟ କରି ତା' ବଦଳରେ ତୁମ ସ୍ୱାମୀମାନଙ୍କ ପାଇଁ ଜୀବନଦାନର ଅଭୟ ବର ହାସଲ କରିନେଲ। ଯଦି ତୁମେ ସବୁଦିନ ପିତାମହ ଭୀଷ୍ମ, ରାଜା ଧୃତରାଷ୍ଟ୍ର ପ୍ରମୁଖ ଗୁରୁଜନମାନଙ୍କୁ ପ୍ରଣାମ କରିଥାନ୍ତ ଏବଂ ଦୁର୍ଯ୍ୟୋଧନ, ଦୁଃଶାସନ ଆଦିଙ୍କ ପତ୍ନୀମାନେ କୁନ୍ତୀ ଓ ପାଣ୍ଡବମାନଙ୍କୁ ପ୍ରଣାମ କରି ସେମାନଙ୍କର ଆଶୀର୍ବାଦ ପ୍ରାପ୍ତ ହୋଇଥାନ୍ତେ ତା'ହେଲେ ଆଜିର ଏ ଯୁଦ୍ଧକୁ ଏଡ଼ାଇ ଦିଆଯାଇପାରିଥାନ୍ତା।"

ମହାଭାରତର ଏଇ ସଂକ୍ଷିପ୍ତ ପର୍ବରୁ ଅନ୍ତତଃ ଏଇ କଥାଟି ସ୍ପଷ୍ଟ ହୁଏ ଯେ, ଅନ୍ୟମାନଙ୍କୁ, ଅନ୍ତତଃ ଗୁରୁଜନମାନଙ୍କୁ ପ୍ରଣାମ କରିବା ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ, ଯାହା ଆଧ୍ୟାତ୍ମିକ ଓ ତାତ୍ତ୍ୱିକ ଦୃଷ୍ଟିକୋଣରୁ ମଧ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ। ଗୁରୁଜନମାନଙ୍କୁ ପ୍ରଣାମ କଲେ ତାଙ୍କଠାରୁ ମିଳୁଥିବା ଆଶୀର୍ବାଦରେ ଆମ ଜୀବନ ଜିଇବାର ମାର୍ଗ ସୁଗମ ହୋଇଥାଏ। ସେଥପାଇଁ ଗୁରୁଜନମାନଙ୍କୁ ପ୍ରଣାମ କଲାବେଳେ ଆମେ ଆମର ମୁଣ୍ଡ ନୁଆଁଇ ଦୁଇ ହାତକୁ ହୃଦୟ ପାଖରେ ସଂଯୁକ୍ତ କରି ଆମର ଶ୍ରଦ୍ଧା ଭକ୍ତି ନିବେଦନ କରୁ ଏବଂ ପ୍ରକାରାନ୍ତରେ ତାଙ୍କଠାରୁ ଆଶୀର୍ବାଦ ହାସଲ କରିନେଉ। ପ୍ରଣାମ କଲାବେଳେ ଏ ପ୍ରକାର ଭାବଭଙ୍ଗୀର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ଏୟା ହୋଇପାରେ ଯେ, ଆମେ ନିଜ ମୁଣ୍ଡରେ ଥିବା ସବୁ ଜ୍ଞାନ-ଅଭିମାନକୁ ନୁଆଁଇ, ବାହୁର ସମସ୍ତ ଶକ୍ତିକୁ ନ୍ୟୂନ କରି ଓ ହୃଦୟର ସମସ୍ତ ଆବେଗ ଅହଂକାରକୁ ତ୍ୟାଗକରି ଅନ୍ୟ ଜଣକୁ ଅଭିବାଦନ ଜଣାଉ। ସଂସ୍କୃତ ଭାଷାରେ ଗୁରୁଜନଙ୍କ ଉଦ୍ଦେଶ୍ୟରେ 'ପ୍ରଣାମ' ଓ ଅନ୍ୟ ସମସ୍ତଙ୍କ ଉଦ୍ଦେଶ୍ୟରେ 'ନମସ୍ତେ' ବା 'ନମସ୍କାର' ଶବ୍ଦ ବ୍ୟବହାର କରିବାର ପରମ୍ପରା ଅଛି।

ଆମ ଅହଂକାରରହିତ ଆଭିମୁଖ୍ୟର ଏଇ ଆଙ୍ଗିକ ପ୍ରତିବେଦନ ଆମ ପ୍ରଣାମ-ପରମ୍ପରାର ଏକ ମୁଖ୍ୟ ଚରିତ୍ର। ଏଇ ଭାବ ଓ ବିଚାର ଅନ୍ୟ



କୌଣସି ଶୈଳୀରେ ଅଭିବାଦନ ଜଣାଇବା ଦ୍ୱାରା ପ୍ରକଟିତ ହେଲାଭଳି ମନେ ହୁଏନାହିଁ। ଆମ ଗୁରୁଜନଙ୍କୁ 'ଗୁଡ୍ ମର୍ନିଂ' ଜଣାଇବା ଦ୍ୱାରା ସେମାନଙ୍କ ପାଇଁ ସକାଳଟି ଶୁଭଙ୍କର ହେଉ ବୋଲି ଆମେ ହୁଏତ କାମନା କରିପାରୁ, କିନ୍ତୁ ଏହାଦ୍ୱାରା ଆମେ ନିଜର ଅହଂକାର ତ୍ୟାଗ କରୁଥିବାର ସୂଚନା ନଥାଏ; ସୁତରାଂ ଆଶୀର୍ବାଦ ଦେବାନେବାର ଅବକାଶ ମଧ୍ୟ ନଥାଏ। କାହାକୁ ପ୍ରଣାମ ବା ନମସ୍କାର କରିଦେଲେ ନିଜର ଅହଂକାର କ୍ଷୁଣ୍ଣ ହେଲାଭଳି ବା ମର୍ଯ୍ୟାଦା ହାନି ହେଲାଭଳି ଅନେକେ ଅନୁଭବ କରନ୍ତି। ସେଥିପାଇଁ ସମ୍ମୁଖରେ ଆମଠାରୁ ସମ୍ମାନ ପାଇବାର ଯୋଗ୍ୟ ବ୍ୟକ୍ତି ଥିଲେ ମଧ୍ୟ ଆମେ ତାଙ୍କୁ ନମସ୍କାର ଜଣାଇବାକୁ କୁଣ୍ଠିତ ହୋଇ 'ଗୁଡ୍ ମର୍ନିଂ', 'ଗୁଡ୍ ଇଭିନିଂ' ଇତ୍ୟାଦି କହି ବା କୌଣସି ଦେବଦେବୀଙ୍କ ନାଁରେ ଜୟଜୟକାର କରି ତାଙ୍କୁ ଅଭିବାଦନ ଜଣାଉ। ଦେବଦେବୀଙ୍କ ଜୟଜୟକାର କରି ଆମେ ହୁଏତ ସେହି ଦେବଦେବୀଙ୍କ ପ୍ରତି ଆମର ଶ୍ରଦ୍ଧା, ଭକ୍ତି ଜ୍ଞାପନ କରୁଛେ, କିନ୍ତୁ ସମ୍ମୁଖରେ ଥିବା ବ୍ୟକ୍ତି ପ୍ରତି ଆମର ସମ୍ମାନ ଜଣାଇଲେ କୋଉଠି? ଶାସ୍ତ୍ରରେ ମଧ୍ୟ 'ନମସ୍ତେ', 'ନମସ୍ତୁତଂ', 'ନମସ୍କାରଂ' ଇତ୍ୟାଦି ଶବ୍ଦରେ ଗୁରୁଜନମାନଙ୍କୁ ସମ୍ମାନ ଜଣାଇବାର ଦୃଷ୍ଟାନ୍ତ ଅଛି। ଶ୍ରୀମଦ୍ ଭଗବତ ଗୀତାରେ ମଧ୍ୟ ଶ୍ରୀକୃଷ୍ଣଙ୍କୁ ବିଭିନ୍ନ ସ୍ତୁତି ଛଳରେ ଅର୍ଜୁନ ସହସ୍ର ବାର ନମସ୍କାର କରୁଥିବାର ଉଲ୍ଲେଖ ଅଛି। ନମସ୍କାରର ମାହାତ୍ମ୍ୟ ବୁଝାଇବାକୁ ଆଉ ପାଦେ ଆଗକୁ ଯାଇ ଅନେକେ ଏକଥା ମଧ୍ୟ କୁହନ୍ତି ଯେ, କାହାକୁ ନମସ୍କାର କଲାବେଳେ ତାଙ୍କ ଭିତରେ ନିତ୍ୟ ବିରାଜମାନ ଈଶ୍ୱରଙ୍କୁ ହିଁ ଆମେ ପ୍ରକୃତରେ ନମସ୍କାର କରିଥାଉ। ଦୁଇ ହାତକୁ ସଂଯୁକ୍ତ କରି ରଖିବା ଆମ ଯୋଗମୁଦ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଏହାର ଅନେକ ସକାରାତ୍ମକ ସ୍ନାୟବିକ ପ୍ରଭାବ ଅଛି ବୋଲି ମଧ୍ୟ ବିଜ୍ଞାନ କହେ।

ବିଡ଼ମ୍ବନାର କଥା ଏୟା ଯେ ବୈଜ୍ଞାନିକ, ଆଧ୍ୟାତ୍ମିକ ଓ ତାତ୍ତ୍ୱିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଆମର ପ୍ରଣାମ ପରମ୍ପରାକୁ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଆଦୃତି ମିଳୁଥିବାବେଳେ ଆମ ଭିତରୁ ଅଧିକାଂଶ ଆମ ନିଜର ସମୃଦ୍ଧ ପରମ୍ପରାରୁ ବିଚ୍ୟୁତ ହୋଇଚାଲିଛେ। ଏଇ କଥାଟି ବର୍ତ୍ତମାନ ତଥା ଆମ ଉତ୍ତର ପିଢ଼ିକୁ ଆମେ ବୁଝାଇଦେବା ଆବଶ୍ୟକ, ନଚେତ ଆମ ସଂସ୍କୃତି ପରମ୍ପରାର ଏଇ ସୁନ୍ଦର ବିଭବଟି ସମ୍ପୂର୍ଣ୍ଣ ଲୋପ ପାଇଯିବାକୁ ଆଉ ବେଶିଦିନ ଲାଗିବନି।

ନମସ୍କାର ସମ୍ପର୍କିତ ଏମିତି ଏକ ଅନର୍ଗଳ ଭାଷଣ ଶୁଣେଇସାରି ଚା' ଆଣିବା ପାଇଁ ବନ୍ଧୁ ତାଙ୍କ ଝିଅକୁ ପାଟିକରି ଡାକିଲେ। କିଛି ସମୟ ପରେ ଚା' ଧରି ଆସି ଝିଅ ମତେ 'ଗୁଡ୍ ଇଭିନିଂ' ଜଣାଇବାରୁ କ୍ଷୁବ୍ଧ ହୋଇ ବନ୍ଧୁ ତାକୁ ଇସାରା କଲେ ମତେ ପାଦ ଛୁଇଁ ପ୍ରଣାମ କରିବାକୁ। ସୁନା ପିଲାଟେ ପରି ସେ କିଛି ଦୂରରେ ଥାଇ ଟିକେ ନଇଁପଡ଼ି ମୋ ଗୋଡ଼ ଆଡକୁ ତା' ବାଆଁ ହାତ ବଢ଼େଇ ଦେଇ ଆଉ ଥରେ 'ଗୁଡ୍ ଇଭିନିଂ' କହି ଫେରିଗଲା। ମୋ ଭିତରୁ ସ୍ୱତଃ ବାହାରି ଆସୁଥିବା 'ଭେରି ଗୁଡ୍ ଇଭନିଂ' କୁ ଅଟକେଇଦେଇ 'କଲ୍ୟାଣମସ୍ତୁ' କହିଲାବେଳେ ବନ୍ଧୁଙ୍କ ମୁହଁ ଲଜ୍ଜାରେ ଲାଲ୍ ପଡ଼ିଯାଇଥିଲା।

**ଅଧ୍ୟାପକ, ଇଂରାଜୀ ବିଭାଗ, ନିଆଳି କଲେଜ, ନିଆଳି, କଟକ**
**ମୋ: ୯୮୬୧୩୪୫୬୫୮**

## ଏଇ ଭାରତରେ

ଭୁଲ କାମ ପାଇଁ ପିଲାମାନଙ୍କୁ ମା'ବାପା ଦଣ୍ଡ ଦିଅନ୍ତି ସତ କିନ୍ତୁ ଦଣ୍ଡ ଦେବା ପରେ ନିଜେ ବହୁତ କଷ୍ଟ ପାଆନ୍ତି। ଏମିତିକି ଦଣ୍ଡ ଦେବା ପରେ ଲୁଚି ଲୁଚି କାନ୍ଦନ୍ତି ଓ ପିଲାମାନଙ୍କୁ ଗେଲ ବି କରନ୍ତି। ହେଲେ ଏମିତି ବି ବାପା ଅଛନ୍ତି ଯେଉଁମାନେ ମାତ୍ର ୫ଶହ ଟଙ୍କା ପାଇଁ ନିଜ ଜନ୍ମ କଲା ପୁଅକୁ ଜୀବନରୁ ମାରିବାକୁ ବି ପଛାନ୍ତି ନାହିଁ। ଏଭଳି ଏକ ଅତ୍ୟନ୍ତ ପୈଶାଚିକ ଘଟଣା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶ ଗାଜିଆବାଦର ବିସ୍‌ବା ଗାଁରେ। ଏହି ଗାଁର ନୌଶାଦ ନାମକ ଜଣେ ବ୍ୟକ୍ତି ୫ ଶହ ଟଙ୍କା ଚୋରି କରିବା ଅଭିଯୋଗରେ ନିଜ ପୁଅକୁ ପିଟିପିଟି ମାରି ଦେଇଛନ୍ତି। ନୌଶାଦଙ୍କ କହିବା ଅନୁସାରେ ତାଙ୍କ ପକେଟ୍‌ରୁ ୫ଶହ ଟଙ୍କା ଚୋରି ହୋଇଥିଲା। ଏକଥା ଜଣାପଡ଼ିବା ପରେ ତାଙ୍କ ଦ୍ୱିତୀୟ ପତ୍ନୀ ରାଜିୟା କହିଥିଲେ କି ତାଙ୍କ ସାବତ ପୁଅ ହିଁ ଏହି ଚୋରି କରିଛି। ତେଣୁ ନୌଶାଦ ରାଗରେ ନିଜର ୧୦ ବର୍ଷର ପୁଅକୁ ନିର୍ଦ୍ଦୟ ଭାବରେ ମାଡ଼ ମାରିଚାଲିଲେ। ପିଲାଟି ଚୋରି କରିନାହିଁ ବୋଲି ଯେତେ କହିଥିଲେ ମଧ୍ୟ ନୌଶାଦ ସେକଥାକୁ ଆଦୌ କର୍ଣ୍ଣପାତ କରି ନ ଥିଲେ। ଶେଷରେ ମାଡ଼ ସହି ନ ପାରି ଘଟଣା ସ୍ଥଳରେ ହିଁ ପିଲାଟିର ଜୀବନ ଚାଲି ଯାଇଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

**୩୦ ସେପ୍ଟେମ୍ବର ୧୯୭୫**

- ଉତ୍ତର ପ୍ରଦେଶରେ ହସ୍ତତନ୍ତ କାରିଗରମାନଙ୍କ ଉନ୍ନତି ନିମନ୍ତେ ୯ ଲକ୍ଷ ଟଙ୍କାର ଏକ ଉନ୍ନୟନ ପାଣ୍ଠି ଗଠନ କରାଯାଇଛି।
- ତ୍ରିଭେନ୍ଦ୍ରମ୍‌ସ୍ଥିତ ବିକ୍ରମ ସରାଭାଇ ମହାକାଶ ଗବେଷଣା କେନ୍ଦ୍ରରେ ପ୍ରସ୍ତୁତ ହୋଇଥିବା ରୋହିଣୀ-୩୦୦ ରକେଟକୁ ଥୁମ୍ବା ରକେଟ କ୍ଷେପଣ ଘାଟୀରେ ସଫଳତା ସହକାରେ ମହାଶୂନ୍ୟକୁ ଉତ୍‌କ୍ଷେପଣ କରାଯାଇଛି।
- ପ୍ରସିଦ୍ଧ ମରାଠୀ ଔପନ୍ୟାସିକ ବିଷ୍ଣୁ ସାଖାରାମ ଖଣ୍ଡେକରଙ୍କୁ ସମ୍ମାନଜନକ ଜ୍ଞାନପୀଠ ପୁରସ୍କାର ପ୍ରଦାନ।

## ଚିରନ୍ତନୀ

ଭାବଇଁ ଚକିତେ କେତେ କାଳ ଏହି ମତି
ଶୂନ୍ୟ ଏ ଘରେ ଜାଳିବି ଏକା ମୋ ବତୀ
ରୂପ-ହୋମାନଳେ ସମିଧ କରିବି ଦେହ
ପୀରତି-ବେଦୀରେ ଜଣାଉଥିବି ମୋ ନିତି।
-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଯୁଦ୍ଧକୁ ତେଜୁଛି ଆମେରିକା

ମହାଶୟ,

ପ୍ରାୟ ପଚାଶ ବର୍ଷ ତଳେ ଆମେରିକା ଦୁଇ ମଣିଷ (ନିଲ୍ ଆର୍ମଷ୍ଟ୍ରଙ୍ଗ ଓ ଏଡ୍‌ଉଇନ ବର୍ଜ ଆଲ୍‌ଡ୍ରିନ୍)ଙ୍କୁ ଚନ୍ଦ୍ରପୃଷ୍ଠକୁ ପଠାଇ ନିଜକୁ ପୃଥିବୀର ଶ୍ରେଷ୍ଠ ଦେଶ ଭାବେ ଗର୍ବ ଅନୁଭବ କରିଥିଲା। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନର ହିରୋସୀମା ଓ ନାଗାସାକି ଉପରେ ଲିଟିଲ୍‌ମ୍ୟାନ୍ ଓ ଫ୍ୟାଟ୍‌ବୟ ନାମକ ଦୁଇଟି ପରମାଣୁ ବୋମା ପକାଇ ଲକ୍ଷ ଲକ୍ଷ ଲୋକଙ୍କୁ ମାରିଦେଲା ଓ ଅନେକଙ୍କୁ ପଙ୍ଗୁ, ଅକର୍ମଣ୍ୟ କରିଦେଲା। ତା' ପ୍ରଭାବରେ ବର୍ତ୍ତମାନ ବି ଅନେକ ବିକଳାଙ୍ଗ ଶିଶୁ ଜନ୍ମ ହେଉଛନ୍ତି। ବର୍ତ୍ତମାନ ୟୁକ୍ରେନ୍-ରୁଷିଆ ଯୁଦ୍ଧ ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ହୋଇଗଲାଣି। ଯୁଦ୍ଧ ଥମିବାର ନାଁ ଧରୁନାହିଁ। ଆମେରିକା ନିଆଁରେ ଘିଅ ଢାଳିବା ପରି ୟୁକ୍ରେନ୍‌କୁ ଯୁଦ୍ଧାସ୍ତ୍ର ଯୋଗାଇ ଦେଉଛି। ଯୁଦ୍ଧରେ ଉଭୟ ଦେଶର ସୈନ୍ୟଙ୍କ ସହିତ ସାଧାରଣ ଲୋକ ମଧ୍ୟ ମୃତ୍ୟୁବରଣ କରୁଛନ୍ତି। ମୃତକଙ୍କ ପୁନଃ ଜୀବନ୍ୟାସ ହୋଇ ପାରିବ କି? ଯେଉଁ ବୋମା ପଡ଼ି ବିସ୍ଫୋରଣ ହେଉଛି, ତାହାର ନିର୍ଗତ ବିଷାକ୍ତ ଧୂଆଁ ପରିବେଶକୁ ପ୍ରଦୂଷିତ କରୁନାହିଁ କି! ଯୁଦ୍ଧ ବନ୍ଦ ପାଇଁ ଗଠିତ ଜାତିସଂଘ ନିଷ୍କ୍ରୀୟ କହିଲେ ଚଳେ।

**-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ‘ପୋଲିସ ମୋ ସ୍ୱାମୀଙ୍କୁ ହତ୍ୟା କରିଛି’

## ରାସ୍ତା ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଜବତ

ଫୁଲବାଣୀ/ଗୋଚ୍ଛାପଡ଼ା, ୨୯।୯ (ରାକେଶ କୁମାର ରାଉତ/ରୋହିତ କହଁର)

ଭୁବନେଶ୍ୱର ଭରତପୁର ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଜଣେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ପୋଲିସ ନିର୍ଯାତନା ସାରା ଦେଶରେ ଚହଳ ସୃଷ୍ଟି କରିଛି। ଏହି ଘଟଣା ପରେ ଗୋଟିଏ ପରେ ଗୋଟିଏ ପୋଲିସ ବିରୋଧରେ ନିର୍ଯାତନା ଓ ଅନ୍ୟ ଅପରାଧ ସମ୍ପର୍କିତ ଅଭିଯୋଗ ହେଉଛି। ଏଭଳିସ୍ଥଳେ ସୁମନ୍ତି ବଣ୍ଡକି ନାମ୍ନୀ ଜଣେ ମହିଳା କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡ଼ା ଥାନା ବିରୋଧରେ ହତ୍ୟା ଅଭିଯୋଗ ଆଣିଛନ୍ତି। ଶନିବାର ତାଙ୍କ ସ୍ୱାମୀ ଜ୍ୟେଷ୍ଠ ବଣ୍ଡକି (୩୦)ଙ୍କ ମୃତଦେହ ଉକ୍ତ ଥାନା ଅଧୀନ ଡାଙ୍ଗଣାମୁ ଘାଟି ରାସ୍ତାରୁ ଜବତ ହୋଇଥିଲା। ପୋଲିସ ଜ୍ୟେଷ୍ଠଙ୍କୁ ମାରିଦେଇଥିବା ସୁମନ୍ତି ଗୋଚ୍ଛାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ମୃତ ଯୁବକ ଜ୍ୟେଷ୍ଠଙ୍କ ଘର ବୌଦ୍ଧ ଜିଲା କଣ୍ଟାମାଳ ଥାନା ବେହେରାପଡ଼ା ଗ୍ରାମରେ। ତାଙ୍କ ସ୍ତ୍ରୀ ସୁମନ୍ତିଙ୍କ କହିବାନୁଯାୟୀ, ଜ୍ୟେଷ୍ଠ ଗତ ୨୬ ତାରିଖ ସକାଳ ୭ଟାରେ ତାଙ୍କ ସହଯୋଗୀ ମାର୍ଡୋଲ ଗ୍ରାମର ଦାଶରଥୀ ଦିଗାଲଙ୍କ ସହ ଗୋଚ୍ଛାପଡ଼ା ଯାଉଛୁ ବୋଲି କହି ଘରୁ ଯାଇଥିଲେ। କିଛି ସମୟ ପରେ ସୁମନ୍ତି ଫୋନ କରିବାରୁ ଜ୍ୟେଷ୍ଠ କଣ୍ଟାମାଳରେ ଥିବା ଏବଂ ଗୋଚ୍ଛାପଡ଼ାରେ ପହଞ୍ଚିଲେ କଥା ହେବେ ବୋଲି କହିଥିଲେ। ଦିନ ପ୍ରାୟ ସାଢ଼େ ୧୨ଟାରେ ପୁଣି ଫୋନ କରିବାରୁ ତାଙ୍କୁ ପୋଲିସ ଧରିଛି କହି ଜ୍ୟେଷ୍ଠ ଫୋନ କାଟି ଦେଇଥିଲେ। ସୁମନ୍ତି ସଙ୍ଗେ ସଙ୍ଗେ କଣ୍ଟାମାଳ ଏବଂ ଘଣ୍ଟାପଡ଼ା ଥାନାକୁ ପଚାରିବାରୁ ସେମାନେ କାହାରିକୁ ଗିରଫ କରି ନ ଥିବା କହିଥିଲେ। ପରେ ସୁମନ୍ତିଙ୍କ ଦିଅରମାନେ ଗୋଚ୍ଛାପଡ଼ା ଥାନାକୁ ପଚାରିବାରୁ ସମାନ ଉତ୍ତର ମିଳିଥିଲା। ସେମାନେ ସନ୍ଧ୍ୟାରେ ଗୋଚ୍ଛାପଡ଼ା ଥାନାକୁ ଯାଇ ପଚାରିବାରୁ କେବଳ ଗାଡ଼ି ଜବତ କରିଛୁ, ଜ୍ୟେଷ୍ଠ ଓ ଦାଶରଥୀ ଫେରାର ହୋଇଗଲେ ବୋଲି ପୋଲିସ କହିଥିଲା। ମାତ୍ର କିଛି ସମୟ ପରେ ଥାନାର ଜଣେ ଏସ୍ଆଇ ଏବଂ ଏଏସ୍ଆଇ ଫୋନ କରି ୩୦ ହଜାର ଟଙ୍କା ଦେଲେ ଜ୍ୟେଷ୍ଠଙ୍କୁ ଛାଡ଼ିଦେବୁ ବୋଲି କହିବାରୁ ଏଥିରେ ସୁମନ୍ତି ଏବଂ ତାଙ୍କ ଦିଅରମାନେ ରାଜି ହୋଇଥିଲେ। ମାତ୍ର ଥାନା ବଡ଼ବାବୁଙ୍କ ସହ କଥା ହେବାକୁ କହି ସେମାନେ ଚୁପ୍ ହୋଇଯାଇଥିଲେ। ଏହାପରେ ସୁମନ୍ତି ଏବଂ ତାଙ୍କର ଦିଅରମାନେ ଦାଶରଥୀଙ୍କୁ ଧରି ପୋଲିସ ଯେଉଁଠି ସେମାନଙ୍କୁ ଧରିଥିଲା ସେଠାକୁ ଯାଇ ଖୋଜିବାରୁ ଜ୍ୟେଷ୍ଠଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ସୁମନ୍ତି ଅଭିଯୋଗ କରିଛନ୍ତି ଯେ, ପୋଲିସ ଜ୍ୟେଷ୍ଠ ଓ ଦାଶରଥୀଙ୍କୁ ଅଟକାଇବାକୁ ଗୋଡ଼ାଇଥିଲା। ଏହି ସମୟରେ ଦାଶରଥୀ ଖସି ଯାଇଥିଲେ, କିନ୍ତୁ ପୋଲିସ ତାଙ୍କ ସ୍ୱାମୀଙ୍କୁ ମାରି ଫୋପାଡ଼ି ଦେଇଥିବା ସୁମନ୍ତି ଏତଲାରେ ଉଲ୍ଲେଖ କରିଛନ୍ତି।


ମୃତ ଯୁବକ ଜ୍ୟେଷ୍ଠ ବଣ୍ଡକି

ରବିବାର ଥାନାରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଥାନା ଅଧିକାରୀ ଚିରଞ୍ଜୀବୀ ବେହେରା, ସଦର ଏସ୍ଡିପିଓ ସୁପ୍ରସନ୍ନ ମଲ୍ଲିକ, ଅତିରିକ୍ତ ଏସ୍ପି ବଳଭଦ୍ର ଦୀପ ପ୍ରମୁଖ ଘଟଣାର ଖୋଳତାଡ଼ ଆରମ୍ଭ କରିଛନ୍ତି। ଏ ନେଇ ଅତିରିକ୍ତ ଏସ୍ପିଙ୍କୁ ପଚାରିବାରୁ ସେ କହିଛନ୍ତି, ଶନିବାର ଜ୍ୟେଷ୍ଠଙ୍କ ବାପା ଥାନାରେ ଏତଲା ଦେଇଥିଲେ। ଏନେଇ ଏକ ହତ୍ୟା ମାମଲା ରୁଜୁ କରିଛୁ। ରବିବାର ତାଙ୍କ ପରିବାର ଲୋକେ ଆଉ ଏକ ଅଭିଯୋଗ ଦେଇଛନ୍ତି। ସେହି ଅନୁସାରେ ଘଟଣାର ତଦନ୍ତ ଚାଲିଛି। ୨୬ ତାରିଖରେ ଯେଉଁ ପୋଲିସ ଟିମ୍ ଜ୍ୟେଷ୍ଠଙ୍କୁ ଧରିବାକୁ ଯାଇଥିଲା, ସେମାନଙ୍କୁ ପଚରାଉଚରା ଚାଲିଛି। ଯେଉଁମାନଙ୍କ ନାଁରେ ପ୍ରମାଣ ମିଳିବ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଏସ୍ପି ଦୀପ କହିଛନ୍ତି। ଏ ନେଇ ଥାନାରେ ୧୦୩/୨୪ ନମ୍ବରରେ ମାମଲା ରୁଜୁ ହୋଇଛି।

ଅନ୍ୟପକ୍ଷରେ ମୃତଦେହ ଜବତ ହୋଇଥିବା ସ୍ଥାନକୁ ବୌଦ୍ଧରୁ ସାଇଣ୍ଟିଫିକ୍ ଟିମ୍ ଏବଂ ଫୁଲବାଣୀରୁ ଡଗ୍ ସ୍କ୍ୱାଡ୍ ଯାଇ ତଦନ୍ତ କରିଛି। ଫୁଲବାଣୀ ତହସିଲଦାର ସଚ୍ଚିଦାନନ୍ଦ ନାୟକ ଏବଂ ଫିରିଙ୍ଗିଆ ଅତିରିକ୍ତ ତହସିଲଦାର ଅବିନାଶ ମିଶ୍ରଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଜ୍ୟେଷ୍ଠଙ୍କ ଗ୍ରାମରୁ ଶତାଧିକ ଗ୍ରାମବାସୀ ଗୋଚ୍ଛାପଡ଼ା ହାଟଠାରୁ ପୋଲିସ ବିରୋଧରେ ଶୋଭାଯାତ୍ରା କରି ଥାନା ପାଖକୁ ଆସିବାରୁ କିଛି ସମୟ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୨୦ ଲକ୍ଷ ଟଙ୍କା ଏବଂ ତାଙ୍କ ଦୁଇ ପିଲାଙ୍କୁ ପାଠପଢ଼ା ଦାୟିତ୍ୱ ସରକାର ନେବାକୁ ଗ୍ରାମବାସୀ ଦାବି କରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା।

# ଧରାପଡ଼ୁନାହାନ୍ତି ମୁଖ୍ୟ ଅଭିଯୁକ୍ତ

## ବାର୍‌ରେ ନକଲି ମଦ ମିଳିବା ଘଟଣା

### କୋଲକାତାରୁ ଆସୁଥିଲା ନକଲି ଲେବୁଲ, ଠିପି

ନିଶ୍ଚିନ୍ତକୋଇଲି, ୨୯।୯ (ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବଜାରସ୍ଥିତ ଏସ୍ଆର୍ ବାର ଉପରେ ଜିଲା ଅବକାରୀ ବିଭାଗ ୨୬ ସେପ୍ଟେମ୍ବରରେ ଚଢ଼ାଉ କରି ବିପୁଳ ନକଲି ମଦ ଲେବୁଲ, ଠିପି ଓ ସିଲ୍ ଆଦି ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଥିଲା। ଏହାପରେ ଜବତ ମଦକୁ ଯାଞ୍ଚ ପାଇଁ ଫରେନସିକ୍ ଲ୍ୟାବ୍‌କୁ ପଠାଯାଇଛି। ତଦନ୍ତ ସମୟରେ ନକଲି ମଦ ତିଆରି ପାଇଁ ଲେବୁଲ ଓ ଠିପି କୋଲକାତାରୁ ଅଣାଯାଉଥିବା ଜଣାପଡ଼ିଛି। ଘଟଣାରେ ଅବକାରୀ ବିଭାଗ ମାହାଙ୍ଗା ଥାନା ଅଧୀନସ୍ଥ ସିପୁରା ଗ୍ରାମର ଦିଲୀପ ସ୍ୱାଇଁ(୩୭)ଙ୍କୁ ୨୭ ତାରିଖରେ ଗିରଫ କରିଛି। ତାଙ୍କୁ ମିଶାଇ ଏହି ଘଟଣାରେ ଗିରଫ ସଂଖ୍ୟା ୬ରେ ପହଞ୍ଚିଛି। ତେବେ ଅବକାରୀ ପୋଲିସ ସହଯୋଗୀମାନଙ୍କୁ ଗିରଫ କରୁଥିବା ବେଳେ ନକଲି କାରବାରର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଢାବା ମାଲିକଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ। ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ନକଲି ମଦ କାରବାର ସମ୍ପର୍କରେ ସୂଚନା ମିଳିବାପରେ ସେପ୍ଟେମ୍ବର ୨୬ରେ କଟକ ଅବକାରୀ ବିଭାଗର ୧୦ ଜଣିଆ ଟିମ୍ ସ୍ୱାର ବାର୍ ମାଲିକଙ୍କ ପ୍ରହରାଜପୁରସ୍ଥିତ ପୈତୃକ ବାସଭବନ ନିକଟସ୍ଥ ୨ଟି ଘର ଓ ନିଶ୍ଚିନ୍ତକୋଇଲିସ୍ଥିତ ବାର୍ ଓ ଏହା ନିକଟରେ ଥିବା ଏକ ଘରେ ଚଢ଼ାଉ କରିଥିଲା। ଏହି ସମୟରେ ବିଭାଗ ପକ୍ଷରୁ ୧୧ଶହ ଲିଟର ନକଲି ମଦ, ୩ଟି ସ୍କୁଟି ଗାଡି, ୮ହଜାର ପ୍ଲାଷ୍ଟିକ ଠିପି, ୯୪୦୦ ପିସ୍ ଷ୍ଟିକର, ୧ହଜାରରୁ ଊର୍ଦ୍ଧ୍ୱ ବୋତଲ, ୫ଟି ମୋବାଇଲ ଫୋନ, ୧୧୯୦ ପିସ୍ ଲେବୁଲ ଜବତ କରାଯାଇଥିଲା। ନକଲି ମଦ ପ୍ରସ୍ତୁତ ଓ ବିକ୍ରୟ କରିବା ଅଭିଯୋଗରେ ଭଦ୍ରେଶ୍ୱର ଥାନା ଅଧୀନ ପ୍ରହରାଜପୁର ଗ୍ରାମର ସୌମ୍ୟରଞ୍ଜନ ପ୍ରଧାନ(୪୭), ଜଗନ୍ନାଥ ନାୟକ(୪୫), ପବିତ୍ର ଜେନା(୩୩), ଶ୍ରୀନିବାସ ପ୍ରଧାନ(୪୪), ମାହାଙ୍ଗା ଥାନା ଅଧୀନ ଖମ୍ବୋଳ ଗ୍ରାମର ଶରତ ଚନ୍ଦ୍ର ବାରିକ(୩୫)ଙ୍କୁ ଗିରଫ କରିଥିଲା। ଏହାପରେ ୨୭ ତାରିଖରେ ଦିଲୀପ ଧରାପଡ଼ିଛନ୍ତି।

ଏନେଇ ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ପକ୍ଷରୁ ମାମଲା (ନମ୍ବର ୬୪/୨୦୨୪-୨୫) ରୁଜୁ କରାଯିବା ସହ ୫୨ (ଏ) ୫୨(ସି) ୫୯(ଡି) ଏବଂ ୬୨ ଓଡ଼ିଶା ଅବକାରୀ ଆକ୍ଟ ଅନୁଯାୟୀ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ତେବେ ବାର୍‌ରେ ଥିବା ସିସିଟିଭି ଓ ହାର୍ଡଡିସ୍କ ବିଭାଗକୁ ମିଳି ନ ଥିବାବେଳେ କେଉଁ ସରକାରୀ ଓ ବେସରକାରୀ ଦୋକାନକୁ ଏହି ନକଲି ମଦ ଚାଲାଣ କରାଯାଉଥିଲା ତାହାର ତଦନ୍ତ କରାଯାଇନାହିଁ। ଫଳରେ ବାର୍ ମାଲିକ ଓ ନକଲି କାରବାର କରୁଥିବା ଦୋକାନୀ ଧରାପଡ଼ିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହି ସମ୍ବେଦନଶୀଳ ଘଟଣାରେ ଅବକାରୀ ବିଭାଗର ତଦନ୍ତ ଶିଥିଳ ପଡ଼ିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ କଟକ ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅରୂପା ପାଣିଗ୍ରାହୀ କୁହନ୍ତି, ୨ ଦିନ ଛୁଟି ଥିବାରୁ ଫରେନ୍‌ସିକ୍ ରିପୋର୍ଟ ଆସିନାହିଁ। ବାର୍ ମାଲିକ ଓ ବାର୍‌ର ସମ୍ପୃକ୍ତି ନେଇ ତଦନ୍ତ ଚାଲିଛି। ପ୍ରମାଣ ମିଳିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ।

# ଯାଞ୍ଚବେଳେ କାରରୁ ମିଳିଲା ୪.୭୭ ଲକ୍ଷ ଟଙ୍କା

ଭୁବନେଶ୍ୱର, ୨୯।୯ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରରେ ଗାଡ଼ି ଯାଞ୍ଚବେଳେ କମିଶନରେଟ ପୋଲିସ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଓମ୍‌ଫେଡ୍ ଛକ ନିକଟରେ ଏକ କାର୍‌ରୁ ୪ ଲକ୍ଷ ୭୭ ହଜାର ଟଙ୍କା ଜବତ କରିଛି। କାର ଚଲାଉଥିବା ବ୍ୟକ୍ତି ଦିବ୍ୟଜ୍ୟୋତି ନାୟକଙ୍କୁ ପୋଲିସ ଅଟକ ରଖି ଉକ୍ତ ଟଙ୍କା ବାବଦରେ ପଚରାଉଚରା କରୁଛି। ସୂଚନାନୁସାରେ, ଭୁବନେଶ୍ୱର କମିଶନରେଟ ପୋଲିସ ପକ୍ଷରୁ ସହରରେ ସେଫ ସିଟି ଡ୍ରାଇଭ୍ ଅଭିଯାନରେ ରାତ୍ରିକାଳୀନ ଚେକିଂ ଓ ବ୍ଲକିଂ କରାଯାଉଛି। ଶନିବାର ରାତିରେ ଦିବ୍ୟଜ୍ୟୋତି ଜୟଦେବ ବିହାର ପାର୍ଶ୍ୱରୁ ଡମଣା ଆଡକୁ କାର ଚଲାଇ ଯାଉଥିଲେ। ଓମ୍‌ଫେଡ୍ ଛକ ନିକଟରେ ପୋଲିସ ଚେକିଂ ହେଉଥିବା ଦେଖି ଗାଡିର ବେଗ ବଢାଇଥିଲେ। ସେଠାରେ ଉପସ୍ଥିତ ପୋଲିସ କର୍ମଚାରୀ ବ୍ୟାରିକେଡ୍ ରଖି ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଦିବ୍ୟଜ୍ୟୋତି ପୋଲିସ ଉପରକୁ ଗାଡି ମଡାଇବାକୁ ଉଦ୍ୟମ କରିବା ସହ ବ୍ୟାରେକେଡକୁ ଜୋରରେ ଧକ୍କା ଦେଇ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ହେଲେ ଭାରସାମ୍ୟ ହରାଇବାରୁ କାର୍‌ଟି ଡିଭାଇଡରେ ପିଟି ହୋଇଯାଇଥିଲା। ଏହାପରେ ପୋଲିସ ଦିବ୍ୟଜ୍ୟୋତିଙ୍କୁ ଯାଞ୍ଚ ବେଳେ ସେ ମଦ୍ୟପାନ କରିଥିବା ଜାଣିବାକୁ ପାଇବା ସହ ଗାଡି ଡିକିରୁ ୪ ଲକ୍ଷ ସାଢେ ୭୭ ହଜାର ଟଙ୍କା ଜବତ କରିଥିଲା। ଜବତ ଟଙ୍କା ବାବଦରେ ଦିବ୍ୟଜ୍ୟୋତି କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଏଥିସହ ପ୍ରଚୁର ମଦ୍ୟପାନ କରି ପୋଲିସ ଉପରକୁ ଗାଡି ମଡାଇବା ଉଦ୍ୟମ କରିଥିବାରୁ ଦିବ୍ୟଜ୍ୟୋତିଙ୍କ ନାଁରେ ଟ୍ରାଫିକ ଥାନାର ଜଣେ ଏସ୍ଆଇ


କାର୍‌ରୁ ଜବତ ହୋଇଥିବା ଟଙ୍କା।

ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଥିଲେ। ଏହାପରେ ପୋଲିସ ଏକ ମାମଲା ରୁଜୁ କରି ତାଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

# ଯୁବକଙ୍କ ଟାଙ୍ଗିଆ ଆକ୍ରମଣରେ ଜଣେ ମୃତ

ଖଣ୍ଡପଡ଼ା, ୨୯।୯ (ଅଜୟ କୁମାର ମହାରଣା)

- ଶୋଇଥିବା ବେଳେ ହାଣିଦେଲେ
- ହତ୍ୟାକାରୀ ଥାନାରେ ଅଟକ

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ପଞ୍ଚାୟତ ଅଧୀନ ପଥରଦ୍ୱାର ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମ ମଙ୍ଗଳା ସାହିର ବାସିନ୍ଦା ଜୟକୃଷ୍ଣ ଦଳେଇ(୫୮)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ପୋଲିସ ଆକ୍ରମଣକାରୀ ସଞ୍ଜୟ ବିଶ୍ୱାଳଙ୍କୁ ଅଟକ ରଖିଛି।

ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ଜୟକୃଷ୍ଣ ଖାଇସାରି ଘରେ ବିଶ୍ରାମ ନେଇଥିଲେ। ଏହି ସମୟରେ ଗ୍ରାମର ସଞ୍ଜୟ ବିଶ୍ୱାଳ(୩୭) ହଠାତ୍ ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିଯୋଗୁ ଘଟଣାସ୍ଥଳରେ ହିଁ ଜୟକୃଷ୍ଣଙ୍କ ମୃତ୍ୟୁ ଘଟିଥିଲା। ତେବେ କେଉଁ କାରଣରୁ ସଞ୍ଜୟ ଜୟକୃଷ୍ଣଙ୍କୁ ହତ୍ୟା କଲେ ସେ ନେଇ କୌଣସି ସୂଚନା ମିଳିନାହିଁ। ଖଣ୍ଡପଡ଼ା ଥାନା ପୋଲିସ ମୃତଦେହ ଜବତ କରିବା ସହ ଅଭିଯୁକ୍ତ ସଞ୍ଜୟଙ୍କୁ ଥାନାରେ ଅଟକ ରଖିଛି। ମୃତକଙ୍କ ପୁଅଙ୍କ ଅଭିଯୋଗ କ୍ରମେ ଖଣ୍ଡପଡ଼ା ଥାନା ପୋଲିସ ଏହି ଘଟଣାର ତଦନ୍ତ କରୁଛି। ଏହାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି। ଅନ୍ୟପକ୍ଷେ ସଞ୍ଜୟ ଜଣେ ମାନସିକ ବିକାରଗ୍ରସ୍ତ ଯୁବକ ବୋଲି ଗ୍ରାମବାସୀ କହିଛନ୍ତି।

# ଆନ୍ଧ୍ରରୁ ବାଇକ୍ ଚୋରି, ଓଡ଼ିଶାରେ ବିକ୍ରି


ଗିରଫ ରଘୁନନ୍ଦନମ୍ ଓ ଜବତ ବାଇକ୍।

ପାରଳାଖେମୁଣ୍ଡି, ୨୯।୯ (ଗିରିଧାରୀ ପରିଛା)

**ଯାଞ୍ଚରୁ ଧରାପଡ଼ିଲା ଗ୍ୟାଙ୍ଗ୍**
- ବୁଲେଟ୍‌ରେ ଲାଗିଥିଲା ଆପାଚିର ନମ୍ବର
- ଚୋରା ବାଇକ୍‌ରେ ହେଉଥିଲା ଗଞ୍ଜେଇ ବେପାର
- ଜବତ ୧୯ ବାଇକ୍‌ରୁ ୧୮ ଆନ୍ଧ୍ରର

ଗଜପତି ଜିଲା ପାରଳାଖେମୁଣ୍ଡି ପୋଲିସ ଗାଡ଼ିମୋଟର ଯାଞ୍ଚ ବେଳେ ଜଣେ ବାଇକ୍ ଚାଳକଙ୍କୁ ଧରିଛି। ସେ ହେଲେ ଆନ୍ଧ୍ରପ୍ରଦେଶ ପଲାସା ଅଞ୍ଚଳର ଆର.ରଘୁନନ୍ଦମ୍ ଓରଫ ରଘୁ ପ୍ରଧାନ(୨୯)। ତାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ବେଳେ ସେ ଜଣେ ଆନ୍ତଃରାଜ୍ୟ ବାଇକ୍ ଚୋରି ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ବୋଲି ଜଣାପଡ଼ିଛି। ପୂର୍ବରୁ ସେ ଦୁବାଇରେ ଟ୍ରାକ୍ଟର ମେକାନିକ ଭାବେ କାମ କରୁଥିଲେ। ଦେଢ଼ବର୍ଷ ତଳେ ନିଜ ଗାଁ ଶ୍ରୀକାକୁଳମ ଜିଲାର ପେଡାଲଚଲମ୍‌କୁ ଫେରିଥିଲେ। କମ୍ ସମୟ ମଧ୍ୟରେ ଅଧିକ ଅର୍ଥ ଉପାର୍ଜନ ନିଶାରେ ସେ ଦାମୀ ବାଇକ୍ ଚୋରି କରିବା କୌଶଳ ଶିଖି ଆନ୍ଧ୍ରପ୍ରଦେଶର ବିଭିନ୍ନ ଥାନା ଅଞ୍ଚଳରୁ ବୁଲେଟ୍, କେଟିଏମ୍, ଟିଭିଏସ୍ ଆପାଚି ଭଳି ଗାଡ଼ି ଚୋରି କରିଥିଲେ। ଉକ୍ତ ଗାଡ଼ିଗୁଡ଼ିକ ଗଜପତି ଜିଲାକୁ ଆଣି ସେ ମୋହନା, ଅଡ଼ବା ଅଞ୍ଚଳରେ ଲୋକଙ୍କୁ ବିକ୍ରି କରିଦେଉଥିଲେ। ପରବର୍ତ୍ତୀ ସମୟରେ ଏହି ଗାଡ଼ି ଗଞ୍ଜେଇ ଚାଲାଣ ପାଇଁ ବ୍ୟବହୃତ ହେଉଥିଲା ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ରଘୁଙ୍କ ସହ ଜଡ଼ିତ ଅନ୍ୟଜଣେ ଅଭିଯୁକ୍ତ ପୋଲିସକୁ ଚକମା ଦେଖାଇ ଫେରାର ହୋଇଯାଇଥିବା ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଏସ୍ପି ସୁନୀଲ କୁମାର ମହାନ୍ତି କହିଛନ୍ତି। ଅଭିଯୁକ୍ତଙ୍କ ବୟାନକୁ ଭିତ୍ତିକରି ଜିଲାର ବିଭିନ୍ନ ସ୍ଥାନରୁ ୧୯ଟି ବାଇକ୍ ଜବତ ହୋଇଛି। ରଘୁଙ୍କୁ (ନଂ.୨୯୩/୨୪)ରେ କୋର୍ଟ ଚାଲାଣ କରାଯାଇଛି। ତିନିଦିନ ତଳେ ରାତିରେ ପାରଳାଖେମୁଣ୍ଡି ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଗୋଟିଏ ବୁଲେଟ୍‌କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ବୁଲେଟ୍‌ରେ ଥିବା ନମ୍ବର ଗୋଟିଏ ଆପାଚି ବାଇକ୍‌ର ନମ୍ବର ବୋଲି ଜଣାପଡ଼ିଥିଲା। ବୁଲେଟ୍ ଆରୋହୀଙ୍କୁ ଅଟକାଇ ପଚରାଉଚରା ସମୟରେ ସେ ଆନ୍ଧ୍ରପ୍ରଦେଶର ପଲାସା ଅଞ୍ଚଳର ଆର. ରଘୁନନ୍ଦମ୍ ଓରଫ ରଘୁ ପ୍ରଧାନ ବୋଲି ଜଣାପଡ଼ିଥିଲା। ରଘୁ ଆନ୍ଧ୍ରରୁ ବାଇକ୍ ଚୋରିକରି ଗଜପତି ଜିଲାର ବିଭିନ୍ନ ଅଞ୍ଚଳରେ ନିଜ ପରିଚିତ ଲୋକଙ୍କୁ ବିକ୍ରି ଦେଇଦେଉଥିଲେ। ଯାଞ୍ଚ ବେଳେ ସେ ଚୋରି କରିଥିବା ୧୯ଟି ବାଇକ୍ ମଧ୍ୟରୁ ୧୮ଟି ଆନ୍ଧ୍ର ପ୍ରଦେଶର ହୋଇଥିବା ବେଳେ ଗୋଟିଏ ଓଡ଼ିଶାର ବୋଲି ଜଣାପଡ଼ିଛି। ଏହି ଗାଡ଼ିଗୁଡ଼ିକ ଆନ୍ଧ୍ରର ଟେକ୍କିଲି, କାଶିବୁଗା, ଷୋମପେଟା, ପାରାୱାଡା, ମଞ୍ଜୁସା, ଚିପୁରୁପାଲି ଥାନା ଅଞ୍ଚଳର। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯାଇ ମାମଲାର ଅଧିକ ତଦନ୍ତ କରାଯିବ ବୋଲି ଏଏସ୍ପି ମହାନ୍ତି କହିଛନ୍ତି।

# ୨ ମାଓବାଦୀ ଗିରଫ



ମାଲକାନଗିରି, ୨୯।୯ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍‌ମା ଜିଲା ପୋଲିସ ୨ ମାଓବାଦୀଙ୍କୁ ଗିରଫ କରିଛି। ସେମାନେ ହେଲେ ମାଡବି ଭୀମା ଓ କବାସୀ ବଣ୍ଡି। ସୁକ୍‌ମା ପୋଲିସ, ଡିଆରଜି ଓ ୨୦୬ କୋବ୍ରା ବାହିନୀ ଗଡଗଡମେଟା, ମୁକରମ୍ ଓ ଆଖପାଖ ଅଞ୍ଚଳ ଜଙ୍ଗଲରେ କୋମ୍ବିଂ କରୁଥିଲେ। ଏହି ସମୟରେ ମୁକରମ୍ ଗ୍ରାମ ଛୋଟାନାଲା ନିକଟରେ ୨ ଜଣ ବ୍ୟକ୍ତିଙ୍କୁ ଦେଖିଥିଲେ। ସେମାନେ ଏକ ବସ୍ତା ଧରିଥିବା ଦେଖି ସୁରକ୍ଷାକର୍ମୀ ସନ୍ଦେହକରି ଅଟକାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ସେମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ ସୁରକ୍ଷାକର୍ମୀ ଏମାନଙ୍କୁ ଗିରଫ କରିଥିଲେ। ଏହି ଦୁଇଜଣଙ୍କ ନିକଟରୁ ଗୋଟିଏ ପାଇପ୍ ବୋମା ଓ ବନ୍ଧୁକ ଜବତ ହୋଇଛି। ପୋଲିସ ପଚରାଉଚରା କରିବାରୁ ଏମାନେ ମାଓବାଦୀ ମିଲିସିଆ ଭାବେ କାର୍ଯ୍ୟ କରୁଥିବା କହିଥିଲେ।

# ଏଟିଏମ୍ କାର୍ଡ ଛଡ଼ାଇ ୩୫ ହଜାର ଉଠାଇନେଲେ

ଧର୍ମଶାଳା, ୨୯।୯ (ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ପାଖର ପଞ୍ଚାୟତ ଛେଲିଆପଦା ଗ୍ରାମର ଜଣେ ବ୍ୟକ୍ତିଙ୍କଠାରୁ ଦୁର୍ବୃତ୍ତ ଏଟିଏମ୍ କାର୍ଡ ଛଡ଼ାଇ ନେଇ ୩୫ ହଜାର ଟଙ୍କା ଉଠାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ଛେଲିଆପଦା ଗ୍ରାମର ବିଜୟ ଖିଲାର ରବିବାର ଜାରକା ବଜାରସ୍ଥିତ ବିରଜା ମାର୍କେଟ କମ୍ପ୍ଲେକ୍ସରେ ଥିବା ଏସ୍‌ବିଆଇ ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଆସିଥିଲେ। ସେ ୫ ହଜାର ଟଙ୍କା ଉଠାଉଥିବା ସମୟରେ ତାଙ୍କ ପଛପଟେ ଛିଡ଼ା ହୋଇଥିବା ୨ ଦୁର୍ବୃତ୍ତ ପାସ୍ ୱାର୍ଡ ଜାଣିଯିବା ସହ ଏକ ଏଟିଏମ୍ କାର୍ଡକୁ ତଳେ ପକାଇ ଦେଇଥିଲେ। ବିଜୟ ଉକ୍ତ ଏଟିଏମ୍ କାର୍ଡକୁ ଉଠାଇ ପଛରେ ଛିଡ଼ା ହୋଇଥିବା ୨ ଦୁର୍ବୃତ୍ତଙ୍କୁ ଦେଇଥିଲେ। କିଛି ସମୟପରେ ଉକ୍ତ ୨ ଦୁର୍ବୃତ୍ତ ବିଜୟଙ୍କ ପାଖକୁ ଆସି ଏଟିଏମ୍ କାର୍ଡ ତାଙ୍କର ନୁହେଁ ବୋଲି କହିବା ସହିତ ତାଙ୍କ ନିକଟରେ ଥିବା ଏଟିଏମ୍ କାର୍ଡକୁ ଛଡ଼ାଇ ନେଇ ବାଇକରେ ଚମ୍ପଟ ମାରିଥିଲେ। ଦୁର୍ବୃତ୍ତମାନେ କିଛି ସମୟ ପରେ ବିଜୟଙ୍କ ଏଟିଏମ୍ କାର୍ଡ ବ୍ୟବହାର କରି ଜାରକା ୟୁକୋବ୍ୟାଙ୍କ ଏଟିଏମ୍‌ରୁ ୩ ଥରରେ ୩୦ ହଜାର ଓ ଅନ୍ୟ ଏକ ଏଟିଏମ୍‌ରୁ ୫ ହଜାର ଟଙ୍କା ଉଠାଇ ନେଇଥିଲେ। ମାସ ଶେଷ ରବିବାର ଜାରକା ବଜାରରେ ଦୋକାନସବୁ ବନ୍ଦ ଥିବାର ସୁଯୋଗନେଇ ଦୁର୍ବୃତ୍ତ ଏଭଳି କାଣ୍ଡ ଭିଆଇ ଫେରାର ହେବାରେ ସଫଳ ହୋଇଛନ୍ତି। ଏହା ଜାଣିବା ପରେ ବିଜୟ ଜଣେ ଭଦ୍ର ବ୍ୟକ୍ତିଙ୍କ ସହାୟତାରେ ତାଙ୍କ ଏଟିଏମ୍ କାର୍ଡକୁ ବ୍ଲକ କରିଛନ୍ତି।

# ୩୪ କିଲୋ ଗଞ୍ଜେଇ ଜବତ, ଦମ୍ପତି ଗିରଫ

ଟିଟିଲାଗଡ଼, ୨୯।୯ (ଶରତ ମିଶ୍ର)

ଟିଟିଲାଗଡ଼ ଅବକାରୀ ପୋଲିସ ଶନିବାର ବିଳମ୍ବିତ ରାତିରେ ଚଢ଼ାଉ କରି ଟିଟିଲାଗଡ଼ ରେଳ ଜଙ୍କଶନର କାର୍ ପାର୍କିଂ ସ୍ଥଳରୁ ୩୪ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି।

ଟିଟିଲାଗଡ଼ ଅବକାରୀ ଅଧିକାରୀ ଆଶିଷ ବେହେରାଙ୍କ ସୂଚନା ଅନୁଯାୟୀ, ଝାଡ଼ଖଣ୍ଡ ରାଜ୍ୟ ଖର୍ଷାୱନ ଥାନା ଅନ୍ତର୍ଗତ ଗୋନ୍ଦପୁର ଗ୍ରାମର ଏମ୍‌ଡି ମେହମୁଦ ଆଲାମ ଏବଂ ତାଙ୍କ ସ୍ତ୍ରୀ ରହିମା ଖାତୁନ ଉକ୍ତ ଗଞ୍ଜେଇ ସମତା ଏକ୍ସପ୍ରେସ୍ ଟ୍ରେନ ଯୋଗେ ମଥୁରା ଚାଲାଣ ପାଇଁ ଷ୍ଟେଶନ ନିକଟରେ ଅପେକ୍ଷା କରିଥିଲେ। ଏନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୂର୍ବରୁ ଜଗି ରହିଥିବା ଅବକାରୀ ପୋଲିସ ଉଭୟଙ୍କୁ କାବୁ କରିବା ସହ ବସ୍ତାରେ ଭର୍ତ୍ତି ହୋଇଥିବା ଗଞ୍ଜେଇ ଜବତ କରିଥିଲା। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଉକ୍ତ ଦମ୍ପତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଗଞ୍ଜେଇର ସରକାରୀ ଦର ୩ ଲକ୍ଷ ୪୦ ହଜାର ଟଙ୍କା ହେବ ବୋଲି ଅବକାରୀ ଅଧିକାରୀ ବେହେରା କହିଛନ୍ତି। ତେବେ ଏତେ ପରିମାଣର ଗଞ୍ଜେଇ ଉକ୍ତ ଦମ୍ପତିଙ୍କୁ କିଏ ଦେଲା ଓ ରେଳ ଷ୍ଟେଶନ ପର୍ଯ୍ୟନ୍ତ କେମିତି ବୁହା ହୋଇ ଆସିଲା ସେନେଇ ଅଧିକ ତଦନ୍ତ ଜାରି ରହିଥିବା ଅବକାରୀ ପୋଲିସ କହିଛି।

**ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍** MCL
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

“ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।”
R-5224

GOVERNMENT OF ODISHA No.B-341
**OFFICE OF THE CHIEF CONSTRUCTION ENGINEER, SOUTHERN (R&B) CIRCLE, BERHAMPUR**
Phone : 0680-2281582, e-mail : ccescbam@gmail.com
**INVITATIONS FOR BIDS (IFB) [e-Procurement]**
**Bid Identification No. CCE, S.C (R&B)-BAM-06/2024-25**
**No. 3335 // Dated : 23.09.2024**
1) The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Building and Road works as detailed in the table below
2) Nature of work : Building and Road Works
3) No. of work : 06 Nos.
4) Tender Cost : Rs. 10,000/- (online)
5) Class of Contractor : “B” Class & “A” Class
6) Availability of Bid document in the Website : From 03.10.2024 10.00 A.M. to 17.10.2024 5.30 P.M.
7) Date of Opening of Bid : 18.10.2024 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersodisha.gov.in
9) Any addendum / corrigendum / cancellation of tender can also be seen in the said website only.

Sd./- (Ashis Kumar Nayak)
Chief Construction Engineer (I/C),
Southern (R&B) Circle, Berhampur
OIPR-34103/11/0006/2425

GOVERNMENT OF ODISHA No.A-341
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER,**
**EASTERN CIRCLE-II, CHANDIKHOLE**
Email ID : seec2chandikhole@gmail.com
**“e” Procurement Notice No. ACE, EC-II 01 of 2024-25 (On-line)**

1.

| Sl. No. | Name of the works | Bid Identification No. | Tender Cost in Lakh (Rs) | Bid Security (Rs) | Class of Contractor | Period of Completion | Cost of Bid Document (in Rs.) (Non Refundable) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Restoration & Protection to Scoured bank of Chasakhanda Nandipur TRE on Genguti right near village Chasakhanda, Nandipur & Angeipal | ACE, EC-II JPD 01 OF 2024-25 | 243.70 (Approx.) | 2,43,700/- | “B” & “A” | 06 (Six) calendar months | 10,000.00 (On-line Payment) |
| 2 | Protection to Scoured Bank of OAE 12 (abcd)B on Baitarani left from Piteipur Tereisahi to Muslimsahi | ACE, EC-II JPD 02 OF 2024-25 | 249.59 (Approx.) | 2,49,600/- | “B” & “A” | 06 (Six) calendar months | 10,000.00 (On-line Payment) |
| 3 | Protection to Scoured bank on Kochila right embankment from Pangata Bridge to Malicksahi Ghera | ACE, EC-II JPD 03 OF 2024-25 | 249.31 (Approx.) | 2,49,400/- | “B” & “A” | 06 (Six) calendar months | 10,000.00 (On-line Payment) |
| 4 | Slope Protection to Karada-Kantidola TRE on Genguti right from village Patisahi to Kantidola | ACE, EC-II JPD 04 OF 2024-25 | 240.04 (Approx.) | 2,40,100/- | “B” & “A” | 06 (Six) calendar months | 10,000.00 (On-line Payment) |
| 5 | Construction of Brahmanipal Sluice cum VRB Across connective Genguti Nallah on Kandia left embankment | ACE, EC-II JPD 05 OF 2024-25 | 253.21 (Approx.) | 2,53,300/- | “B” & “A” | 11 (Eleven) calendar months | 10,000.00 (On-line Payment) |
| 6 | Raising & Strengthening of Arilo Kantipur TRE and Protection to Scoured bank of river Kani right near village Jena Sahi, Bala Sahi, Bramhana Sahi, Samal Sahi of Arilo Katipur TRE | ACE, EC-II AUL 01 OF 2024-25 | 233.58 (Approx.) | 2,33,600/- | “B” & “A” | 06 (Six) calendar months | 10,000.00 (On-line Payment) |
| 7 | Improvement to road on Garadpur Iswarpur Saline embankment from RD 2.00 Km. to 8.00 Km. | ACE, EC-II AUL 02 OF 2024-25 | 781.54 (Approx.) | 7,81,600/- | “A” & “Special” | 11 (Eleven) calendar months | 10,000.00 (On-line Payment) |
| 8 | Scoured bank Protection to OAE No. - 20B (From RD 0.00 Km. to 0.700 Km) & OAE No.-21B (From RD 0.00 Km. to 0.700 Km.) on Brahmani left | ACE, EC-II JKID 01 OF 2024-25 | 342.99 (Approx.) | 3,42,900/- | “A” | 06 (Six) calendar months | 10,000.00 (On-line Payment) |

2. Other details are as follows.

| Procurement Officer | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|
| | From | To | |
| Additional Chief Engineer, Eastern Circle-II, Chandikhole | 01/10/2024 at 10 A.M. | 17/10/2024 up to 5.00 P.M. | 18/10/2024 at 11.30 A.M. |

3. e-mail id : seec2chandikhole@gmail.com
4. Further detailed condition can be seen from the Govt. website www.tendersorissa.gov.in

Sd./- Additional Chief Engineer
Eastern Circle-II, Chandikhole
OIPR-32322/11/0001/2425

**GOVERNMENT OF ODISHA**
**E-Procurement Notice, Superintending Engineer, M.I. Division, Angul**
**Bid Identification No.-06 of 2024-25**
E-mail ID - eemidivision_angul@yahoo.com
Letter No.2389/Date : 24.09.2024
No.A-339

| | | | |
|---|---|---|---|
| 1 | Number of Works | : | 11 (Eleven) numbers of Civil works |
| 2 | Approximate estimated cost | : | 4.37 lakh to 48.04 lakh |
| 3 | Cost of tender Paper | : | Rs.2000/- to Rs.6000/- (Non-Refundable) |
| 4 | Period of completion | : | As mentioned in the column no. 8 of each work |
| 5 | Date & Time of availability of bid document in the portal | : | Dt. 30.09.2024 at 10.00 A.M. to Dt. 14.10.2024 up to 5.00 P.M. |
| 6 | Last date / Time for receipt of bid in the portal | : | Dt. 14.10.2024 up to 5.00 P.M. |
| 7 | Date of opening of bid documents | : | Dt. 15.10.2024 at 11.00 A.M. |
| 8 | Date of lottery if required | : | Dt. 24.10.2024 at 11.00 A.M. |
| 9 | Name and address of the Office Inviting Bid | : | Superintending Engineer, Minor Irrigation Division, Angul. At/P.O.: Hakimpada, College Square, District : Angul, PIN-759143, Ph. No.: 06764-236522, Email ID : eemidivision_angul@yahoo.com |
| 10 | The bidders have to participate in ONLINE bidding only. Further details can be seen from the e-procurement portal | : | http://tendersorissa.gov.in |

Sd./- Superintending Engineer
M.I. Division, Angul
OIPR-32284/11/0008/2425

## ସଂକ୍ଷେପରେ

### କ୍ଲଷ୍ଟରସ୍ତରୀୟ ସୁରଭି ପ୍ରତିଯୋଗିତା

**ରାଜନଗର,୨୯।୯,(ଭାସ୍କର ରାଉତରାୟ):** ରାଜନଗର ବ୍ଲକ କେରେଡାଗଡସ୍ଥିତ ଶ୍ରୀ ଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜୁନିୟର, ସିନିୟର, ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସହିତ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ଏଲୋକେଶନ, ସଙ୍ଗୀତ, ସୁନ୍ଦର ହସ୍ତାକ୍ଷର, ଦଳଗତ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, କେରେଡାଗଡ ସରପଂଚ ତାପସ କୁମାର ସାହୁ, ସମିତିସଭ୍ୟ ଅମର କୁମାର ସୁତାର, ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ଅନୀଲ କୁମାର ବଳ, ରମାକାନ୍ତ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନୀଳାମ୍ବର ସ୍ୱାଇଁ, ସୁଧାକର ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଗୀତାଳି ପାତ୍ର, ପ୍ରଧାନଶିକ୍ଷୟିତ୍ରୀ ରେଣୁବାଳା ଭୂୟାଁ, ପ୍ରଧାନଶିକ୍ଷକ ଧିରେନ୍ଦ୍ର କୁମାର ରାଉତ, ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବିଚିତ୍ରାନନ୍ଦ ନାୟକ, ଶ୍ରୀଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# ଯାଜପୁରରେ ପେଡିଆଟ୍ରିକ୍ସ ଏକାଡେମୀ ଉଦ୍‌ଘାଟିତ

**ଶିଶୁ ରୋଗ ସମ୍ପର୍କରେ ଅଧିକ ଗବେଷଣା କ୍ଷେତ୍ରରେ ସହାୟକ ହେବ**

**ଯାଜପୁର ଟାଉନ,୨୯।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**



ଏକାଡେମୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଡାକ୍ତରମାନେ।

ଯାଜପୁରରେ ଇଣ୍ଡିଆନ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସର ଏକ ଶାଖା ଉଦ୍‌ଘାଟିତ ହୋଇଛି। ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ ଯାଜପୁର ଭାବେ ଏହା କାର୍ଯ୍ୟକ୍ଷମ ହେବ। ଏହାର ଅସ୍ଥାୟୀ କାର୍ଯ୍ୟାଳୟ ଲଳିତେଶ୍ୱର ନଗରରେ ଆରମ୍ଭ ହୋଇଛି। ଶିଶୁରୋଗ ବିଶେଷଜ୍ଞମାନଙ୍କ ମଧ୍ୟରେ ଜ୍ଞାନର ଆଦାନପ୍ରଦାନ ସହିତ ନୂଆ ଉତ୍ପାଦ ସମ୍ପର୍କରେ ଅଧିକ ଗବେଷଣା କ୍ଷେତ୍ରରେ ଏହି ଏକାଡେମୀ କାର୍ଯ୍ୟକରିବ ବୋଲି ମତପ୍ରକାଶ ପାଇଛି। ଏହି ଅବସରରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ମିଳନୀରେ ଯାଜପୁର ଶାଖାର ନବନିଯୁକ୍ତ ସଭାପତି ଡା. ପ୍ରସନ୍ନ ସାହୁ ସଭାପତିତ୍ୱ କରିଥିଲେ। ଇଣ୍ଡିଆନ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସର ଓଡ଼ିଶା ସଭାପତି ଡା. ବିଜୟ କୁମାର ଭୂୟାଁ, ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବାଶିଷ ମହାରଣା, ବରିଷ୍ଠ କର୍ଣ୍ଣ,ନାଶା ଓ ଗଳା ବିଶେଷଜ୍ଞ ଡା. କ୍ଷୀରୋଦ ଚନ୍ଦ୍ର ମହାନ୍ତି, ଯାଜପୁର ଶାଖାର ଉପସଭାପତି ଡା. ରବୀନ୍ଦ୍ର କୁମାର ନନ୍ଦ, ସାଧାରଣ ସମ୍ପାଦକ ଡା. ସୁପ୍ରକାଶ ଶତପଥୀ ଯୋଗଦେଇ ଏହି ଏକାଡେମୀର ଆଭିମୁଖ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

ଏହି ଏକାଡେମୀ ମାଧ୍ୟମରେ ଶିଶୁମାନଙ୍କ ବିଭିନ୍ନ ପ୍ରକାର ରୋଗ ଓ ଏହାର ନିରାକରଣ ଏବଂ ସେମାନଙ୍କୁ ରୋଗମୁକ୍ତ କରିବା ପାଇଁ ବିଭିନ୍ନ ପ୍ରକାରର ସଚେତନତା ଶିବିର ଆୟୋଜନ କରାଯିବ। ସ୍ତନ୍ୟପାନ ଦିବସରେ ମା'ମାନଙ୍କୁ ଶିଶୁମାନଙ୍କୁ ସ୍ତନ୍ୟପାନ ସମ୍ବନ୍ଧୀୟ ଜ୍ଞାନ, ଶିଶୁମାନଙ୍କୁ ଅଧିକ ଔଷଧ ସେବନ ମୁକ୍ତ ରଖିବା ଆଦି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରିବା କ୍ଷେତ୍ରରେ ଏକାଡେମୀ କାର୍ଯ୍ୟ କରିବ ବୋଲି ସୂଚନା ଦିଆଯାଇଛି।

ମା' ବିରଜାଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞଙ୍କ ଦ୍ୱାରା ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଆଣ୍ଟିବାୟୋଟିକ ରେଜିଷ୍ଟାନ୍ସ, ଟିକାକରଣ, କୃତ୍ରିମ ବୁଦ୍ଧିମତା (ଏଆଇ) ଭଳି ବିଭିନ୍ନ ବିଷୟରେ ଡା. ବିଜୟ କୁମାର ଭୂୟାଁ, କିମସ ମେଡିକାଲ କଲେଜର ପ୍ରଫେସର ଡା. ନିର୍ମଳ କୁମାର ମହାକୁଡ, ପୁରୀ ଜଗନ୍ନାଥ ମେଡିକାଲ କଲେଜର ଡା. ବିଶ୍ୱଜିତ ମିଶ୍ର, ଡା. ସମରେନ୍ଦ୍ର ମହାପାତ୍ର ପ୍ରମୁଖ କହିଥିଲେ। ଡା. କାର୍ତ୍ତିକ ଚନ୍ଦ୍ର ରାଉତ, ଡା. ରାଜକିଶୋର ପଣ୍ଡା, ଡା. ନିମାଇଁ ନାୟକ, ଡା. ଏଲ୍‌ବି ରାଉତରାୟ, ଡା. ରାଧାରମଣ ସାହୁ, ଡା. ଗୌତମ ସାହୁଙ୍କ ସମେତ ବହୁ ବରିଷ୍ଠ ଡାକ୍ତର ଉପସ୍ଥିତ ଥିଲେ। ଏକାଡେମୀ ଅଫ ପେଡିଆଟ୍ରିକ୍ସର କୋଷାଧ୍ୟକ୍ଷ ଡା. ଅଶୋକ ପ୍ରିୟଦର୍ଶୀ ଧନ୍ୟବାଦ ଦେଇଥିଲେ।

# ଘରୁ ୭ ଲକ୍ଷ ଟଙ୍କା, ସୁନା ଚୋରି

**ପାଣିକୋଇଲି,୨୯।୯(ବିକାଶ ମଲ୍ଲିକ):** ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁରର ଜଣଙ୍କ ଘରୁ ଶନିବାର ରାତିରେ ଦୁର୍ବୃତ୍ତ ୬ଲକ୍ଷ ୬୦ ହଜାର ଟଙ୍କା ସହ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ରବିବାର ଏସ୍‌ଆଇ ପ୍ରକାଶ କୁମାର ପ୍ରଧାନ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

ଅଭିଯୋଗ ମୁତାବକ, ପାଣିକୋଇଲି ଗ୍ରାମର କାର୍ତ୍ତିକ ସେଠୀ ଓ ତାଙ୍କ ସ୍ତ୍ରୀ ହାରାମଣୀ ସେଠୀ ସଠିପୁରରେ ଘରଭଡ଼ା ନେଇ ରହୁଛନ୍ତି। କାର୍ତ୍ତିକ ଜଣେ ଅବସରପ୍ରାପ୍ତ କର୍ମଚାରୀ। ସେ ବ୍ୟାଙ୍କରୁ ଟଙ୍କା ଉଠାଇ ଗଡ୍‌ରେଜରେ ରଖିଥିଲେ। ରାତିରେ ଅସୁସ୍ଥତା ଅନୁଭବ କରିବାରୁ ସେ ଉକ୍ତ ରୁମ ଛାଡି ତାଙ୍କ ସ୍ତ୍ରୀଙ୍କ ରୁମରେ ଶୋଇଥିଲେ। ଏହାର ସୁଯୋଗରେ ଦୁର୍ବୃତ୍ତ ଆସି ଝରକା ଭାଙ୍ଗି ତାଙ୍କ ଗ୍ରୀଲ ଖୋଲି ଘରେ ପଶିଥିଲେ। ଘର କବାଟ ଭିତରୁ ବନ୍ଦ କରି ଆଲମିରା ଲକର ଭାଙ୍ଗି ଟଙ୍କା, ସୁନା ଲୁଟ୍ କରିଥିଲେ। ସକାଳୁ ଘରର କବାଟ ଭିତରୁ ବନ୍ଦଥିବା ଦେଖି କାର୍ତ୍ତିକଙ୍କ ସନ୍ଦେହ ହେବାରୁ ସେ ବାହାର ପଟ ଝରକା ଦେଖିବାବେଳକୁ ତଡ଼ାଯାଇ ଗ୍ରୀଲ ଖୋଲାଯାଇଥିଲା। କାର୍ତ୍ତିକ ସେଇ ଝରକା ପଟେ ପଶି କବାଟ ଖୋଲି ଦେଖିବା ବେଳେକୁ ଆଲମିରା ଖୋଲି ଲୁଟ୍ ହୋଇଥିଲା।



ଚୋରି ହୋଇଥିବା ଘରକୁ ପୋଲିସ ଯାଞ୍ଚ କରୁଛି।

# ଜାତୀୟ ସେବା ଶିବିର

**ଡେରାବିଶ,୨୯।୯(ବେବର୍ତ୍ତା ଅଜୟ ଦାସ)** ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଡେରାବିଶ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ର ଶେଖର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ଜିଲା କାର୍ଯ୍ୟକ୍ରମ ଅଧିକାରୀ (ଡିପିଓ) ତଥା ତୁଳସୀ ମହାବିଦ୍ୟାଳୟର ଅଧ୍ୟାପିକା ଡ. ପଦ୍ମଜା କବି ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଶୁଭାରମ୍ଭ କରିଥିଲେ। ଶତପଥୀ ପ୍ରଦୂଷଣ ଜନିତ ବିଶ୍ୱର ବହୁବିଧ ପ୍ରାକୃତିକ ସମସ୍ୟା ସମ୍ପର୍କରେ ଆଲୋଚନା କରି ଚାରା ରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। 'ଗଛଟିଏ ଜୀବନଟିଏ'ଆଜି ବିଶ୍ୱ ପାଇଁ ଏକ ବଡ଼ ସନ୍ଦେଶ ବୋଲି ସମବେତ ବୁଝାଇଥିଲେ। ଅନ୍ୟତମ ଅତିଥିଭାବେ ଅଧ୍ୟାପକ ସଞ୍ଜୟ କୁମାର ମିଶ୍ର ଯୋଗଦେଇ ଉଜୁଡ଼ା ପରିବେଶକୁ ସଜାଡ଼ିବା ପାଇଁ ଚାରା ରୋପଣ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଶିବିରରେ ଅଧ୍ୟାପକ ବୃନ୍ଦାବନ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜାତୀୟ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ରଘୁନାଥ ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ପ୍ରାଧ୍ୟାପକ ଶାନ୍ତନୁ କୁମାର ମାଟି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟଅଧ୍ୟାପିକା, ଅଧ୍ୟାପକମାନେ ସହଯୋଗ କରିଥିଲେ।




ଜାତୀୟ ସେବା ଶିବିରରେ ଅତିଥି ଓ ଛାତ୍ରୀଛାତ୍ର।

# ବଜରଙ୍ଗ ଦଳ, ରାଷ୍ଟ୍ରୀୟ ହିନ୍ଦୁ ପରିଷଦର କର୍ମକର୍ତ୍ତା ଚୟନ



ବୈଠକରେ ଯୋଗଦେଇଥିବା ବଜରଙ୍ଗ ଦଳ ଓ ରାଷ୍ଟ୍ରୀୟ ହିନ୍ଦୁ ପରିଷଦର କର୍ମକର୍ତ୍ତା।

**ଯାଜପୁର ଟାଉନ,୨୯।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ସହରସ୍ଥ ବିରଜା କଲ୍ୟାଣ ମଣ୍ଡପଠାରେ ରାଷ୍ଟ୍ରୀୟ ବଜରଙ୍ଗ ଦଳ ଓ ରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଯାଜପୁର ଶାଖା ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ଆନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଜିଲା ସଭାପତି ଭାବେ ପ୍ରଭାତ ମଲ୍ଲିକ, ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଜିଲା ସମ୍ପାଦକ ଭାବେ ଧନେଶ୍ୱର ସାହୁ, ରାଷ୍ଟ୍ରୀୟ ହିନ୍ଦୁ ପରିଷଦ କାର୍ଯ୍ୟକାରୀ ସଭାପତି ଭାବେ କଳ୍ପତରୁ ପଣ୍ଡା, ସହ ସମ୍ପାଦକ ରାଜେନ୍ଦ୍ର କୁମାର ପ୍ରଧାନ, ମହିଳା ପରିଷଦ ସଂଯୋଜିକା ନିର୍ମଳା ଗିରି, ଜିଲା ଓଜେସିନୀ ସଂଯୋଜିକା ଅର୍ପିତା ମଲ୍ଲିକ, ଜିଲା ଓଜେସିନୀ ସହସଂଯୋଜିକା ରୂପା ମଲ୍ଲିକ, ଜିଲା ରାଷ୍ଟ୍ରୀୟ ବଜରଙ୍ଗ ଦଳ ସଂଯୋଜକ ଚିନ୍ମୟ ଚିରସୁନ୍ଦର ପରିଡା, ଜିଲା ରାଷ୍ଟ୍ରୀୟ ବଜରଙ୍ଗ ଦଳ ସହ ସଂଯୋଜକ ଧୀରେନ କୁମାର ନାୟକ, ଜୟନ୍ତ କୁମାର ଷଡ଼ଙ୍ଗୀ, ଭରତ ଚନ୍ଦ୍ର ବଳ, ରାଜୀବ ରଞ୍ଜନ ସାମଲ, ଶ୍ରୀକାନ୍ତ ଜେନା, ଜିଲା ରାଷ୍ଟ୍ରୀୟ ବଜରଙ୍ଗ ଦଳ ସୁରକ୍ଷା ବାଦଲ କୁମାର ନାୟକ, ଜିଲା ରାଷ୍ଟ୍ରୀୟ ବଜରଙ୍ଗ ଦଳ ଗୋ–ରକ୍ଷା ପ୍ରମୁଖ ମୃତ୍ୟୁଞ୍ଜୟ ପଟ୍ଟନାୟକ, ରାଷ୍ଟ୍ରୀୟ ବଜରଙ୍ଗ ଦଳ ସୂଚନା ପ୍ରମୁଖ ଗୌତମ ପ୍ରସାଦ ସାହୁ, ମହାବିଦ୍ୟାଳୟ ସମ୍ପର୍କ ପ୍ରମୁଖ ସୁଧାଂଶୁ ଶେଖର ସାହୁ, ବଜରଙ୍ଗ ଦଳ ଜିଲା ସପ୍ତାହିକ ମିଳନ କେନ୍ଦ୍ର ପ୍ରମୁଖ ସୁରେଶ କୁମାର ପତି, ବଜରଙ୍ଗ ଦଳ ପ୍ରଚାର ପ୍ରସାର ପ୍ରମୁଖ ଜିଜ୍ଞାଂଶୁ ସାହୁ, ବଜରଙ୍ଗ ଦଳ ଆଖଡ଼ା ପ୍ରମୁଖ ଗୋବିନ୍ଦ ଚନ୍ଦ୍ର ସାହୁଙ୍କୁ ଚୟନ କରାଯାଇଛି।

# ପ୍ରସ୍ତାବିତ ୨୦ନଂ. ରାଜ୍ୟ ରାଜପଥର ଦୁରବସ୍ଥା

- ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି
- ସମସ୍ୟା ଘେରରେ ଅଞ୍ଚଳବାସୀ

**ରାଜକନିକା,୨୯।୯(ସଞ୍ଜୟ କୁମାର ଦାଶ)** ପ୍ରସ୍ତାବିତ ୨୦ନଂ. ରାଜ୍ୟ ରାଜପଥ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଜୟନଗରରୁ ଭାୟା ସିଂହପୁର ହୋଇ ଯାଜପୁର ଜିଲା ଦେଇ ଲମ୍ବିଛି। ସେହି ରାସ୍ତାର ରାଜକନିକା ବ୍ଲକର ନହୁଣୀ ଘୋଷଣା ଉପରେ ହୋଇଥିବା କଲଭର୍ଟ ମୁଖ୍ୟ ରାସ୍ତା ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକମାନେ ହଇରାଣ ହେଉଛନ୍ତି। ସେହି ରାସ୍ତାରେ ଯାତାୟତ କରୁଥିବା ଯାନବାହାନର ଚାଳକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି।

ଅଭିଯୋଗ ଅନୁଯାୟୀ, ଏହି ରାସ୍ତାର ପ୍ରଶସ୍ତିକରଣ କାମ ପ୍ରାୟ ୫ବର୍ଷ ତଳେ ସରିଛି। ହେଲେ ନହୁଣୀ ଘୋଷରା ଉପରେ ହୋଇଥିବା କଲଭର୍ଟର ପୂର୍ବ ଏବଂ ପଶ୍ଚିମ ପାଖର ଆପ୍ରୋଚ ମୁଖ୍ୟରାସ୍ତା ମରଣଯନ୍ତା ପାଲଟିଛି। ଏଥିଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏମିତିକି ଦୈନନ୍ଦିନ ଛୋଟବଡ ଦୁର୍ଘଟଣା ବି ଘଟୁଛି। ରାସ୍ତାର ଅବସ୍ଥା ଏମିତି ହୋଇଛି ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବନାହିଁ। ରାସ୍ତା ସାରା ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ତୁରନ୍ତ ଯଦି ଏହି ରାସ୍ତାର ମରାମତି କାର୍ଯ୍ୟ କରା ନ ଯାଏ ସେହି ରାସ୍ତାରେ ଯାତାୟତ ବନ୍ଦ ହୋଇଯିବ ବୋଲି ଅଞ୍ଚଳବାସୀ କହିଛନ୍ତି। ବିଶେଷ କରି ରାଜକନିକା ବ୍ଲକ, କନିକା ତହସିଲ କାର୍ଯ୍ୟାଳୟ, ଥାନା, ହସ୍ପିଟାଲ ସହିତ ଅନ୍ୟାନ୍ୟ ଦପ୍ତର ସହ ସ୍କୁଲ କଲେଜକୁ ଯିବା ଆସିବା କରିବା ପାଇଁ ପ୍ରାୟ ୧୦ଟି ପଞ୍ଚାୟତର ୫୦ ହଜାର ଲୋକ ପ୍ରତିଦିନ ନିର୍ଭର କରିଥାନ୍ତି। ଆମ୍ବୁଲାନ୍ସ ସେବା, ଅଗ୍ନୀଶମ ସେବା ବ୍ୟତୀତ ଯାତ୍ରୀବାହୀ କୋଲକାତା, କଟକ, ଭୁବନେଶ୍ୱର, ରାଉରକେଲା, ଯାଜପୁର ଆଦି ବିଭିନ୍ନ ଅଞ୍ଚଳକୁ ବସ୍ ସେବା ମଧ୍ୟ ବାଧାପ୍ରାପ୍ତ ହେବା ନେଇ ଆଶଙ୍କା ଉପୁଜିଛି।



ଖାଲ ଓ କାଦୁଅରେ ପୂର୍ଣ୍ଣ ରାସ୍ତା।

# କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

**ପଟ୍ଟାମୁଣ୍ଡାଇ,୨୯।୯ ( କଳ୍ପତରୁ ନାୟକ)** କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀ ରବିବାର ମଧ୍ୟାହ୍ନରେ ନିଜ ମାମୁଘରେ ଗଳାରେ ଶାଢ଼ିବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରୀଙ୍କ ନାମ ଇତିଶ୍ରୀ ସାହୁ(୧୯)। ସେ ସ୍ଥାନୀୟ ମହିଳା ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ। ସେ ନିଜ ମାମୁ ଘରେ ରହି ପାଠ ପଢୁଥିଲେ। ତେବେ କାହିଁକି ସେ ଏପରି ପଦକ୍ଷେପ ନେଲେ ତାହା ସ୍ପଷ୍ଟ ହୋଇନାହିଁ। ମାମୁଘର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତାଙ୍କ ଅଜା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଶବ ଜବତ କରି ତଦନ୍ତ ଆରମ୍ଭ କରିଛି। ଏନେଇ ଆଦର୍ଶ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୪) ରୁଜୁ ହୋଇଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛି।

# ପଟ୍ଟାମୁଣ୍ଡାଇ କଲେଜ ରସାୟନ ବିଭାଗରେ ଆଲୋଚନା ଚକ୍ର

**ପଟ୍ଟାମୁଣ୍ଡାଇ,୨୯।୯(କଳ୍ପତରୁ ନାୟକ)** ପଟ୍ଟାମୁଣ୍ଡାଇ କଲେଜ ରସାୟନ ବିଭାଗ ପକ୍ଷରୁ ଏକ ଜିଲାସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ରସାୟନ ବିଭାଗ ମୁଖ୍ୟ ଡ. ଗିରିଜା ପ୍ରସାଦ ମହାପାତ୍ର ଯୋଗ ଦେଇ ରିଟ୍ରୋସିନେସିସ ଓ ବିଭିନ୍ନ ଅରଗାନିକ ମଲିକୁଲାର ଉପରେ ଆଲୋଚନା କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ରସାୟନ ବିଭାଗ ମୁଖ୍ୟ ଡ.ଦୁଃଶାସନ ପରିଡ଼ା ସ୍ୱାଗତ ଭାଷଣ ଓ ଡ.ଫକୀର ପ୍ରଧାନ ଅତିଥିପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଡ.ସୁନୀଲ ପ୍ରଧାନ ଆଲୋଚନାଚକ୍ରର ଶୀର୍ଷକ ଉପରେ ଆଲୋଚନା କରି ଛାତ୍ରୀଛାତ୍ରମାନଙ୍କୁ ଦିଗଦର୍ଶନ ଦେଇ ଥିଲେ। ଏହି ଆଲୋଚନାଚକ୍ରରେ କ୍ୟାପଟେନ ମନୋଜ ପରିଡ଼ା, ପ୍ରାଧ୍ୟାପକ ପ୍ରମୋଦ ସ୍ୱାଇଁ, ଅଧ୍ୟାପକ ଶୁଭାଶିଷ ମିଶ୍ର, ଜିତେନ୍ଦ୍ର ମଲିକ, ଅମିତ ସାହୁ, ସରୋଜ ନାୟକ ଓ ଆଲୋକ ସାହୁ ପ୍ରମୁଖ ବହୁ ଅଧ୍ୟାପିକା,ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଅଧ୍ୟାପକ ରଞ୍ଜନ ଗାହାଣ ଧନ୍ୟବାଦ ଦେଇଥିଲେ।

# ଅନ୍ୟର ଜମି ଦେଖାଇ ସାଢ଼େ ୫ଲକ୍ଷ ଟଙ୍କା ନେଇଗଲେ

**ଡେରାବିଶରେ ଜମି ବେପାରୀଙ୍କ ରାଜ୍**

**ଡେରାବିଶ,୨୯।୯(ବେବର୍ତ୍ତା ଅଜୟ ଦାସ)** କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ୍‌ଅଞ୍ଚଳରେ ଜମି ବ୍ୟବସାୟୀଙ୍କ ରାଜ୍ ଚାଲିଛି। ଜମି ଯୋଗାଇ ଦେବା ଆଳରେ କେତେଜଣ ବ୍ୟକ୍ତି ଅନ୍ୟର ଜମିକୁ ଦେଖାଇ ନିରୀହ ଗରିବ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଡେରାବିଶ ଥାନା ଖମେଳ ପଞ୍ଚାୟତ ଅନ୍ତର୍ଗତ ବଡ଼ଫୋଗଳ ଗ୍ରାମର ବିଚିତ୍ର ଶତପଥୀଙ୍କ ପରିବାର ଭୂମିହୀନ। ବାସଉପଯୋଗୀ ଜମି ଖଣ୍ଡିଏ କିଣିବା ପାଇଁ ବିଚିତ୍ରଙ୍କ ସ୍ତ୍ରୀ ବାସନ୍ତୀ ତାଙ୍କ ବାପଘର ଚଷାଖଣ୍ଡ ଗ୍ରାମର ଅଜୟ ସିଂହଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ଅଜୟ ବାସନ୍ତୀଙ୍କୁ ୩ ଗୁଣ୍ଠ ବିକ୍ରି କରିବେ ବୋଲି ପ୍ରତିଶ୍ରୁତି ଦେଇ ଜମି ଦେଖାଇଥିଲେ। ଜମି ବାସନ୍ତୀଙ୍କ ପସନ୍ଦ ହେବାରୁ ଅଜୟ ବାସନ୍ତୀଙ୍କଠାରୁ ୩ ଗୁଣ୍ଠ ଜମି ବିକ୍ରି ବାବଦରେ ୫ଲକ୍ଷ ୫୦ ହଜାର ଟଙ୍କା ଆଗୁଆ ନେଇଥିଲେ। ତେବେ ଟଙ୍କା ନେବା ପରେ ଅଜୟ ଆଉ ବାସନ୍ତୀଙ୍କୁ ଧରାଛୁଆଁ ଦେଇ ନ ଥିଲେ କି ଜମି ରେଜେଷ୍ଟ୍ରି କରି ନ ଥିଲେ। ପରେ ବାସନ୍ତୀଙ୍କୁ ଅଜୟ ଯେଉଁ ଜମି ଦେଖାଇଥିଲେ ତାହା ଅଜୟଙ୍କ ନୁହେଁ ବୋଲି ବାସନ୍ତୀ ଜାଣିପାରି ତାଙ୍କୁ ଟଙ୍କା ଫେରାଇବା ପାଇଁ କହିଥିଲେ। ହେଲେ ସେ ଟଙ୍କା ଫେରାଇ ନ ଥିଲେ। ତାଙ୍କ ପାଖକୁ ବାରମ୍ବାର ଦୌଡ଼ି ନିରାଶ ହେବା ପରେ ବାସନ୍ତୀ ଡେରାବିଶ ଥାନାରେ ଏ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। ଡେରାବିଶ ଥାନାରେ ଏ ନେଇ ଏକ ମାମଲା(ନଂ.୨୧/୨୦୨୪) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

ଏହି ଘଟଣା ପରେ ଅଜୟଙ୍କ ଭାଇ ବିଜୟ ସିଂ, ବାପା ଦୁର୍ଗା ପ୍ରସାଦ ସିଂ ପରିବାରର ସଦସ୍ୟ ମାମୁନି ସିଂ ଓ ମଇନା ସିଂ ରାଗରେ ବାସନ୍ତୀ ଓ ତାଙ୍କ ସ୍ୱାମୀ ବିଚିତ୍ରଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣା ପରେ ବାସନ୍ତୀ ପୁଣି ଥରେ ଡେରାବିଶ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହାକୁ ନେଇ ପୋଲିସ ଅନ୍ୟ ଏକ ମାମଲା(ନଂ.୭୧/୨୪) ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ପୋଲିସ ତରଫରୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେବାରୁ ବାସନ୍ତୀଙ୍କ ପରିବାର ବାଧ୍ୟ ହୋଇ ନ୍ୟାୟାଳୟର ଆଶ୍ରୟ ନେଇଥିବା ସୂଚନା ମିଳିଛି।



ଟଙ୍କା ହରାଇଥିବା ବାସନ୍ତୀଙ୍କ ପରିବାର।

# ଆଉଟସୋର୍ସିଂ କର୍ମଚାରୀଙ୍କ ସମସ୍ୟା ସମାଧାନ ଦାବି

**ଯାଜପୁର ଟାଉନ,୨୯।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପ୍ରାଙ୍ଗଣର ମିଶନ ଶକ୍ତି ଭବନଠାରେ ରବିବାର ଯାଜପୁର ଜିଲା ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ରାଜ୍ୟ ଉପସଭାପତି ଗୌତମ ମହାରଣ୍ୟ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତାପସ ମିଶ୍ର, ଦିବ୍ୟଲୋଚନ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ସ୍ନେହାଶିଷ ମିଶ୍ର, ବାମଦେବ ସାହୁ, ପ୍ରଶାନ୍ତ କୁମାର ଦାସ, ବିଜୟ କୁମାର ବଳ ପ୍ରମୁଖ ଉପସ୍ଥିତ ଆଉଟ୍ ସୋର୍ସିଂ କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ଦାବି କରିଛନ୍ତି।

ରାଜ୍ୟ ସରକାର କୌଣସି କାରଣ ନ ଥାଇ ୬ରୁ ୧୬ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଚାକିରିରୁ ଛଟେଇ କରିଛନ୍ତି। ପୂର୍ବ ରାଜ୍ୟ ସରକାର ୨୫% ଦରମା ବୃଦ୍ଧି ଘୋଷଣା କରିଥିଲେ, ଯାହା ସମସ୍ତ ଆଉଟ ସୋର୍ସିଙ୍ଗ କର୍ମଚାରୀଙ୍କୁ ଆଜି ଯାଏ ମିଳିନାହିଁ। ଏହାର ସମାଧାନ କରିବାକୁ ମହାସଂଘ ଦାବି କରିଛି। ସେହିପରି ସମାନ କାମ କୁ ସମାନ ଦରମା ଏବଂ ବର୍ଷ ବର୍ଷ ଧରି କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ପାଇଁ ରାଜ୍ୟସରକାରଙ୍କ ନିକଟରେ ଦାବି କରାଯାଇଛି। ମହାସଂଘ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତକରି ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ସହ ଛଟେଇ ବନ୍ଦ କରିବା, ଡେଲିଓ୍ବେଜେସ୍ କର୍ମଚାରୀଙ୍କୁ ଆଉଟ ସୋର୍ସିଂ କର୍ମଚାରୀଙ୍କ ଭଳି ସମାନ ସୁବିଧା ପ୍ରଦାନ କରିବା, ସମସ୍ତ ବର୍ଗର ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କରିବା ଓ ସ୍ଥାୟୀ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସର୍ବ ନିମ୍ନଦରମା ସହିତ ଚାକିରିରେ ନିରାପତା ପାଇଁ ଦାବି କରିଛି। ସମ୍ମିଳନୀରେ ରାଜ୍ୟ ସାଂଗଠନିକ ସମ୍ପାଦକ ତାପସ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦିକା ସୁପ୍ରିୟା ସାହୁ ଓ ଅନ୍ୱେଷା ତ୍ରିପାଠୀ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଦକ୍ଷ ପଞ୍ଚାନନ ବେହେରା, ଅଜିତ କୁମାର ଆଇଚ୍, ପ୍ରଣତି ଲେଙ୍କା, ବିଜୟ କୁମାର ବଳ, ଅଶୋକ କୁମାର ସାହୁ, ଚିତ୍ତରଞ୍ଜନ ସାହୁ, ଶକ୍ତିମାନ ସାହୁ, ଅମର ଚନ୍ଦ୍ର ଦାସ, ସସ୍ମିତା ବିଶ୍ୱାଳ ଓ ସମରଜିତ ସାହୁ ପ୍ରମୁଖ ଉପସ୍ଥିତଥିଲେ।




ଯାଜପୁର ଜିଲା ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା କର୍ମକର୍ତ୍ତା।

**ସଂକ୍ଷେପରେ**

## ମା’ ସିଦ୍ଧିଦାତ୍ରୀଙ୍କ ବରାହୀ ବେଶ



ନାଉଗାଁ,୨୯।୯(ସୁଧା ବେହୁରା)

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରାପ୍ରୋସ୍ଥିତ ମା’ ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ରବିବାର ଷୋଡଶ ଦିନାତ୍ମକ ଶାରଦୀୟ ଦୁର୍ଗା ପୂଜାର ପଞ୍ଚମ ଦିବସରେ ମା’ଙ୍କୁ ବରାହୀ ବେଶରେ ସୁସଜ୍ଜିତ କରାଯାଇଥିଲା। ଉକ୍ତ ବେଶକୁ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆଶ୍ରମର ସମ୍ପାଦକ ଅକ୍ଷୟ କୁମାର ମିଶ୍ରଙ୍କ ସମେତ ଆଶ୍ରମବାସୀ ପରିଚାଳନା କରିଥିଲେ। ମା’ଙ୍କର ଶାରଦୀୟ ପୂଜା ଓ ବେଶ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା।

## ଚାନ୍ଦୋଳ ବଜାରର ବରିଷ୍ଠ ବ୍ୟବସାୟୀଙ୍କ ପରଲୋକ



ଡେରାବିଶ,୨୯।୯
(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ କୋହ୍ଲା ଗ୍ରାମର ପରକ୍ଷିତ ପାତ୍ର(୭୨)ଙ୍କ ରବିବାର ସନ୍ଧ୍ୟାରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ପରକ୍ଷିତ ଚାନ୍ଦୋଳ ବଜାରରେ ଦୀର୍ଘବର୍ଷ ଧରି ଷ୍ଟେଶନାରୀ ବ୍ୟବସାୟ କରିଆସୁଥିଲେ। ଏବେ କିଛିଦିନ ହେବ ବାର୍ଦ୍ଧକ୍ୟ ଯୋଗୁ ତାଙ୍କ ପୁଅ ବ୍ୟବସାୟ ଚଳାଇ ଆସୁଛନ୍ତି। ରବିବାର ସନ୍ଧ୍ୟାରେ ହଠାତ ତାଙ୍କର ପରଲୋକ ହୋଇଯାଇଥିଲା। ତାଙ୍କର ପରଲୋକ ଖବର ପାଇ ବଜାରର ବହୁ ବ୍ୟବସାୟୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଛତୁଆର ଗୁଣବତ୍ତା ନେଇ ଆଶଙ୍କା

## ମହାକାଳପଡ଼ାରେ ୨୦ରୁ ଉର୍ଦ୍ଧ୍ୱ ଶିଶୁ ଅପପୁଷ୍ଟିର ଶିକାର ହୋଇଥିଲେ

ମହାକାଳପଡ଼ା,୨୯।୯
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଗ୍ରାମାଞ୍ଚଳ ଶିଶୁମାନଙ୍କର ଶାରୀରିକ ଗଠନରେ ଅକ୍ଷମତା ଓ କୁପୋଷଣ ସୁଧାରିବା ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ଶିଶୁମାନଙ୍କର ଶାରୀରିକ ଗଠନରେ କିପରି ପୋଷଣ, ପୁଷ୍ଟିକର ତଥା ଭିଟାମିନ ଯୁକ୍ତ ଖାଦ୍ୟ ଠିକ୍ ଭାବେ ଅଭିବୃଦ୍ଧି ପାଇବ ସେଥିପାଇଁ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ହେଲେ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେଉ ନ ଥିବାରୁ ବିଧାନସଭାରେ ଶନିବାର ଛତୁଆକୁ ନେଇ ସଦସ୍ୟମାନେ ପ୍ରଶ୍ନ ଉଠାଇଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ସମ୍ବେଦନଶୀଳ ଅଭିଯୋଗକୁ ଗୁରୁତ୍ୱାରୋପ କରିଛନ୍ତି। ଆବଶ୍ୟକ ପଡ଼ିଲେ ଛତୁଆ ଯୋଗାଣକୁ ନେଇ ତଦନ୍ତ ଆରମ୍ଭ ହେବ ବୋଲି କହିଛନ୍ତି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ କିଛିଦିନ ତଳେ ୨୦ରୁ ଉର୍ଦ୍ଧ୍ୱ ଅପପୁଷ୍ଟିର ଶିକାର ହୋଇଥିଲେ।



ବ୍ଲକ ଅଞ୍ଚଳରେ ଶିଶୁମାନଙ୍କ ପାଇଁ ଯୋଗାଣ କରାଯାଉଥିବା ଛତୁଆ।

ମହାକାଳପଡ଼ା ବ୍ଲକ ଅଞ୍ଚଳର ଅଙ୍ଗନୱାଡି କେନ୍ଦ୍ରରେ କୋମଳମତି ଶିଶୁମାନଙ୍କୁ ଯୋଗାଣ ଛତୁଆକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରସୂତି ମହିଳା, ଗର୍ଭବତୀ ଓ ଶିଶୁମାନଙ୍କୁ ବଣ୍ଟନ କରାଯାଇଥିବା ଭିଟାମିନଯୁକ୍ତ ଖାଦ୍ୟକୁ ନେଇ ପ୍ରଶ୍ନ ଉଠିଲାଣି। ଏଥିପାଇଁ ବିପୁଳ ପରିମାଣରେ ଟଙ୍କା ବ୍ୟୟ ହେଉଥିବା ବେଳେ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଉତ୍କଳମଣି ଯୁବକ ସଂଘ ସଭାପତି ଗୌତମ ବେହେରା କହିଛନ୍ତି। ଆବଶ୍ୟକ ପଡ଼ିଲେ, ଛତୁଆ ମାନର ଗୁଣବତ୍ତା ପରୀକ୍ଷଣ ଓ ଯୋଗାଣକୁ ନେଇ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ସେ କହିଛନ୍ତି। ଛତୁଆ ପ୍ରସ୍ତୁତ ସମୟରେ ଗୁଣବତ୍ତାକୁ ନେଇ ବିଭାଗୀୟ ଅଧିକାରୀମାନେ ଉପରଠାଉରିଆ ଭାବେ ତଦନ୍ତ କରୁଥିବା ଅଭିଯୋଗ ହେଉଛି। ମହାକାଳପଡ଼ା ବ୍ଲକର ୩୧୧ ଅଙ୍ଗନୱାଡି କେନ୍ଦ୍ରରେ ୮ ହଜାରରୁ ଅଧିକ ଶିଶୁଙ୍କୁ ୨ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଛତୁଆ ପ୍ରସ୍ତୁତ କରାଯାଇ ଯୋଗାଣ କରାଯାଉଛି। ବ୍ଲକର ଆଦିବାସୀ ଅଧୁଷିତ ଅଞ୍ଚଳରେ କିଛିଦିନ ତଳେ ଶିଶୁମାନେ ଅପପୁଷ୍ଟିର ଶିକାର ହୋଇଥିଲେ। ବିଭାଗ ପକ୍ଷରୁ ପୁଷ୍ଟିହୀନର ଶିକାର ହୋଇଥିବା ୨୦ରୁ ଅଧିକ ଶିଶୁଙ୍କୁ ଉନ୍ନତମାନର ଛତୁଆ ଅଦ୍ୟାବଧି ଯୋଗାଣ ହେଉଛି ବୋଲି ବ୍ଲକ ଶିଶୁ ବିକାଶ ବିଭାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ବ୍ଲକ ଶିଶୁ ବିକାଶ ଅଧିକାରିଣୀ କବିତା ମଲିକଙ୍କ ମତାମତ ନେବା ସମ୍ଭବ ହୋଇ ନ ଥିଲା।

# ସରପଞ୍ଚଙ୍କ ମାରାଥନ ଉଦ୍‌ଘାଟନ, ଶିଳାନ୍ୟାସ କାର୍ଯ୍ୟକ୍ରମ


ନିହାରୁନିକନ୍ଧାଠାରେ ଶ୍ମଶାନ ଗୃହ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

କୁଜଙ୍ଗ,୨୯।୯(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦୀପଗଡ଼ ପଞ୍ଚାୟତର ସରପଞ୍ଚ ସସ୍ମିତ ବେହେରା ରବିବାର ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ମାରାଥନ ଉଦ୍‌ଘାଟନ କରିବା ସହ ଶିଳାନ୍ୟାସ କରିଛନ୍ତି। ଏହି ପଞ୍ଚାୟତର ପାରାଦୀପ ଗଡଗ୍ରାମ (ୱାର୍ଡ ନମ୍ବର ୩)ରେ ନିର୍ମିତ ଜଳ ନିଷ୍କାସନ ପଥ ଉପରେ କଲଭର୍ଟ ନିର୍ମାଣର ଉଦ୍‌ଘାଟନ କରାଯିବା ସହ ନିହାରୁନିକନ୍ଧାଠାରେ ଶ୍ମଶାନ ଗୃହ ଓ ନିମିଡ଼ି ଗ୍ରାମରେ ମା’ରାମଚଣ୍ଡୀଙ୍କ କୋଠ ଘର ନିର୍ମାଣ ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଉତ୍ସବରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଚନ୍ଦ୍ର ଶେଖର ଚୌଧୁରୀ, ଅଲେଖ ମହାରଥା, ନିର୍ଭୟ ମହାରଥା, ଶୁଶାନ୍ତ ସାମଲ, ଲକ୍ଷ୍ମୀଧର ବେହେରା, ନିହାରୁଣିକନ୍ଧା ଗ୍ରାମର ରାଜେନ୍ଦ୍ର ବେହେରା, ସୁରେନ୍ଦ୍ର ମହାନ୍ତ, ଭରତ ଚନ୍ଦ୍ର ସୁତାର, ଅମିତ ବୈଦ୍ୟ, ପ୍ରମୋଦ ସାମନ୍ତରାୟ, ଅଜୟ ଓଝା, ବିଜୟ କମିଲା, ନିମିଡ଼ି ଗ୍ରାମର ଜୟନ୍ତ ସେନାପତି, ମନୋଜ ରାଉତ, ଭାସ୍କର ସାହୁ, ଚିନ୍ମୁନା ରାଉତ, ମନୋଜ ସ୍ୱାଇଁ, ଅଭିଷେକ ଦାସ, ସରୋଜ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ୨ବର୍ଷ ମଧ୍ୟରେ ପଞ୍ଚାୟତରେ ଥିବା ୧୧ଟି ରାଜସ୍ୱ ଗ୍ରାମରେ ବ୍ୟାପକ ଉନ୍ନୟନମୂଳକ କାର୍ଯ୍ୟ କରାଯିବ ବୋଲି ସରପଞ୍ଚ ବେହେରା ପ୍ରକାଶ କରିଛନ୍ତି।

# ଆନ୍ଦୋଳନ ବ୍ୟାପକ କରିବାକୁ ନିଷ୍ପତ୍ତି

**ବାଉଁଶ ଯୋଡି, ଅଳକା, ଗୋବରୀ ବୁଡି ଅଞ୍ଚଳ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ବୈଠକ**


ବୈଠକରେ ଯୋଗଦେଇଥିବା ସଦସ୍ୟମାନେ।

ନାଉଗାଁ,୨୯।୯(ସୁଧାବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ବାଉଁଶ ଯୋଡି, ଗୋବରୀ, ଅଳକା ବୁଡି ଅଞ୍ଚଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରବିବାର ସାଧାରଣ ବୈଠକ ତିରୁଣାସ୍ଥିତ ସୁବର୍ଣ୍ଣେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମଚରଣ ଶାସମଲଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ରମେଶ ବେହୁରା, ସୁବାସ ସ୍ୱାଇଁ, ଯୁଧିଷ୍ଠିର ସ୍ୱାଇଁ, ତୋଫାନ ସ୍ୱାଇଁ ପ୍ରମୁଖ ଯୋଗଦେଇ ନିଜର ମତ ପ୍ରକାଶ କରିଥିଲେ। ବର୍ଷା ଦିନେ ବାଲିକୁଦା ଓ ନାଉଗାଁ ବ୍ଲକର ଅଧିକାଂଶ ପଞ୍ଚାୟତରେ ଉଦ୍‌ବୃତ୍ତ ଜଳ ନିଷ୍କାସନ ହୋଇ ପାରୁନାହିଁ। ଫଳରେ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ନଦୀ ଓ ନାଳ ଠିକ୍‌ଭାବେ କାର୍ଯ୍ୟକାରୀ ହେଲେ ବର୍ଷା ଜଳ ସହଜରେ ନିଷ୍କାସନ ହୋଇ ପାରିବ। ଉକ୍ତ ଆନ୍ଦୋଳନକୁ ଆଗକୁ ଆହୁରି ବ୍ୟାପକ କରିବା ସହିତ ତଳିଆ ଅଞ୍ଚଳରେ ଥିବା ବିଭିନ୍ନ ଗ୍ରାମରୁ ଦସ୍ତଖତ ସଂଗ୍ରହ କରାଯାଇ ଜଗତ୍‌ସିଂହପୁର ଓ ଏରସମା ବିଧାୟକ, ନାଉଗାଁ ଓ ବାଲିକୁଦା ବିଡିଓ, ଜିଲାପାଳଙ୍କୁ ଅବଗତ କରିବା ପାଇଁ ନିଷ୍ପତ୍ତି ହୋଇଛି।

## ସାହାଣୀ କପ: କଟକ, ଗଞ୍ଜାମ ବିଜୟୀ

ପାରାଦୀପ,୨୯।୯(ଶରତ ରାଉତ)

ପାରାଦୀପ ଗୋପବନ୍ଧୁ ଷ୍ଟାଡିୟମରେ ଚାଲିଥିବା ୬୩ତମ ଆନ୍ତଃ ଜିଲା ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଓ ସାହାଣୀ କପ୍ ରବିବାର ୫ମ ଦିନ ଖେଳାଯାଇଥିବା ଲିଗ୍ ମ୍ୟାଚରେ କଟକ ଓ ଗଞ୍ଜାମ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ଜଗତ୍‌ସିଂହପୁରକୁ ଗଞ୍ଜାମ ୨-୧ଗୋଲରେ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ମ୍ୟାଚରେ ପୁରୀକୁ କଟକ ୫-୦ ଗୋଲରେ ପରାସ୍ତ କରିଛି। ଉକ୍ତ ଟୁର୍ନାମେଣ୍ଟକୁ ଓଡ଼ିଶା ସରକାର ଓ ପାରାଦୀପ ବନ୍ଦର ମିଳିତ ଭାବେ ଆୟୋଜନ କରିଛନ୍ତି।

## ଘରୁ ୭ ଲକ୍ଷ ଟଙ୍କା, ସୁନା ଚୋରି

ପାଣିକୋଇଲି,୨୯।୯(ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁରର ଜଣଙ୍କ ଘରୁ ଶନିବାର ରାତିରେ ଦୁର୍ବୃତ୍ତ ୬ଲକ୍ଷ ୬୦ ହଜାର ଟଙ୍କା ସହ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ରବିବାର ଏସ୍‌ଆଇ ପ୍ରକାଶ କୁମାର ପ୍ରଧାନ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

ଅଭିଯୋଗ ମୁତାବକ, ପାଣିକୋଇଲି ଗ୍ରାମର କାର୍ତ୍ତିକ ସେଠୀ ଓ ତାଙ୍କ ସ୍ତ୍ରୀ ହାରାମଣୀ ସେଠୀ ସଠିପୁରରେ ଘରଭଡ଼ା ନେଇ ରହୁଛନ୍ତି। କାର୍ତ୍ତିକ ଜଣେ ଅବସରପ୍ରାପ୍ତ କର୍ମଚାରୀ। ସେ ବ୍ୟାଙ୍କରୁ ଟଙ୍କା ଉଠାଇ ଗଡ୍‌ରେଜରେ ରଖିଥିଲେ। ରାତିରେ ଅସୁସ୍ଥତା ଅନୁଭବ କରିବାରୁ ସେ ଉକ୍ତ ରୁମ ଛାଡି ତାଙ୍କ ସ୍ତ୍ରୀଙ୍କ ରୁମରେ ଶୋଇଥିଲେ। ଏହାର ସୁଯୋଗରେ ଦୁର୍ବୃତ୍ତ ଆସି ଝରକା ଭାଙ୍ଗି ତାଙ୍କ ଗ୍ରୀଲ ଖୋଲି ଘରେ ପଶିଥିଲେ। ଘର କବାଟ ଭିତରୁ ବନ୍ଦ କରି ଆଲମିରା ଲକର ଭାଙ୍ଗି ଟଙ୍କା, ସୁନା ଲୁଟ୍ କରିଥିଲେ। ସକାଳୁ ଘରର କବାଟ ଭିତରୁ ବନ୍ଦଥିବା ଦେଖି କାର୍ତ୍ତିକଙ୍କ ସନ୍ଦେହ ହେବାରୁ ସେ ବାହାର ପଟ ଝରକା ଦେଖିବାବେଳକୁ ତଡ଼ାଯାଇ ଗ୍ରୀଲ ଖୋଲାଯାଇଥିଲା। କାର୍ତ୍ତିକ ସେଇ ଝରକା ପଟେ ପଶି କବାଟ ଖୋଲି ଦେଖିବା ବେଳେକୁ ଆଲମିରା ଖୋଲି ଲୁଟ୍ ହୋଇଥିଲା।

# ରାଜ୍ୟ ଭାଜପା ସଭାପତିଙ୍କୁ ଭେଟିଲେ ଜିଲା ଓବିସି ମୋର୍ଚ୍ଚା ସଭାପତି

**ବ୍ଲକ ପରିସରରୁ ସୁଭଦ୍ରା ବ୍ୟାନର ଛିଡାଇ ନେବା ଘଟଣା**


ମନମୋହନ ସାମଲଙ୍କ ସହ ସୁବୋଧ ବାରିକ ଆଲୋଚନା କରୁଛନ୍ତି।

ରଘୁନାଥପୁର,୨୯।୯
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ପରିସରରୁ ସୁଭଦ୍ରା ଯୋଜନାର ଏକ ବ୍ୟାନର ଛିଡାଇ ନେଇଯିବା ଘଟଣାରେ ଭାଜପାର ଜିଲା ଓବିସି ମୋର୍ଚ୍ଚା ସଭାପତି ତଥା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ସଂଯୋଜକ ସୁବୋଧ କୁମାର ବାରିକ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଏଥିସହ ବ୍ଲକରେ ସରକାରୀସ୍ତରରେ ମହିଳାଙ୍କ ପାଇଁ ଅନୁଷ୍ଠିତ ସୁଭଦ୍ରା ଯୋଜନା ଶୁଭାରମ୍ଭ ସଭାରେ ଯୋଗଦେବାକୁ ଆସିଥିବା ମହିଳାମାନଙ୍କ ପ୍ରତି ହୋଇଥିବା ଅବିଚାର ତଥା ଅବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ, ବ୍ଲକ ପରିସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜନକଲ୍ୟାଣ ନିମନ୍ତେ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ସୁଭଦ୍ରା ଯୋଜନାର ଏକ ବିରାଟ ବ୍ୟାନର ପ୍ରଦର୍ଶିତ ହୋଇଥିଲା। ଗତ ୨୨ ତାରିଖରେ କୌଣସି ଦୁର୍ବୃତ୍ତ ଉଦ୍ଦେଶ୍ୟମୂଳକ ଭାବେ ଏହି ବ୍ୟାନରଟିକୁ ଛିଡାଇ ନେଇଛନ୍ତି। ଏହା ସରକାରୀ କାର୍ଯ୍ୟକ୍ରମର ପରିପନ୍ଥୀ ବୋଲି କର୍ମକର୍ତ୍ତା ବାରିକ କହିଛନ୍ତି। ଅନ୍ୟପକ୍ଷେ ବିରୋଧୀ ଦଳ ପକ୍ଷରୁ ଷଡ଼ଯନ୍ତ୍ର କରାଯାଇ ରାଜ୍ୟ ସରକାରଙ୍କୁ ନିନ୍ଦିତ କରିବା ପାଇଁ ଏସବୁ କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ହୋଇଥିବାବେଳେ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କ ମନରେ ଗଭୀର ଦୁଃଖ ଦେଇଛି ବୋଲି ବାରିକ ପ୍ରକାଶ କରିଛନ୍ତି।

# ୟେଚୁରୀଙ୍କ ପରଲୋକ ଦେଶ ପାଇଁ ଅପୂରଣୀୟ କ୍ଷତି

କେନ୍ଦ୍ରାପଡ଼ା,୨୯।୯ (ଜଗନ୍ନାଥ ଧଳ)

ସୀତାରାମ ୟେଚୁରୀ ଜଣେ ଅନନ୍ୟ ଓ ଅସାଧାରଣ ଜନନାୟକ। ବିଶ୍ୱ କମ୍ୟୁନିଷ୍ଟ ଆନ୍ଦୋଳନ ସହ ଭାରତ ବର୍ଷର ପରିସ୍ଥିତି ସମ୍ପର୍କରେ ତାଙ୍କର ଗଭୀର ଅଧ୍ୟୟନ ଥିଲା। ସେ ଜେଏନ୍‌ୟୁରୁ ଏସ୍‌ଏଫ୍‌ଆଇରେ ଯୋଗ ଦେଇ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ତାଙ୍କର ନିରନ୍ତର ସାଧନା ଯୋଗୁ ସିପିଆଇ (ଏମ)ର ସର୍ବୋଚ୍ଚ ନେତୃତ୍ୱ ପଦବୀରେ ଅବସ୍ଥାପିତ ହୋଇଥିଲେ। ସଂସଦରେ ତାଙ୍କର ଉଚ୍ଚକୋଟିର ବିତର୍କ ଏକ ସୁସ୍ଥ ସମାଜ ଗଠନ ପାଇଁ ଦିଗ ଦେଖାଉଥିଲା। ଆମ୍ବେଦ୍‌କର, ଲୋହିଆ, ଭଗତ ସିଂହଙ୍କ ବିଚାରକୁ ଆଧାର କରି ମାର୍କବାଦକୁ ପ୍ରୟୋଗ କରିବାରେ ସେ ସିଦ୍ଧହସ୍ତ ଥିଲେ। ତାଙ୍କର ଅକାଳ ବିୟୋଗ ସମଗ୍ର ଦେଶ ପାଇଁ ଅପୂରଣୀୟ କ୍ଷତି ବୋଲି କେନ୍ଦ୍ରାପଡ଼ା ସହରର ଟାଉନ ହଲ ଠାରେ ସ୍ୱର୍ଗତ ୟେଚୁରୀଙ୍କ ଜିଲାସ୍ତରୀୟ ସର୍ବଦଳୀୟ ଶୋକସଭାରେ ବରିଷ୍ଠ ରାଜନେତା, ବୁଦ୍ଧିଜୀବୀଙ୍କ ସହ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇ ଏହି ମତ ପ୍ରଦାନ କରିଛନ୍ତି।



ଶୋକ ସଭାରେ ଜଣେ ବକ୍ତା ଉଦ୍‌ବୋଧନ ଦେଉଛନ୍ତି।

ସିପିଆଇ(ଏମ)ର ବରିଷ୍ଠ ନେତା ଉମେଶ ଚନ୍ଦ୍ର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ବହୁ ରାଜ୍ୟସ୍ତରୀୟ ନେତୃମଣ୍ଡଳୀ ଯୋଗ ଦେଇଥିଲେ। ବରିଷ୍ଠ ନେତା ଜମେଶ୍ୱର ସାମନ୍ତରାୟ, ବଦ୍ରିନାରାୟଣ ଦାଶ, ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୌରାଧ୍ୟକ୍ଷା ସରିତା ସାହୁ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ପୌରାଧ୍ୟକ୍ଷ ଧୀରେନ ସାହୁ, ବିଜେଡି ରାଜ୍ୟ ସମ୍ପାଦକ ରବି ସାମଲ, ଜିଲା ଯୁଗ୍ମ ସମ୍ପାଦକ ଆଦିକନ୍ଦ ରାଉଳ ପ୍ରମୁଖ ସ୍ୱର୍ଗତ ୟେଚୁରୀଙ୍କ ସ୍ମୃତିଚାରଣ କରିଥିଲେ। ଜିଲା ସମ୍ପାଦକ ଗୟାଧର ଧଳ ଏହି ଶୋକସଭାରେ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦଳର କର୍ମକର୍ତ୍ତା ଜଗତଜୀବନ ଦାଶ, କାଳୀପ୍ରସାଦ ନାୟକ, ରତ୍ନଞ୍ଜୟ ମଲିକ ପ୍ରମୁଖ ପରିଚାଳନା କରିଥିଲେ।

# ରାଜ୍ୟସ୍ତରୀୟ କବି ସମ୍ମିଳନୀ



ସମ୍ମିଳନୀରେ ଯୋଗଦେଇଥିବା କବିମାନେ ।

ନାଉଗାଁ,୨୯।୯(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ତିହୁଡାସ୍ଥିତ ମା’ଜାଗୁଳାଇ ମନ୍ଦିର ପରିସରରେ ରବିବାର ଶାରଦୀୟ ପାର୍ବଣ ଉପଲକ୍ଷେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ ବାବା ବୈକୁଣ୍ଠନାଥ ସାହିତ୍ୟ ସଂସ୍କୃତି ପରିଷଦର ଆନୁକୂଲ୍ୟରେ ଆୟୋଜିତ ଏହି କବି ସମ୍ମିଳନୀରେ ଗୁରୁକୃପାକୁଟୀରର ବାବା ସତ୍ୟାନନ୍ଦ ଦାସ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ସଭାରେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ପୂର୍ବତନ ଟ୍ରଷ୍ଟି ପ୍ରତାପ ମିଶ୍ର, ଅଲ୍‌ଇଣ୍ଡିଆ ରେଡିଓର ପୂର୍ବତନ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ସାମଲ, ସୁକାନ୍ତ କୁମାର ଲେଙ୍କା, ନିରଞ୍ଜନ ମହାନ୍ତି, ପ୍ରସନ୍ନ ସ୍ୱାଇଁ, ହିମାଂଶୁ ମହାନ୍ତି, ବାମଦେବ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ କବି, କବିୟତ୍ରୀମାନେ ଯୋଗଦେଇ ଶାରଦୀୟ କବିତା ପାଠ କରିଥିଲେ। ଶେଷରେ ସମ୍ମିଳନୀରେ ଯୋଗଦେଇଥିବା କବିମାନଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ତ୍ରିଲୋଚନ ପାଢ଼ୀ ପରିଚାଳନା କରିଥିଲେ।

**ଦୋକାନ ଘର, କ୍ୱାର୍ଟର ଯୋଗାଇ ଦେବାକୁ ଦାବି**

# ମୂକ, ବଧିରମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଜରୁରୀ

**ଜିଲା ସଂଘର ପ୍ରଥମ ବାର୍ଷିକ ଉତ୍ସବ**

ଜଗତ୍‌ସିଂହପୁର, ୨୯।୯
(ପ୍ରମୋଦ କୁମାର ନାୟକ)

ମୂକ,ବଧିରମାନେ ସମାଜରେ ଅଲୋଡ଼ା ରହିବା ଉଚିତ ନୁହେଁ। ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ହେବ। ପ୍ରତ୍ୟେକେ ସହଯୋଗର ହାତ ବଢ଼ାଇଲେ ଏହା ସମ୍ଭବ। ରବିବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ମୂକ, ବଧିରମାନଙ୍କ ସଚେତନତା ପାଇଁ ଜଗତ୍‌ସିଂହପୁର ଜିଲା ମୂକ, ବଧିର ସଂଘ ପକ୍ଷରୁ ଆୟୋଜିତ ପ୍ରଥମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଗତ୍‌ସିଂହପୁର ପୌର ପରିଷଦ ପୂର୍ବତନ ପୌରାଧକ୍ଷ ମଧୁସୂଦନ ସାହୁ ଏହା କହିଛନ୍ତି। ସେ ଏକଥା ମଧ୍ୟ କହିଥିଲେ ମୂକ, ବଧିରମାନଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିରେ ସୁଧାର ପାଇଁ ବିଭିନ୍ନ ମହଲରେ ପ୍ରଚେଷ୍ଟା ରହିବା ଉଚିତ। ସଂଘ ପକ୍ଷରୁ ଯେଉଁସବୁ ଦାବି କରାଯାଉଛି ତାହା ଯୁକ୍ତିଯୁକ୍ତ। ତେଣୁ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ସେମାନଙ୍କ ପ୍ରତି ସହାନୁଭୂତିଶୀଳ ହେବାକୁ ସାହୁ ଆଶାପୋଷଣ କରିଥିଲେ। ଆୟୋଜିତ ଉତ୍ସବରେ



ଅତିଥି ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ଏୱାଇଜେଏନ୍‌ଆଇଏସ୍‌ଏଚ୍‌ଡି - ଡି, ଡିଆଇଏସ୍‌ଏଲ୍‌ଆଇ ତଥା ଡିଟିଆଇଏସ୍‌ଏଲ୍ ଦିଲୀପ କୁମାର ପଟେଲ, ଡିଫ୍ ଆୱାରନେସ୍ ଆଣ୍ଡ ଆସୋସିଏଶନର ରାଜୀବ ମହାନ୍ତି, ଇଣ୍ଟରନ୍ୟାଶନାଲ ସାଇ ଲାଙ୍ଗୁଏଜ୍‌ର ସଞ୍ଜୀବ କୁମାର ମଲ୍ଲ, ଆସୋସିଏଶନ୍ ଅନ୍ ଦି ଡିଫ୍‌ର ମୁକ୍ତି ରଞ୍ଜନ ମହାପାତ୍ର ପ୍ରମୁଖ ମୂକ, ବଧିରମାନଙ୍କ ବିଭିନ୍ନ ସମସ୍ୟା ଓ ସେମାନଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥିଭାବେ ଓଡ଼ିଶା ଫାଉଣ୍ଡେସନ୍ ଅଫ୍ ଡିଫ୍ ଓମେନ୍‌ର ସାଧାରଣ ସମ୍ପାଦକ ତଥା ଅଲ ଇଣ୍ଡିଆ ଫାଉଣ୍ଡେଶନ୍ ଅଫ ଡିଫ୍ ଓମେନ୍ ସଭାପତି ମିନା ଦାସ, ଜଗତ୍‌ସିଂହପୁର ଜିଲା ମୂକ, ବଧିର ସଂଘ ସଭାପତି ପ୍ରାଣକୃଷ୍ଣ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମୂକ, ବଧିରମାନଙ୍କ ଜୀବିକା ପାଇଁ ଜଗତ୍‌ସିଂହପୁର ସହରରେ ଛୋଟ ଛୋଟ ଦୋକାନ ଏବଂ ସଂଘ ପାଇଁ ସରକାରୀ କ୍ୱାର୍ଟର ଯୋଗାଇ ଦେବାକୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଥିଲା। ଉତ୍ସବରେ ମୁଖ୍ୟଅତିଥିଙ୍କ ସମେତ ଏକାଧିକଙ୍କୁ ସମ୍ବର୍ଦ୍ଧନା ସହ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସଂକ୍ଷେପରେ

## ଅଧ୍ୟାପକ ଡା. ହୃଷୀକେଶ ସମ୍ମାନିତ

ସୋରଡା,୨୯।୯(ରଜନୀ ମହାପାତ୍ର)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଶିବିରର ୫୫ ତମ ପ୍ରତିଷ୍ଠା ଉତ୍ସବରେ ସୋରଡା ଋଷିକୁଲ୍ୟ ଡିଗ୍ରୀ କଲେଜ ଅଧ୍ୟାପକ ଡା ହୃଷୀକେଶ ମିଶ୍ର ସମ୍ମାନିତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟ କୁଳସଚିବ ଡା ସଚ୍ଚିଦାନନ୍ଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମାନିତ ଉତ୍ସବରେ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୨୨ଟି ସ୍ନାତକ ମହାବିଦ୍ୟାଳୟ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ୨୦୨୩-୨୪ ବର୍ଷର ଉତ୍କୃଷ୍ଟ ସେବା ପାଇଁ ସମ୍ମାନିତ କରାଯାଇଛି। ଏହି ଯୋଜନା ଅନ୍ତର୍ଗତ ବିଭିନ୍ନ ବିଭାଗୀୟ ସେବା ପାଇଁ ସମ୍ମାନିତ କରଯାଉଥିବା ବେଳେ ସୋରଡ଼ା ଋଷିକୁଲ୍ୟ ସ୍ନାତକ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଡା ହୃଷୀକେଶ ମିଶ୍ରଙ୍କୁ ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଭାବେ ସମ୍ମାନିତ କରାଯାଇଛି।

## ଅଧା ରହିଲା ତୀର୍ଥଯାତ୍ରା

କବିସୂର୍ଯ୍ୟନଗର,୨୯।୯(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଖରିଆ ମୁକୁନ୍ଦପୁର ଶାସନର ପଦ୍ମନାଭ ରଥ(୭୨)ଙ୍କ ଗତ ୨୭ ତାରିଖରେ ବଦ୍ରୀନାଥଠାରେ ପରଲୋକ ହୋଇଯାଇଛି। ସେ ସ୍ତ୍ରୀଙ୍କ ସହ ପୋଲସରାରୁ ବସ୍ ଯୋଗେ ଉତ୍ତର ଭାରତ ତୀର୍ଥଯାତ୍ରାରେ ଯାଇଥିଲେ। ଅକ୍ଟୋବର ୨ରେ ଘରକୁ ଫେରିଥାନ୍ତେ। ବଦ୍ରୀନାଥ ରାସ୍ତାର ଗୌରୀକୁଣ୍ଡଠାରେ ୨୭ ତାରିଖ ରାତି୩ଟାରେ ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ପରେ ତାଙ୍କର ପରଲୋକ ହୋଇଥିଲା। ଶନିବାର ଋଷିକେଶଠାରେ ପଦ୍ମନାଭଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ଜଣେ ନିଷ୍ଠାପର, ମିଷ୍ଟଭାଷୀ, ଉତ୍ତମ ବ୍ୟବସାୟୀ ଥିଲେ। କବିସୂର୍ଯ୍ୟନଗର ଏନଏସିରେ ଦୁଇଥର କାଉନସିଲର ଥିବା ବେଳେ ସେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ଟ୍ରକ୍‌କୁ ପଛରୁ ପିଟିଲା ଟ୍ରକ୍

ଭଞ୍ଜନଗର,୨୯।୯(ବାବୁଲା ପ୍ରଧାନ)

ଭଞ୍ଜନଗର ଫୁଲବାଣୀ ମୁଖ୍ୟ ରାସ୍ତାର କଳିଙ୍ଗା ଘାଟି ତଳେ ଥିବା ଦୁର୍ଗା ପ୍ରସାଦରେ ରବିବାର ଏକ ଟ୍ରକ୍‌କୁ ଆଉ ଗୋଟିଏ ଟ୍ରକ ପଛପଟୁ ଧକ୍କା ଦେଇଥିଲା। ଏଥିରେ ଦୁଇଜଣ ଆହତ ହୋଇଛନ୍ତି। ଭଞ୍ଜନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## କୁଇଜ୍ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ

ନୂଆଗଡ,୨୯।୯(ଯୋଗ୍ୟବନ୍ତ ପରିଛା)

ନୂଆଗଡ଼ ବ୍ଲକ ସଦର ମହକୁମାସ୍ଥିତ ଲକ୍ଷ୍ମୀ ନୃସିଂହ ନୋଡାଲ ବିଦ୍ୟାପୀଠ ପରିସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ବ୍ଲକ ସ୍ତରୀୟ କୁଇଜ ପ୍ରତିଯୋଗିତା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ଲୋକନାଥ ଶବର, ଅତିଥି ଭାବେ ଉପ ଗୋଷ୍ଠୀ ଶିକ୍ଷାଧିକାରୀ ଲିଙ୍ଗରାଜ କାର୍ଜୀ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ବେହେରା ଓ ସମିତିସଭ୍ୟା ସୁଚିତା ଭୂୟାଁ ମଞ୍ଚାସୀନ ଥିଲେ। ୬୬ ପ୍ରାଥମିକ ବିଦ୍ୟାଳୟ, ୧୭ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୧୬ ଉଚ୍ଚ ବିଦ୍ୟାଳୟରୁ ବିଦ୍ୟାର୍ଥୀ ମଣ୍ଡଳ ସ୍ତରୀୟ କୁଇଜ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ମାନପତ୍ର ସହ ପୁରସ୍କୃତ କରିଥିଲେ। ଶିକ୍ଷକ ବସନ୍ତ କୁମାର ସିଂ ପରିଚାଳନା ଏବଂ ଶିକ୍ଷକ ଯଶୋବନ୍ତ ରଉତ ଧନ୍ୟବାଦ ଦେଇଥିଲେ।

## ବ୍ଲକସ୍ତରୀୟ ପ୍ରତିଯୋଗିତା

ଗୁମ୍ମା,୨୯।୯(ପ୍ରବୀଣ କୁମାର ଲିମା)

ଗୁମ୍ମା ବ୍ଲକ ଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଗୁମ୍ମା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନେମି ମଣ୍ଡଳ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ମୂଳକ ମନୋଭାବ ଓ ସାଧାରଣ ଜ୍ଞାନ ବୃଦ୍ଧି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଗୁମ୍ମା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କୁ ଉପ କନିଷ୍ଠ, କନିଷ୍ଠ ଓ ବରିଷ୍ଠ ୩ବର୍ଗରେ ବିଭକ୍ତ କରାଯାଇ ସାହିତ୍ୟ, ସାମାଜିକ, ବିଜ୍ଞାନ, ଗଣିତ, ସାଧାରଣ ଜ୍ଞାନ ଆଦି ବିଷୟ ନେଇ କୁଇଜ୍ ପ୍ରତିଯୋଗୀତା ଆୟୋଜନ ହୋଇଥିଲା। ଗୁମ୍ମା ବିଇଓ ନୟନ ରଞ୍ଜନ ମଣ୍ଡଳ, ସହକାରୀ ବ୍ଲକ୍ ଶିକ୍ଷାଧିକାରୀ ବାବାଜୀ ପ୍ରଧାନ, ସହକାରୀ ଶିକ୍ଷାଧିକାରୀ ମଦନ ମୋହନ କହଁର, ରେଣୁକା ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।

# କମୁଛି ମିଡିୟୁନ୍ଦା ଜଳପ୍ରପାତ ଜଳସ୍ତର

■ କମ୍ ବର୍ଷା ଜଳହ୍ରାସର ମୁଖ୍ୟ କାରଣ

■ ଏପରି ଜାରି ରହିଲେ ଶୀତଦିନେ ନିରାଶ ହେବେ ପର୍ଯ୍ୟଟକ

ଦାରିଙ୍ଗବାଡି, ୨୯।୯ (ଅରୁଣ ସାହୁ)



ମିଡିୟୁନ୍ଦା ଜଳପ୍ରପାତ।

କନ୍ଧମାଳ ଜିଲା ଦାରିଙ୍ଗବାଡି ଅଞ୍ଚଳରେ ଅନେକ ଜଳପ୍ରପାତ ରହିଛି। ସେଗୁଡିକ ମଧ୍ୟରେ ପାଙ୍ଗାଲିର ଇନ୍ଦ୍ରଧନୁ ଜଳପ୍ରପାତ, ପାଟାବାନ୍ଧା ଜଳପ୍ରପାତ, କିରିକୁଟି ଲଭର୍ସ ପଏଣ୍ଟ ଅନ୍ୟତମ। ତେବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ମିଡିୟୁନ୍ଦା ଜଳପ୍ରପାତରେ ଏବେ ଜଳସଙ୍କଟ ଦେଖାଦେଇଛି। ପର୍ଯ୍ୟଟକ ଉକ୍ତସ୍ଥାନକୁ ବୁଲିବାକୁ ଯେଉଁ ଆଗ୍ରହରେ ଯାଉଛନ୍ତି ସେଠାରେ ପହଞ୍ଚିଲା ପରେ ନିରାଶ ହେଉଛନ୍ତି। ବର୍ଷା ଅଭାବରୁ ଏହି ଜଳପ୍ରପାତର ଜଳସ୍ତର କମୁଛି। ଉପରମୁଣ୍ଡରେ ଚାଷ ପାଇଁ ମଧ୍ୟ ଉକ୍ତ ଜଳ ବ୍ୟବହାର ହେଉଛି। ଫଳରେ ଜଳପ୍ରପାତରେ ଯେପରି ଭାବେ ଜଳ ଖସିବା କଥା ତା'ଠାରୁ ବହୁତ କମ ଜଳ ଖସୁଛି। ଫଳରେ ଜଳପ୍ରପାତର ସୌନ୍ଦର୍ଯ୍ୟ ହ୍ରାସ ପାଉଛି। ପ୍ରତିବର୍ଷ ଫେବୃଆରୀ କିମ୍ବା ମାର୍ଚ୍ଚ ମାସ ହୋଲି ପର୍ବ ପରେ ଏହି ଜଳପ୍ରପାତର ଜଳସ୍ତର ହ୍ରାସ ପାଉଥିଲା। ମାତ୍ର ଚଳିତବର୍ଷ ଶୀଘ୍ର ଜଳସ୍ତର ହ୍ରାସ ପାଉଥିବା ଦେଖିବାକୁ ମିଳିଛି। ଏନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ଆଗାମୀ ଦିନରେ ଭଲ ବର୍ଷା ନ ହେଲେ ଏହା ଶୀତ ଋତୁରେ ପର୍ଯ୍ୟଟକମାନଙ୍କୁ ନିରାଶ କରିବ ବୋଲି କୁହାଯାଉଛି।

# ସେପ୍ଟେମ୍ବର ସରିଲାଣି ଶୀତ ଆସିନି, ପର୍ଯ୍ୟଟକ ନିରାଶ

ଦାରିଙ୍ଗବାଡି,୨୯।୯(ଅରୁଣ ସାହୁ)

ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡି ଅଞ୍ଚଳକୁ ଶୀତ ଆସିବାର ବିଳମ୍ବ ହୋଇଛି। ଦିନକୁ ଦିନ ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ବର୍ଷାର ଅନିୟମିତତା ସହ ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ଗରମ ଅନୁଭୂତ ହେବା ଆଉ ସେପ୍ଟେମ୍ବରରୁ ଶୀତ ଆରମ୍ଭ ହେଉଥିବା ନଜିର ରହିଥିବା ବେଳେ ଚଳିତବର୍ଷ ସେପ୍ଟେମ୍ବର ସରିବାକୁ ବସିଲାଣି ଆଉ ୨ ଦିନ ପରେ ଅକ୍ଟୋବର ଆରମ୍ଭ ହେବ କିନ୍ତୁ ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଅଦ୍ୟାବଧି ଶୀତ ପ୍ରବେଶ କରିନାହିଁ। ଫଳରେ ଅଞ୍ଚଳବାସୀ ନିରାଶ ହେବା ସହ ଶୀତର ମଜା ନେବାକୁ ଆସୁଥିବା ରାଜ୍ୟ ତଥା ରାଜ୍ୟ ବାହାର ପର୍ଯ୍ୟଟକମାନେ ନିରାଶ ହେଉଛନ୍ତି। ଆଉ କିଛିଦିନ ପରେ ଶାରଦୀୟ ଛୁଟି କାଟିବାକୁ ପର୍ଯ୍ୟଟକ ଦାରିଙ୍ଗବାଡି ଆସିବାକୁ ପ୍ରସ୍ତୁତହୋଇ ଆଗୁଆ ହୋଟେଲ ବୁକିଂ କରିସାରିଥିବା ବେଳେ ଯଦି ସେହି ଛୁଟି ସମୟ ସୁଦ୍ଧା ଶୀତ ଆସି ନ ଥାଏ ତେବେ ପର୍ଯ୍ୟଟକ ନିରାଶ ହେବା ଆଶଙ୍କା ରହିଛି। ପ୍ରକାଶ ଯେ, ସେପ୍ଟେମ୍ବର ମାସରେ ଶୀତ ପ୍ରବେଶ କରିଥାଏ। ଏଥିପାଇଁ ଅଞ୍ଚଳବାସୀ ନୂଆ ଶୀତବସ୍ତ୍ର କିଣିବା ଆରମ୍ଭ କରିଥାନ୍ତି ଆଉ କିଛି ଲୋକ ସାଇତି ରଖିଥିବା ଶୀତବସ୍ତ୍ରକୁ ବାହାର କରି ବ୍ୟବହାର କରିଥାନ୍ତି କିନ୍ତୁ ଏବେ ତାହା ବ୍ୟତିକ୍ରମ ହୋଇଥିବା ଦେଖିବାକୁ ମିଳୁଛି। ଏ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ବ୍ୟାପକ ପ୍ଲାଷ୍ଟିକ, ପଲିଥିନ ବ୍ୟବହାରର ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଆଗକୁ ଶୀତ ପ୍ରବେଶ ନ କଲେ ଚଳିତବର୍ଷ ପର୍ଯ୍ୟଟକ ଦାରିଙ୍ଗବାଡି ଆସିବାକୁ ମୁହଁ ଫେରାଇବେ ବୋଲି ଆଶଙ୍କା କରାଯାଇଛି।

# ନିମ୍ନମାନର ମାଣ୍ଡିଆ ଫିଙ୍ଗି ପ୍ରତିବାଦ କଲେ ହିତାଧିକାରୀ



ପ୍ରତିବାଦ କରୁଛନ୍ତି ହିତାଧିକାରୀ।

ବୁଗୁଡ଼ା,୨୯।୯(କାଳିଚରଣ ଦାଶ)

ବୁଗୁଡ଼ା ସହରରେ ଅତି ନିମ୍ନମାନର ମାଣ୍ଡିଆ ଯୋଗାଣକୁ ନେଇ ହିତାଧିକାରୀ ଉତ୍‌କ୍ଷିପ୍ତ ହୋଇଛନ୍ତି। ସହରର ୧୧ନଂ ୱାର୍ଡରେ ଡିଲରଙ୍କ ସରକାରୀ ସୁଲଭ ମୂଲ୍ୟ ଦୋକାନ ସମ୍ମୁଖରେ ରାସ୍ତା ଉପରେ ମାଣ୍ଡିଆ ଢାଳି ହିତାଧିକାରୀମାନେ ପ୍ରତିବାଦ ଜଣାଇଛନ୍ତି।

ସୂଚନାନୁଯାୟୀ ମାଗଣାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୩ କିଲୋ ୩ ଶହ ଗ୍ରାମ ହିସାବରେ ମାଣ୍ଡିଆ ଦେବା ପାଇଁ ୩ ଦିନ ତଳେ କଣ୍ଟ୍ରୋଲ ଗୁଡିକୁ ମାଣ୍ଡିଆ ଆସିଥିଲା। ଗତ ୨୭ ତାରିଖରୁ ଡିଲରମାନେ ମାଣ୍ଡିଆ ଦେବା ଆରମ୍ଭ କରିଛନ୍ତି। ସେ ଅନୁସାରେ ଡିଲର ଜଣକ ତାଙ୍କ ଅଧିନ ବୁଗୁଡ଼ା ଏନଏସିର ୧୧, ୧୨ ଓ ୧୩ ନଂ ଆଦି ତିନୋଟି ୱାର୍ଡର ହିତାଧିକାରୀମାନଙ୍କୁ ମାଣ୍ଡିଆ ବଣ୍ଟନ କରୁଥିଲେ। ଏହି ମାଣ୍ଡିଆରେ ବାଲି ଓ ଅନ୍ୟାନ୍ୟ ଦାନା ମିଶା ଯାଇଥିବାରୁ ୩ କିଲୋ ମାଣ୍ଡିଆ ନେଇ ତାକୁ ଧୁଆଧୋଇ କରି ଛାଣିଲା ବେଳକୁ ମାତ୍ର କିଲେ ମାଣ୍ଡିଆ ବାହାରୁଥିବା ଜଣାପଡ଼ିଥିଲା। ତାହା ମଧ୍ୟ ଭଲ କ୍ୱାଲିଟିର ହୋଇନଥିବାରୁ ଲୋକଙ୍କ ଖାଇବା ଯୋଗ୍ୟ ନୁହେଁ। ଏହା ପ୍ରଚାର ହେବା ପରେ ରବିବାର ମାଣ୍ଡିଆ ନେବାକୁ ଆସିଥିବା ହିତାଧିକାରୀମାନେ ଅପମିଶ୍ରିତ ମାଣ୍ଡିଆ ଦେଖି କଣ୍ଟ୍ରୋଲ ଦୋକାନ ସମ୍ମୁଖ ରାସ୍ତା ଉପରେ ମାଣ୍ଡିଆ ଫିଙ୍ଗି ପ୍ରତିବାଦ କରିଥିଲେ। ସମ୍ପୃକ୍ତ ଡିଲର ନିଜ ଦୋକାନ ସମ୍ମୁଖରେ ବୋର୍ଡ ମାରୁନଥିବା ଏବଂ ସମୟ ନିର୍ଘଣ୍ଟ ଲେଖୁ ନଥିବା ନେଇ ମଧ୍ୟ ଲୋକେ ଅଭିଯୋଗ କରିଥିଲେ। ଏ ନେଇ ଯୋଗାଣ ଅଧିକାରୀ ହେମନ୍ତ କୁମାର ପ୍ରଧାନଙ୍କୁ ଲୋକେ ଫୋନ କରି ଜଣାଇଥିଲେ ମଧ୍ୟ ସେ ଘଟଣାସ୍ଥଳକୁ ନ ଆସି ଯଦି ଖରାପ ମାଣ୍ଡିଆ ଦିଆଯାଉଛି ତାହା ନିଅ ନାହିଁ ଏବଂ ପରେ ଭଲ ମାଣ୍ଡିଆ ଆସିଲେ ନେବ ବୋଲି କହିଥିଲେ।

## ଅର୍ଥନୀତି ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା, ପାଠଚକ୍ର

ଚିକିଟି,୨୯।୯(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟିଗଡ଼ସ୍ଥିତ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଅର୍ଥନୀତି ବିଭାଗର ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଭବାନୀ ପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିଲେ। 'ଉଦ୍ୟୋଗୀ ଉଦ୍ଭାବନ ସମ୍ଭାବନା ଧରଣାରୁ ବାସ୍ତବତାକୁ ଯାତ୍ରା' ଶୀର୍ଷକ ପାଠଚକ୍ର ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜର ଅର୍ଥନୀତି ବିଭାଗ ପ୍ରଫେସର ଡ. ଜ୍ଞାନ ରଞ୍ଜନ ମହାନ୍ତି ଯୋଗଦେଇ ଉପରୋକ୍ତ ବିଷୟକୁ ପ୍ରୋଜେକ୍ଟର ମାଧ୍ୟମରେ ବିଦ୍ୟାର୍ଥୀଙ୍କୁ ବୁଝାଇଥିଲେ। ବାଣିଜ୍ୟ ବିଭାଗ ଅଧ୍ୟାପକ ପବିତ୍ର ମହାରଣା କର୍ପୋରେଟର ବାଲାନ୍ସ ସିଟ୍ ଏବଂ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀ ପି. ଅମ୍ରିତା ସୁବୁଦ୍ଧି ଭାରତରେ ଷ୍ଟାର୍ଟଅପ୍ ଇକୋ ସିଷ୍ଟମର ସ୍ଥିତିକୁ ପିପିଟି ଦ୍ୱାରା ଉପସ୍ଥାପନା କରିଥିଲେ। ବିଭାଗୀୟ ମୁଖ୍ୟ ସନାତନ ରାଓ, ଅଧ୍ୟାପକ ସନାତନ ଗୌଡ଼, ଡ. ରାଜେଶ ପାତ୍ର, ଡମ୍ବରୁ ପ୍ରଧାନ, ଅଧ୍ୟାପିକା ସୁଜାତା ସାମନ୍ତରାୟ ଏବଂ ସ୍ନାତକ ଓ ସ୍ନାତକୋତ୍ତରର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟାପକ ଜିତେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅର୍ଥନୀତି ବିଭାଗର ନବାଗତ ବିଦ୍ୟାର୍ଥୀଙ୍କୁ ସ୍ୱାଗତ କରାଯାଇଥିଲା।

## ଆଉଟ୍ ସୋର୍ସିଂ କର୍ମଚାରୀ ମହାସଂଘର ଖବରଦାତା ସମ୍ମିଳନୀ





ପାରଳାଖେମୁଣ୍ଡି,୨୯।୯ (ଗିରିଧାରୀ ପରିଛା)

ବିଶ୍ୱନାଥ କଲ୍ୟାଣ ମଣ୍ଡପଠାରେ ଜିଲା ଆଉଟ୍ ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରାଜୀବ କୁମାର ପାଢ଼ୀ ଓ ସମ୍ପାଦକ ପଙ୍କଜ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ସଭାପତି ପାଢୀ କହିଛନ୍ତି, ସଂଘ ପକ୍ଷରୁ ବହୁବାର ଶାନ୍ତିପୂର୍ଣ୍ଣ ଧର୍ମଘଟ ପରେ ପୂର୍ବତନ ରାଜ୍ୟ ସରକାର ନ୍ୟାୟ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ, ମାତ୍ର ଏହା ପାଳନ କରିନାହାନ୍ତି। କୋଭିଡ୍ ସମୟରେ ଆମେମାନେ ଦିନରାତି ପରିଶ୍ରମ କରିଥିବାବେଳେ କୌଣସି କାରଣ ନ ଥାଇ ବିଭିନ୍ନ ବିଭାଗରେ ୬ରୁ ୧୬ ବର୍ଷ ପର୍ଯ୍ୟନ୍ତ ନିଷ୍ଠାର ସହ ସେବା ଯୋଗାଇ ଥିବା କର୍ମଚାରୀମାନଙ୍କୁ ଚାକିରିରୁ ଛଟେଇ କରିଥିଲେ। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏ ଦିଗରେ ବିଚାର କରି ଅସହାୟ ଆଉଟସୋର୍ସିଂ କର୍ମଚାରୀଙ୍କୁ ନ୍ୟାୟ ଦେବାକୁ ନିବେଦନ କରିଛନ୍ତି।

# କେନ୍ଦ୍ର ଗୃହ ସଚିବଙ୍କ ଧରାକୋଟ ଥାନା ପରିଦର୍ଶନ

ଧରାକୋଟ,୨୯।୯ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)





ଅନୁଧ୍ୟାନ ପାଇଁ ଆସିଥିବା କେନ୍ଦ୍ରୀୟ ଟିମ୍।

ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ଥାନା ମନୋନୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାର ଗଞ୍ଜାମ ଜିଲାର ଧରାକୋଟ ପାଟପୁର ଥାନା ରହିଛି। ଆଇନ ଶୃଙ୍ଖଳାଠାରୁ ଭିତ୍ତିଭୂମି, ସେବା ପ୍ରଦାନ, ଅପରାଧ ନିୟନ୍ତ୍ରଣ ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶ୍ରେଷ୍ଠ ଥାନାର ମାନ୍ୟତା ପ୍ରଦାନ କରାଯାଇ ଥାନାକୁ ପୁରସ୍କୃତ କରାଯବ। ଏଥିପାଇଁ ଧରାକୋଟ ଥାନାକୁ ରବିବାର କେନ୍ଦ୍ର ଗୃହ ବିଭାଗ ସଚିବ ଆଜି ମୁଲ୍ଲା ଓ ଟିମ୍ ପରିଦର୍ଶନ କରି ବିଭିନ୍ନ ସ୍ଥିତି ପାରଖିଛନ୍ତି। ଧରାକୋଟ ବ୍ଲକର ୮ଟି ପଞ୍ଚାୟତର ୪୨ଟି ଗାଁକୁ ନେଇ ଗଠିତ ଧରାକୋଟ ଥାନା ଆଇନ ଶୃଙ୍ଖଳାଠାରୁ ଆରମ୍ଭ କରି ସ୍ୱଚ୍ଛତା, ସାଧାରଣ ଜନତାଙ୍କୁ ସେବା ପ୍ରଦାନ ସହ ଉତ୍ତମ ବ୍ୟବହାର, ସାମାଜିକ କାର୍ଯ୍ୟରେ ସହଭାଗିତା ଓ ଉନ୍ନତ ଭିତ୍ତିଭୂମିକୁ ନେଇ ସଚିବ ଆଜି ମୁଲ୍ଲା ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଗତ ବର୍ଷଗୁଡିକରେ ମଧ୍ୟ ଉତ୍ତମ ଜନସମ୍ପର୍କ ଓ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ଏହି ଥାନା ଶ୍ରେଷ୍ଠ ଥାନା ପ୍ରତିଯୋଗିତାରେ ସାମିଲ ହୋଇଥିଲା। ଏହି ଅବସରରେ କେନ୍ଦ୍ର ଗୃହ ସଚବଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ଏହି ଟିମ୍ ଥାନା ପରିଦର୍ଶନ ସହ ରେକର୍ଡ ପତ୍ର ଯାଞ୍ଚ କରି ଉପସ୍ଥିତ ଥିବା କେତେ ଜଣ ଲୋକଙ୍କ ସହ ଥାନା ସମ୍ପର୍କରେ ଆଲୋଚନା କରିଥିଲେ। ଟିମ୍ ପରିଦର୍ଶନ ସମୟରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କାଳୁ ଚରଣ ବେହେରା, ଆସିକା ଏସ୍‌ଡିପିଓ ସଞ୍ଜୟ ମହାପାତ୍ର, ଭଞ୍ଜନଗର ଉପଖଣ୍ଡ ପୋଲିସ ଅଧିକାରୀ ସୁଜିତ ନାୟକ, ରିଜର୍ଭ ଇନ୍ସପେକ୍ଟର ଅମୂଲ୍ୟ ନାୟକ, ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ, ବଡଗଡ ଥାନା ଅଧିକାରୀ ସନ୍ଧ୍ୟାରାଣୀ ସିଂହ, ସୋରଡ଼ା ଥାନା ଅଧିକାରୀ ଅନିଲ ପରିଡ଼ା, ଗାଙ୍ଗପୁର ଥାନା ଅଧିକାରୀ ରାଜେଶ ନାୟକ, ପୋଲସରା ଥାନା ଅଧିକାରୀ କୌଶିକ ମାଝୀ, ଭଞ୍ଜନଗର ଥାନା ଅଧିକାରୀ କୁମର ମୁଦୁଲି, ବେଲଗୁଣ୍ଠା ଥାନା ଅଧିକାରୀ ବନ ବିହାରୀ ପ୍ରଧାନ, ଜଗନ୍ନାଥପ୍ରସାଦ ଥାନା ଅଧିକାରୀ ଅରୁଣ ସିଂହ, ତାରସିଂ ଥାନା ଅଧିକାରୀ ବିଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ମା' ବରାଳ ଦେବୀ ଯାତ୍ରା ପରିଚାଳନା କମିଟି ଗଠିତ

ଖଜୁରିପଡ଼ା,୨୯।୯ (ବିଦୁର ବେହେରା)

କନ୍ଧମାଳ ଜିଲାର ଅଧିଷ୍ଠାତ୍ରୀ ମା' ବରାଳ ଦେବୀଙ୍କ ଯାତ୍ରା ପରିଚାଳନା କମିଟି ଗଠିତ ହୋଇଛି। ଖଜୁରିପଡ଼ା ବ୍ଲକ ବଲସକୁମ୍ପାଠାରେ ଥିବା ମା'ଙ୍କ ମନ୍ଦିରରେ ପରିଚାଳନା କମିଟି ଦ୍ୱାରା ବିଭିନ୍ନ ପର୍ବ ପାଳିତ ହୁଏ । ମା'ଙ୍କ ମୁଖ୍ୟ ପୂଜା ହେଉଛି ମହାନବମୀ ଓ ଦଶହରା ପୂଜା। ବହୁ ଆଡ଼ମ୍ବରରେ ଏହି ପର୍ବ ପାଳନ ହୁଏ। ୯ ଦିନ ପର୍ଯ୍ୟନ୍ତ ମା' ମନ୍ଦିରରେ ବିଭିନ୍ନ ରୂପରେ ପୂଜା ପାଇଥାନ୍ତି। ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୁଏ। ଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଏ। ଚଳିତ ବର୍ଷ ୬ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ହୋଇଛି। ଶନିବାର ମା' ବରାଳ ଦେବୀ ମନ୍ଦିର ପରିଚାଳନା କମିଟି ନିର୍ଦ୍ଦେଶକ୍ରମେ ସଭାପତି ଚିତ୍ତରଞ୍ଜନ ପ୍ରଧାନ ଏବଂ ସମ୍ପାଦକ ସଞ୍ଜୟ କହଁରଙ୍କ ନେତୃତ୍ୱରେ ୨୩ ଜଣିଆ ଯାତ୍ରା ପରିଚାଳନା କମିଟି ଗଠନ କରାଯାଇଛି। ଯେଉଁଥିରେ ୬ ଜଣିଆ ଉପଦେଷ୍ଟା ମଣ୍ଡଳୀ ରହିଛନ୍ତି। ମୁଖ୍ୟ ଦାୟିତ୍ୱ ନିର୍ବାହ କରିବା ପାଇଁ ସଭାପତି ବୀରେନ୍ଦ୍ର କହଁର ଓ ସମ୍ପାଦକ ସଞ୍ଜୟ କୁମାର କହଁର ରହିଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ଖଜୁରିପଡ଼ା ତହସିଲଦାର ସୌମ୍ୟ ରଞ୍ଜନ ପାତ୍ର, ଥାନା ଅଧିକାରୀ ଚାପ ଧାରୀ ପ୍ରଧାନ, ରାଜସ୍ୱ ନିରୀକ୍ଷକ ଅଧିକାରୀ ଜୟନ୍ତ ସାହୁ ସମେତ ସଭାପତି ଚିତ୍ତରଞ୍ଜନ ପ୍ରଧାନ ଏବଂ ସେବାୟତ, ଦିଲ୍ଲୀପ ଦଳ ବେହେରା, ଉଦ୍ଧବ ବିଷୋୟୀ, କୋଷାଧ୍ୟକ୍ଷ ଅନ୍ତର୍ଯ୍ୟାମୀ କହଁର ରହିଛନ୍ତି । ସଭ୍ୟ ଭାବେ ସରପଞ୍ଚ ଉମା ଚରଣ ମଲ୍ଲିକ, ସଞ୍ଜୀବ ଲୋଚନ ପ୍ରଧାନ, ସୁଜିତ୍ କୁମାର ମଲ୍ଲିକ, ବ୍ରଜମୋହନ କହଁର, ସ୍ୱର୍ଣ୍ଣଲତା କହଁର, ଗୌତମ କହଁର, ଆଲୋକ କହଁର, ପୂର୍ବତନ ସରପଞ୍ଚ ଇନ୍ଦ୍ରଦ୍ୟୁମ୍ନ ମଲ୍ଲିକ, ସମିତି ସଭ୍ୟ ସଭାପତି ବୈଦ୍ୟନାଥ ବେହେରା, ସମାଜିକ କର୍ମୀ ବଳଦେବ ବେହେରା, ଗୌର ଚରଣ ବେହେରା, ବିଦୁର ବେହେରା, ବ୍ରହ୍ମ ନନ୍ଦ ମାଝୀ, ବରୁଣ ସାହାଣୀ, ନିରାକାର ବେହେରାଙ୍କ ସମେତ ମାଁ ବରାଳ ଦେବୀ ଯୁବକ ସଂଘ ଏବଂ ଇଷ୍ଟ ଦେବୀ ଯୁବ କଳା ପରିଷଦର ସଦସ୍ୟମାନେ ରହିଛନ୍ତି।

## ରାଜନୀତି ବିଜ୍ଞାନ ବିଭାଗର ସ୍ୱାଗତ ସଭା





ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ଭଞ୍ଜନଗର,୨୯।୯(ବାବୁଲା ପ୍ରଧାନ)

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ସ୍ୱାଗତ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ ଅଧ୍ୟକ୍ଷତା କରି ଛାତ୍ରୀଛାତ୍ର ମାନେ କିଭଳି ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ କରିପାରିବେ ସେନେଇ କହିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସେଫାଳି ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶାସନିକ ଅଧିକାରୀ ବିଭାସ ଦାସ, ଅବସରପ୍ରାପ୍ତ ପ୍ରାଧ୍ୟାପିକା ଆରତିବାଳା ପ୍ରଧାନ, ଅଧ୍ୟାପକ ହର ପ୍ରସାଦ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ବିଭୂତି ଗୌଡ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀ ଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ପାଣି ପାଇଁ ହନ୍ତସନ୍ତ | ପ୍ରତିଶ୍ରୁତି ଦେଇ ରଖୁନାହାନ୍ତି ଅଧିକାରୀ

ପାରଳାଖେମୁଣ୍ଡି,୨୯।୯(ଗିରିଧାରୀ ପରିଚ୍ଛା)



ପାନୀୟ ଜଳ ଅଭାବ ଗଜପତି ଜିଲା ରାୟଗଡ ବ୍ଲକର ଏସ. କରଡ଼ାସିଂ ଓ ଲାଇଲାଇ ଅଞ୍ଚଳବାସୀଙ୍କୁ ହନ୍ତସନ୍ତ କରୁଛି । ଗ୍ରାମବାସୀ ପାନୀୟଜଳ ଅଭାବ ନେଇ ବାରମ୍ବାର ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୋଣସି ସୁଫଳ ମିଳିନି। ଏହାର ପ୍ରତିବାଦରେ ଗତ ଜୁନ ୨୨ରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ସେତେବେଳେ ଉପ ନିର୍ବାହୀ ଅଧିକାରୀ ଲୋକଙ୍କୁ ବୁଝାଶୁଝା କରି ଏକମାସ ମଧ୍ୟରେ ଲୋକଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଯାଏ ସେ ପ୍ରତିଶ୍ରୁତି ପୂରଣ ହୋଇନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଜଳପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡିରହିଛି। ବର୍ଷା ଦିନରେ ମଧ୍ୟ ପାଣି ମୁନ୍ଦେ ଗ୍ରାମବାସୀ ପାଇପାରୁନାହାନ୍ତି।

ଗଜପତି ଜିଲାର ରାୟଗଡ ବ୍ଲକର ଏସ.କରଡ଼ାସିଂ ଓ ଲାଇଲାଇ ପଞ୍ଚାୟତ ଦୁର୍ଗମ ଅଞ୍ଚଳ ରୂପେ ପରିଚିତ। ଏହି ଦୁଇ ପଞ୍ଚାୟତର ୫ଖଣ୍ଡ ଗ୍ରାମର ଗ୍ରାମବାସୀ ପିଇବା ପାଣି ପାଇଁ ୨କି.ମି.ରୁ ଊର୍ଦ୍ଧ୍ୱ ଜଙ୍ଗଲ ରାସ୍ତାଦେଇ ଚାଲିଚାଲି ଆସି ନାଳ ପାଣି ସଂଗ୍ରହ କରି ବ୍ୟବହାର ପାଇଁ ନିଅନ୍ତି। ପାନୀୟ ଜଳ ସମସ୍ୟା ସମାଧାନ ନ ହେବାରୁ ଦୁଇ ପଞ୍ଚାୟତର ବିଷମପଡା, କରଣସାହି, ଅବାପୁର, ସାନଲୋବା, ତଳଲୋବା ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇ ଶୁକ୍ରବାର ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରିଥିଲେ। ନିର୍ବାହୀ ଯନ୍ତ୍ରୀ ରାଜେଶ ଗଡନାୟକଙ୍କୁ ଅଭିଯୋଗ ପତ୍ର ଦେଇ ମାସେ ମଧ୍ୟରେ ଯଦି ଦାବି ପୂରଣ ନ ହୁଏ ତେବେ ସେମାନେ ପରିବାର ସହ ଆସି ପାଣି ମିଳିବା ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାନ୍ଧିବାଢ଼ି ଖାଇ ରହିବେ। ପାଣି ମିଳିବା ପରେ ଗ୍ରାମକୁ ଫେରିବେ ବୋଲି ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ କୋରେଇ ଥାନା ହାବିଲଦାର ଗୁରୁତର

ପାଣିକୋଇଲି,୨୯।୯(ବିକାଶ ମଲ୍ଲିକ): କୋରେଇ ଥାନା ହାବିଲଦାର ସୁଦର୍ଶନ ସେଠୀ ରବିବାର ଦାମୋଦରପୁରସ୍ଥିତ ନିଜ ଘରକୁ ଫେରୁଥିବାବେଳେ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ସେଠୀ ଥାନାରୁ ଡ୍ୟୁଟି ସାରି ମଧ୍ୟାହ୍ନରେ ଘରକୁ ଖାଇବାକୁ ଆସୁଥିଲେ। ୧୬ ନମ୍ବର ଜାତୀୟ ରାଜପଥର ସଂଯୋଗୀକରଣ ରାସ୍ତାଟି ଟ୍ରକ ମାଲିକଙ୍କ ଦଖଲରେ ଥିବାବେଳେ ସେ ଉକ୍ତ ଗଡ଼ାଣି ଗଡ଼ିବାକୁ ଯାଉଥିବାବେଳେ ସମ୍ମୁଖରୁ ଜଣେ ବାଇକ୍ ଆରୋହୀ ଆସି ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ତାଙ୍କୁ ପାଣିକୋଇଲିରେ ପ୍ରାଥମିକ ଚିକିତ୍ସା କରାଯିବା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ବାଇକ ଚାଳକ ନିଶାସକ୍ତ ଥିବା ସୂଚନା ମିଳିଛି। ସେ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ତାଙ୍କ ବାଇକ ଆଗ ଭାଗିଁ ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଛି।

### ଦୁର୍ଘଟଣାରେ ଶିକ୍ଷକ ଗୁରୁତର

କାଳିଆପାଣି,୨୯।୯(ଅସିତ ମହାନ୍ତ): ଯାଜପୁର ଜିଲା ଚିଙ୍ଗୁଡ଼ିପାଳ ପଞ୍ଚାୟତ କଣ୍ଟାର୍ ପ୍ରାଇମେରି ସ୍କୁଲର ଶିକ୍ଷକ ବିଶ୍ୱନାଥ ପରିଡ଼ା ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ଼ମେଡିକାଲରେ ଭର୍ତ୍ତି କରାଯାଇଛି। ଢେଙ୍କାନାଳ ଜିଲା ଭୁବନ ବ୍ଲକ ଦର୍ଜନୀ ଗ୍ରାମର ବିଶ୍ୱନାଥ ରବିବାର ଅପରାହ୍ନରେ ଟାଟା ବଜାରରୁ ଦର୍ଜନି ଗାଁକୁ ଫେରୁଥିଲେ। ରେଙ୍ଗାଳି ରାସ୍ତାରେ ଉଠିବାବେଳେ ବଡ଼କାଠିଆ ଗାଁ ନିକଟରେ ପଛପଟୁ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସେ ଘଟଣାସ୍ଥଳରେ କିଛି ସମୟ ପଡ଼ି ରହିବା ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଥିଲେ।

### ଶର୍ଟସର୍କିଟରେ ବିଦ୍ୟୁତ୍ ତାର ଜଳିଗଲା

ମୋରଡ଼ା,୨୯।୯(ସ୍ମାରକ ମାଜୀ):

ମୟୂରଭଞ୍ଜ ଜିଲା ମୋରଡ଼ା ବଜାରରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ତାର ସର୍ଟ ସର୍କିଟରୁ ଜଳିଯାଇଛି। ରବିବାର ସନ୍ଧ୍ୟା ସମୟରେ ମୋରଡ଼ା ବଜାରର ତାରିଣୀ ଛକ ସାମ୍ନାରେ ଥିବା ବିଦ୍ୟୁତ୍ ଖୁଣ୍ଟ ତାରରେ ନିଆଁ ଲାଗି ଥିବାର ସ୍ଥାନୀୟ ଲୋକେ ଦେଖି ଭୟଭୀତ ହୋଇଯାଇଥିଲେ। ଖୁଣ୍ଟରୁ ସ୍ଥାନୀୟ ଦୋକାନ ଓ ଘରକୁ ବିଦ୍ୟୁତ୍ ସଂଯୋଗ ହୋଇଥିବା ବେଳେ ନିମ୍ନମାନର ତାର ଓ ସାମଗ୍ରୀ ବ୍ୟବହାର ଯୋଗୁ ଏଭଳି ଅଘଟଣ ଘଟୁଛି ବୋଲି ଅଞ୍ଚଳବାସୀ କହିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଖବର ପାଇ ବିଦ୍ୟୁତ୍ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇବା ପରେ ଜଳି ଯାଇଥିବା ତାରକୁ କାଟିବା ପରେ ସଂଯୋଗ କରିଥିଲେ। ଘଟଣା ବାବଦରେ ବିଦ୍ୟୁତ୍ ସେକ୍ସନର ସହକାରୀ ପରିଚାଳକ ମୃତ୍ୟୁଞ୍ଜୟ ପାଣିଗ୍ରାହୀଙ୍କୁ ପଚାରିବାରୁ ସର୍ଟ ସର୍କିଟ ଯୋଗୁଁ ଖୁଣ୍ଟରେ ଥିବା ଏକ ଏଲଟି କେବୁଲ ତାର ଜଳିଯାଇଥିବାର କହିଛନ୍ତି।

# ଟ୍ରାଫିକ୍ ସମସ୍ୟା ବଢ଼ାଉଛି କାରଖାନା ବସ୍

- ପ୍ରଶାସନ ନିର୍ଦ୍ଦେଶକୁ ଫୁଁ କରି ବେଆଇନ ପାର୍କିଂ
- ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି

ଯାଜପୁରରୋଡ୍,୨୯।୯ (ପବିତ୍ର ରଞ୍ଜନ ମହାନ୍ତି):



ରାସ୍ତା ଉପରେ ବସ୍ ପାର୍କିଂ କରାଯାଇଛି।

କଳିଙ୍ଗନଗର ଶିଳ୍ପ ରାଜଧାନୀର ମୁଖଶାଳାଭାବେ ପରିଚିତ ବ୍ୟାସନଗର ସହରରେ ଟ୍ରାଫିକ ସମସ୍ୟା ସମାଧାନ ହେବାର ନାଁ ଧରୁନାହିଁ। ଏହି ସହରରେ ଦିନକୁ ଦିନ ଲୋକସଂଖ୍ୟା ସହ ଯାନବାହନ ଚଳାଚଳ ଆଶାତୀତ ଭାବେ ବୃଦ୍ଧି ପାଉଛି। ଫଳରେ ସହରରେ ଟ୍ରାଫିକ ସମସ୍ୟା ଜଟିଳ ହେଉଛି। ଏହାର ସମାଧାନ ପାଇଁ ବାରମ୍ବାର ବିଭିନ୍ନ ସଂଗଠନ ଓ ସହରବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲେ ମଧ ଫଳ ଶୂନ ହେଉଛି। ଏଦିଗରେ ପୌର ପରିଷଦ କିମ୍ବା ଜିଲା ପ୍ରଶାସନ କାହାର ଆନ୍ତରିକତା ରହୁନାହିଁ। କଳିଙ୍ଗନଗର ଶିଳ୍ପ କାରଖାନାର କର୍ମଚାରୀଙ୍କୁ ନେବା ଆଣିବା କାର୍ଯ୍ୟରେ ନିୟୋଜିତ ଶହଶହ ବସ୍ ଟ୍ରାଫିକ ସମସ୍ୟାକୁ ବଢ଼ାଉଛି। ସହର ମଧ୍ୟରେ ବସ୍ ଦ୍ରୁତ ଗତିରେ ଯିବା ସହ ଉଚ୍ଚ ଶକ୍ତିପୂର୍ଣ୍ଣ ହର୍ଣ୍ଣ ବ୍ୟବହାର ସହରବାସୀଙ୍କୁ ଅତିଷ୍ଠ କରୁଛି। ଏହି ଦୃଶ୍ୟ ବିଶେଷ କରି ସହରର ମୁଖ୍ୟ ଗୋପବନ୍ଧୁ ଛକଠାରୁ ଷ୍ଟେଶନ ବଜାର ରାସ୍ତାରେ ଦେଖିବାକୁ ମିଳୁଛି। ବିଭିନ୍ନ ସ୍ଥାନରୁ ଏହି ଶିଳ୍ପାନୁଷ୍ଠାନରେ କାର୍ଯ୍ୟ କରିବାକୁ ଟ୍ରେନ ଯୋଗେ ଆସୁଥିବା କର୍ମଚାରୀଙ୍କୁ ନେବା ଆଣିବାରେ ୨୦୦ରୁ ଊର୍ଦ୍ଧ୍ୱ ବସ ନିୟୋଜିତ କରାଯାଇଛି। ବସ୍‌ଗୁଡ଼ିକ ବେଆଇନଭାବେ ରାସ୍ତାର ଉଭୟ ପାର୍ଶ୍ୱରେ ଘଣ୍ଟାଘଣ୍ଟା ଧରି ଠିଆ ହୋଇ ରହୁଛନ୍ତି। ଏହାଦ୍ୱାରା ରାସ୍ତା ସଂକୁଚିତ ହେବା ସହ ସାଧାରଣ ଯାତାୟାତଠାରୁ ଆରମ୍ଭ କରି ଆମ୍ବୁଲାନ୍ସ ଓ ଅନ୍ୟ ଜରୁରୀ ଗାଡ଼ିଗୁଡ଼ିକ ଜାମରେ ଫସି ରହୁଛନ୍ତି। ସାଧାରଣ ଲୋକେ ବସ୍ କର୍ମଚାରୀଙ୍କୁ କିଛି କହିଲେ ସେମାନେ ନାଲିଆଖି ଦେଖାଉଛନ୍ତି।

ଏହି ରାସ୍ତା ପୌରପରିଷଦ, ତହସିଲ ଓ ରେଲ୍‌ୱେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ସହ ଫେରୋକ୍ରୋମ ପ୍ଲାଣ୍ଟ, ଶିକ୍ଷାନୁଷ୍ଠାନ, ଷ୍ଟାଡିୟମ, ମେଡିକାଲକୁ ସଂଯୋଗ କରୁଛି। ଏହି ଦୃଷ୍ଟିରୁ ଉକ୍ତ ରାସ୍ତାଟି ଯାତାୟାତ ପାଇଁ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଛି। ବସ୍‌ଗୁଡ଼ିକ ପାର୍କିଂ ବାବଦ ଅର୍ଥ ପୌର ପରିଷଦ ନେଉଥିବାବେଳେ ପାର୍କିଂ ପାଇଁ ପରିଷଦ ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ଯୋଗାଇ ଦିଆଯାଇନାହିଁ। ଫଳରେ ବସଗୁଡ଼ିକୁ ମନଇଚ୍ଛା ରାସ୍ତା ଉପରେ ପାର୍କିଂ କରାଯାଉଛି। କରଖାନା କର୍ତ୍ତୃପକ୍ଷ ପାର୍କିଂ ବାବଦ ଅର୍ଥ ପୌର ପରିଷଦକୁ ଦେଉଥିବାରୁ ଏଦିଗରେ ପୌର କର୍ତ୍ତୃପକ୍ଷ ଚୁପରହୁଛନ୍ତି। ଏହି ବେଆଇନ ପାର୍କିଂ ଯୋଗୁ ବହୁ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ଆଗକୁ ସହରରେ ପାର୍ବଣ ଆରମ୍ଭ ହେବ। ଲୋକଙ୍କ ଗହଳି ସହ ଦୁର୍ଘଟଣା ବଢ଼ିବାର ଆଶଙ୍କା ରହିଛି। ପୂର୍ବରୁ ଟ୍ରାଫିକ୍ ସମସ୍ୟା ଦୂର ପାଇଁ ଯାଜପୁରରୋଡ୍ ସିଭିଲ ସୋସାଇଟି ପକ୍ଷରୁ ତତ୍କାଳୀନ କଳିଙ୍ଗନଗର ଅତିରିକ୍ତ ଜିଲାପାଳ, କାରଖାନା କର୍ତ୍ତୃପକ୍ଷ, ପୌର କର୍ତ୍ତୃପକ୍ଷ ଏବଂ ପୋଲିସକୁ ନେଇ ଏକ ବୈଠକ ହୋଇଥିଲା। ବୈଠକରେ ନିର୍ଦ୍ଦିଷ୍ଟ ସ୍ଥାନରେ ବସ ରଖିବା ପାଇଁ ନିର୍ଦ୍ଦେଶ ରହିଥିଲା। ମାତ୍ର ଏହି ନିର୍ଦ୍ଦେଶକୁ କିଛି ଦିନ ପାଳନ କାରା ଗଲା ପରେ ଏବେ ଯଥା ପୂର୍ବଂ ତଥା ପରଂ ଅବସ୍ଥା। ପ୍ରଶାସନ ନିର୍ଦ୍ଦେଶକୁ ଫୁଁ କରି କାରଖାନା ବସଗୁଡ଼ିକୁ ରାସ୍ତା ଉପରେ ଘଣ୍ଟାଘଣ୍ଟା ଧରି ଠିଆ କରାଯାଉଛି। ଫଳରେ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହେଉଛି। ଏହାର ସମାଧାନ ଦିଗରେ ପୋଲିସ ଚୁପ୍ ରହିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଦିଗରେ ରେଲୱେ କର୍ତ୍ତୃପକ୍ଷ, ପୌର ପରିଷଦ, ପୋଲିସ ଓ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବିହେଉଛି। ଏ ସମ୍ପର୍କରେ ଯାଜପୁର ରୋଡ୍ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ବେଆଇନ ପାର୍କିଂ କରୁଥିବା ବସ୍‌ଗୁଡ଼ିକରୁ ଜରିମାନା ଆଦାୟ କରିବାକୁ ପରିବହନ ବିଭାଗକୁ ଅବଗତ କରାଯିବ।

# ନରହରି ଥିଲେ ସରଳ ମଣିଷ

ଛତିଆ,୨୭।୯(ସୌମ୍ୟ ରଞ୍ଜନ ସାହୁ):

ବଡ଼ଚଣା ବ୍ଲକ ଛତିଆ ପଞ୍ଚାୟତ ଇଚ୍ଛାନଗର ପାଟଣା ଗ୍ରାମର ଅନନ୍ତ ଗୋପାଳ ସଙ୍କୀର୍ତ୍ତନ ମଣ୍ଡଳୀ ସଭ୍ୟ ନରହରି ରାଉଳଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ସଙ୍କୀର୍ତ୍ତନମଣ୍ଡଳୀ ପକ୍ଷରୁ ମୁଖ୍ୟ କର୍ମକର୍ତ୍ତା ଧୂଳେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଭ୍ୟ ଶିଶିର ନାଥ, ଅଶୋକ ବେହେରା, କୃଷ୍ଣଚନ୍ଦ୍ର ନାୟକ, ତ୍ରିଲୋଚନ ବାରିକ, ପ୍ରମୋଦ ବାରିକ, ଆକାଶ ବାରିକ ଓ ରବୀନ୍ଦ୍ର ନାଥଙ୍କ ସମେତ ଅନ୍ୟ ସଦସ୍ୟ ଓ ଗ୍ରାମର ମୁରବୀମାନେ ଯୋଗଦେଇ ନରହରିଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ସରଳ ମଣିଷ ଥିଲେ। ଅଞ୍ଚଳର ଧାର୍ମିକ ଓ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ରହି ସହଯୋଗ କରିଆସୁଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନରହରିଙ୍କ ସାନଭାଇ ପ୍ରହଲାଦ ରାଉଳ, ପୁତ୍ର ପ୍ରଦୀପ ରାଉଳ, ରୁଦ୍ର ରାଉଳ, ଅଭିଷେକ ରାଉଳ, ଦୀପକ ରାଉଳ ଓ ଜିତେନ୍ଦ୍ର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।


ନରହରି ରାଉଳଙ୍କ ସ୍ମୃତି ସଭାରେ ଯୋଗଦେଇଥିବା ଅତିଥି।

# ମଧୁବନ ହାଇସ୍କୁଲ 'ପିଏମଶ୍ରୀ'ରେ ସାମିଲ

ରସୁଲପୁର,୨୯।୯(ରଞ୍ଜିତ ରାଉତ):

'ପିଏମ୍‌ଶ୍ରୀ' (ପ୍ରଧାନମନ୍ତ୍ରୀ ସ୍କୁଲ ଇନ୍ ରାଇଜିଙ୍ଗ ଇଣ୍ଡିଆ)ର ୪ର୍ଥ ପର୍ଯ୍ୟାୟରେ ଯାଜପୁର ଜିଲାର ୧୧ ବିଦ୍ୟାଳୟ ସାମିଲ ହୋଇଛି। ଉକ୍ତ ବିଦ୍ୟାଳୟଗୁଡ଼ିକ ମଧ୍ୟରେ ରସୁଲପୁର ବ୍ଲକରୁ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟ ରହିଛି। ଯାହାକୁ ନେଇ ବିଦ୍ୟାଳୟର ପ୍ରତିଷ୍ଠାତା, ଶିକ୍ଷକ, କର୍ମଚାରୀ, ଅବସରପ୍ରାପ୍ତ ଶିକ୍ଷକ, ଅଭିଭାବକ, ବିଦ୍ୟାର୍ଥୀ, ପୁରାତନ ଛାତ୍ରୀଛାତ୍ର ଓ ସ୍ଥାନୀୟ ଅଞ୍ଚଳ ଶିକ୍ଷାପ୍ରେମୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

ଜାତୀୟ ଶିକ୍ଷା ନୀତି-୨୦୨୦କୁ କାର୍ଯ୍ୟକାରୀ କରିବା ଦିଗରେ ରୋଲମଡେଲ ବିଦ୍ୟାଳୟ ଭାବରେ ଗଢି ତୋଳିବା ସକାଶେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୭ ସେପ୍ଟମ୍ବର ୨୦୨୨ରୁ ପିଏମ୍‌ଶ୍ରୀ ଯୋଜନା କାର୍ଯ୍ୟକାରୀ ହୋଇଛି। ଯୋଜନାରେ ସାମିଲ ହେଉଥିବା ବିଦ୍ୟାଳୟଗୁଡ଼ିକରେ ସୁରକ୍ଷିତ ଓ ସୁଦୃଢ଼ ଶିକ୍ଷା ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ଏଦିଗରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆବଶ୍ୟକ ଅନୁଦାନ ପ୍ରଦାନ କରାଯିବ। ଏନେଇ ବିଦ୍ୟାଳୟର ବାର୍ଷିକ କାର୍ଯ୍ୟ ଯୋଜନା ଓ ତାହାକୁ କାର୍ଯ୍ୟକାରୀ କରିବାରେ ଆବଶ୍ୟକ କରୁଥିବା ଅର୍ଥକୁ ନେଇ ଏକ ବଜେଟ୍ ଚିଠା ପ୍ରସ୍ତାବ ପ୍ରସ୍ତୁତ କରାଯିବ। ଉକ୍ତ ପ୍ରସ୍ତାବଗୁଡ଼ିକ ମଞ୍ଜୁର ହୋଇ ଆବଶ୍ୟକ ମୁତାବକ ଅନୁଦାନ ଆସିଲେ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ୍, କମ୍ପ୍ୟୁଟର ଲ୍ୟାବ, ଇଣ୍ଟିଗ୍ରେଟେଡ୍ ଏଜୁକେଶନ ଲ୍ୟାବ, ଭୋକେସନାଲ ଲ୍ୟାବ ଆଣ୍ଡ ଅଟଳ ସ୍କିଲ ଲ୍ୟାବ ଆଦି ନିର୍ମାଣ କରାଯିବ। ପ୍ରତ୍ୟେକ ଲ୍ୟାବକୁ ଡିଜିଟାଲାଇଜ୍ କରାଯାଇ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବ। ସେଥିସକାଶେ ବିଦ୍ୟାଳୟର ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯିବ। ଏହି ବର୍ଗର ବିଦ୍ୟାଳୟଗୁଡ଼ିକ ଅନ୍ୟ ବିଦ୍ୟାଳୟ ପାଇଁ ଆଦର୍ଶ ଭଳି କାମ କରିବାକୁ ଯୋଜନାର ଲକ୍ଷ୍ୟ ରହିଛି ବୋଲି ଜଣାଯାଇଛି। ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଏହି ବର୍ଗର ବିଦ୍ୟାଳୟ ସହ ସାମିଲ କରାଯାଇଥିବାରୁ ଗ୍ରାମାଞ୍ଚଳ ପିଲାଙ୍କୁ ଅତ୍ୟାଧୁନିକ ଶିକ୍ଷା ଗ୍ରହଣର ସୁବିଧା ମିଳିବ ବୋଲି କୁହାଯାଉଛି।



ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟ।

# ଜାତୀୟ ଖୋଖୋ, କବାଡ଼ିରେ ଛାତ୍ରୀଛାତ୍ରଙ୍କ କୃତିତ୍ୱ


ଶିକ୍ଷକଙ୍କ ଗହଣରେ ଧର୍ମଶାଳା ପବ୍ଲିକ ସ୍କୁଲ୍‌ର ଛାତ୍ରୀଛାତ୍ର।

ଧର୍ମଶାଳା,୨୯।୯(ବଟକୃଷ୍ଣ ପରିଡ଼ା):

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ଆୟୋଜିତ କବାଡ଼ି ଓ ଖୋଖୋ ପ୍ରତିଯୋଗିତାରେ ଧର୍ମଶାଳା ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନୁବନ୍ଧିତ ଓଡ଼ିଶା, ଛତିଶଗଡ଼, ପଶ୍ଚିମବଙ୍ଗରେ ଥିବା ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗତ ୨୩ରୁ ୨୬ ତାରିଖ ମଧ୍ୟରେ ଛତିଶଗଡ଼ଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଶାଳା ପବ୍ଲିକ ସ୍କୁଲରୁ ପ୍ରତିଦ୍ୱନ୍ଦ୍ୱିତାରେ ଅଂଶଗ୍ରହଣ କରି ବାଳିକା ବିଭାଗରେ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗ ଛାତ୍ରୀମାନେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ବାଳକ ବିଭାଗରେ ଉଭୟ ବରିଷ୍ଠ ଓ କନିଷ୍ଠରେ ଛାତ୍ରମାନେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଛାତ୍ରୀଛାତ୍ର ଜାରକା ଫେରିବା ପରେ ଜାରକାସ୍ଥିତ ମହୋତ୍ସବ ପଡ଼ିଆରୁ ଏକ ଶୋଭାଯାତ୍ରାରେ ସେମାନଙ୍କୁ ସ୍କୁଲ ପର୍ଯ୍ୟନ୍ତ ନିଆଯାଇଥିଲା। ଆସନ୍ତା ୧୭ ତାରିଖରେ ହରିଆଣାଠାରେ ହେବାକୁଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଧର୍ମଶାଳା ପବ୍ଲିକ ସ୍କୁଲରୁ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ ବୋଲି କୋଚ୍ ଜିତେନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ସ୍କୁଲ୍ ଅଧ୍ୟକ୍ଷ ସାବିତ୍ରୁ ନାରାୟଣ ତ୍ରିପାଠୀ, ଶିକ୍ଷୟିତ୍ରୀ ରୀତାଞ୍ଜଳି ପୁହାଣ, ଲିପ୍ସା ପ୍ରୟଦର୍ଶିନୀ, ଜ୍ୟୋସ୍ନାମୟୀ ପଣ୍ଡା, ସୁମତି ବଳ ଓ ରସ୍ମିତା ପଣ୍ଡା ପ୍ରମୁଖ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### ନାଳରେ ପଡ଼ି ଦିବ୍ୟାଙ୍ଗଙ୍କ ଜୀବନ ଗଲା

ଗୋପବନ୍ଧୁ ନଗର, ୨୯।୯ (ଶାନ୍ତନୁ କୁମାର ମଉଆଳ)-ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ରାଇପଦା ଗ୍ରାମର ଦିବ୍ୟାଙ୍ଗ ପୀତାମ୍ବର ବେହେରା(୪୫) ଶନିବାର ସନ୍ଧ୍ୟାରେ ଶୌଚ ହେବାକୁ ଯାଇଥିବା ବେଳେ ନାଳରେ ପଡ଼ି ମୃତ୍ୟୁ ଘଟିଛି। ସେ ଜନ୍ମରୁ ଦିବ୍ୟାଙ୍ଗ ଥିଲେ। ତାଙ୍କୁ ପ୍ରଶାସନ ପକ୍ଷରୁ ମିଳିଥିବା ଟ୍ରାଇସାଇକେଲ ଯୋଗେ ସେ ଗାଁଠାରୁ ସହର ପର୍ଯ୍ୟନ୍ତ ଯାଇ ଆସିପାରୁ ଥିଲେ। ଶନିବାର ସନ୍ଧ୍ୟାରେ ସେ ଘରଠାରୁ ପ୍ରାୟ ୫ଶହ ମିଟର ଦୂର ଏକ ପାଣି ନାଳ ନିକଟକୁ ଶୌଚ ହେବାକୁ ଯାଇଥିଲେ। ବହୁ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ରାତିରେ ଖୋଜାଖୋଜି କରିଥିଲେ। ନାଳ ନିକଟରେ ତାଙ୍କ ଟ୍ରାଇସାଇକେଲ ଥିବା ଦେଖି ପରିବାର ଲୋକଙ୍କର ସନ୍ଦେହ ହୋଇଥିଲା। ସେମାନେ ଯାଇ ପୀତାମ୍ବର ନାଳରେ ଭାସୁଥିବା ଦେଖି ତାଙ୍କୁ ଉଦ୍ଧାର କରି କୁଆମରା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ରବିବାର ବ୍ୟବଚ୍ଛେଦ ପାଇଁ ଉଦଳା ଡାକ୍ତରଖାନାକୁ ପଠାଇଥିଲା। ଏନେଇ ଖୁଣ୍ଟା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬୫/୨୪) ରୁଜୁ ହୋଇଛି।

# ବିଞ୍ଝାରପୁର ମାଟିର ଅମ୍ଳାନ ପ୍ରତିଭା ଥିଲେ କ୍ଷୀରୋଦ


କ୍ଷୀରୋଦ ମଲ୍ଲିକଙ୍କ ସ୍ମୃତିସଭାରେ ଯୋଗଦେଇଥିବା ଅତିଥିମାନେ।

ବିଞ୍ଝାରପୁର,୨୯।୯(ରାମକୃଷ୍ଣ ଦାସ):

କ୍ଷୀରୋଦ ମଲ୍ଲିକ ବିଞ୍ଝାରପୁର ମାଟିର ଅମ୍ଳାନ ପ୍ରତିଭା ଥିଲେ। ତାଙ୍କ ଏକାଦଶାହ ଅବସରରେ ବିଞ୍ଝାରପୁର ବ୍ଲକ୍ ଅଧୀନ ମାଁସଡ଼ାଠାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଅତିଥିଭାବେ ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର, ବ୍ଲକ୍ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ବ୍ଲକ୍ ଉପାଧ୍ୟକ୍ଷ ସେକ୍ ଇର୍ସାଦ, ଜିଲା ବିଜେଡିର ସଂଖ୍ୟାଲଘୁ ସମ୍ପ୍ରଦାୟ ଉପସଭାପତି ଇଂ. ଲାୟକ ଅଲ୍ଲି ଖାଁ, ମୁକ୍ତିକାନ୍ତ ସାମଲ, ପୂର୍ବତନ ଜିଲା ପରିଷଦ ସଭାପତି ଇଂ. ସୁଶାନ୍ତ ମିଶ୍ର, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ସୁନିତା ନାୟକ, ଅହଲ୍ୟା ସ୍ୱାଇଁ, ଖଗେଶ୍ୱର ମହାନ୍ତି ଓ ମାମିନା ମଲ୍ଲିକ ପ୍ରମୁଖ ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି। ଅତିଥିମାନେ କ୍ଷୀରୋଦଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରି କହିଛନ୍ତି, ଜନ୍ମମାଟି ବିଞ୍ଝାରପୁରଠାରୁ ଆରମ୍ଭ କରି ସୁଦୂର ସମ୍ବଲପୁର ଜିଲା ପର୍ଯ୍ୟନ୍ତ କ୍ଷୀରୋଦଙ୍କ କର୍ମଭୂମି ଥିଲା। ମହିଳା ସଶକ୍ତୀକରଣରେ ତାଙ୍କର ଅବଦାନ ଜନମାନସରେ ସବୁଦିନ ପାଇଁ ମନେ ରହିବ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ରଞ୍ଜନ ଯେନା, ରବୀନ୍ଦ୍ର ପରିଡ଼ା, କୈଳାସ ସେଠୀ, ହେମେନ୍ଦ୍ର ସାମଲ, ନାରାୟଣ ଚନ୍ଦ୍ର ଜେନା, ବିଜେଡି ନେତା ରାମଚନ୍ଦ୍ର ବେହେରା, ଯୁବ ବିଜେଡି ସଭାପତି ଦିଲୀପ ରାଉଳ, ଛାତ୍ର ବିଜେଡି ସଭାପତି ଲେନିନ ଦାସ, ସଂଖ୍ୟାଲଘୁ ସେଲ୍ ସଭାପତି ମୋଜାହିଦ ଅଲ୍ଲି ଖାଁ, ସରପଞ୍ଚ କାମଦେବ ଧଳ, ଏମ୍‌ଡି ସବିର, କାର୍ତ୍ତିକ ଚନ୍ଦ୍ର ଧଳ, ମାନସ ମଲ୍ଲିକ, ସନ୍ତୋଷ ମଲ୍ଲିକ, ପ୍ରଦୀପ ମଲ୍ଲିକ, ନିତ୍ୟାନନ୍ଦ ରାଉତ, ଯୁବ ସଂଗଠକ ସୁଖ ରଞ୍ଜନ ପରିଡ଼ା, ହିମାଂଶୁ ବିନ୍ଧାଣି, ଦେବାନନ୍ଦ ମଲ୍ଲିକ ଓ ଭାରତୀ କାଣ୍ଡି ପ୍ରମୁଖ ଯୋଗଦେଇ କ୍ଷୀରୋଦଙ୍କ ସ୍ମୃତିଚାରଣ କରିଥିଲେ।

### ପଥ ଉତ୍ସବ ମାଧ୍ୟମରେ ସ୍ୱଚ୍ଛତା ହିଁ ସେବା ସଚେତନତା

ରାଇରଙ୍ଗପୁର,୨୯।୯(ମାନସ ମହାନ୍ତି):

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ପୌର ପରିଷଦ କାର୍ଯ୍ୟାଳୟ ପକ୍ଷରୁ ରାଇରଙ୍ଗପୁର ସହରାଞ୍ଚଳରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ପରିପ୍ରେକ୍ଷୀରେ ରବିବାର ପଥ ଉତ୍ସବ ମାଧମରେ ଜନ ସଚେତନତା କରାଯାଇଛି। କାର୍ଯ୍ୟକ୍ରମ ସ୍ଥାନୀୟ ରାଇରଙ୍ଗପୁର ସହରାଞ୍ଚଳ ମାଉସୀ ମା' ମନ୍ଦିରଠାରୁ କଚେରୀ ପଡ଼ିଆ ମୁଖ୍ୟ ଗେଟ ପାର୍ଶ୍ୱ ଜନ ଗହଳି ରାସ୍ତାରେ ସ୍ଥାନୀୟ ସହରାଞ୍ଚଳ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀ, ମହିଳାଙ୍କ ଦ୍ୱାରା ସ୍ୱଚ୍ଛତା ହିଁ ସେବା ଶୀର୍ଷକ ରଙ୍ଗ ବେରଙ୍ଗ ମୁରୁଜ ଆଙ୍କି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ସହରାଞ୍ଚଳବାସୀଙ୍କୁ ସ୍ଥାନୀୟ ସ୍ୱଚ୍ଛତା ଏବଂ ସୁନ୍ଦର ସକାଶେ ସଚେତନା ବାର୍ତ୍ତା କରିଥିଲେ। ଏଥିସହ ମହାତ୍ମା ଗାନ୍ଧୀଙ୍କ ବାଲୁକା ରାଶା ଚିତ୍ର କରାଯାଇ ସ୍ୱଚ୍ଛତା ହିଁ ସେବା ସଚେତନା ବାର୍ତ୍ତା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୌର ପରିଷଦ ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାଏକଙ୍କ ସମେତ ପୌର ପରିଷଦର କାଉନ୍‌ସିଲର, ବିଭିନ୍ନ ପଦାଧିକାରୀ କର୍ମଚାରୀ ସହାୟତା କରିଥିଲେ।

# ପାନୀୟ ଜଳ ପାଇବାରୁ ବହୁ ଗାଁ ବଞ୍ଚିତ

**ବସୁଧା ଯୋଜନା ପ୍ରକଳ୍ପ ଅଧାପନ୍ତରିଆ**

ବରୀ,୨୯।୯(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ ୨୯ ପଞ୍ଚାୟତକୁ ନେଇ ଗଠିତ। ବ୍ଲକ ଅଧୀନରେ ରହିଛି ୯୬ ରାଜସ୍ୱ ଗ୍ରାମ। ମାତ୍ର ଦୁଃଖ ଓ ପରିତାପର ବିଷୟ ବସୁଧା ଯୋଜନାରେ ବ୍ଲକ୍‌ର ପ୍ରତି ପରିବାର ନିକଟରେ ପାଇପ୍ ଯୋଗେ ପିଇବା ପାଣି ପହଞ୍ଚି ପାରିନାହିଁ। ପାନୀୟ ଜଳ ପାଇବାରୁ ବହୁ ଗ୍ରାମବାସୀ ବଞ୍ଚିତ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ପ୍ରକଳ୍ପ ଅଧାପନ୍ତରିଆ ହୋଇଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଫଳରେ ପାନୀୟ ଜଳ ଅଭାବରୁ ଅନେକ ଲୋକ ନଦୀ ଏବଂ କୂଅରୁ ଜଳ ସଂଗ୍ରହ କରି ପାନୀୟଜଳ ଭାବେ ବ୍ୟବହାର କରୁଛନ୍ତି। ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୩ କି.ମି. ଦୂରରେ ଥିବା ବାଲିବିଲ ପଞ୍ଚାୟତର କ୍ଷେମେଶ୍ୱର ଓ କେଁକରଡ଼ା ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଏହି ପଞ୍ଚାୟତର ଅନ୍ୟ ରାଜସ୍ୱ ଗ୍ରାମକୁ ପାନୀୟ ଜଳ ଯୋଗାଣ ସୁବିଧା ଥିଲେ ମଧ ଏହି ଦୁଇ ଗ୍ରାମର ଲୋକେ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏତଦ୍‌ବ୍ୟତୀତ କିମ୍ବିରିଆପାଳ ପଞ୍ଚାୟତର ଶବର ସାହି, ଦଳିତ ସାହି ଓ ମିଳିମିଳାପୁର ଗ୍ରାମର ଦଳିତ ସାହି ଲୋକେ ମଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଅନୁରୂପଭାବେ ସ୍ୱାଇଁଖଣ୍ଡ ପଞ୍ଚାୟତରେ ବସୁଧା ଯୋଜନାର ଏକ ପାନୀୟ ଜଳ ପ୍ରକଳ୍ପ ଥିଲେ ମଧ ପଞ୍ଚାୟତର କାଣ୍ଡିସାହି, ଖରିପଡ଼ିଆ ସମେତ ଏକ ଦଳିତ ବସ୍ତି ମଧ ଏହି ଯୋଜନାରୁ ବାଦ ପଡ଼ିଛନ୍ତି। ପାନୀୟ ଜଳରୁ ବଞ୍ଚିତ ଗ୍ରାମବାସୀ ଜିଲାପାଳଙ୍କ ଜନଶୁଣାଣି ଶିବିରଠାରୁ ଆରମ୍ଭ କରି ବିଭାଗୀୟ କର୍ମକର୍ତ୍ତାଙ୍କୁ ଲିଖିତ ଓ ମୌଖିକ ଭାବେ ଅଭିଯୋଗ କରିଥିଲେ ମଧ ଏହାର ସମାଧାନ ହୋଇ ପାରୁନାହିଁ। ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।



# କାମରେ ଲାଗୁନି ଭେଣ୍ଡିଂ ଜୋନ୍

- ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି ଗଲାଣି
- ଅସାମାଜିକ ବ୍ୟକ୍ତିଙ୍କ ଆଡାସ୍ଥଳୀ ପାଲଟିଛି
- ପିଣ୍ଡି ଅଛି, ବ୍ୟବସାୟୀଙ୍କୁ ଦିଆଯାଉନାହିଁ


ଅବହେଳିତ ଭାବେ ପଡି ରହିଥିବା ଭେଣ୍ଡିଂ ଜୋନ୍।

ପଟ୍ଟାମୁଣ୍ଡାଇ,୨୯।୯(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହରରେ ଉଠା ଦୋକାନୀଙ୍କ ପାଇଁ ଭେଣ୍ଡିଂ ଜୋନ୍ ଓ ପିଣ୍ଡି ନିର୍ମାଣ ହୋଇଥିଲା। ହେଲେ ସେହି ଭେଣ୍ଡିଂଜୋନ୍ ଦୀର୍ଘ ବର୍ଷ ହେବ ବ୍ୟବହାର ନ ହେବା ତଥା ରକ୍ଷଣାବେକ୍ଷଣ ଅଭାବରୁ ତାହା ଭାଙ୍ଗିରୁଜି ଗଲାଣି। ହେଲେ ତାହା କାହାକୁ ଆବଣ୍ଟନ କରାଯାଇ ନ ଥିବାରୁ ସମସ୍ୟା ବଢ଼ିଛି। ଉଠା ଦୋକାନୀ ରାଜରାସ୍ତାରେ ପସରା ମେଲାଇ ବ୍ୟବସାୟ କରୁଛନ୍ତି। ଏଥିଯୋଗୁ ସହରରେ ଟ୍ରାଫିକ ସମସ୍ୟା ବଢୁଛି। ଯାନବାହାନ ଚଳାଚଳରେ ବାଧା ସୃଷ୍ଟି ହୋଇଛି। ପ୍ରଶାସନ ସବୁ ଦେଖି ନ ଦେଖିଲା ପରି ଚୁପ୍ ବସିଥିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ଉପରୋକ୍ତ ସମସ୍ୟା ସଂକ୍ରାନ୍ତରେ ସହରର ସରୋଜ ଦାସ, ଅନନ୍ତ ଦାଶ, ଅମିତାଭ ସ୍ୱାଇଁ, ଦୋକାନୀ ଅଶୋକ ଲେଙ୍କା, ବାବୁରାମ ମଲିକ ପ୍ରମୁଖ କୁହନ୍ତି, ପଟ୍ଟାମୁଣ୍ଡାଇ ସହର ରାସ୍ତାକଡ଼ ଓ ଫୁଟପାଥ୍ ବ୍ୟବସାୟୀଙ୍କୁ କି ଭଳି ଥଇଥାନ କରିହେବ ସେ ନେଇ ବିଭିନ୍ନ ସ୍ଥାନରେ ପୌରପ୍ରଶାସନ ପକ୍ଷରୁ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇଛି। ତେବେ ଭେଣ୍ଡିଂ ଜୋନ୍ ନିର୍ମାଣ ହୋଇ ହାତ ଗଣତି କେତେଜଣ ବ୍ୟବସାୟୀଙ୍କୁ ପ୍ରଦାନ କରାଯାଇଛି। ହେଲେ ରାସ୍ତା ପାର୍ଶ୍ୱ ବ୍ୟବସାୟୀଙ୍କୁ ପ୍ରଦାନ କରାଯାଇନାହିଁ। ଫଳରେ ସେମାନେ ପୂର୍ବଭଳି ରାସ୍ତାକଡରେ ବସି ବେପାର କରୁଥିବାରୁ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ବାଲିପଡ଼ା ଗଡାଣି ମହାବୀର ବଜାରରେ ଭେଣ୍ଡିଂ ଜୋନ୍ ତିଆରି ହୋଇଛି। ସେଗୁଡିକ ବ୍ୟବହାର ନ ହୋଇ ଭାଙ୍ଗିରୁଜି ଗଲାଣି। ସେହି ପରିସରରେ ଗଛଲତା ଉଠି ଜଙ୍ଗଲରେ ପରିଣତ ହେଲାଣି। ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ପହରାଜପୁର କେନାଲ ରୋଡ଼ ପାର୍ଶ୍ୱରେ ଥିବା ଭେଣ୍ଡିଂ ଜୋନ୍ର ମଧ ସମାନ ଅବସ୍ଥା। ସେଠାରେ କେନାଲ ପୋଟେଇ ପାଖରୁ ପିଣ୍ଡି ପର୍ଯ୍ୟନ୍ତ ବହୁ ଅର୍ଥ ବ୍ୟୟ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ଏଲ୍ଆଇସି ଅଫିସ ସାମନାରେ ନିର୍ମିତ ପିଣ୍ଡିକୁ କେତେଜଣ କେବିନ ଦୋକାନୀଙ୍କୁ ହସ୍ତାନ୍ତର କରାଯାଇଛି। ବାକି ସବୁଠି ତାଲା ଝୁଲୁଛି। ଉଠା ଦୋକାନୀଙ୍କୁ ତାହା ହସ୍ତାନ୍ତର ହୋଇ ନ ଥିବା ଅଭିଯୋଗ ହୋଇଛି। ବଡ଼ ଆଶ୍ଚର୍ଯ୍ୟର କଥା, ଏହି ସବୁ ପିଣ୍ଡି କିଏ କରିଛି। କେତେ ଟଙ୍କା ଖର୍ଚ୍ଚ ହୋଇଛି ତାର ହିସାବ ପୌର ସଂସ୍ଥା ପାଖରେ ନାହିଁ। କିନ୍ତୁ ଏହି ପିଣ୍ଡିରେ ପୌରପରିଷଦ ପଟ୍ଟାମୁଣ୍ଡାଇ ବୋଲି ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ସେଠାରେ ଶୌଚାଳୟ ନାହିଁ କି ବିଦ୍ୟୁତ୍ ସଂଯୋଗ ହୋଇନାହିଁ।

ଆଗକୁ ଶାରଦୀୟ ଦୁର୍ଗାପୂଜା ଆସୁଛି। ବଜାରରେ ଗହଳି ଲାଗିବ ରହିବ। କିନ୍ତୁ ଏଥିପ୍ରତି ଜିଲା ପ୍ରଶାସନ କି ପୌର ପରିଷଦ ନିଘା ନ ଥିବା ଅଭିଯୋଗ ହୋଇଛି। ଉଠା ଦୋକାନୀଙ୍କ ଥଇଥାନ ପାଇଁ ପୌରପରିଷଦ ପକ୍ଷରୁ ୨୦୨୧-୨୨ ଆର୍ଥିକ ବର୍ଷରେ ମୁକ୍ତା ଯୋଜନାରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ଭେଣ୍ଡିଂ ଜୋନ୍ ନିର୍ମାଣ ହୋଇଥିଲା। କିନ୍ତୁ ସେଗୁଡ଼ିକ କୌଣସି କାମରେ ଲାଗୁ ନ ଥିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ପୌରନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରେ ସମସ୍ତ କେବିନ ମରାମତି କରାଯାଇ ବ୍ୟବସାୟୀଙ୍କୁ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି।

# ମୌଳିକ ସୁବିଧାରୁ ବଞ୍ଚିତ ୧୫ ପରିବାର


ଖମାରସାହି ଗାଁକୁ ପଡିଥିବା ରାସ୍ତା।

ରାଜନଗର,୨୯।୯
(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତ ଖମାରସାହି ଗାଁର ୧୫ ପରିବାର ସଦସ୍ୟ ଦୁଃଖକଷ୍ଟରେ ଦିନ କାଟୁଛନ୍ତି। ଏହି ପଞ୍ଚାୟତର ଦାରୁଓରା ଗାଁରେ ବେଚ୍ଛପରି ମୌଜା (ହାମଲେଟ ଭିଲେଜ) ଖମାରସାହି। ଏହି ଗାଁରେ ୧୫ ପରିବାର ରହୁଛନ୍ତି। ଦାରୁଓରା ଗାଁ ଶେଷ ମୁଣ୍ଡରୁ ୫ଶହ ମିଟର ଯାଏଁ କାଦୁଅ ରାସ୍ତାରେ ଏହି ୧୫ ପରିବାର ଯାଆସ କରୁଛନ୍ତି। ଗାଁଠାରୁ ୧ କି.ମି. ଦୂର ଘଡିଆମାଳସ୍ଥିତ ସିଦ୍ଧେଶ୍ୱର ନୋଡାଲ ବିଦ୍ୟାଳୟକୁ ଛୋଟ ଛୋଟ ଶିଶୁମାନେ କାଦୁଅରେ ଆସୁଥିବା ଦେଖିବାକୁ ମିଳୁଛି। ଏପରିକି ମାଆମାନେ ପିଲାମାନଙ୍କୁ ପିଠିରେ ବୋହି କାଦୁଅ ରାସ୍ତା ପାର କରାଉଛନ୍ତି। କାଦୁଅ ରାସ୍ତାରେ ମୋରମ ଟିକେ ପକାଇବା ପାଇଁ ଗ୍ରାମବାସୀ ବ୍ଲକ ପ୍ରଶାସନ ଓ ସରପଞ୍ଚଙ୍କୁ ବାରମ୍ବାର ନେହୁରା ହୋଇଥିଲେ ମଧ୍ୟ ପ୍ରଶାସନ ସେମାନଙ୍କ ଦୁଃଖ ଶୁଣୁ ନ ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରି କି ଏହି ୧୫ ପରିବାରର ସଦସ୍ୟମାନେ ପାଣି ଗରାଏ ପାଇଁ ଏହି କାଦୁଅ ରାସ୍ତାରେ ଚାଲି ଚାଲି ଦାରୁଓରା ଆସୁଛନ୍ତି। ଗାଁରେ ନଳକୂପ ବସାଇବା ସହ ରାସ୍ତା ନିର୍ମାଣ କରିବାକୁ ଏହି ଗ୍ରାମବାସୀ ଦାବି କରିଛନ୍ତି।

# କ୍ଲଷ୍ଟରସ୍ତରୀୟ ସୁରଭି ପ୍ରତିଯୋଗିତା


ସୁରଭି କାର୍ଯ୍ୟକ୍ରମରେ ସାମିଲ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ରାଜନଗର,୨୯।୯
(ଭାସ୍କର ରାଉତରାୟ)

ରାଜନଗର ବ୍ଲକ କେରେଡାଗଡସ୍ଥିତ ଶ୍ରୀ ଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜୁନିୟର, ସିନିୟର, ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସହିତ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ଏଲୋକେଶନ, ସଙ୍ଗୀତ, ସୁନ୍ଦର ହସ୍ତାକ୍ଷର, ଦଳଗତ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, କେରେଡାଗଡ ସରପଂଚ ତାପସ କୁମାର ସାହୁ, ସମିତିସଭ୍ୟ ଅମର କୁମାର ସୁତାର, ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ଅନୀଲ କୁମାର ବଳ, ରମାକାନ୍ତ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନୀଳାମ୍ବର ସ୍ୱାଇଁ, ସୁଧାକର ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଗୀତାଳି ପାତ୍ର, ପ୍ରଧାନଶିକ୍ଷୟିତ୍ରୀ ରେଣୁବାଳା ଭୂୟାଁ, ପ୍ରଧାନଶିକ୍ଷକ ଧିରେନ୍ଦ୍ର କୁମାର ରାଉତ, ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବିଚିତ୍ରାନନ୍ଦ ନାୟକ, ଶ୍ରୀଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆରସିସି ପ୍ରଶାନ୍ତ କୁମାର ଜେନା ପରିଚାଳନା କରିଥିଲେ। ଏଥିରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।

# ପ୍ରସ୍ତାବିତ ୨୦ନଂ. ରାଜ୍ୟ ରାଜପଥର ଦୁରବସ୍ଥା

- ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି
- ସମସ୍ୟା ଘେରରେ ଅଞ୍ଚଳବାସୀ


ଖାଲ ଓ କାଦୁଆରେ ପୂର୍ଣ୍ଣ ରାସ୍ତା।

ରାଜକନିକା,୨୯।୯(ସଞ୍ଜୟ କୁମାର ଦାଶ)

ପ୍ରସ୍ତାବିତ ୨୦ନଂ. ରାଜ୍ୟ ରାଜପଥ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଜୟନଗରରୁ ଭାୟା ସିଂହପୁର ହୋଇ ଯାଜପୁର ଜିଲା ଦେଇ ଲମ୍ବିଛି। ସେହି ରାସ୍ତାର ରାଜକନିକା ବ୍ଲକର ନହୁଣୀ ଘୋଷଣା ଉପରେ ହୋଇଥିବା କଲଭର୍ଟ ମୁଖ୍ୟ ରାସ୍ତା ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକମାନେ ହଇରାଣ ହେଉଛନ୍ତି। ସେହି ରାସ୍ତାରେ ଯାତାୟତ କରୁଥିବା ଯାନବାହାନର ଚାଳକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି।

ଅଭିଯୋଗ ଅନୁଯାୟୀ, ଏହି ରାସ୍ତାର ପ୍ରଶସ୍ତିକରଣ କାମ ପ୍ରାୟ ୫ବର୍ଷ ତଳେ ସରିଛି। ହେଲେ ନହୁଣୀ ଘୋଷରା ଉପରେ ହୋଇଥିବା କଲଭର୍ଟର ପୂର୍ବ ଏବଂ ପଶ୍ଚିମ ପାଖର ଆପ୍ରୋଚ ମୁଖ୍ୟରାସ୍ତା ମରଣଯନ୍ତା ପାଲଟିଛି। ଏଥିଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏମିତିକି ଦୈନନ୍ଦିନ ଛୋଟବଡ ଦୁର୍ଘଟଣା ବି ଘଟୁଛି। ରାସ୍ତାର ଅବସ୍ଥା ଏମିତି ହୋଇଛି ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବନାହିଁ। ରାସ୍ତା ସାରା ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ତୁରନ୍ତ ଯଦି ଏହି ରାସ୍ତାର ମରାମତି କାର୍ଯ୍ୟ କରା ନ ଯାଏ ସେହି ରାସ୍ତାରେ ଯାତାୟତ ବନ୍ଦ ହୋଇଯିବ ବୋଲି ଅଞ୍ଚଳବାସୀ କହିଛନ୍ତି। ବିଶେଷ କରି ରାଜକନିକା ବ୍ଲକ, କନିକା ତହସିଲ କାର୍ଯ୍ୟାଳୟ, ଥାନା, ହସ୍ପିଟାଲ ସହିତ ଅନ୍ୟାନ୍ୟ ଦପ୍ତର ସହ ସ୍କୁଲ କଲେଜକୁ ଯିବା ଆସିବା କରିବା ପାଇଁ ପ୍ରାୟ ୧୦ଟି ପଞ୍ଚାୟତର ୫୦ ହଜାର ଲୋକ ପ୍ରତିଦିନ ନିର୍ଭର କରିଥାନ୍ତି। ଆମ୍ବୁଲାନ୍ସ ସେବା, ଅଗ୍ନିଶମ ସେବା ବ୍ୟତୀତ ଯାତ୍ରୀବାହୀ କୋଲକାତା, କଟକ, ଭୁବନେଶ୍ୱର, ରାଉରକେଲା, ଯାଜପୁର ଆଦି ବିଭିନ୍ନ ଅଞ୍ଚଳକୁ ବସ୍ ସେବା ମଧ ବାଧାପ୍ରାପ୍ତ ହେବା ନେଇ ଆଶଙ୍କା ଉପୁଜିଛି।

# କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

ପଟ୍ଟାମୁଣ୍ଡାଇ,୨୯।୯ ( କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀ ରବିବାର ମଧ୍ୟାହ୍ନରେ ନିଜ ମାମୁଘରେ ଗଳାରେ ଶାଢ଼ିବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରୀଙ୍କ ନାମ ଇତିଶ୍ରୀ ସାହୁ(୧୯)। ସେ ସ୍ଥାନୀୟ ମହିଳା ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ। ସେ ନିଜ ମାମୁ ଘରେ ରହି ପାଠ ପଢୁଥିଲେ। ତେବେ କାହିଁକି ସେ ଏପରି ପଦକ୍ଷେପ ନେଲେ ତାହା ସ୍ପଷ୍ଟ ହୋଇନାହିଁ। ମାମୁଘର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତାଙ୍କ ଅଜା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଶବ ଜବତ କରି ତଦନ୍ତ ଆରମ୍ଭ କରିଛି। ଏନେଇ ଆଦର୍ଶ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୪) ରୁଜୁ ହୋଇଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛି।

# ଡେରାବିଶ ମହାବିଦ୍ୟାଳୟରେ ସ୍ୱତନ୍ତ୍ର ଜାତୀୟ ସେବା ଶିବିର



ଜାତୀୟ ସେବା ଶିବିରରେ ଅତିଥି ଓ ଛାତ୍ରୀଛାତ୍ର।

ଡେରାବିଶ,୨୯।୯(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଡେରାବିଶ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଚନ୍ଦ୍ର ଶେଖର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ଜିଲା କାର୍ଯ୍ୟକ୍ରମ ଅଧିକାରୀ (ଡିପିଓ) ତଥା ତୁଳସୀ ମହାବିଦ୍ୟାଳୟର ଅଧାପିକା ଡ. ପଦ୍ମଜା କବି ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଶୁଭାରମ୍ଭ କରିଥିଲେ। ଶତପଥୀ ପ୍ରଦୂଷଣ ଜନିତ ବିଶ୍ୱର ବହୁବିଧ ପ୍ରାକୃତିକ ସମସ୍ୟା ସମ୍ପର୍କରେ ଆଲୋଚନା କରି ଚାରା ରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। 'ଗଛଟିଏ ଜୀବନଟିଏ'ଆଜି ବିଶ୍ୱ ପାଇଁ ଏକ ବଡ଼ ସନ୍ଦେଶ ବୋଲି ସମବେତ ବୁଝାଇଥିଲେ। ଅନ୍ୟତମ ଅତିଥିଭାବେ ଅଧାପକ ସଞ୍ଜୟ କୁମାର ମିଶ୍ର ଯୋଗଦେଇ ଉଜୁଡ଼ା ପରିବେଶକୁ ସଜାଡ଼ିବା ପାଇଁ ଚାରା ରୋପଣ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଶିବିରରେ ଅଧାପକ ବୃନ୍ଦାବନ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜାତୀୟ କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ରଘୁନାଥ ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ପ୍ରାଧାପକ ଶାନ୍ତନୁ କୁମାର ମାଟି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟଅଧାପିକା, ଅଧାପକମାନେ ସହଯୋଗ କରିଥିଲେ।

# ପଟ୍ଟାମୁଣ୍ଡାଇ କଲେଜ ରସାୟନ ବିଭାଗରେ ଆଲୋଚନାଚକ୍ର


ଆଲେଚନା ଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

ପଟ୍ଟାମୁଣ୍ଡାଇ,୨୯।୯(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ କଲେଜ ରସାୟନ ବିଭାଗ ପକ୍ଷରୁ ଏକ ଜିଲାସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଫେସର ଦିଲୀପ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ରସାୟନ ବିଭାଗ ମୁଖ୍ୟ ଡ. ଗିରିଜା ପ୍ରସାଦ ମହାପାତ୍ର ଯୋଗ ଦେଇ ରିଟ୍ରୋସିନେସିସ ଓ ବିଭିନ୍ନ ଅରଗାନିକ ମଲିକୁଲାର ଉପରେ ଆଲୋଚନା କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ରସାୟନ ବିଭାଗ ମୁଖ୍ୟ ଡ.ଦୁଃଶାସନ ପରିଡ଼ା ସ୍ୱାଗତ ଭାଷଣ ଓ ଡ.ଫକୀର ପ୍ରଧାନ ଅତିଥିପରିଚୟ ପ୍ରଦାନ କରିଥିଲେ। ପ୍ରାଧାପକ ଡ.ସୁନୀଲ ପ୍ରଧାନ ଆଲୋଚନାଚକ୍ରର ଶୀର୍ଷକ ଉପରେ ଆଲୋଚନା କରି ଛାତ୍ରୀଛାତ୍ରମାନଙ୍କୁ ଦିଗଦର୍ଶନ ଦେଇ ଥିଲେ। ଏହି ଆଲୋଚନାଚକ୍ରରେ କ୍ୟାପଟେନ ମନୋଜ ପରିଡ଼ା, ପ୍ରାଧାପକ ପ୍ରମୋଦ ସ୍ୱାଇଁ, ଅଧାପକ ଶୁଭାଶିଷ ମିଶ୍ର, ଜିତେନ୍ଦ୍ର ମଲିକ, ଅମିତ ସାହୁ, ସରୋଜ ନାୟକ ଓ ଆଲୋକ ସାହୁ ପ୍ରମୁଖ ବହୁ ଅଧାପିକା,ଅଧାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଅଧାପକ ରଞ୍ଜନ ଗାହାଣ ଧନ୍ୟବାଦ ଦେଇଥିଲେ।

# ଶ୍ରୀମଦ୍ ଭାଗବତ ଜ୍ଞାନଯଜ୍ଞ ମହୋତ୍ସବ ପାଇଁ ପ୍ରସ୍ତୁତି


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ପରିଷଦର କର୍ମକର୍ତ୍ତା।

ପଟ୍ଟାମୁଣ୍ଡାଇ,୨୯।୯(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଶ୍ରୀମଦ୍ ଭାଗବତ ଚେତନା ପରିଷଦ ପକ୍ଷରୁ ଚଳିତ ବର୍ଷ ଶ୍ରୀମଦ୍ ଭାଗବତ ଜ୍ଞାନଯଜ୍ଞ ମହୋତ୍ସବ ଆୟୋଜନ କରିବା ପାଇଁ ସ୍ଥାନୀୟ ଶ୍ରୀରାମ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବଣିକ ସଂଘ ଉପଦେଷ୍ଟା କିରଣ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବଣିକ ସଂଘ ଉପସଭାପତି ମୋହନ ଦାସ (ନମି ), ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା କୋଷାଧକ୍ଷ ପର୍ଶୁରାମ ଷଣ୍ଢ, କାଉନସିଲର ପ୍ରଶାନ୍ତ ବାରିକ, ମୃତ୍ୟୁଞ୍ଜୟ ପାଢ଼ୀ, ନିରାକାର ସାହୁ, ସୁଦର୍ଶନ ଦାସ, ଅଚ୍ୟୁତ ଜେନା,ବ୍ରଜମୋହନ ଦାଶ, ପ୍ରତାପ ଲେଙ୍କା, ଟୁଟୁ ମିଶ୍ର, ଚିତ୍ତରଞ୍ଜନ ସ୍ୱାଇଁ, ସୁରେଶ ଗିରି, ଦିଗାମ୍ବର ମିଶ୍ର, ନୃସିଂହ ସେଠୀ, ଅଭିମନ୍ୟୁ ପଢିହାରୀ, ପ୍ରଦୀପ ନାୟକ, ଦେବାଶିଷ ନାୟକ, ଜୟରାମ ରାଉତ, ଦେବୀ ପ୍ରସାଦ ଦାଶ, ସନ୍ତୋଷ ମଲିକ, ତପନ ପାତ୍ର, ରାଧାମୋହନ ଦାଶ, ରଶ୍ମି ରଞ୍ଜନ ନାୟକ, ଅଜୟ ପାଢ଼ୀ, ତୁଷାର ରଞ୍ଜନ ବେହୁରା, ରବୀନ୍ଦ୍ର ସାହୁ ଚିତ୍ତରଞ୍ଜନ ମହାରଣା, ହରେକୃଷ୍ଣ ସାହୁ, ନିରଞ୍ଜନ ନାୟକ, କିଶୋର ଜେନା (ବାଇନ )ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଜୟରାମ ରାଉତଙ୍କୁ ଶ୍ରୀମଦ୍ ଭାଗବତ ମହୋତ୍ସବ କମିଟିର କୋଷାଧକ୍ଷ ମନୋନୀତ କରାଯାଇଥିଲା। ଏହି ଭାଗବତ ଜ୍ଞାନଯଜ୍ଞ ମହୋତ୍ସବ ଆସନ୍ତା ୨୪ରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି। ହେମନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

# ସମିତି ସଭ୍ୟଙ୍କ ମାତୃ ବିୟୋଗ

ପଟ୍ଟାମୁଣ୍ଡାଇ,୨୯।୯(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଳପୁଆ ପଞ୍ଚାୟତ ସମିତି ସଭ୍ୟ ରାମଚନ୍ଦ୍ର ସେଠୀଙ୍କ ମାତା ଗୌରୀ ସେଠୀଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ସେ ଜଣେ ଧର୍ମପରାୟଣ, ପରୋପକାରୀ ମହିଳା ଭାବେ ପରିଚିତ ଥିଲେ। ତାଙ୍କ ପରଲୋକ ଖବର ପାଇ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଅମୃତମଣେହି ସଭ୍ୟା ଅନ୍ନପୂର୍ଣ୍ଣା ମଲିକ, ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ୧୫ ଜୋନ ଜିଲାପରିଷଦ ସଭ୍ୟା ପ୍ରିୟଦର୍ଶନୀ ତରାଇ, ପେଣ୍ଠପାଳ ସମିତି ସଭ୍ୟ ଶଶାଙ୍କ ବିଶ୍ୱାଳ, ତରଡିପାଳ ସମିତିସଭ୍ୟ ନିରଞ୍ଜନ ବାରିକ, ଅଳପୁଆ ସରପଞ୍ଚଙ୍କ ପ୍ରତିନିଧି ରଶ୍ମୀକାନ୍ତ ବେହେରା ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

# ଅନ୍ୟର ଜମି ଦେଖାଇ ସାଢ଼େ ୫ଲକ୍ଷ ନେଇଗଲେ

## ଡେରାବିଶରେ ଜମି ବେପାରୀଙ୍କ ରାଜ୍


ସାଢ଼େ ୫ ଲକ୍ଷ ଟଙ୍କା ହରାଇଥିବା ବାସନ୍ତୀଙ୍କ ପରିବାର।

ଡେରାବିଶ,୨୯।୯(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ୍ ଅଞ୍ଚଳରେ ଜମି ବ୍ୟବସାୟୀଙ୍କ ରାଜ୍ ଚାଲିଛି। ଜମି ଯୋଗାଇ ଦେବା ଆଳରେ କେତେଜଣ ବ୍ୟକ୍ତି ଅନ୍ୟର ଜମିକୁ ଦେଖାଇ ନିରୀହ ଗରିବ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଡେରାବିଶ ଥାନା ଖମେଳ ପଞ୍ଚାୟତ ଅନ୍ତର୍ଗତ ବଡ଼ଫୋଗଳ ଗ୍ରାମର ବିଚିତ୍ର ଶତପଥୀଙ୍କ ପରିବାର ଭୂମିହୀନ। ବାସଉପଯୋଗୀ ଜମି ଖଣ୍ଡିଏ କିଣିବା ପାଇଁ ବିଚିତ୍ରଙ୍କ ସ୍ତ୍ରୀ ବାସନ୍ତୀ ତାଙ୍କ ବାପଘର ଚଷାଖଣ୍ଡ ଗ୍ରାମର ଅଜୟ ସିଂହଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ଅଜୟ ବାସନ୍ତୀଙ୍କୁ ୩ ଗୁଣ୍ଠ ବିକ୍ରି କରିବେ ବୋଲି ପ୍ରତିଶ୍ରୁତି ଦେଇ ଜମି ଦେଖାଇଥିଲେ। ଜମି ବାସନ୍ତୀଙ୍କ ପସନ୍ଦ ହେବାରୁ ଅଜୟ ବାସନ୍ତୀଙ୍କଠାରୁ ୩ ଗୁଣ୍ଠ ଜମି ବିକ୍ରି ବାବଦରେ ୫ଲକ୍ଷ ୫୦ ହଜାର ଟଙ୍କା ଆଗୁଆ ନେଇଥିଲେ। ତେବେ ଟଙ୍କା ନେବା ପରେ ଅଜୟ ଆଉ ବାସନ୍ତୀଙ୍କୁ ଧରାଛୁଆଁ ଦେଇ ନ ଥିଲେ କି ଜମି ରେଜେଷ୍ଟ୍ରି କରି ନ ଥିଲେ। ପରେ ବାସନ୍ତୀଙ୍କୁ ଅଜୟ ଯେଉଁ ଜମି ଦେଖାଇଥିଲେ ତାହା ଅଜୟଙ୍କ ନୁହେଁ ବୋଲି ବାସନ୍ତୀ ଜାଣିପାରି ତାଙ୍କୁ ଟଙ୍କା ଫେରାଇବା ପାଇଁ କହିଥିଲେ। ହେଲେ ସେ ଟଙ୍କା ଫେରାଇ ନ ଥିଲେ। ତାଙ୍କ ପାଖକୁ ବାରମ୍ବାର ଦୌଡ଼ି ନିରାଶ ହେବା ପରେ ବାସନ୍ତୀ ଡେରାବିଶ ଥାନାରେ ଏ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। ଡେରାବିଶ ଥାନାରେ ଏ ନେଇ ଏକ ମାମଲା(ନଂ.୨୧/୨୦୨୪) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

ଏହି ଘଟଣା ପରେ ଅଜୟଙ୍କ ଭାଇ ବିଜୟ ସିଂ, ବାପା ଦୁର୍ଗା ପ୍ରସାଦ ସିଂ ପରିବାରର ସଦସ୍ୟ ମାମୁନି ସିଂ ଓ ମଇନା ସିଂ ରାଗରେ ବାସନ୍ତୀ ଓ ତାଙ୍କ ସ୍ୱାମୀ ବିଚିତ୍ରଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣା ପରେ ବାସନ୍ତୀ ପୁଣି ଥରେ ଡେରାବିଶ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହାକୁ ନେଇ ପୋଲିସ ଅନ୍ୟ ଏକ ମାମଲା(ନଂ.୭୧/୨୪) ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ପୋଲିସ ତରଫରୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେବାରୁ ବାସନ୍ତୀଙ୍କ ପରିବାର ବାଧ ହୋଇ ନ୍ୟାୟାଳୟର ଆଶ୍ରୟ ନେଇଥିବା ସୂଚନା ମିଳିଛି।

# କାର ଧକ୍କାରେ ରାସ୍ତାକଡ଼ ନଡ଼ିଆ ବିକାଳିଙ୍କ ମୃତ୍ୟୁ

## ସଂଘର୍ଷ, ବିପଦର ଦୋଛକିରେ ଜୀବିକା

ବ୍ରହ୍ମପୁର,୨୯।୯(ସୁବାସ ଚନ୍ଦ୍ର ପାଢ଼ୀ)


ଦୁର୍ଘଟଣାସ୍ଥଳ ଲୋକାରଣ୍ୟ ହୋଇପଡ଼ିଛି।

ସହରର ବିଜିପୁର ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ ନିକଟରେ ରବିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ରାସ୍ତକଡେ ନଡିଆ ବିକୁଥିବା ଜଣେ ମହିଳାଙ୍କ ଉପରେ କାର ମାଡିଯିବାରୁ ତାଙ୍କ ଜୀବନ ଯାଇଛି। ମୃତା ହେଲେ ଗୋଳନ୍ଥରା ଥାନା ପାଲୁର ଗାଁର ସାବିତ୍ରୀ ନାୟକ ବୋଲି ଜଣାପଡିଛି। ପୂର୍ବରୁ ୨୦୧୭ରେ ବି ରଣ୍ଡା ଛକରେ ରାସ୍ତାକଡେ ବିକୁଥିବା କେତେକ ବିକାଳିଙ୍କ ଉପରେ ଟ୍ରକ ମାଡିଯିବାରୁ ୭ଜଣଙ୍କ ମୃତ୍ୟୁ ହୋଇଥିଲା। ପେଟ ପାଇଁ ଲୋକେ ରାସ୍ତାକଡେ ବେପାରକୁ ଆଦରି ନେଇଥିବାରୁ ସେମାନଙ୍କ ଜୀବିକା ଏବେ ସଂଘର୍ଷ ଓ ବିପଦର ଦୋଛକିରେ ପଡିଯାଇଛି। ଅକାଳରେ ଜୀବନ ଯାଉଥିବାବେଳେ ଏଥିପାଇଁ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଇପାରୁନାହିଁ। ପ୍ରତିଦିନ ବଂଚିବା ପାଇଁ ପରିବା ବିକାଳିଠାରୁ ଆରମ୍ଭ କରି ମାଛ ବେପାରୀ ପର୍ଯ୍ୟନ୍ତ ରାସ୍ତା କଡେ ତାଙ୍କର ପସରା ଖୋଲୁଛନ୍ତି। ବିପଦ ଥିବା ଜାଣୁଥିଲେ ବି ସେମାନେ ନିଜ ଜୀବିକା ପାଇଁ ସଂଘର୍ଷ ଜାରି ରଖିଛନ୍ତି। ଏହା ଦ୍ୱାରା ଟ୍ରାଫିକ ଜାମ ହେବା ସହିତ ଗାଡି ଧକ୍କାରେ ସେମାନଙ୍କ ଜୀବନ ଯାଉଛି। ରାସ୍ତା କଡେ ଯେ କୌଣସି ବେପାର କରିବା ବେନିୟମ ଥିବା ବେଳେ ପୋଲିସ ଓ ପ୍ରସାଶନର ଅଣଦେଖାରୁ ରବିବାର ଏହି ଦୁର୍ଘଟଣା ଘଟିଥିବା ସାଧାରଣରେ ଅଭିଯୋଗ ଉଠିଛି। ଗୋଷାଣୀନୂଆଗାଁ ଠାରୁ ବିଜିପୁର ଦେଇ ଯାଇଥିବା ରାଜପଥରେ ସର୍ବଦା ଚାଲିଛି ଏଭଳି ବେପାର। ଛୋଟବଡ ଦୁର୍ଘଟଣା ଘଟୁଥିଲେ ବି ରବିବାର ଦୁର୍ଘଟଣା ହୃଦୟ ବିଦାରକ ଥିଲା। ଏକ ଟେଲିଫୋନ ଖୁମ୍ବ ନିକଟରେ ସାବିତ୍ରୀ ନାମ୍ନୀ ଜଣେ ମହିଳା ବସି ନଡିଆ ବିକୁଥିଲେ। ଓ ୦୨-ଏଜେ- ୩୪୭୭ ନମ୍ବର ବିଶିଷ୍ଟ ଏକ କାର ହଠାତ ଆସି ସାବିତ୍ରୀଙ୍କ ଉପରେ ମାଡିଯାଇ ଉକ୍ତ ଖୁମ୍ବକୁ ଧକ୍କା ଦେଇଥିଲା। କାର ଓ ଖୁମ୍ବ ମଝିରେ ସାବିତ୍ରୀ ଚାପି ହୋଇଯିବାରୁ ସେଠାରେ ହିଁ ତାଙ୍କ ପ୍ରାଣବାୟୁ ଉଡିଯାଇଥିଲା। ଘଟଣା ସମସ୍ତଙ୍କୁ ସ୍ତବ୍ଧ କରି ଦେଇଥିଲା। ରାସ୍ତାକଡେ ବସି ବିକୁଥିବା ଅନ୍ୟ ବିକାଳିମାନେ ଭୟରେ ସେଠାରୁ ଚାଲିଯାଇଥିଲେ। ବହୁ ସମୟ ଧରି ଉକ୍ତ ରାସ୍ତାରେ ଯାନବାହନ ଅଟକି ରହିଥିଲା। ରାସ୍ତା କଡେ ମହିଳାଙ୍କ ମୃତଦେହ ପଡିରହିଥିବା ବେଳେ ପୋଲିସ ସେଠାରେ ପହଞ୍ଚିବାରେ ବିଳମ୍ବ ଘଟିବାରୁ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଦେଇଥିଲା। ରାସ୍ତାକଡ ବିକାଳିଙ୍କୁ ନିରାପଦ ସ୍ଥାନ ଦେବାରେ କାହାର ଚିନ୍ତାନାହିଁ। ଫଳରେ ଟ୍ରାଫିକ ସମସ୍ୟା ସହ ଏଭଳି ଜୀବନ ଯାଉଛି ବୋଲି ଲୋକେ ଅଭିଯୋଗ କରିଥିଲେ। ପୋଲିସ ଓ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ ଦୀର୍ଘ ସମୟ ପରେ ଟ୍ରାଫିକ ନିୟନ୍ତ୍ରଣ କରିବାରୁ ସ୍ଥିତି ସ୍ୱାଭାବିକ ହୋଇଥିଲା। ପରେ ମହିଳାଙ୍କ ମୃତଦେହକୁ ବଡ ମେଡିକାଲକୁ ପଠାଯାଇଥିଲା। ପରେ ଥାନାରେ ଆତ୍ମସମର୍ପଣ କରିଥିଲେ କାର ଚାଳକ ସନ୍ତୋଷ ଖାଡଙ୍ଗା। ତାଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଜାରି ରଖିଛି।

## ସଂକ୍ଷେପରେ

### ମା’ ମଙ୍ଗଳାଙ୍କ ଷୋଡ଼ଶ ଉପଚାର ପୂଜା



ଖଣ୍ଡପଡ଼ା,୨୯।୯(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ପଞ୍ଚାୟତ ଫକୀରଅତବୁଦ୍ଧି ପାଟଣା ଗ୍ରାମର ଇଷ୍ଟଦେବୀ ମା’ବରୁଣେଇ ପୀଠରେ ମା’ଙ୍କ ଷୋଡଶ ପୂଜା ଆରମ୍ଭ ହୋଇଛି । ଏଥିପାଇଁ ମା’ମଙ୍ଗଳାଙ୍କ ନିକଟରେ ଖଣ୍ଡା ସ୍ଥାପନ କରାଯାଇଛି । ଏହି ପୂଜା ଆସନ୍ତା ଦଶହରାରେ ଶେଷ ହେବ । ସେହିପରି ବିଭିନ୍ନ ଶକ୍ତି ପୀଠରେ ଷୋଡଶ ଉପଚାର ବା ଷୋଳ ଦିନାତ୍ମକ ପୂଜା ବିଧି ମୁତାବକ ଆରମ୍ଭ ହୋଇଛି। କଣ୍ଟିଲୋ ନୀଳମାଧବଙ୍କ ମନ୍ଦିରରେ ଷୋଡଶ ଦିନାତ୍ମକ ଦୁର୍ଗା ମାଧବ ପୂଜା ଗତ ୫ ଦିନ ଧରିଚାଲୁ ରହିଛି । ଆସନ୍ତା ନବମୀ ତିଥି ପର୍ଯ୍ୟନ୍ତ ଦୁର୍ଗା ମାଧବ ପୂଜା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

### କଣ୍ଟିଲୋ ପ୍ରିମିୟର ଲିଗ୍ ନିଲାମ ପ୍ରକ୍ରିୟା ଅନୁଷ୍ଠିତ

ଖଣ୍ଡପଡ଼ା,୨୯।୯(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋରେ ପ୍ରିମିୟର ଲିଗ୍ ମ୍ୟାଚ ଆସନ୍ତା ଅକ୍ଟୋବର ୨୦ରୁ ଆରମ୍ଭ ହେବ । ଏହି ପରିପ୍ରେକ୍ଷୀରେ କଣ୍ଟିଲୋ ସାଇକୃପା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ପ୍ରିମିୟର ଲିଗ୍ ମ୍ୟାଚ ପାଇଁ ନିଲାମ ପ୍ରକ୍ରିୟା ରବିବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପଲଟନ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ୧୨ ପଞ୍ଚାୟତର ୧୩୯ ଜଣ ଖେଳାଳୀ ଉପସ୍ଥିତ ଥିଲେ । ନିଲାମ ପ୍ରକ୍ରିୟାରେ ଅଶୋକ କିଙ୍ଗ, ଶତପଥୀ ଲାୟନସ, ବିକାଶ ୱାରିୟର, ଦିପୁ ୱାରିୟର, ବାଲୁକେଶ୍ୱର, ରୟାଲ କିଙ୍ଗସ, ଆଇକନ ରୟାଲ ଓ ରାଜା ସୁପର ଆଦି ୮ଜଣ ମାଲିକ ସାମିଲ ହୋଇଛନ୍ତି। ପ୍ରତିବର୍ଷ ପରି ଚଳିତ ବର୍ଷ ଏହି ପ୍ରିମିୟର ଲିଗ ମ୍ୟାଚ ସ୍ଥାନୀୟ ପଲଟନ ପଡିଆ ମିନିଷ୍ଟାଡିୟମରେ ଚାଲିବ ବୋଲି ଆୟୋଜକ ସିଲୁ ମହାରଣା କହିଛନ୍ତି । ମୁଖ୍ୟ ଆୟୋଜକ ଭାବେ କଣ୍ଟିଲୋ ସାଇ କୃପା କ୍ରିକେଟ କମିଟି ପକ୍ଷରୁ ପରିଚାଳନା କରାଯିବ ବୋଲି ସୂଚନା ମିଳିଛି।

### ୩୨ ୟୁନିଟ ରକ୍ତ ସଂଗ୍ରହ

ଖଣ୍ଡପଡ଼ା,୨୯।୯(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଖଣ୍ଡପଡା ପଠାଣି ସାମନ୍ତ ପୂଜ୍ୟପୂଜା ପରିଷଦ ଓ ଖଣ୍ଡପଡ଼ା ଯୁବକ ସଂଘ ସହଯୋଗରେ ଆୟୋଜିତ ଶିବିରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ.ଅଭିଷାର ପଣ୍ଡା ଉପସ୍ଥିତ ଥିଲେ । ଶିବିର ପରିଚାଳନାରେ ସାମାଜିକ କର୍ମୀ ମହେନ୍ଦ୍ର ବାରିକ, ସନାତନ କାଠୁଆ, ଶିକ୍ଷାବିତ୍ ଦାମୋଦର ପ୍ରଧାନଙ୍କ ସମେତ ଯୁବକ ସଂଘର ସଦସ୍ୟମାନେ ସହଯୋଗ କରିଥିଲେ ।

## ଉତ୍କଳମଣି କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ବ୍ରହ୍ମପୁର,୨୯।୯(ସ୍ୱାଧୀନ ଶେଖର ପାଢ଼ୀ)

କେ.ସି ବାଳିକା ହାଇସ୍କୁଲରେ ଉତ୍କଳମଣି କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ହୋଇଛି। ୧୨ ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ଉଚ୍ଚବିଦ୍ୟାଳୟର ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୨୦୦ ଛାତ୍ରୀଛାତ୍ର ସାମିଲ ଥିଲେ। ସିଆରସିସି ମଧୁସ୍ମିତା ଦେବୀଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁବୁଦ୍ଧିଦେବୀ ସ୍କୁଲ ପରିସରରେ ସିଆରସିସି ୟୁ.ଭାରତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ୧୧ ସ୍କୁଲରୁ ୨୦୦ ଛାତ୍ରୀଛାତ୍ର ସାମିଲ ଥିଲେ। ମୁଖ୍ୟ ଅତିଥି ଭାବେ ବିଇଓ ଦେବେନ୍ଦ୍ର ବେହେରା, ଶିକ୍ଷକ ରାଜେଶ କୁମାର ତାରିଣୀ, ଅବନୀ ଗୟା, ଶିକ୍ଷାବିତ କେ.କ୍ରିଷ୍ଣାମୂର୍ତ୍ତି, ମଞ୍ଜୁଳା ପାଣିଗ୍ରାହୀ, ନିବେଦିତା ପାଢ଼ୀ ଯୋଗଦେଇ ଥିଲେ।

## ବୈତରଣୀ ଶାରଦୀୟ ପର୍ବ ପାଳିତ


ଅତିଥିଙ୍କ ଦ୍ୱାରା କବିଙ୍କୁ ସମ୍ମାନିତ କରାଯାଉଛି।

ବ୍ରହ୍ମପୁର,୨୯।୯(ସ୍ମୃତି ରଞ୍ଜନ ମହାଲିକ)

ବୈତରଣୀ ଶାରଦୀୟ ପର୍ବ ରବିବାର ବାବାଜୀତୋଟା ସାହିଠାରେ ଅନୁଷ୍ଠିତ ହୋଇଯାଇଛି। ସୁଲେଖିକା ସ୍ୱର୍ଣ୍ଣପ୍ରଭା ପାଢି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର, ମୁଖ୍ୟବକ୍ତା ଗାଳ୍ପିକ ଡା ସରୋଜ କୁମାର ମିଶ୍ର ଓ ସମ୍ମାନନୀୟ ଅତିଥି ରୂପେ ଆଇନଜୀବୀ ପୀତବାସ ପଣ୍ଡା ଯୋଗ ଦେଇଥିଲେ। ବିଧାୟକ ବୈତରଣୀ ଶାରଦୀୟ ପତ୍ରିକାକୁ ଉନ୍ମୋଚନ କରିଥିଲେ। ସଂସ୍କୃତି ଓ ଆଧ୍ୟାତ୍ମିକତା ଉପରେ ଅତିଥିମାନେ କହିଥିଲେ। କବି ହୃଷିକେଶ ଦାଶ, ଡା ସରୋଜ କୁମାର ମିଶ୍ର, ଦେବୀ ପ୍ରଭା ରଥ, ଭାଗ୍ୟଲକ୍ଷ୍ମୀ ମହାରଣା, ନୃସିଂହାନନ୍ଦ ମହାପାତ୍ର ଓ ପଣ୍ଡିତ ସୁଶାନ୍ତ କୁମାର ଦାଶଙ୍କୁ ବୈତରଣୀ ଶାରଦୀୟ ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରଥମ ଅଧିବେଶନରେ କବି ବି ସତ୍ୟମ ଆଚାରୀ ସଭାପତିତ୍ୱ କରିଥିଲେ। କବି ନୃସିଂହାନନ୍ଦ ମହାପାତ୍ର ଅତିଥି ଥିଲେ। କବି ନୀଳକଣ୍ଠ ସାହୁ ଓ ସ୍ୱର୍ଣ୍ଣମୟୀ ପାଢି କବିତା ସଂଯୋଜନା କରିଥିଲେ। କବି ପ୍ରଫୁଲ ତ୍ରିପାଠୀ, ମନୋଜ ପଟ୍ଟନାୟକ, ଦିପ୍ତିମିତା ମହାପାତ୍ର, ସୁନୀଲ କୁମାର ପ୍ରଧାନ ଓ ରାଜେଶ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଜିଲା ସାମ୍ବାଦିକ ସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ

ନୟାଗଡ଼,୨୯।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସାମ୍ବାଦିକ ସଂଘର କାର୍ଯ୍ୟାଳୟ ନୟାଗଡ଼ ପୁରୁଣା ସହରଠାରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଓ ଜିଲା ଓକିଲ ସଂଘ ସଭାପତି ବୃନ୍ଦାବନ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଖବରଦାତା ପ୍ରମୋଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ଭବାନୀ ଶଙ୍କର ଦାଶ, ସୁବାସ ମହାପାତ୍ର, ନିଶିକାନ୍ତ ରଥ, ଏମ୍. ଔରଙ୍ଗଜେବ, ଶୁଭେନ୍ଦୁ ଦାସ, ସନ୍ଦୀପ ଲେଙ୍କା, ପୁରୁଷୋତ୍ତମ ମହାପାତ୍ର, ଉଦିତ ଦାସ,ସୁରେନ୍ଦ୍ର ପ୍ରଧାନ, ଗୋକୁଳ ଷଡ଼ଙ୍ଗୀ,ଲକ୍ଷ୍ମୀଧର ସାହୁ, ଯଯାତି ମହାପାତ୍ର, ପ୍ରମୋଦ ନନ୍ଦ, ପ୍ରଭାସିନୀ ନନ୍ଦ, ବିକ୍ରମ ସ୍ୱାଇଁ, ବିଭୂତି ପଟ୍ଟନାୟକ, ପ୍ରଜ୍ଞାପାର୍ଥ ପଟ୍ଟନାୟକ, ପ୍ରମୋଦ କୁମାର ନନ୍ଦ, ଶୁଭାଶିଷ ପଟ୍ଟନାୟକ, ଦୀପକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଗାନ୍ଧୀ ଜୟନ୍ତୀ ଅବସରରେ ସାମ୍ବାଦିକ କଲ୍ୟାଣ ପାଣ୍ଠି ଗଠନ କରାଯିବା ସହିତ ଜିଲା ସାମ୍ବାଦିକ ସଂଘ ସଦସ୍ୟଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଉଦ୍ୟମ ଅବ୍ୟାହତ ରହିବ ବୋଲି ସଭାପତି ପଟ୍ଟନାୟକ ପ୍ରକାଶ କରିଥିଲେ। ଖବରଦାତା ପ୍ରଦୀପ୍ତ ରଥ ଧନ୍ୟବାଦ ଦେଇଥିଲେ।

## ପ୍ରାଧ୍ୟାପକ ସତ୍ୟ ନାରାୟଣଙ୍କୁ ସମ୍ବର୍ଦ୍ଧନା

ଖଣ୍ଡପଡ଼ା,୨୯।୯(ଅଜୟ କୁମାର ମହାରଣା)

ବୈଦିକ ସଂସ୍କୃତି ଓ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ପାଇଁ ଜୀବନବ୍ୟାପୀ ସଂଗ୍ରାମ ଜାରି ରଖିଥିବା ପ୍ରାଧ୍ୟାପକ ସତ୍ୟନାରାୟଣ ଆଚାର୍ଯ୍ୟଙ୍କୁ ଆନ୍ଧ୍ରପ୍ରଦେଶର ବିଜୟନଗରସ୍ଥିତ ପ୍ରସିଦ୍ଧ ରାମ ନାରାୟଣ କ୍ଷେତ୍ରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ରବିବାର ସମ୍ମାନିତ କରାଯାଇଛି । ପ୍ରାଧ୍ୟାପକ ସତ୍ୟନାରାୟଣ ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳାନୁଶାସକ ଭାବେ ଏବେ କାର୍ଯ୍ୟରତ ଅଛନ୍ତି । ତାଙ୍କ ଘର ଖଣ୍ଡପଡ଼ା ବ୍ଲକ୍ ଅଧୀନ ଗଡିଆସାହି ପଞ୍ଚାୟତ ନଟବରପୁର ଶାସନ ଗ୍ରାମରେ । ପ୍ରାଧ୍ୟାପକ ଆଚାର୍ଯ୍ୟ ନିଜ ଗାଁରେ ଏକ ବେଦ ପାଠାଶାଳା ସ୍ଥାପନ କରି ବ୍ରାହ୍ମଣ ପିଲାମାନଙ୍କୁ ନିଶୁଳ୍କ ଶିକ୍ଷା ପ୍ରଦାନ କରୁଛନ୍ତି।

## ଦଶପଲ୍ଲା ଏନ୍‌ଏସି ଉପାଧ୍ୟକ୍ଷ ଭାଜପାରେ ସାମିଲ


କିଶୋର ଚନ୍ଦ୍ର ଦାସଙ୍କୁ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ସ୍ୱାଗତ କରୁଛନ୍ତି।

ଦଶପଲ୍ଲା,୨୯।୯(ପ୍ରକାଶ କୁମାର ପାଣି)

ଦଳ ଅଣଦେଖା କରୁଥିବା ଅଭିଯୋଗ କରି ଗତ କିଛିଦିନ ତଳେ ବିଜେଡିରୁ ଇସ୍ତଫା ଦେଇଥିଲେ ଦଶପଲ୍ଲା ଏନ୍‌ଏସି ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାସ। ସେ ତାଙ୍କ ଇସ୍ତଫା ପତ୍ର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପାଖକୁ ପଠାଇଥିଲେ । ରବିବାର ସନ୍ଧ୍ୟାରେ ସେ ଭାଜପାରେ ଯୋଗଦେଇଛନ୍ତି। କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀଙ୍କ ଉପସ୍ଥିତିରେ ସେ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି । ତାଙ୍କ ସହିତ ଶିମିଳିସାହି ସରପଞ୍ଚ, କୁଲୁରୁକୁମ୍ପା ସରପଞ୍ଚ ଅଶୋକ କୁମାର ନାୟକଙ୍କ ଭଳି ଅନେକ ଜନପ୍ରତିନିଧି ଭାଜପାରେ ସାମିଲ ହୋଇଛନ୍ତି। କିଶୋର ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ଦଶପଲ୍ଲା ଜଗଦେବପାଟଣା ଗ୍ରାମପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ । ପରେ ୧୪ନଂ.ୱାର୍ଡ଼ର କାଉନସିଲର ଭାବେ ନିର୍ବାଚିତ ହୋଇ ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦର ଉପାଧ୍ୟକ୍ଷ ପଦ ହାତେଇ ଥିଲେ।

## ୬ରେ ଭକ୍ତି ସଙ୍ଗୀତ ପ୍ରତିଯୋଗିତା ପାଇଁ ପ୍ରଥମ ଅଡିଶନ

ଓଡ଼ଗାଁ,୨୯।୯(ଆଦର୍ଶ କୁମାର ପଟ୍ଟନାୟକ)

‘ସଙ୍ଗୀତ ଧାରା’ (ସ୍ୱର ସଙ୍ଗୀତର ମଧୁମୟ ଝଙ୍କାର), ନୟାଗଡ଼ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଭକ୍ତି ସଙ୍ଗୀତ ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ଅଡିଶନ ଓଡ଼ଗାଁରେ ଆସନ୍ତା ୬ ତାରିଖରେ ଅନୁଷ୍ଠିତ ହେବ । ଓଡ଼ଗାଁ କଲେଜରେ ଥିବା ରେସପ୍ଲସ ଏକାଡେମୀ ଅଫ୍ କ୍ୟାରିୟର ଆଣ୍ଡ ଏଜୁକେଶନ ଶିକ୍ଷା ଅନୁଷ୍ଠାନରେ ବିନା ବାଦ୍ୟଯନ୍ତ୍ରରେ ପ୍ରତିଯୋଗୀଙ୍କ ଅଡିଶନ ହେବ । । ଏଥିରେ ୧୪ରୁ ୨୪ବର୍ଷର ଉଭୟ ପୁଅ ଝିଅ ଅଂଶ ଗ୍ରହଣ କରିପାରିବେ । ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ସଙ୍ଗୀତ ଅନୁଷ୍ଠାନ ଓ ଏହା ବାହାରେ ଥିବା ଝିଅପୁଅମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ । ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ‘ନୟାଗଡ଼ ସଙ୍ଗୀତ କଲ୍ଲୋଳ’ ଉପାଧି ସହିତ ନଗଦ ୧୧ ହଜାର ଟଙ୍କା ପୁରସ୍କାର ଅର୍ଥରାଶି ଏବଂ ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ଯଥାକ୍ରମେ ୫ ହଜାର ଏବଂ ୩ ହଜାର ଅର୍ଥରାଶି ପୁରସ୍କାର ପ୍ରଦାନ କରାଯିବ। ସଙ୍ଗୀତଧାରା ପକ୍ଷରୁ ଓଡ଼ଗାଁ ସାମ୍ବାଦିକ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଭାପତି ନାଟ୍ୟଭୂଷଣ ଡ.ବିଜୟ କୁମାର ଚୌଧୁରୀ, ସମ୍ପାଦକ ପ୍ରଶାନ୍ତ କୁମାର ଦାଶ, ମୁଖ୍ୟ ପୃଷ୍ଠପୋଷକ ପ୍ରମୋଦ ପଟ୍ଟନାୟକ, ସଂଯୋଜକ ଲକ୍ଷ୍ମୀଧର ସାହୁଙ୍କ ସମେତ ପ୍ରଶାନ୍ତ ପଟ୍ଟନାୟକ, ଅଶୋକ କୁମାର ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ ।

## ସାଙ୍ଗର କାତି ଚୋଟରେ ସାଙ୍ଗ ଗୁରୁତର, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି/ପାଟପୁର,୨୯।୯
(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ପଦ୍ମପୁର ଗ୍ରାମର ଦୀପକ ପ୍ରଧାନଙ୍କ କାତି ଚୋଟରେ ଶନିବାର ରାତିରେ କରାଖଣ୍ଡି ଗ୍ରାମର ଜିତୁ ମାଠ ଗୁରୁତର ଆହତ ହୋଇଛନ୍ତି। ଏହି ମାମଲାରେ ପାଟପୁର ପୋଲିସ ନଂ.୪୩୦/୨୪ ଅନୁଯାୟୀ ରବିବାର ଅଭିଯୁକ୍ତ ଦୀପକଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲକୁ ପଠାଯାଇଛି। ଦୀପକ ଓ ଜିତୁ ଦୁହେଁ ଆନ୍ଧ୍ର ପ୍ରଦେଶରେ କାମ କରୁଥିବା ବେଳେ ଦୁହିଁଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ହୋଇଥିଲା। ଜିତୁ ତାଙ୍କ ସାଙ୍ଗ ଦୀପକଙ୍କ ଘରକୁ ବୁଲିବାକୁ ଆସୁଥିଲେ। ଘରେ ଥିବା ଦୀପକଙ୍କ ଭଉଣୀଙ୍କୁ ଜିତୁ ଏକତରଫା ପ୍ରେମ କରୁଥିଲେ। ତାଙ୍କ ମୋବାଇଲ ଫୋନ ନମ୍ବର ନେଇ ଜିତୁ ବିଭିନ୍ନ ସମୟରେ ଦୀପକଙ୍କ ଭଉଣୀଙ୍କୁ ହଇରାଣ କରୁଥିଲେ। ଦୀପକ ଜାଣିବା ପରେ ଜିତୁଙ୍କୁ ଶନିବାର ରାତିରେ ଗାଁକୁ ଡ଼ାକିଥିଲେ। ଜିତୁ କରାଖଣ୍ଡି ଗ୍ରାମର ଅନ୍ୟ ୪ ଜଣ ସାଙ୍ଗକୁ ନେଇ ୨ଟି ବାଇକରେ ପଦ୍ମପୁର ଗାଁକୁ ଆସିଥିଲେ। ଜିତୁ ଆସିବା ପରେ ଦୀପକଙ୍କ ସହ ବଚସା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ଜିତୁ ଦୀପକଙ୍କୁ ଆକ୍ରମଣ କରିବାରୁ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଦୀପକ ଏକ କାତିରେ ଜିତୁଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ପାଖରେ ଥିବା ଅନ୍ୟ ସାଙ୍ଗମାନେ ଉଦ୍ଧାର କରି ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ଜିତୁଙ୍କ ସ୍ତ୍ରୀ ଆଶା ପାଟପୁର ଥାନାରେ ପହଞ୍ଚି ଏତଲା ଦେବାପରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲା।

## ୭ ଜୁଆଡି ଗିରଫ, ୩ ଗାଡି ଜବତ

ବ୍ରହ୍ମପୁର,୨୯।୯ (ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ପୋଲିସ ରବିବାର ରାତିରେ ହରିଡାଖଣ୍ଡି-ସୁକୁଣ୍ଡାର ଏକ ଦୁଇ ମହଲା ଘରେ ଚଢାଉ କରି ୭ଜଣ ଜୁଆଡିଙ୍କୁ ଗିରଫ କରିଛି। ସେଠାରୁ ୩ ଲକ୍ଷ ୨୬ ହଜାର ୬୦୦ ଟଙ୍କା ଜବତ ହୋଇଛି। ୩ଟି ଗାଡି ଓ ୬ଟି ମୋବାଇଲ ଫୋନ ଚଢାଉ ବେଳେ ଜବତ କରାଯାଇଥିବା ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ସେଠୀ କହିଛନ୍ତି। ଗତ କିଛିଦିନ ହେଲା ସହର ତଳି ଉକ୍ତ ରାସ୍ତାରେ ଜୁଆଖେଳ ଚାଲିଥିବା ପୋଲିସକୁ ଖବର ମିଳିଥିଲା। ରବିବାର ଜୁଆ ଖେଳ ଚାଲିଥିବାବେଳେ ପୋଲିସ ଚଢାଉ କରିଥିଲା।

## ୩୫୦ ୟୁନିଟ୍ ରକ୍ତ ସଂଗ୍ରହ

ବ୍ରହ୍ମପୁର,୨୯।୯(ନରସିଂହ ସାହୁ)

ଭାଜପାର ସେବା ପକ୍ଷ ପାଳନ ଅବସରରେ ବ୍ରହ୍ମପୁରରେ ରବିବାର ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବିଧାୟକ କେ. ଅନୀଲ କୁମାର ସଂଯୋଜନା କରିଥିବା ଶିବିରରୁ ୩୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହା ରେଡକ୍ରସ ରକ୍ତ ଭଣ୍ଡାରକୁ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଶିଶିର କୁମାର ପାଢ଼ୀ, ସରୋଜ ସାବତ, ଅଶୋକ ଶୁକ୍ଳ, ବନମାଳି ସେଠୀ, ଅମୂଲ୍ୟ ଚୌଧୁରୀ, ବିଷ୍ଣୁ ସୁବୁଦ୍ଧି, ସବିତା ସାହୁ, ବାଳକୃଷ୍ଣ ସାମନ୍ତରା, ଡ଼. ସବିତା ସୁଆର, ରତ୍ନଗର୍ଭା ସରସ୍ୱତୀ, ସିଦ୍ଧାନ୍ତ ଗଂଗଦେବ, ଶରତ ପଟ୍ଟନାୟକ, ବର୍ଷା ବିଦ୍ୟୁସ୍ମିତା, ମିନତୀ ଦାସ ଓ ଅନ୍ୟମାନେ ଯୋଗଦେଇଥିଲେ।

## ଆକର୍ଷଣ ସାଜିବ ଜରି ମେଢ଼

### ବିରାଜିବେ ମା’

■ଉତ୍କଳ ଆଶ୍ରମ ରୋଡ ପୂଜା କମିଟି



ବ୍ରହ୍ମପୁର,୨୯।୯(ସ୍ମୃତି ରଞ୍ଜନ ମହାଲିକ)

ପାର୍ବଣକୁ ନେଇ ସମଗ୍ର ସହର ଚଳଚଞ୍ଚଳ। ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଭଳି ଭାବେ ଉତ୍କଳ ଆଶ୍ରମ ରୋଡ କମିଟି ପୂଜା ଚଳିତ ବର୍ଷ ୫୧ ବର୍ଷରେ ପଦାର୍ପଣ କରିଛି। କମିଟି ପକ୍ଷରୁ ପ୍ରଥମ କରି ୧୯୭୪ରେ ଚନ୍ଦ୍ର ପ୍ରଭା ସାହିଠାରେ ଏକ ଅସ୍ଥାୟୀ ମଣ୍ଡପରେ ପୂଜା ଆରମ୍ଭ ହୋଇଥିଲା। ଚଳିତ ଥର ସ୍ଥାନୀୟ କାରିଗରଙ୍କ ଦ୍ୱାରା ଜରି ମେଢ ଆକର୍ଷଣ ସାଜିବ। ଚନ୍ଦ୍ର ପ୍ରଭା ସାହିର ମୂର୍ତ୍ତି କାରିଗର ଜିତେନ୍ଦ୍ର କୁମାର ବେହେରାଙ୍କ ଦ୍ୱାରା ମୂର୍ତ୍ତି ନିର୍ମାଣ କରାଯାଉଛି। ମୂର୍ତ୍ତିର ଉଚ୍ଚତା ୧୦ ଫୁଟ ରହିଛି। ପଞ୍ଚମୀରୁ ପୂଜା ଆରମ୍ଭ ହୋଇ ଦଶମୀରେ ପୂଜା ସରିବ। ମଣ୍ଡପରେ ସୂର୍ଯ୍ୟ ପୂଜା ସହ ଅନ୍ୟାନ୍ୟ ପୂଜା ହେବ। ମା’ଙ୍କ ନିକଟରେ ଲକ୍ଷ୍ମୀ, ସରସ୍ୱତୀ, ଗଣେଶ ଓ କାର୍ତ୍ତିକେଶ୍ୱର ପୂଜା ପାଇବେ। ତୋରଣ ୨୦ ଫୁଟରୁ ଉର୍ଦ୍ଧ୍ୱ ଉଚ୍ଚତା ରହିବ। ପୂଜାକୁ ଉତ୍କଳ ଆଶ୍ରମ ରୋଡ ବ୍ୟବସାୟୀ ସଂଘ, ପାଲୁରୁ ବଙ୍ଗଳା, ସ୍ୱର୍ଣ୍ଣମୟୀ ନଗର, ବଡ ଖେମୁଣ୍ଡି ରାଜ ବଙ୍ଗଳା, ଚିକିଟି ରାଜବଙ୍ଗଳା ଓ ଶେରଗଡ ରାଜ ବଙ୍ଗଳା ସହଯୋଗରେ ପୂଜା ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ୨ରୁ ୩ଲକ୍ଷ ଟଙ୍କା ବଜେଟ ରଖାଯାଇଛି। ଚନ୍ଦ୍ର ପ୍ରଭା ସାହିଠାରେ ଅସ୍ଥାୟୀ ମଣ୍ଡପରେ ପ୍ରଥମ କରି ପୂଜା କରାଯାଉଥିଲା। କିଛି ବର୍ଷ ପୂଜା ପରେ ଉତ୍କଳ ଆଶ୍ରମ ପରିସରରେ ରହିଥିବା ଏକ ପେଣ୍ଡାଲରେ ପୂଜା ଆରମ୍ଭ ହୋଇଥିଲା। ଚନ୍ଦ୍ରପ୍ରଭା ସାହି ପୂଜା କମିଟି ଏହି ପୂଜା କରିଥିଲେ। ୨୦୦୩ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଉତ୍କଳ ଆଶ୍ରମ ପୂଜା କମିଟି ପକ୍ଷରୁ ପୂଜା ଆୟୋଜନ କରାଯାଉଛି। କମିଟି ସଭାପତି ହୃଷୀକେଶ ମହାପାତ୍ର, ଉପସଭାପତି ପ୍ରଦୀପ ଶତପଥୀ, ଅଶୋକ ପାଠି, ଜଗଦୀଶ ସାହୁ, ପ୍ରବୀର ପାତ୍ର, ପ୍ରଦୀପ୍ତ ପାଢି ଓ କପିଳ ପାଢିଙ୍କ ସମେତ କମିଟିର ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।

### ଅଷ୍ଟମୀରେ ଶ୍ରଦ୍ଧାଳୁ ପାଇବେ ପ୍ରସାଦ



କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ନାହିଁ। ପ୍ରଶାସନିକ କଟକଣା ଅନୁସାରେ ମା’ଙ୍କ ଭସାଣୀ ହେବ। ଅଷ୍ଟମୀ ତିଥିରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ପ୍ରାୟ ୫୦୦ ଶ୍ରଦ୍ଧାଳୁ ସେହିଦିନ ପ୍ରସାଦ ପାଇବେ। ଏଥି ସହିତ ପ୍ରତ୍ୟେକ ଦିନ ୫୦ରୁ ୧୦୦ ଶ୍ରଦ୍ଧାଳୁ ପ୍ରସାଦ ପାଇବା ବ୍ୟବସ୍ଥା ହୋଇଛି। ଶ୍ରଦ୍ଧାଳୁମାନେ କିଭଳି ମା’ଙ୍କ ଦର୍ଶନ କରିବେ ସେଥିପ୍ରତି କମିଟି ପକ୍ଷରୁ ଧ୍ୟାନ ଦିଆଯାଇଛି। ପୋଲିସ ଉପସ୍ଥିତିରେ ସମସ୍ତ କାର୍ଯ୍ୟ ଶୃଙ୍ଖଳାର ଶେଷ କରାଯିବାକୁ ନିଷ୍ପତ୍ତି ହୋଇଛି।

– ନାରସୁ ଜେନା, ସଂପାଦକ

## ଜିଲାରେ ୭୫ ପ୍ରତିଶତ ଫସଲ ସର୍ବେକ୍ଷଣ ସରିଲା

ବ୍ରହ୍ମପୁର,୨୯।୯(ଅଶୋକ କୁମାର ସାହୁ)


ଜୟନ୍ତୀପୁର ପଞ୍ଚାୟତରେ ଜିଲା ମୁଖ୍ୟ କୃଷି ଅଧିକାରୀ ସର୍ଭେ ତଦାରଖ କରୁଛନ୍ତି।

ପ୍ରତ୍ୟେକ ଜମିର ସ୍ଥିତି ଜାଣିବା ପାଇଁ ସରକାରଙ୍କ ପକ୍ଷରୁ ଚଳିତବର୍ଷ ଡିଜିଟାଲ ଫସଲ ସର୍ଭେକ୍ଷଣ ଆରମ୍ଭ ହୋଇଛି। ଏହି କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ଜିଲାର ୨୨ ବ୍ଲକରେ ୭୫.୫୭ ପ୍ରତିଶତ ସରିଛି। ଗୁରୁବାର ସାଢ଼େ ୧ଟା ସୁଦ୍ଧା ୨୦ ଲକ୍ଷ ୧୪ ହଜାର ୩୦୭ ପ୍ଲଟର ସର୍ଭେ ସରିଥିବା ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଚଳିତବର୍ଷ ଜିଲାରେ ୨୬ ଲକ୍ଷ ୬୨ ହଜାର ୪୩୦ ପ୍ଲଟ ସର୍ଭେ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୭ ହଜାର ୬୩୮ ସର୍ଭେରଙ୍କୁ ନିୟୋଜିତ କରାଯାଇଛି। ଗତ ୨୫ ତାରିଖ ସୁଦ୍ଧା ଏହି କାର୍ଯ୍ୟ ସାରିବାକୁ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ବର୍ଷା ଯୋଗୁ ଏହାକୁ ଆସନ୍ତା ମାସ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତେବେ ଲକ୍ଷ୍ୟଧାର୍ଯ୍ୟ ଜମିରୁ ୨୩ ଲକ୍ଷ ୩୬ ହଜାର ୫୯୦ ପ୍ଲଟକୁ ସର୍ଭେରଙ୍କୁ ଦିଆଯାଇଛି। ଧାର୍ଯ୍ୟ ସମୟ ଭିତରେ ସମସ୍ତ ପ୍ଲଟରେ ସର୍ଭେ ସରିବ ବୋଲି ଆଶା କରାଯାଉଛି। ସବୁଠୁ ବଡ କଥା ହେଲା ସର୍ଭେ ସମୟରେ ଅଧିକାଂଶ ଚାଷୀ ଉପସ୍ଥିତ ରହୁନାହାନ୍ତି। ଏତେ ଜମି ସର୍ଭେ ସରିଥିବାବେଳେ ମୋଟ ୧୧୧୯ ଚାଷୀଙ୍କ ଉପସ୍ଥିତି ରେକର୍ଡ ହୋଇଛି। ସର୍ଭେରମାନେ କେବଳ ଆଖିରେ ଦେଖି ଫସଲର ସର୍ଭେକ୍ଷଣ କରୁଛନ୍ତି। ଅନ୍ୟପକ୍ଷରେ ୫୩ ହଜାର ୨୮୩ ପ୍ଲଟରେ ସର୍ଭେ ହୋଇପାରିବନି ବୋଲି କୁହାଯାଇଛି। କାରଣ ଉକ୍ତ ଅଞ୍ଚଳକୁ ଯିବା ଅସମ୍ଭବ ହେଉଥିବା ଏହାର କାରଣ ହୋଇଛି। ତେବେ ଦିଗପହଣ୍ଡି ବ୍ଲକରେ ଅଧିକ ଅର୍ଥାତ ୨ ଲକ୍ଷ ୧୫ ହଜାର ୨୨୩ ପ୍ଲଟର ସର୍ଭେ ସରିଛି। ସେହିପରି କବିସୂର୍ଯ୍ୟନଗର ବ୍ଲକରେ ସର୍ବନିମ୍ନ ଅର୍ଥାତ ୪୧ ହଜାର ୭୩୮ ପ୍ଲଟରେ ସର୍ଭେକ୍ଷଣ ସରିଥିବା ବେଳେ ଅଧିକ ଚାଷୀ ଉକ୍ତ ବ୍ଲକରେ ସର୍ଭେ ବେଳେ ଉପସ୍ଥିତ ରହୁଥିବା ଜଣାପଡିଛି। ୫ବର୍ଷ ପର୍ଯ୍ୟନ୍ତ ଏହି ସର୍ଭେ ଚାଲିବ ବୋଲି କୁହାଯାଉଥିବାବେଳେ ଚଳିତବର୍ଷ ଜିଲାରେ ୨୦ ପ୍ରତିଶତ ପ୍ଲଟ ସର୍ଭେ କରିବାକୁ ନିର୍ଦ୍ଦେଶ ରହିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ଯେ, ଡିଜିଟାଲ ସର୍ଭେ ଚାଷୀଙ୍କ ପାଇଁ ବହୁ ଉପକାର ଆଣିବା ସହିତ କେଉଁ ଜମିରେ କେଉଁ ଫସଲ ହୋଇଛି ତାହା ଜଣାପଡିବ। କାରଣ ଚାଷୀ ବିଭିନ୍ନ ପ୍ରକାର ଫସଲ କରୁଛନ୍ତି। ଏହି ସର୍ଭେ ଆଧାରରେ ଚାଷୀଙ୍କୁ ସହାୟତା ବି ମିଳିପାରିବ। ଆସନ୍ତା ମାସ ୧୫ ସୁଦ୍ଧା କେଉଁ ଜମିରେ କେଉଁ ଫସଲ ହୋଇଛି ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

# ବଡ଼ଚଣାରେ ମୁଖ୍ୟମନ୍ତ୍ରୀ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜଣେ ଛାତ୍ର ଫଟୋଚିତ୍ର ପ୍ରଦାନ କରୁଛନ୍ତି।

**ଚଣ୍ଡିଖୋଲ,୨୯।୯(ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବୁଢ଼ାକେନ୍ଦୁଆକୁ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ତାଙ୍କର ଏହି ଗସ୍ତ ସମୟରେ ଭାଜପାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଥିଲା। ଫଳରେ ଉପସ୍ଥିତ ସମସ୍ତ କର୍ମୀ ଓ ସଧାରଣ ଜନତାଙ୍କୁ ମୋବାଇଲ ଅନ କରି ସଦସ୍ୟ ହେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରଥମେ ଦୁଇ ଯୁବକ ଓ ଦୁଇ ମହିଳା ସଦସ୍ୟତା ଗ୍ରହଣ କରିବା ପରେ ସମସ୍ତେ ମିସ୍‌ଡ କଲ ମାଧମରେ ଭାଜପା ସଦସ୍ୟ ହୋଇଥିଲେ। ଫଳରେ ଯାଜପୁର ଜିଲାରେ ସଦସ୍ୟ ସଂଖ୍ୟା ୧ ଲକ୍ଷ ଓ ବଡ଼ଚଣା ବ୍ଲକରେ ୧୩ ହଜାର ଟପିଥିବା ଜିଲା ସଭାପତି ଗୌତମ ରାୟ ଘୋଷଣା କରିଥିଲେ।

## ଆଦିବାସୀଙ୍କ ଘରେ ମଧାହ୍ନଭୋଜନ

ବଡ଼ଚଣା ବ୍ଲକ ଅନ୍ତର୍ଗତ ସମିଆ ପଞ୍ଚାୟତର ଆଦିବାସୀ ଜଗୁ ସିଂ ଜାମୁଦାଙ୍କ ଘରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧାହ୍ନଭୋଜନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ବଡ଼ଚଣା ବିଧାୟକ ଅମର ନାୟକ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ମନ୍ତ୍ରୀ ପ୍ରଦୀପ କୁମାର ବଳସାମନ୍ତ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଭୋଜନ କରିଥିଲେ।

## ଗାଡ଼ିରୁ ଓହ୍ଲାଇ ହାତ ମିଳାଇଲେ

ମୁଖ୍ୟମନ୍ତ୍ରୀ ସଭା ସରିବା ପରେ ଗାଡ଼ିରେ ବସି ବାହାରି ଯାଉଥିଲେ। ହେଲେ ହଠାତ ଫାଟକ ନିକଟରୁ ଗାଡ଼ିରୁ ଓହ୍ଲାଇ ଆସିଥିଲେ। ପଛକୁ ଫେରି ଆସି ଲୋକଙ୍କ ସହିତ ମିଶିଥିଲେ। ଯେଉଁମାନେ ବ୍ୟାରିକେଡ୍ କଡ଼ରେ ଠିଆ ହୋଇ ତାଙ୍କୁ ହାତ ହଲାଇ ବିଦାୟ ଜଣାଇଥିଲେ ସେହି ମହିଳା ଓ ପୁରୁଷଙ୍କ ସହିତ ସେ ହାତ ମିଳାଇବା ସହିତ କହିଥିଲେ ଆମ ସରକାର ଲୋକଙ୍କ ସରକାର ଓ ମୁଁ ହେଉଛି ଲୋକଙ୍କ ମୁଖ୍ୟମନ୍ତ୍ରୀ। ଶାଗ ପଖାଳରେ ଜୀବନ ଧାରଣ କରିଥିବାବ୍ୟକ୍ତି ସଦାସର୍ବଦା ଲୋକଙ୍କ ସହିତ ସବୁବେଳେ ରହିବ। ଅତି ତଳସ୍ତରର ଲୋକ ମୋ ପାଖରେ ପହଞ୍ଚି ପାରିବ। ଏହି କଥା ଶୁଣିବା ପରେ ସାଧାରଣ ଜନତା ଆନନ୍ଦିତ ହୋଇଥିଲେ।


ଆଦିବାସୀ ଜଗୁ ସିଂ ଜାମୁଦାଙ୍କ ଘରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ ମଧାହ୍ନଭୋଜନ କରୁଛନ୍ତି।

# ତେଜିଲା ବରୀ, ବିଞ୍ଝାରପୁର, ପଟ୍ଟାମୁଣ୍ଡାଇକୁ ରେଳ ସଂଯୋଗ ଦାବି

**ବିଞ୍ଝାରପୁର,୨୯।୯(ରାମକୃଷ୍ଣ ଦାସ):**

ରାଜ୍ୟରେ ପର୍ଯ୍ୟଟନ ଓ ଐତିହ୍ୟ କ୍ଷେତ୍ରର ଏକ ପ୍ରମୁଖ ପେଣ୍ଠସ୍ଥଳ ହେଉଛି ଯାଜପୁର ଓ କେନ୍ଦ୍ରାପଡ଼ା ଜିଲା। ଯାଜପୁରରେ ବୌଦ୍ଧ କୀର୍ତ୍ତି ସମ୍ପନ୍ନ ଉଦୟଗିରି, ରତ୍ନଗିରି ସମେତ ବରୀଠାରେ ଶହୀଦ ପୀଠ, ବିଞ୍ଝାରପୁରଠାରେ ପ୍ରସିଦ୍ଧ ଶୈବକ୍ଷେତ୍ର ସାମେଶ୍ୱର, ପୁରାଣ ପ୍ରସିଦ୍ଧ ବରୁଣେଶ୍ୱର କ୍ଷେତ୍ର, ଦରିଆ ନାହାକାଣୀ ପୀଠ, କେନ୍ଦ୍ରାପଡା ଜିଲା ଆଳିଠାରେ ପ୍ରସିଦ୍ଧ ବରାହ ଜୀଉ, ପଟ୍ଟାମୁଣ୍ଡାଇ, ଭିତର କନିକା ଭଳି ଅନେକ ଐତିହ୍ୟ ଓ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ର ଏବଂ କୀର୍ତ୍ତି ଆଦି ରହିଛି। ଏବେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ଏବଂ ଐତିହ୍ୟ ରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ମାତ୍ର ଏହି ସ୍ଥାନଗୁଡ଼ିକୁ ଉପଯୁକ୍ତ ଗମନାଗମନ ବ୍ୟବସ୍ଥା ନ ଥିବାରୁ ଯାଜପୁର ଓ କେନ୍ଦ୍ରାପଡ଼ାରେ ଥିବା ପର୍ଯ୍ୟଟନ କ୍ଷେତ୍ର ଓ ଐତିହ୍ୟ ସମ୍ପନ୍ନ ସ୍ଥାନଗୁଡ଼ିକର ଉପଯୁକ୍ତ ବିକାଶ ହୋଇପାରୁନହିଁ। ତେଣୁ ଏହି ସବୁ ସ୍ଥାନକୁ ରେଳ ପଥ ସଂଯୋଗ କରିବା ଦାବି ଏବେ ବରୀ, ବିଞ୍ଝାରପୁର, ଆଳି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ତେଜିବାରେ ଲାଗିଛି।

ରବିବାର ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତରେପୁର ପଞ୍ଚାୟତସ୍ଥିତ ସୋନୀ ମଣ୍ଡପଠାରେ ହରିଦାସପୁର-ପଟ୍ଟାମୁଣ୍ଡାଇ ରେଳପଥ ସଂଗ୍ରାମ ପରିଷଦ ପକ୍ଷରୁ କଂଗ୍ରେସ ନେତା ପଦ୍ମାକର ଗୁରୁଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରୀ, ବିଞ୍ଝାରପୁର, ଆଳି, କନିକା, ପଟ୍ଟାମୁଣ୍ଡାଇ ଆଦି ବିଭିନ୍ନ ଅଞ୍ଚଳରୁ ଶତାଧିକ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ସଂଗଠକ, ଲୋକପ୍ରତିନିଧି, ରାଜନେତା ପ୍ରମୁଖ ଯୋଗଦେଇ ହରିଦାସପୁରଠାରୁ ପଟ୍ଟାମୁଣ୍ଡାଇ ଭାୟା ଉଦୟଗିରି, ରତ୍ନଗିରି, ବରୀ, ଶହୀଦ ପୀଠ, ସାମେଶ୍ୱର, ବିଞ୍ଝାରପୁର, ବରୁଣେଶ୍ୱର ପୀଠ, ପ୍ରୀତିପୁର, ବାଳମୁକୁଳି, ମା' ବରୁଣେଇଁ ପୀଠ, ଦରିଆ ନାହାକାଣୀ ପୀଠ, ଗୋବିନ୍ଦପୁର, ଜରି, କଣ୍ଡିଆହାଟ, ଓଳାଭର, ରାଜକନିକା, ଆଳି ବରାହ ପୀଠ, ସିଙ୍ଗିରି ବଜାର, ପଟ୍ଟାମୁଣ୍ଡାଇ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ରେଳ ପଥ ସଂଯୋଗ ପାଇଁ ଦାବି କରିଛନ୍ତି।

ଏହି ସଂଗ୍ରାମ ପରିଷଦ ଆଗାମୀ ଦିନରେ ରେଳମନ୍ତ୍ରୀ, ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ଭେଟି ଦାବି ସମ୍ପର୍କରେ ଅବଗତ କରିବା ନେଇ ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୁଧୀର ଆଚାର୍ଯ୍ୟ, ରବୀନ୍ଦ୍ର କୁମାର ପରିଡ଼ା, ଶ୍ରୀଧର ସାହୁ, ଶଶାଙ୍କ ଶେଖର ଖିଲାର, ପ୍ରକାଶ ଦାସ, ସରୋଜ ନାୟକ, ପୂର୍ବତନ ଜିଲା ପରିଷଦ ସଭାପତି ଇଂ. ସୁଶାନ୍ତ ମିଶ୍ର, ପୂର୍ବତନ ବ୍ଲକ ଅଧକ୍ଷ ପୁରୁଷୋତ୍ତମ ବେହେରା, ରିଙ୍କୁ ନାୟକ ଓ ମାଧବାନନ୍ଦ ଦାସ ପ୍ରମୁଖ ଯୋଗଦେଇ ମତ ରଖିଥିଲେ।



ହରିଦାସପୁର-ପଟ୍ଟାମୁଣ୍ଡାଇ ରେଳପଥ ସଂଗ୍ରାମ ପରିଷଦ ପକ୍ଷରୁ ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

# ଟଙ୍କା ନ ଦେବାରୁ ବାପାଙ୍କୁ ଛୁରିରେ ଆକ୍ରମଣ

**ମୋରଡ଼ା,୨୯।୯(ସ୍ମାରକ ମାଜୀ)**

ମଦ ପିଇବା ପାଇଁ ପୁଅକୁ ଟଙ୍କା ନ ଦେବାରୁ ବାପାଙ୍କୁ ଛୁରିରେ ଆକ୍ରମଣ କରିଛନ୍ତି ପୁଅ। ଏଭଳି ଘଟଣା ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଉକ୍ତ ଥାନା ଅଧୀନ ହଳଦୀପାଳ ଗ୍ରାମର ରମେଶ୍ୱର ବେହେରାଙ୍କ ପୁଅ ଅମିତ ମଦ ପିଇବା ପାଇଁ ବାପାଙ୍କୁ ଟଙ୍କା ମାଗିଥିଲେ। ରମେଶ୍ୱର ଟଙ୍କା ଦେବାକୁ ମନା କରିବାରୁ ଅମିତ ଏକ ଛୁରିରେ ରମେଶ୍ୱରଙ୍କୁ ଆକ୍ରମଣ କରିବା ଫଳରେ ରମେଶ୍ୱର ସାମାନ୍ୟ ଆଘାତ ହୋଇଥିଲେ। ପରେ ଅମିତ ତାଙ୍କ ସାନ ଭାଇଙ୍କୁ ଗୋଡ଼ାଇଥିଲେ। ଖବର ପାଇ ମୋରଡ଼ା ଥାନା ଓ ଚିତ୍ରଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅମିତଙ୍କୁ କାବୁ କରିଥିଲେ। ମୋରଡ଼ା ଥାନାରେ ଏକ ମାମଲା (ନଂ.୨୭୪/୨୪)ରୁଜୁ ହୋଇଛି।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଲକ୍ଷ୍ମୀଧର


@ ନିରଞ୍ଜନ


@ ପ୍ରୀତମ୍


@ ସର୍ବେଶ୍ୱର


@ ସବ୍ୟସାଚୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ବିରୁଡ଼ି ପୋକ କାମୁଡ଼ାରେ ବୃଦ୍ଧା ମୃତ

**ଯାଜପୁର ସଦର,୨୯।୯(ସମର ବିଜୟ ଶରଣ):**

ଯାଜପୁର ବ୍ଲକ ଅନ୍ତର୍ଗତ ଛତିଶଦେବିଲ ପଞ୍ଚାୟତ ହାସିନପୁର ଗ୍ରାମର ଜଣେ ବୃଦ୍ଧାଙ୍କ ବିରୁଡ଼ି ପୋକ କାମୁଡ଼ାରେ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ପଦ୍ମନାଭ ସାହୁଙ୍କ ସ୍ତ୍ରୀ କୁନି ସାହୁ (୬୨)। ଗତ ଶୁକ୍ରବାର ଅପରାହ୍ଣରେ କୁନି ଗାଈକୁ ବିଲରୁ ଘରକୁ ଆଣିବା ବାଟରେ ବିରୁଡ଼ି ଜାତୀୟ ବିଷାକ୍ତ ପୋକ ତାଙ୍କୁ କାମୁଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ମହିଳା ଜଣକ ଗୁରୁତର ହୋଇଥିଲେ। ଲୋକେ ତାଙ୍କୁ ଉଦ୍ଧାର କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ ମହିଳାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

# ଝାଡ଼ାବାନ୍ତିରେ ବୃଦ୍ଧାଙ୍କ ମୃତ୍ୟୁ

**ବିଞ୍ଝାରପୁର,୨୯।୯(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚାଉଁତରାଠାରେ ରବିବାର ଜଣେ ବୃଦ୍ଧାଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେ ହେଲେ କାହ୍ନୁ ବେହେରାଙ୍କ ସ୍ତ୍ରୀ କସଣି ବେହେରା (୭୪)। କିଛିଦିନ ହେବ ବୃଦ୍ଧା ଜଣକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ପରିବାରରେ ଅନ୍ୟ ସଦସ୍ୟମାନେ ମଧ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆକ୍ରନ୍ତଙ୍କ ଚିକିତ୍ସା କରାଯାଇଛି। ଅନ୍ୟପକ୍ଷରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କ୍ଷୀତିଶ କୁମାର ନାୟକ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି।


ଚାଉଁତରା ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପହଞ୍ଚି ସ୍ଥିତି ସମୀକ୍ଷା କରୁଛନ୍ତି।

# ପଞ୍ଚୁବରାହୀପୀଠରେ ଦଳିତ ମହିଳାଙ୍କ ପୂଜା

■ ୫ଶହ ବର୍ଷର ନିଆରା ପରମ୍ପରା

■ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଦାବି ତେଜିଲା

**କେନ୍ଦ୍ରାପଡ଼ା,୨୯।୯ (ଜଗନ୍ନାଥ ଧଳ):**

ରାଜ୍ୟର ବିଭିନ୍ନ ମନ୍ଦିରର ଟ୍ରଷ୍ଟି ଭାବେ ମହିଳାଙ୍କୁ କ୍ୱଚିତ ଦେଖିବାକୁ ମିଳେ । ଏଥିସହ କୌଣସି ମନ୍ଦିରରେ ମହିଳାମାନେ ପୂଜା କରୁଥିବା ଦେଖିବାକୁ ମିଳେନାହିଁ। ମାତ୍ର କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ସାତଭାୟାର ପ୍ରସିଦ୍ଧ ପଞ୍ଚୁବରାହୀ ମନ୍ଦିରରେ କେବଳ ଦଳିତ ମହିଳାଙ୍କୁ ପୂଜକ ଭାବେ ସ୍ୱୀକୃତି ମିଳିଥାଏ । ପ୍ରାୟ ୫୦୦ ବର୍ଷ ଧରି ଏହି ପରମ୍ପରା ଚାଲିଆସିଛି । କଳା ମୁଗୁନି ପଥରରେ ନିର୍ମିତ ୫ ଦେବୀଙ୍କ ଏହି ପୂଜକଙ୍କୁ ପାଉଣା ଆକାରରେ ସରକାରୀ ପ୍ରୋତ୍ସାହନ ମିଳେନାହିଁ । ସ୍ଥାନୀୟ ଅଞ୍ଚଳର ଶସ୍ୟ, ଫଳମୂଳ ଓ ହାତଗଣତି କେତେଜଣ ଶ୍ରଦ୍ଧାଳୁଙ୍କ ଅଳ୍ପ ଅର୍ଥକୁ ସେମାନେ ଦକ୍ଷିଣା ଭାବେ ଗ୍ରହଣ କରି ଦୈନିକ ମା ପଞ୍ଚୁବରାହୀଙ୍କୁ ପୂଜା କରିଥାଆନ୍ତି।

ଏସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ରଶ୍ମିତା ସାହାଣୀ କୁହନ୍ତି, ମାଆ ହେଉଛନ୍ତି ପ୍ରତ୍ୟେକ୍ଷ ଦେବୀ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ହେଉ ଅଥବା ସୁଖଦୁଃଖ ସମୟରେ ଶ୍ରଦ୍ଧାଳୁଙ୍କ ମନୋକାମନା ପୂର୍ଣ୍ଣ କରିବାରେ ସିଦ୍ଧହସ୍ତା। ପୂଜକ ଭାବେ ଜଣେ ପୁରୁଷଙ୍କ ଗୋଟିଏ ଥର ଦାୟିତ୍ୱ ମିଳିଥିଲା। ତେବେ ଏହି ପୁରୁଷ ପୂଜକ ମାଆଙ୍କ ଅଙ୍ଗସୌଷ୍ଟବ ପ୍ରତି ଆକର୍ଷିତ ହେବା ପରେ ପୁନର୍ବାର ମହିଳା ପୂଜକଙ୍କୁ ପୂଜା ଦାୟିତ୍ୱ ଅର୍ପଣ କରାଯାଇଥିଲା । ଏବେ ୪ ଜଣ ଦଳିତ ମହିଳାଙ୍କୁ ପୂଜା ଦାୟିତ୍ୱ ଅର୍ପଣ କରାଯାଇଛି। ସେମାନେ ହେଉଛନ୍ତି ସୁଜାତା ଦଳେଇ, ବନଲତା ଦଳେଇ, ରାଣୀ ଦଳେଇ ଓ ସାବିତ୍ରୀ ଦଳେଇ । ଏଠାରେ କେବଳ ବିବାହିତା ମହିଳା ପୂଜକ ଭାବେ ସ୍ୱୀକୃତି ପାଇଥାନ୍ତି ବୋଲି ରଶ୍ମିତା କୁହନ୍ତି । ନିଗମାନନ୍ଦ ରାଉତ କହିଛନ୍ତି, ଗ୍ରାମରେ ଏହି ଦଳିତ ମହିଳା ପୂଜକଙ୍କ ସ୍ୱତନ୍ତ୍ର ସମ୍ମାନ ଅଛି । ତାଙ୍କ ପାଦ ତଳେ ଜୁହାର ହେବା ପରମ୍ପରା ଅଛି । ତେବେ ପୁରୁଷ ଭାବେ ମନ୍ଦିର ମଧ୍ୟକୁ ଯାଇ ମାଆ ପଞ୍ଚୁବରାହୀଙ୍କୁ ଛୁଇଁବାର ଅଧିକାର ନାହିଁ। ପୂଜକ ପରମ୍ପରା ସମ୍ପର୍କରେ ପୂଜକ ସବିତା ଦଳେଇ କହିଛନ୍ତି, ଶାଶୁ ସୀତା ଦଳେଇ ଏଠାରେ ପୂଜକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ଅବର୍ତ୍ତମାନରେ ଏବେ ପୂଜା କାର୍ଯ୍ୟ ଚଳାଇ ଆସୁଛନ୍ତି । ମଙ୍ଗଳବାର ମାଆଙ୍କ ପୂଜାରେ ଶ୍ରଦ୍ଧାଳୁଙ୍କୁ ସାମିଲ କରାଯାଏ ନାହିଁ । ପୁରୁଷ ଶ୍ରଦ୍ଧାଳୁ ମାଆଙ୍କ ମୂର୍ତ୍ତିକୁ ମନ୍ଦିର କାନ୍ଥରେ ଥିବା ଗଳା ବାଟରେ ଦେଖିବାକୁ ପଡେ । ଦଳିତ ମହିଳା ଭାବେ କୌଣସି ଶ୍ରଦ୍ଧାଳୁଙ୍କୁ ହତାଦର କରାଯାଇ ନ ଥାଏ ବୋଲି ସେ କହିଛନ୍ତି । ଗବେଷକ ଡ. ସର୍ବେଶ୍ୱର ସେଣ କହିଛନ୍ତି, ରାଜ୍ୟରେ ଏହି ମନ୍ଦିର ଏକ ବ୍ୟତିକ୍ରମ । ଦଳିତ ମହିଳା ଏଠାରେ ପୂଜାରୀ ଭାବେ କାର୍ଯ୍ୟ କରନ୍ତି । ଦେଶର ଅଳ୍ପ କେତୋଟି ସ୍ଥାନରେ ମହିଳା ପୂଜକ ଦେଖିବାକୁ ମିଳେ । ତାମିଲନାଡୁର ଶ୍ରୀବୈଷ୍ଣବ ମନ୍ଦିରରେ କ୍ରୀଷ୍ଣାବେଣୀ, ଏସ୍ ରାମୟା ଓ ଏନ୍ ରଞ୍ଜିଥାଙ୍କୁ ପୂଜକ ଭାବେ ନିକଟରେ ଗ୍ରହଣ କରାଯାଇଛି । ସେହିପରି କେରଳର ଥିରୁବନ୍ତପୁରମର ଅଟ୍ଟୁକାଲ ମନ୍ଦିର, ଚକୁଲାଠୁକାବୁ ମନ୍ଦିର, ତାମିଲନାଡୁର ଭଗବତୀ ମାଆ ମନ୍ଦିର, ବିହାରର ମାତା ମନ୍ଦିର ଆଦିରେ ପୁରୁଷଙ୍କ ପ୍ରବେଶ ନିଷେଧ ଅଛି । ଏସମ୍ପର୍କରେ ସ୍ଥାନୀୟ ଗ୍ରାମର ସୁଦର୍ଶନ ରାଉତ କହିଛନ୍ତି, ସାତଭାୟା ପଞ୍ଚାୟତର ବରାହୀପୁର ନିକଟରେ ମାଆଙ୍କ ମନ୍ଦିର ଥିଲା । ଏଠାରେ ସମୁଦ୍ର ତଟକ୍ଷୟ ପାଇଁ ଦେବୀଙ୍କୁ ସ୍ଥାନାନ୍ତର ଆବଶ୍ୟକ ପଡିଲା । ସେଠାରୁ ଏହି ପଞ୍ଚାୟତର ପ୍ରାୟ ୧୨ କି.ମି. ଦୂର ବଗପାଟିଆକୁ ୨୦୨୦ ସ୍ଥାନାନ୍ତର ସମୟରେ ମାଆଙ୍କୁ ସାମୟିକ ଭାବେ ପୁରୁଷମାନେ ଛୁଇଁ ଆଣିବା ପାଇଁ ଅନୁମତି ମିଳିଥିଲା । ବଗପାଟିଆରେ ଏବେ ମା'ଙ୍କ ମନ୍ଦିର ପ୍ରତିଷ୍ଠା ସହ ସେହି ଅଞ୍ଚଳର ୫୭୧ ପରିବାରଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥାନ ଓ ଘର ମିଳିଛି। ଏବେ ଏହି ପୀଠକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଁ ଦାବି ହୋଇଛି। ଏହି ପୀଠର ବିକାଶ ଯୋଜନା କାର୍ଯ୍ୟକାରୀକୁ ସ୍ଥାନୀୟ ରାଜନେତା ଓ ପ୍ରଶାସକ ଉଦ୍ୟମ ଜାରି ରଖିଥିବା ସେ ପ୍ରକାଶ କରିଛନ୍ତି । ଏହି ପୀଠକୁ ଧାର୍ମିକ ପର୍ଯ୍ୟଟନ ସ୍ଥଳୀ ଭାବେ ସ୍ୱୀକୃତି ପାଇଁ ବହୁବାର ଜିଲା ପ୍ରଶାସନ ନିକଟରେ ଦାବି କରା ଯାଇଥିବା ସେ ପ୍ରକାଶ କରିଛନ୍ତି ।


ପଞ୍ଚୁବରାହୀପୀଠରେ ଜଣେ ଦଳିତ ମହିଳା ପୂଜା କରୁଛନ୍ତି ।

# ବଦଳି ନିୟମ ସ୍ଥାଣୁ

■ ଅଧିକାରୀ ଓ କର୍ମଚାରୀଙ୍କୁ ଅନୁକମ୍ପା
■ ବଦଳି ପରେ ବାତିଲ ହୋଇଯାଇଛି ଅର୍ଡର
■ ୩୦ ବର୍ଷରୁ ଊର୍ଦ୍ଧ୍ୱ ରହିବା ପରେ ବି ବଦଳି ନାହିଁ
■ ୩ ବର୍ଷରେ ଥରେ ବଦଳି ହେବାକୁ ରହିଛି ନିୟମ

ନୟାଗଡ଼,୨୯।୯
(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ବଦଳି ନିୟମ କୋମାରେ ରହିଥିବା ଅଭିଯୋଗ ହୋଇଆସୁଛି। ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଅନୁକମ୍ପା ଦେଖାଇ ବଦଳି କରାଯାଉ ନ ଥିବାରୁ ସାଧାରଣ ଲୋକ ସୁଫଳ ପାଉ ନାହାନ୍ତି। ଜଣେ କର୍ମଚାରୀ ବା ଅଧିକାରୀ ଗୋଟିଏ ସ୍ଥାନରେ ୩୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ଧରି ଆସ୍ଥାନ ଜମାଇବାରୁ ସରକାରୀ ଯୋଜନା ବାଟବଣା ହେଉଛି। ଗୋଟିଏ ସ୍ଥାନରେ ଜଣେ କର୍ମଚାରୀ ବା ଅଧିକାରୀ ବହୁ ବର୍ଷ ଧରି ରହିବା ପରେ ସଂପୃକ୍ତ ଅଫିସରେ ଅନିୟମିତତା ବଢ଼ି ଚାଲିଥିବା ଅଭିଯୋଗ ହୋଇ ଆସୁଛି। ଜଣେ କର୍ମଚାରୀ ଅଥବା ଅଧିକାରୀ ୩ ବର୍ଷରେ ଥରେ ବଦଳି ହେବାର ନିୟମ ରହିଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅଧିକାର ଆଇନ (ଆରଟିଆଇ)ରେ ମିଳିଥିବା ତଥ୍ୟ ଅନୁସାରେ ନୟାଗଡ଼ ବନଖଣ୍ଡ କାର୍ଯ୍ୟାଳୟରେ ସେକ୍ସନ ଅଫିସର ୨୪ ବର୍ଷ, ୨ ସିନିୟର ଆସିଷ୍ଟାଣ୍ଟ ୯ ବର୍ଷ ଓ ୧୨ ବର୍ଷ ହେଲା କାମ କରି ଆସୁଥିଲେ ମଧ୍ୟ ବଦଳି କରାଯାଉନି। ସେହିଭଳି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ୨ ବରିଷ୍ଠ ରାଜସ୍ୱ ସହାୟକ ୬ ବର୍ଷ ଓ ୯ ବର୍ଷ, ୨ ଚପରାଶିଙ୍କ ମଧ୍ୟରୁ ଜଣେ ୩୦ ବର୍ଷ ଓ ଅନ୍ୟ ଜଣେ ୨୪ ବର୍ଷ ରହିବା ପରେ ବି ବଦଳି କରାଯାଉନି। ନୟାଗଡ଼ ବ୍ଲକର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ୧୦ ବର୍ଷ, ସିପି ୬ ବର୍ଷ, କନିଷ୍ଠ ଯନ୍ତ୍ରୀ ୬ ବର୍ଷ, କେତେଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ ୭ ବର୍ଷ ହେଲା ରହିଥିଲେ ହେଁ ବଦଳି ହେଉନି। ସେହିଭଳି ଜିଲା ମୁଖ୍ୟ ଚିକିତ୍ସାଳୟରେ ୨ ଜଣ କିରାଣି ୧୯୯୪ରୁ କାମ କରି ଆସୁଥିଲେ ମଧ୍ୟ ବଦଳି କରାଯାଉନି। ଡାକ୍ତର ମଧ୍ୟ ୨୦ ବର୍ଷ ହେଲା ରହିବା ପରେ ବି ବଦଳି କରାଯାଉନି। ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ଅଧିକାଂଶ ଡାକ୍ତର, କିରାଣି ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ୩୦ ବର୍ଷରୁ ଊର୍ଦ୍ଧ୍ୱ ରହିଥିଲେ ମଧ୍ୟ ଅନୁରୂପ ଭାବେ ବଦଳି ହେଉନି। ନୟାଗଡ଼ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ସହକାରୀ ଶ୍ରମ ଅଧିକାର ୭ବର୍ଷ, ଜଣେ କିରାଣି ୫ ବର୍ଷ ହେଲା ଅଛନ୍ତି। ସେହିଭଳି ମୃତ୍ତିକା ସଂରକ୍ଷଣ, କୃଷି, ଉଦ୍ୟାନ ବିଭାଗ ପରି ଜିଲାସ୍ତରୀୟ କାର୍ଯ୍ୟାଳୟ, ଜିଲା ପରିଷଦ କାର୍ଯ୍ୟାଳୟ, ଜିଲାର ବିଭିନ୍ନ ବ୍ଲକ, ତହସିଲ ଓ ପୌର କାର୍ଯ୍ୟାଳୟରେ କର୍ମଚାରୀ ଆସ୍ଥାନ ଜମାଇ ବସିଛନ୍ତି।

ଏନେଇ ସୂଚନା ଅଧିକାର କର୍ମୀ ଜଳଧର ଜେନା, ଶ୍ରୀକାନ୍ତ ଦାଶ, ବିଭୁ ପ୍ରସାଦ ଦାଶ କୁହନ୍ତି, ନୟାଗଡ଼ ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କେତେଜଣ କର୍ମଚାରୀ ଓ ଅଧିକାରୀ ୪ରୁ ୩୫ ବର୍ଷ ଧରି ରହିଥିଲେ ହେଁ ବଦଳି ନାହିଁ। ମଝିରେ ମଝିରେ ବଦଳି ହେଉଥିଲେ ହେଁ ଧରାଧରି କରି ପୁଣି ଅର୍ଡର ବାତିଲ କରିବାରେ ସେମାନେ ସକ୍ଷମ ହେଉଛନ୍ତି। ଆଉ କେତେଜଣ କର୍ମଚାରୀ ସରକାରୀ କଳର ହାତବାରିସି ହୋଇ କାମ କରୁଛନ୍ତି। ଏଣୁ ସରକାର ବଦଳିଲେ ମଧ୍ୟ ସେମାନଙ୍କର ବଦଳି ହେଉ ନାହିଁ। ବଦଳି ନିୟମ କୋମାରେ ରହିଥିବାରୁ ଜିଲାର ବାସିନ୍ଦାଙ୍କ ପାଇଁ ଲାଭ ବଦଳରେ କ୍ଷତି ହୋଇ ଚାଲୁଛି। ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କୁହନ୍ତି, ବଦଳି ଆଦେଶ ସ୍ଥାଣୁ ଅବସ୍ଥାରେ ରହିଥିବାରୁ ଜିଲାରେ ଅରାଜକତା ବଢ଼ି ଚାଲିଛି। କେତେଜଣ ସରକାରୀ କର୍ମଚାରୀ ଓ ଅଧିକାରୀ ବହୁ ବର୍ଷ ହେଲା ରହି ରାଜନୀତି କରୁଛନ୍ତି। ସେମାନଙ୍କ ପ୍ରତି ଶାସକ ଦଳର ଅନୁକମ୍ପା ରହୁଥିବାରୁ ବଦଳି ପରେ ରିଲିଭ ବଦଳରେ ବଦଳି ଆଦେଶ ପ୍ରତ୍ୟାହୃତ ହୋଇ ଯାଉଛି। ତୁରନ୍ତ ସେମାନଙ୍କ ବଦଳି କରାଯିବା ଦରକାର ବୋଲି ସେ କହିଛନ୍ତି।

## ଜଳିଗଲା ୩ ବଖରା

**ଖଣ୍ଡପଡ଼ା, ୨୯।୯ (ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ବ୍ଲକ ରାଣିଛେଲ୍ଲୀ ପଞ୍ଚାୟତ ଅଧୀନ ଗୋହିରିଆପଡ଼ା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ୩ ବଖରା ଭସ୍ମୀଭୂତ ହୋଇଯାଇଛି। ରବିବାର ଅପରାହ୍ନରେ ଏହି ଘଟଣା ଘଟିଛି। ଗ୍ରାମର ରାହୁଲ ନାୟକଙ୍କ ଘରେ ହଠାତ୍ ନିଆଁ ଲାଗି ଯାଇଥିଲା। ଏଥିରେ ତାଙ୍କର ୩ ବଖରା ଘର ସହ ନଗଦ ୬୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଓ ପ୍ରାୟ ୫ ଲକ୍ଷ ଟଙ୍କାର ଆସବାବପତ୍ର ଧାନ, ଚାଉଳ ଆଦି ପୋଡି ଯାଇଥିବା ଅଭିଯୋଗ ହୋଇଛି। ନିଆଁ ଲାଗିବା ସମୟରେ ରାହୁଲ କିମ୍ବା ତାଙ୍କ ପରିବାର ସଦସ୍ୟ ଘରେ ନ ଥିବାରୁ ରକ୍ଷା ପାଇ ଯାଇଛନ୍ତି। ଖଣ୍ଡପଡ଼ା ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡି ନାହିଁ। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏପରି ଘଟଣା ଘଟିଥିବା ଅନୁମାନ କରାଯାଉଛି। ରାହୁଲଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ବାର୍‌ହା ଆକ୍ରମଣରେ ଜଣେ ଗୁରୁତର

**ଓଡ଼ଗାଁ, ୨୯।୯ (ଆଦର୍ଶ କୁମାର ପଟ୍ଟନାୟକ):** ନୟାଗଡ଼ ଜିଲା ଓଡ଼ଗାଁ ଥାନା କୁରାଳ ବେଙ୍ଗେଇସାହି ପୂର୍ବପାର୍ଶ୍ୱ ଗହିର ଧାନ ବିଲକୁ ଯାଉଥିବା ବେଳେ ଏକ ଦନ୍ତା ବାରହା ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ସେହି ଗ୍ରାମର ଅଭିମନ୍ୟୁ ବିଶ୍ୱାଳ(୪୭)। ତାଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ପ୍ରଥମେ ଓଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ନୟାଗଡ଼ ଜିଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏବେ ସେଠାରେ ତାଙ୍କର ଚିକିତ୍ସା ଚାଲୁ ରହିଛି। ରବିବାର ସକାଳେ ଅଭିମନ୍ୟୁ କୁରାଳ ଗ୍ରାମ ବେଙ୍ଗେଇସାହି ମୁଣ୍ଡ ଗହିର ଧାନ ବିଲକୁ ସାର ନେଇ ଯାଉଥିବା ବେଳେ ହଠାତ୍ ଏକ ଦନ୍ତା ବାରହା ତାଙ୍କୁ ଆକ୍ରମଣ କରିଥିଲା। ଅଭିମନ୍ୟୁ ବାରହା ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ବହୁ ଚେଷ୍ଟା କରି ଥିଲେ ମଧ୍ୟ ସଫଳ ହୋଇ ପାରି ନ ଥିଲେ। ବାରମ୍ବାର ଆକ୍ରମଣ ଫଳରେ ତାଙ୍କ ନାକରେ ଗଭୀର କ୍ଷତ ସହିତ ଜଙ୍ଘ, ପିଚା, ଗୋଡ଼, ହାତରେ କ୍ଷତ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ପାଣ୍ଡେରିପଡ଼ା ଗାଁ ଗହିରିରେ କେତେଜଣ ବ୍ୟକ୍ତି ବାରାହାକୁ ମାଡ଼ ମାରିଥିଲେ। ସେଠାରୁ ପ୍ରତିହିଂସା ପରାୟଣ ହୋଇଥିବା ବାର୍‌ହା ଅଭିମନ୍ୟୁଙ୍କୁ ଆକ୍ରମଣ କରିଥିବା ଗ୍ରାମବାସୀ କହିଛନ୍ତି।

## ମନ୍ କୀ ବାତ୍ କାର୍ଯ୍ୟକ୍ରମ ଦେଖିଲେ ଭାଜପା କର୍ମୀ

**ଦଶପଲ୍ଲା, ୨୯।୯ (ପ୍ରକାଶ କୁମାର ପାଣି):** ରବିବାର ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦର ଗୋବିନ୍ଦ ଭବନଠାରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାଏକ, ଦଶପଲ୍ଲା ଏନ୍‌ଏସି ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାସ, ପୂର୍ବତନ ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ଦଳବେହେରା, ବସନ୍ତ ମହାନ୍ତି ସମେତ ବହୁ ବରିଷ୍ଠ ଭାଜପା କର୍ମୀ ଯୋଗଦେଇଥିଲେ। କନ୍ଧମାଳ ଏମ୍‌ପି ଉପସ୍ଥିତ ଜନ ପ୍ରତିନିଧି ଓ ଭାଜପା କର୍ମୀମାନଙ୍କ ସହିତ ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏଥିସହ ଭାଜପା ସଦସ୍ୟ ସଂଗ୍ରହକୁ ସମୀକ୍ଷା କରିବା ସହ ବ୍ୟାପକ କରାଯିବ ବୋଲି କହିଥିଲେ। ଦଶପଲ୍ଲା ଅଞ୍ଚଳର ବହୁ ଜନ ପ୍ରତିନିଧି ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିଲେ।

## ପ୍ରତିଭା ଓ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ଉତ୍ସବ


ବାଚସ୍ପତି ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ରଣପୁର:୨୯।୯
(ସୁକାନ୍ତ କିଶୋର ଡାକୁଆ)

ରଣପୁର ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତସ୍ଥିତ ବାସୁଦେବ ଦୁର୍ଯ୍ୟୋଧନ ଆଞ୍ଚଳିକ ବିଦ୍ୟାପୀଠରେ ରବିବାର ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ତଥା ପ୍ରାକ୍ତନ ସମ୍ପାଦକ ଚକ୍ରଧର ସ୍ୱାଇଁଙ୍କର ନବମ ବାର୍ଷିକ ସ୍ମୃତି ସମାରୋହ ମହନ୍ତ ଗୋପାଳ ଚରଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସୁସ୍ଥ ସମାଜ ଗଠନରେ ଶିକ୍ଷକତମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଅଭିଭାଷଣ ରଖିଥିଲେ। ମୁଖ୍ୟବକ୍ତା ଭାବେ ବାହାଡାଝୋଲା ମହାବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ସର୍ବେଶ୍ୱର ସାହୁ ଯୋଗଦେଇ ରାମକୃଷ୍ଣ ବିବେକାନନ୍ଦଙ୍କ ଭଳି ଆଦର୍ଶ ଗୁରୁ ଶିଷ୍ୟ ପରମ୍ପରାର ଅବତାରଣା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ଶିଳ୍ପଦ୍ୟୋଗୀ ରମେଶ ଚନ୍ଦ୍ର ସାହୁ ଓ ପ୍ରଧାନଶିକ୍ଷୟିତ୍ରୀ ମଧୁସ୍ମିତା ପୃଷ୍ଟି, ନିରଞ୍ଜନ ପାଇକରାୟ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଗୁରୁଭକ୍ତି, ଅଧ୍ୟବସାୟ ଓ ଉଦ୍ୟମଶୀଳତା ବିଷୟରେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ରଘୁନାଥ ଦଳବେହେରା, ଗୋପୀନାଥ ଖାଡ଼ଙ୍ଗା, ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ଶ୍ୟାମସୁନ୍ଦର ବିଶ୍ୱାଳ, ସନ୍ତୋଷ କୁମାର ସାହୁ ପ୍ରମୁଖ ଦିବଂଗତ ଶିକ୍ଷକଙ୍କ ସ୍ମୃତିଚାରଣ ସହିତ ବିଦ୍ୟାର୍ଥୀମାନଙ୍କୁ ଉଦବୋଧନ ଦେଇଥିଲେ। ଭକ୍ତବଲ୍ଲଭ ପଟ୍ଟନାୟକ ଓ ଅମ୍ରିତା ସିଂହ ସ୍ମୃତି କବିତା ପାଠ କରିଥିଲେ। ପ୍ରାକ୍ତନ ଛାତ୍ରୀ ମାନସୀ ପୃଷ୍ଟି ଓ ଅଜୟ କୁମାର ପାଲଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଛାତ୍ରୀମାନେ ସ୍ୱାଗତ ଗୀତିକା ପରିବେଷଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ଗୁମାନସିଂହ ଅତିଥି ପରିଚୟ ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମାଟ୍ରିକ ୨୦୨୪ ପରୀକ୍ଷାର କୃତୀ ଛାତ୍ର ସତ୍ୟବ୍ରତ ପୃଷ୍ଟି ଓ ସତ୍ୟପ୍ରକାଶ ସ୍ୱାଇଁ, ମେଡିକାଲ ଛାତ୍ର ନିକୁଞ୍ଜ ବିହାରୀ ରାଉତରାୟ, ଆଦର୍ଶ ଶିକ୍ଷୟିତ୍ରୀ ସତ୍ୟଭାମା ବେହେରାଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ବାଚସ୍ପତି ପାଢ଼ୀଙ୍କୁ ବିଦ୍ୟାଳୟ ତଥା ପଞ୍ଚାୟତବାସୀଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶିକ୍ଷକ ଶରତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କୌଶଳ ବିକାଶ ଯାତ୍ରା ଉଦ୍‌ଯାପିତ



କୌଶଳ ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀମାନେ।

ଦଶପଲ୍ଲା,୨୯।୯
(ପ୍ରକାଶ କୁମାର ପାଣି)

କୌଶଳ ବିକାଶ ଏବଂ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବିଗତ ୩୯ ବର୍ଷ ଧରି ନିରନ୍ତର କାର୍ଯ୍ୟ କରି ଆସୁଥିବା ସଂସ୍ଥା ଆଇସେକ୍ଟ ପକ୍ଷରୁ କୃଷ୍ଣ ପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟଠାରେ କୌଶଳ ବିକାଶ ଯାତ୍ରା ଉଦଯାପିତ ହୋଇଯାଇଛି। ଆଇସେକ୍ଟ ପକ୍ଷରୁ ସାରା ଭାରତ ବର୍ଷର ୨୨ଟି ରାଜ୍ୟରେ ୩ଶହରୁ ଊର୍ଦ୍ଧ୍ୱ ଜିଲାରେ ଚଳିତ ମାସ ୧୧ରୁ ଆରମ୍ଭ କରି ଅକ୍ଟୋବର ୪ ତାରିଖରେ ଶେଷ ହେବାକୁ ଥିବା ଏହି ଯାତ୍ରାର ଷଷ୍ଠ ଦିନରେ ଛାତ୍ରୀଛାତ୍ରମାନଙ୍କୁ ନୂତନ ଶିକ୍ଷା ନୀତି, ଭବିଷ୍ୟତ କାର୍ଯ୍ୟପନ୍ଥା ଚୟନ ଏବଂ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଅଣ କୌଶଳୀ ପ୍ରକଳ୍ପ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଦଶପଲ୍ଲାସ୍ଥିତ କୃଷ୍ଣ ପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟଠାରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଏକ କୌଶଳ ବିକାଶ ଅଧିବେଶନର ଆୟୋଜନ କରାତଯାଇଥିଲା। ଏହି ଅବସରରେ କଲେଜର ଅଧ୍ୟାପିକା ଗୀତାଞ୍ଜଳି ମହାନ୍ତି, ଇଭାନ ରାୟ, କରୁଣା ସାଗର ମାଟି ଏବଂ ଆଇସେକ୍ଟ ଦଶପଲ୍ଲାର ଅଧ୍ୟକ୍ଷ ଅଜୟ କୁମାର ଦାସ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀମାନଙ୍କୁ କୌଶଳ ବିକାଶର ମହତ୍ୱ ସହ କମ୍ପାନୀର ଅନ୍ୟ ସେବା ବିଷୟରେ ଆଲୋକପାତ କରିଥିଲେ। ଆଇସେକ୍ଟ ପକ୍ଷରୁ କ୍ଷେତ୍ରୀୟ ସଂଯୋଜକ ରଞ୍ଜିତ କୁମାର ସାହୁ, ପ୍ରକଳ୍ପ ପରିଚାଳକ ଅରୁଣ କୁମାର ସାହୁ ଏବଂ ନିଯୁକ୍ତି ପରିଚାଳକ ବିଶ୍ୱରଞ୍ଜନ ବେହେରା ଉପସ୍ଥିତ ଥିଲେ।

## ଓୟୁଜେର ସାଙ୍ଗଠନିକ ବୈଠକ

ନୟାଗଡ଼,୨୯।୯ (ଲୋକନାଥ ମିଶ୍ର)

ନୟାଗଡ଼ ଜଳ ସେଚନ ବିଭାଗ ଡାକ ବଙ୍ଗଳା ପରିସରରେ ଓୟୁଜେ ନୟାଗଡ଼ ଜିଲା ଶାଖା ସଙ୍ଗଠନ ତରଫରୁ ରବିବାର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଆଚାର୍ଯ୍ୟ ବିଶ୍ୱରଞ୍ଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଙ୍ଗଠନର ବିଭିନ୍ନ ସମସ୍ୟା ତଥା ଆଗାମୀ ନିର୍ବାଚନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ମୁଖ୍ୟ ଉପଦେଷ୍ଟା ସଞ୍ଜୟ କୁମାର ସ୍ୱାଇଁ ଆଗାମୀ ଦିନରେ ଜିଲା ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଉଦ୍ୟମ ଜାରି ରହିବ ବୋଲି ମତବ୍ୟକ୍ତ କରିଥିଲେ। ଆସନ୍ତା ନଭେମ୍ବର ମାସରେ ଜିଲାସ୍ତରୀୟ ବୈଠକ ହେବା ପାଇଁ ନିଷ୍ପତ୍ତି ହୋଇଛି। ସାରା ରାଜ୍ୟରେ ଏବେ ଓୟୁଜେ ଏକ ଅଗ୍ରଣୀ ତଥା ପ୍ରମୁଖ ସଙ୍ଗଠନ ଭାବେ ଭୂମିକା ନିର୍ବାହ କରି ଆସୁଥିବା ବେଳେ ନୟାଗଡ଼ ଜିଲା ସଭାପତି ସମ୍ୟକ ବିବରଣୀ ପ୍ରଦାନ କରିଥିଲେ। ଆଗାମୀ ଜିଲାସ୍ତରୀୟ ବୈଠକ ପାଇଁ ସଞ୍ଜୟ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ସଂଯୋଜନା କମିଟି ଗଠନ କରାଯାଇଥିଲା।

## ଗ୍ରାମବାସୀଙ୍କ ଶ୍ରମ, ଚୁଲି ଚାନ୍ଦାରେ ରାସ୍ତା ନିର୍ମାଣ

ଓଡ଼ଗାଁ, ୨୯।୯
(ଆଦର୍ଶ କୁମାର ପଟ୍ଟନାୟକ)

ରାଜ୍ୟରେ ବିକାଶ ଚରମ ସୀମା ଛୁଇଁ ଥିବା ଡିଣ୍ଡିମ ପିଟା ଯାଉଥିବା ବେଳେ ଦୀପ ତଳ ଅନ୍ଧାର ପରି ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକଠାରୁ ମାତ୍ର ୪ କିମି ଦୂରରେ ଥିବା ରାଜସ୍ୱ ଆଦିବାସୀ ଗ୍ରାମକୁ ପଡିଥିବା ରାସ୍ତାଟି ଲୋକଙ୍କ ପାଇଁ ସମସ୍ୟା ସାଜିଥିଲା। ସେହି ରାଜସ୍ୱଗ୍ରାମ ନୋତରପଲ୍ଲୀ ସାନସାହିକୁ ସବୁଦିନିଆ ରାସ୍ତା ପାଇଁ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନକୁ ଦାବି କରିଆସୁଥିଲେ। ବର୍ଷସାରା ଅନ୍ଧାର ଓ କାଦୁଅ ପଚପଚ ରାସ୍ତାରେ ସେମାନେ ନିକଟସ୍ଥ ଗୋଡିପଲ୍ଲୀ କିମ୍ବା ପଥରା ଛକକୁ ଯାତାୟତ କରୁଥିଲେ। ଏନେଇ ସେମାନେ ପଞ୍ଚାୟତରେ ବାରମ୍ବାର ଗୁହାରୀ କଲେ ମଧ୍ୟ କେହି ଶୁଣୁ ନ ଥିଲେ। ଏପରି କି ସେମାନଙ୍କ ବସ୍ତି ସଂଖ୍ୟା କମ୍ ଥିବା ଦର୍ଶାଇ


ଗ୍ରାମବାସୀ ରାସ୍ତା ନିର୍ମାଣ କରୁଛନ୍ତି।

**ଓଡ଼ଗାଁ ବ୍ଲକ କୋଦଣ୍ଡ ପଞ୍ଚାୟତ**

ସେହି ସାହିକୁ ପକ୍କା କିମ୍ବା ମୋରମ ରାସ୍ତା ହୋଇପାରି ନ ଥିଲା। ଫଳତଃ ସାହି ବାସିନ୍ଦା ୱାର୍ଡ ସଭ୍ୟା ଗୀତାଞ୍ଜଳି ଜେନା ଓ ପ୍ରତିନିଧି ସାହି ବାସିନ୍ଦାଙ୍କୁ ଏକଜୁଟ କରି ଘର ପିଛା ଚୁଲି ଚାନ୍ଦା ୨୦୦ ଟଙ୍କା ଲେଖାଏ ଆଦାୟ କରିଥିଲେ। ସମସ୍ତେ ଶ୍ରମ ଦାନ କରି ରାସ୍ତା ନିର୍ମାଣ କରିବାକୁ ସଂକଳ୍ପ ନେଇଥିଲେ। ଏହିକ୍ରମରେ ଚୁଲି ଚାନ୍ଦାରୁ ଆଦାୟ ହୋଇଥିବା ଟଙ୍କାରେ ଟ୍ରାକ୍ଟର ଭଡ଼ା କରି ମୋରମ ଆସିଥିଲା। ସାହିର ସମସ୍ତେ ଶ୍ରମ ଦାନ କରିଥିଲେ। ମୋରମକୁ ସମତୁଲ କରି ସାନ ସାହିଠାରୁ ରାଜ୍ୟ ରାଜପଥ ପର୍ଯ୍ୟନ୍ତ ଏକ ମୋରମ ରାସ୍ତା ନିର୍ମାଣ କରିଥିଲେ। ଗ୍ରାମବାସୀଙ୍କ ଏପରି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଛନ୍ତି।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଲକ୍ଷ୍ମୀଧର


@ ନିରଞ୍ଜନ


@ ପ୍ରୀତମ୍


@ ସର୍ବେଶ୍ୱର


@ ସବ୍ୟସାଚୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଲୋକ ବିଦ୍ୟାପୀଠରେ ଗୀତା ଅଭିଯାନ


ଗୀତା ଅଭିଯାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ଶରଣକୁଳ,୨୯।୯
(ଦୀପକ କର)

ନୟାଗଡ଼ ଜିଲା ଶରଣକୁଳ ନିକଟବର୍ତ୍ତୀ ପଞ୍ଚିରିଡ଼ା ମାନପୁର ଗ୍ରାମରେ ଥିବା ଲୋକ ନୋଡ଼ାଲ ବିଦ୍ୟାପୀଠ ପରିସରରେ ଶନିବାର 'ଗୀତା ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଦ୍ୱୈତ ନାରାୟଣ ରଣସିଂହଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୟାଗଡ଼ର ଅବସରପ୍ରାପ୍ତ ଶିକ୍ଷକ ଈଶ୍ୱର ଚନ୍ଦ୍ର ତ୍ରିପାଠୀ, ଦାମୋଦର ସାହୁ, ବୈକୁଣ୍ଠ ନାଥ ପ୍ରଧାନ ଓ ଶୁଭ୍ରାଂଶୁ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଗୀତା ମାତାଙ୍କର ପୂଜନ ପରେ ଗୀତାର ପଞ୍ଚଦଶ ଅଧ୍ୟାୟ ସମସ୍ତ ଛାତ୍ରୀଛାତ୍ର ସାମୂହିକ ଆବୃତ୍ତି କରିଥିଲେ। ବରିଷ୍ଠ ଶିକ୍ଷକ ଡ.ସୁରେଶ ଚନ୍ଦ୍ର ବରାଡ଼ ଗୀତା ଉପରେ ସମ୍ୟକ ଧାରଣା ଦେଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ଗୀତାର ସାରମର୍ମ ଓ ସାମ୍ପ୍ରତିକ ସମାଜରେ ଗୀତାର ବ୍ୟବହାରିକତା ଉପରେ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଦଶମ ଶ୍ରେଣୀର ୫୩ ଜଣ ଛାତ୍ରୀଛାତ୍ରଙ୍କୁ ନିଃଶୁଳ୍କ ଗୀତା ବଣ୍ଟନ କରାଯାଇଥିଲା। ଗୀତା ଆବୃତ୍ତି ପ୍ରତିଯୋଗିତାରେ ଭାଗ ନେଇଥିବା ୧୦ ଜଣ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ରାଜେଶ ମାହାର, ଚିନ୍ତାମଣି ମହାରଣା, ବଷ୍ଟୁ ପ୍ରଧାନ, ପ୍ରେମାନନ୍ଦ ପାତ୍ର, ଗଙ୍ଗୋତ୍ରୀ ପ୍ରଧାନ, ଆରାଧନା ଗୌଡ଼, କାର୍ଯ୍ୟାଳୟ ସହାୟକ ଜଗନ୍ନାଥ ବାରିକ, ଟୁନି ପ୍ରଧାନ ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା ଡ.ବରାଡ଼ କରିଥିଲେ। ପ୍ରଧାନ ଶିକ୍ଷକ ରଣସିଂହ ଧନ୍ୟବାଦ ଅର୍ପଣ କରିଥିଲେ।




ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବୁଢ଼ାକେନ୍ଦୁଆଠାରେ ରବିବାର ଆୟୋଜିତ ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ (ବାମରୁ) ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ଭାଜପାର ଜିଲା ସଭାପତି ଗୌତମ ରାୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସମବାୟ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ପ୍ରଦୀପ କୁମାର ବଳସାମନ୍ତ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏବଂ ଭାଜପା ଜିଲା ମହିଳା ସଭାନେତ୍ରୀ ବବିତା ମଲ୍ଲିକ।

କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା କର୍ମୀ ଓ ଜନସାଧାରଣ।

# ଖୁବ୍‌ଶୀଘ୍ର ବୋର୍ଡ, ନିଗମ ଅଧ୍ୟକ୍ଷ ନିଯୁକ୍ତି: ମନମୋହନ

ଭୁବନେଶ୍ୱର, ୨୯।୯(ସୁନିତ୍ ମିଶ୍ର)


ମନମୋହନ ସାମଲ

ଖୁବ୍‌ଶୀଘ୍ର ରାଜ୍ୟର ବିଭିନ୍ନ ବୋର୍ଡ ଓ ନିଗମରେ ଅଧ୍ୟକ୍ଷ ପଦବୀରେ ନିଯୁକ୍ତି କରାଯିବ। ଭାଜପାର ସଦସ୍ୟତା ଅଭିଯାନ ଶେଷ ହେବା ପରେ ଏହି ପଦଗୁଡ଼ିକରେ ନିଯୁକ୍ତି ଦିଆଯିବ। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏହି ସୂଚନା ଦେଇଛନ୍ତି। ମନମୋହନ କହିଛନ୍ତି, ତାଙ୍କ ଦଳର ସରକାରକୁ ଏବେ ୧୦୦ ଦିନ ପୂରିଛି। ଏହି ସମୟ ଭିତରେ ଶପଥ ଗ୍ରହଣ ଦିନ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା, ତାହା ପୂରଣ କରାଯାଇଛି। ସରକାର ଶପଥ ନେବାର ୮ ଘଣ୍ଟା ଭିତରେ ଜଗନ୍ନାଥଙ୍କ ଚାରି ଦ୍ୱାର ଖୋଲାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ସୁଭଦ୍ରା ଯୋଜନା ଆରମ୍ଭ କରାଯାଇଛି। ରତ୍ନଭଣ୍ଡାର ଖୋଲିଥିବା ବେଳେ ଖୁବ୍‌ଶୀଘ୍ର ଗଣତି ଆରମ୍ଭ ହେବ। ଧାନ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା କରିବାକୁ ତାଙ୍କ ସରକାର ନୀତିଗତ ନିଷ୍ପତ୍ତି ନେଇଛି। ଗୋଟିଏ ଗୋଟିଏ କରି ସବୁ କାର୍ଯ୍ୟକ୍ରମ କରାଯାଉଛି। ସେ ଆହୁରି କହିଛନ୍ତି, ଏବେ ଦଳର ସଦସ୍ୟତା ଅଭିଯାନ ଶେଷ ପର୍ଯ୍ୟାୟରେ ଅଛି। ଏହା ସରିବା ପରେ ପରେ ନିଗମ ଓ ବୋର୍ଡ ଚଳାଇବାକୁ ଉପଯୁକ୍ତ ବ୍ୟକ୍ତିଙ୍କୁ ଦାୟିତ୍ୱ ଦିଆଯିବ। ଏନେଇ ଖୁବ୍‌ଶୀଘ୍ର ଆମେ ନିଷ୍ପତ୍ତି ନେବୁ। ଏଥିପାଇଁ ଦଳୀୟ ଓ ମନ୍ତ୍ରୀସ୍ତରରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ବୋର୍ଡ ଓ ନିଗମ ଦାୟିତ୍ୱରେ ଅଭିଜ୍ଞ ତଥା ପ୍ରମୁଖ ବ୍ୟକ୍ତିବିଶେଷ, ଟେକ୍ନିକାଲ ବ୍ୟକ୍ତି, ବୈଜ୍ଞାନିକ, ଏକ୍ସ-ସର୍ଭିସମ୍ୟାନଙ୍କୁ ସାମିଲ କରିବାକୁ ଯୋଜନା କରାଯାଇଛି। ଏଥିପାଇଁ ପଲିସି ପ୍ଲାନିଂ ହୋଇ ସେହି ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମକୁ ରବିବାର ସୁଦ୍ଧା ୧୦ ବର୍ଷ ପୂରଣ ହୋଇଛି। ମୋଦିଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଏବେ ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ ପାଲଟିଛି। ସାଧାରଣ ଲୋକଙ୍କ ଅସାଧାରଣ କାର୍ଯ୍ୟ ଓ ସାମର୍ଥ୍ୟ ଲୋକଲୋଚନକୁ ଆଣିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସେ ତାଙ୍କ ୧୧୪ ତମ 'ମନ୍ କୀ ବାତ୍' ସଂସ୍କରଣରେ ସାନ୍ତାଳୀ ଭାଷାର ପ୍ରଚାର ଓ ପ୍ରସାର ପାଇଁ ମୟୂରଭଞ୍ଜର ଯୁବକ ରାମଜିତ୍ ଟୁଡୁଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି। ଏହି ପରିପ୍ରେକ୍ଷୀରେ ମନମୋହନ ସାମଲ ନିଜ ମାତୃଭାଷା ସାନ୍ତାଳୀ ଭାଷାକୁ ଡିଜିଟାଲ ପ୍ଲାଟଫର୍ମ ଜରିଆରେ ଲୋକଙ୍କ ପାଖକୁ ଆଣିଥିବା ରାମଜିତ୍ ଟୁଡୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭୁବନେଶ୍ୱରସ୍ଥିତ ଏକ ଘରୋଇ କଲେଜରେ ମନମୋହନ ସାମଲ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ଶୁଣିଥିଲେ।

# ହରିୟାଣା ବିଜୟ ସଂକଳ୍ପ ଯାତ୍ରା କରିବେ ରାହୁଲ

ଚଣ୍ଡିଗଡ଼,୨୯।୯


ରାହୁଲ ଗାନ୍ଧୀ

ହରିୟାଣା ବିଧାନସଭା ନିର୍ବାଚନରେ ଭାଜପାଠାରୁ କ୍ଷମତା ଛଡ଼ାଇ ନେବା ପାଇଁ କଂଗ୍ରେସ ଜୋର୍‌ଦାର ଉଦ୍ୟମ ଜାରି ରଖିଛି। ରାହୁଲ ଗାନ୍ଧୀ ସୋମବାରଠାରୁ ତାଙ୍କ ପ୍ରଚାରର ଦ୍ୱିତୀୟ ଚରଣରେ ହରିୟାଣା ବିଜୟ ସଂକଳ୍ପ ଯାତ୍ରା ଅବସରରେ ବିଭିନ୍ନ ଜିଲାରେ ପ୍ରଚାର କରିବେ। ତାଙ୍କ ସହ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ସାମିଲ ହୋଇପାରନ୍ତି। ସୋମବାର ରାହୁଲ ଅମ୍ବାଲା ଜିଲାର ନାରାୟଣ ଗଡ଼ରେ ପ୍ରଚାର କରିବା ସହ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ଏହା ପରେ ବିଜୟ ସଂକଳ୍ପ ଯାତ୍ରା ଯମୁନାନଗର ଜିଲା ଏବଂ ଅମ୍ବାଲାର ମୁଲାନା ଅତିକ୍ରମ କରି ସନ୍ଧ୍ୟାରେ କୁରୁକ୍ଷେତ୍ରର ଥାନେସାରଠାରେ ରାହୁଲ ଏକ ସଭା କରିବେ। ଅକ୍ଟୋବର ୫ରେ ନିର୍ବାଚନ ହେବାକୁ ଥିବାବେଳେ ୩ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ରାହୁଲଙ୍କ ଯାତ୍ରା ଜାରି ରହିବ। ଏଥିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡ୍ଡା, କୁମାରୀ ସେଲ୍‌ଜାଙ୍କ ସମେତ ରାଜ୍ୟ କଂଗ୍ରେସ ନେତାମାନେ ସାମିଲ ହେବେ ବୋଲି ଜଣାପଡ଼ିଛି।

# ପ୍ରକାଶ କରାତ୍ ସିପିଏମ୍ ପଲିଟବ୍ୟୁରୋ, କେନ୍ଦ୍ରୀୟ କମିଟି କୋଅର୍ଡିନେଟର

ନୂଆଦିଲ୍ଲୀ,୨୯।୯


ପ୍ରକାଶ କରାତ୍

ସିପିଆଇ(ଏମ୍)ର ବରିଷ୍ଠ ନେତା ପ୍ରକାଶ କରାତ୍‌ଙ୍କୁ ଦଳ ପଲିଟବ୍ୟୁରୋ ଏବଂ କେନ୍ଦ୍ରୀୟ କମିଟିର କୋଅର୍ଡିନେଟର କରାଯାଇଛି। ଆସନ୍ତାବର୍ଷ ଏପ୍ରିଲରେ ୨୪ତମ ପାର୍ଟି କଂଗ୍ରେସ ଅନୁଷ୍ଠିତ ହେବାକୁ ଥିବାବେଳେ ସେ ପର୍ଯ୍ୟନ୍ତ ଅନ୍ତରୀଣ ବ୍ୟବସ୍ଥା ସ୍ୱରୂପ କରାତ କୋଅର୍ଡିନେଟର ରହିବେ। ସେପ୍ଟେମ୍ବର ୧୨ରେ ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀଙ୍କ ପରଲୋକ ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। କରାତ ଦଳର ସର୍ବବରିଷ୍ଠ ନେତା ଏବଂ ସେ ୨୦୦୫ରୁ ୨୦୧୫ ଏହାର ସାଧାରଣ ସମ୍ପାଦକ ଥିଲେ। ୧୯୪୮ ଫେବୃଆରୀ ୭ରେ ମ୍ୟାନ୍‌ମାରରେ ଜନ୍ମିତ କରାତ ଚେନ୍ନାଇରେ ଶିକ୍ଷା ଶେଷ ପରେ ରାଜନୀତିରେ ସ୍ନାତକୋତ୍ତର ଶିକ୍ଷା ପାଇଁ ବ୍ରିଟେନ ଯାଇଥିଲେ। ଏହି ସମୟରେ ସେ ଛାତ୍ର ରାଜନୀତିରେ ସକ୍ରିୟ ଥିଲେ। ୧୯୭୦ରେ ଭାରତ ଫେରି ସେ ଜେଏନ୍‌ୟୁରେ ଯୋଗଦେବା ସହ ସିପିଆଇ(ଏମ୍) ନେତା ଏ.କେ. ଗୋପାଳନଙ୍କ ସହଯୋଗୀ ଭାବେ କାର୍ଯ୍ୟ କରିଥିଲେ। ଷ୍ଟୁଡେଣ୍ଟସ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ)ର ଅନ୍ୟତମ ପ୍ରତିଷ୍ଠାତା କରାତ ୧୯୭୪ରୁ ୧୯୭୯ ପର୍ଯ୍ୟନ୍ତ ଏହାର ଅଧ୍ୟକ୍ଷ ଥିଲେ। ସେ ସିପିଆଇ(ଏମ୍) ଦିଲ୍ଲୀ କମିଟିର ସମ୍ପାଦକ ହେବା ସହ ୧୯୮୫ରେ ଦଳର କେନ୍ଦ୍ରୀୟ କମିଟିକୁ ନିର୍ବାଚିତ ହୋଇ ୧୯୯୨ରେ ପଲିଟବ୍ୟୁରୋ ସଦସ୍ୟ ହୋଇଥିଲେ।



ହରିୟାଣା ବିଧାନସଭା ନିର୍ବାଚନ ପାଇଁ କର୍ନାଲରେ ରବିବାର ଆୟୋଜିତ ଭାଜପା ସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହ ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି ଓ ଦଳୀୟ ନେତାମାନେ।

# ରାହୁଲ ମିଛର ମେଶିନ୍: ଶାହା

ଗୁରୁଗ୍ରାମ/କର୍ନାଲ,୨୯।୯

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ 'ମିଛର ମେଶିନ୍' ହୋଇଥିବାରୁ ତାଙ୍କ ମୁହଁରୁ ସବୁବେଳେ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକ ସମ୍ପର୍କରେ ମିଛ କଥା ବାହାରୁଛି ବୋଲି ରବିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସମାଲୋଚନା କରିଛନ୍ତି। ହରିୟାଣା ବିଧାନସଭା ନିର୍ବାଚନକୁ ୫ ଦିନ ବାକି ଥିବାବେଳେ ଗୁରୁଗ୍ରାମ ଓ କର୍ନାଲରେ ଭାଜପା ସଭାକୁ ସମ୍ବୋଧିତ କରି ଶାହା କହିଛନ୍ତି, ବିରୋଧୀ ଦଳ ନେତା ରାହୁଲ ସେନାରେ ଅଗ୍ନିବୀରଙ୍କ ନିଯୁକ୍ତିକୁ ନେଇ ବିଭ୍ରାନ୍ତିକର ମନ୍ତବ୍ୟ ଦେଉଛନ୍ତି। ସେନାରେ ଭର୍ତ୍ତି ହେଉଥିବା ପ୍ରତି ୧୦ ଯବାନଙ୍କ ମଧ୍ୟରୁ ଜଣେ ହରିୟାଣାରୁ ଯାଇଥାନ୍ତି। ଇନ୍ଦିରା ଗାନ୍ଧୀଙ୍କଠାରୁ ନେଇ ମନମୋହନ ସିଂଙ୍କ ପର୍ଯ୍ୟନ୍ତ କୌଣସି କଂଗ୍ରେସୀ ପ୍ରଧାନମନ୍ତ୍ରୀ 'ୱାନ୍ ର୍ୟାଙ୍କ ୱାନ୍ ପେନ୍‌ସନ' ଦିଗରେ କାର୍ଯ୍ୟ କଲେ ନାହିଁ। କିନ୍ତୁ ମୋଦି ସରକାର କ୍ଷମତାକୁ ଅସିବା ପରେ ୨୦୧୫ରେ ଯବାନଙ୍କ ପାଇଁ ଏହି ଯୋଜନା କାର୍ଯ୍ୟକାରୀ କଲେ।

ଶାହା ଆହୁରି କହିଛନ୍ତି, ରାହୁଲଙ୍କ ନିର୍ବାଚନୀ ଗ୍ୟାରେଣ୍ଟି ଏକ କ୍ରପର, ଯାହାକି ହିମାଚଳ ପ୍ରଦେଶ ଓ କର୍ନାଟକରେ ପ୍ରମାଣିତ ହୋଇଛି। କଂଗ୍ରେସ ଏହି ୨ ରାଜ୍ୟରେ କ୍ଷମତାକୁ ଆସିବା ପରେ ରାହୁଲ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିରେ ଅନୁପାଳନ କରୁନାହିଁ। କ୍ରପର୍ କାଟିନେବା ଭଳି ପ୍ରତିଶ୍ରୁତି କମି କମି ଯାଉଛି।

# ରଙ୍ଗବଦଳା ରାଜନୀତିରୁ ମୁଖ୍ୟମନ୍ତ୍ରୀ କ୍ଷାନ୍ତ ରୁହନ୍ତୁ: ବିଜେଡି

ଭୁବନେଶ୍ୱର, ୨୯।୯(ସୁନିତ୍ ମିଶ୍ର)

ଯାଜପୁର ବଡ଼ଚଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜେଡିକୁ ଟାର୍ଗେଟ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ପାଲଟା ଜବାବ ଦେଇ ବିଜେଡି ରାଜ୍ୟ ସଭା ଏମ୍‌ପି ସୁଲତା ଦେଓ କହିଛନ୍ତି, ନଗଡ଼ା ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ ବିଭ୍ରାନ୍ତ କରୁଛନ୍ତି। ରଙ୍ଗବଦଳା ରାଜନୀତିରୁ ମୁଖ୍ୟମନ୍ତ୍ରୀ କ୍ଷାନ୍ତ ରୁହନ୍ତୁ। ଦେଶରେ ଭାଜପା ଶାସିତ ରାଜ୍ୟ ଗୁଜରାଟ, ରାଜସ୍ଥାନ, ମଧ୍ୟପ୍ରଦେଶ, ବିହାର ଓ ଉତ୍ତରପ୍ରଦେଶର ତଥ୍ୟ ସାଙ୍ଗକୁ ପୋଷଣ କ୍ଷେତ୍ରରେ ଜାତୀୟ ହାରର ତଥ୍ୟ ଉପସ୍ଥାପନ କରିଛନ୍ତି। ଜାତୀୟ ହାର ସାଙ୍ଗକୁ ଏହିସବୁ ଭାଜପା ଶାସିତ ରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥିତି ବେଶ୍ ଭଲ। ସେହିପରି ନଗଡ଼ାର ବିକାଶ ପାଇଁ ନବୀନ ସରକାର ନେଇଥିବା ବିଭିନ୍ନ ପଦକ୍ଷେପର ତାଲିକା ଦେଖାଇ କହିଛନ୍ତି, ନଗଡ଼ା ତଳେ ନବୀନ ୨୦୦ ପିଲାଙ୍କ ଲାଗି ଏକ ହଷ୍ଟେଲ ନିର୍ମାଣ କରିସାରିଛନ୍ତି। ତାହାକୁ ତୁରନ୍ତ ଉଦ୍‌ଘାଟନ କରନ୍ତୁ। ଫଳରେ ନଗଡ଼ାର ପିଲା ଉପକୃତ ହେବେ। ସେହିପରି ଯାଜପୁରକୁ ୩ଟି ପରିବାର ଲୁଟି ଖାଇଛନ୍ତି ବୋଲି ମୋହନ ମାଝୀଙ୍କ ବକ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କେଉଁ ୩ଟି ପରିବାର ଲୁଟିଛନ୍ତି ସେ କଥା ମୁଖ୍ୟମନ୍ତ୍ରୀ କୁହନ୍ତୁ ବୋଲି ସୁଲତା ପ୍ରଶ୍ନ କରିଛନ୍ତି।

# ୨ରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଭୁବନେଶ୍ୱର, ୨୯।୯(ସୁନିତ୍ ମିଶ୍ର)

ଗାନ୍ଧୀ ଜୟନ୍ତୀଠାରୁ ବିଜେଡି ଦୁଇଟି ପର୍ଯ୍ୟାୟରେ ଜନସମ୍ପର୍କ ପଦଯାତ୍ରା ଅଭିଯାନ ଆରମ୍ଭ କରିବ। ଏହି ବିଷୟରେ ଦଳ ପକ୍ଷରୁ ନୂତନ ଭାବେ ତିଆରି ହୋଇଥିବା କମିଟି, ରାଜ୍ୟର ସମସ୍ତ କାର୍ଯ୍ୟକର୍ତ୍ତା, ବିଧାୟିକା/ବିଧାୟକ ପ୍ରାର୍ଥୀ, ବ୍ଲକ ଓ ନଗର କର୍ମକର୍ତ୍ତାଙ୍କ ସହିତ ନିର୍ବାଚନମଣ୍ଡଳୀର ନେତାଙ୍କୁ ଜନସମ୍ପର୍କ ପଦଯାତ୍ରା ସମ୍ପର୍କରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଚିଠି ଲେଖି ସୂଚନା ଦେଇଛନ୍ତି। ୧୫ ଦିନ ଧରି ଏହି ପଦଯାତ୍ରା କରାଯିବ। ପ୍ରଥମ ପର୍ଯ୍ୟାୟ ଅକ୍ଟୋବର ୨ରୁ ଆରମ୍ଭ ହୋଇ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପୁଣି ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ୨ୟ ପର୍ଯ୍ୟାୟ ଜନସମ୍ପର୍କ ପଦଯାତ୍ରା ଅଭିଯାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

# ୯ ସମିତି ସଭ୍ୟାସଭ୍ୟ ଭାଜପାରେ ସାମିଲ

## କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପାଇଁ ଅଡୁଆ ବଢ଼ିଲା

କୁଜଙ୍ଗ,୨୯।୯(ମନୋଜ ପ୍ରଧାନ)


ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସହ ଭାଜପାରେ ସାମିଲ ହୋଇଥିବା ସମିତି ସଭ୍ୟାସଭ୍ୟମାନେ।

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତର ନିର୍ବାଚିତ ୯ ଜଣ ସମିତି ସଭ୍ୟାସଭ୍ୟ ରବିବାର ରାତିରେ ବିଜେଡି ଛାଡ଼ି ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଏହା ଦ୍ୱାରା ଭାଜପା ସଦସ୍ୟ ସଂଖ୍ୟା ୧୨ରେ ପହଞ୍ଚିଛି। ଫଳରେ ୨୮ ସଦସ୍ୟ ବିଶିଷ୍ଟ ପଞ୍ଚାୟତ ସମିତିର ଅଧ୍ୟକ୍ଷାଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ନିର୍ବାଚନ ପୂର୍ବରୁ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିବା ତ୍ରିଲୋଚନ ତରାଇଙ୍କ ନେତୃତ୍ୱରେ ଜିରୋ ପଏଣ୍ଟସ୍ଥିତ ଭାଜପା କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏଥିରେ ଯୋଗଦେଇ ଉତ୍ତରୀୟ ପକାଇ ସମସ୍ତଙ୍କୁ ଦଳରେ ସାମିଲ କରିବା ସହ ସ୍ୱାଗତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ସମ୍ପଦ କହିଥିଲେ, ଭାଜପା ନିର୍ବାଚିତ ପ୍ରତିନିଧିମାନଙ୍କୁ ସବୁବେଳେ ସମ୍ମାନ ଦିଏ ଓ ସ୍ୱାଧୀନ ଭାବେ କାମ କରିବାର ସୁଯୋଗ ଦିଏ। ବିଗତ ସରକାରରେ ପାରାଦୀପରେ ମାଫିଆରାଜ ଚାଲିଥିଲା। ପାରାଦୀପ ପୌରାଞ୍ଚଳଠାରୁ କୁଜଙ୍ଗ ବ୍ଲକ ପର୍ଯ୍ୟନ୍ତ ଯେଉଁମାନେ ବିଜେଡିର ନେତୃତ୍ୱ ନେଉଛନ୍ତି ସେମାନଙ୍କ ମଧ୍ୟରେ ହତ୍ୟାକାରୀ ଓ ମାଫିଆ ରହିଛନ୍ତି। ଭାଜପାରେ ସାମିଲ ହୋଇଥିବା ସଭ୍ୟାସଭ୍ୟମାନେ ହେଲେ କୁଜଙ୍ଗ ପଞ୍ଚାୟତ ସମିତି ସଭ୍ୟା ସସ୍ମିତା ନାୟକ, ମଙ୍ଗରାଜପୁର ସମିତି ସଭ୍ୟା ପଙ୍କଜିନୀ ତରାଇ, ଗୋରଡ ସମିତିସଭ୍ୟା ମେନକା ପରିଡ଼ା, ଭୂତମୁଣ୍ଡାଇ ସମିତି ସଭ୍ୟ କେଦାର ମାଝି, ଗରେଇ ସମିତି ସଭ୍ୟା ଦୀପ୍ତିମୟୀ ପଣ୍ଡା, ବଗଦିଆ ସମିତି ସଭ୍ୟ ପବିତ୍ର ସେଠୀ, ପାଟପୁର ସଭ୍ୟ ଜ୍ୟୋତି ପ୍ରକାଶ ପାଣି, ଗଣ୍ଡକିପୁର ସମିତିସଭ୍ୟା ବିଳିନା ସାମଲ ଓ ବାଲିଆ ସଭ୍ୟ ହପିନା ଦାସ। ସଞ୍ଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଶ୍ରଣ ସମାବେଶରେ ଭାଜପା ଜିଲା ସମ୍ପାଦକ ତପନ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ସଂଗଠନ ମଜଭୁତ କରିବାକୁ ଆହ୍ୱାନ

ରସୁଲପୁର,୨୯।୯(ରଞ୍ଜିତ ରାଉତ)


କୁଆଖିଆସ୍ଥିତ ଏସ୍‌କେ ଲଜିଂ ସମ୍ମିଳନୀ କକ୍ଷରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓ ଅନ୍ୟମାନେ।

ଯାଜପୁର ଜିଲା କୋରେଇ ନିର୍ବାଚନମଣ୍ଡଳୀର ରସୁଲପୁର ବ୍ଲକ ଶାଖା ବିଜେଡି ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ରବିବାର ସନ୍ଧ୍ୟାରେ କୁଆଖିଆସ୍ଥିତ ଏସ୍‌କେ ଲଜିଂ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡିର ପୂର୍ବତନ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ଦଳର ସଂଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, କର୍ମୀମାନେ ନେତା ତିଆରି କରନ୍ତି, ମାତ୍ର ନେତାଙ୍କ ପାଖରେ କର୍ମୀ ସ୍ଥାୟୀ ହୋଇ ନ ଥାଆନ୍ତି। ସଂଗଠକ ଓ ସକ୍ରିୟ କର୍ମୀ ଦଳର ଶକ୍ତି, ସେମାନେ ଦଳକୁ ଯେମିତି ପରିଚାଳନା କରିବେ ସେହି ଆଧାରରେ ଦଳ ଚାଲିବ। ଦଳରେ ଗୋଷ୍ଠୀ କନ୍ଦଳକୁ ପ୍ରଶ୍ରୟ ଦିଆଯିବନାହିଁ। ସମସ୍ତେ ଏକାଠି ହୋଇ ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶକୁ ପ୍ରତିଷ୍ଠିତ କରିବା ପାଇଁ କାମ କରିବାକୁ ସେ ଉପସ୍ଥିତ ପଞ୍ଚାୟତସ୍ତରୀୟ ଜନପ୍ରତିନିଧି ଓ ନେତୃମଣ୍ଡଳୀଙ୍କୁ ପରାମର୍ଶ ଦେଇଛନ୍ତି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଯାଜପୁର ପୌରାଧ୍ୟକ୍ଷ ଭବପ୍ରକାଶ ଦାସ, ଯୁବନେତା ପ୍ରତାପ ମହାନ୍ତି, ତାରକେଶ୍ୱର ମହାନ୍ତି, ମନୋଜ ରାଉତ ଓ ଚନ୍ଦ୍ରଶେଖର ସାମଲ ପ୍ରମୁଖ ଯୋଗଦେଇଥିଲେ। ରସୁଲପୁର ବ୍ଲକରୁ କୋରେଇ ନିର୍ବାଚନମଣ୍ଡଳୀରେ ସାମିଲ ହୋଇଥିବା ନରସିଂହପୁର, ମୁଗୁପାଳ, ବାହାଦଲାପୁର, ଭୋଟକା, ଗନ୍ଧଣ, ବଡ଼କଇଞ୍ଚି, ଟିକରପଡ଼ା, ପହଁଗା, ଲକ୍ଷ୍ମୀନଗର ଆଦି ପଞ୍ଚାୟତର ଜନପ୍ରତିନିଧି, ଛାମୁଆ ସଂଗଠକ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବିଜେଡି ପକ୍ଷରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ନଭେମ୍ବର ୨ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ପର୍ଯ୍ୟନ୍ତ ବିଭିନ୍ନସ୍ଥାନରେ ପଦଯାତ୍ରା ଅନୁଷ୍ଠିତ ହେବ। ଏଥିରେ ନେତା ଓ କର୍ମୀ ଗାଁ ବୁଲି ରାଜ୍ୟରେ ଚାଲିଥିବା ଭାଜପା ସରକାରଙ୍କ ବିଫଳତା ଓ ପୂର୍ବର ନବୀନ ସରକାରଙ୍କ ଶାସନ କାଳରେ କାର୍ଯ୍ୟକାରୀ କରାଯାଇଥିବା ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ବୁଝାଇବେ। ଏହାଛଡ଼ା ପଞ୍ଚାୟତର ସଂଗଠନକୁ ମଜଭୁତ କରି ଆସନ୍ତା ପଞ୍ଚାୟତ ନିର୍ବାଚନରେ ଦଳ କିପରି ତା'ର ପ୍ରଭାବକୁ ବଜାଇ ରଖିପାରିବ ସେ ଦିଗରେ ପ୍ରୟାସ କରାଯିବ। ଏଥିପାଇଁ ସମସ୍ତେ ମତାନ୍ତର ମନାନ୍ତରକୁ ଭୁଲି ଏକ ହୋଇ କାର୍ଯ୍ୟ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି।

## କୋରେଇ ବିଜେଡିର ସାଙ୍ଗଠନିକ ବୈଠକ

# ଜଳ ସଂରକ୍ଷଣରେ ଉଦାହରଣ ପାଲଟିଛି ପାରସତରାଇ

■ବଦଳାଇଲେ ଚାଷ ପଦ୍ଧତି, ନିୟମ ଭାଙ୍ଗିଲେ ଜରିମାନା

■ବର୍ଷା ଜଳ ଅମଳକୁ ଗୁରୁତ୍ୱ, ଗଛର ହେଲା ନମ୍ବରିଂ

ଭୁବନେଶ୍ୱର,୨୯।୯(ଅନୁରାଧା ମହାରଣା)



ଦିନକୁ ଦିନ ଭୂତଳ ଜଳସ୍ତର ହ୍ରାସ ପାଇ ଚାଲିଥିବାବେଳେ ଏହା ଏକ ବୈଶ୍ୱିକ ସମସ୍ୟାରେ ପରିଣତ ହୋଇଛି। ଏପରି ସ୍ଥିତିରେ ଛତିଶଗଡ଼ ଧାମତାରୀ ଜିଲାର ଏକ ଛୋଟ ଗାଁ ପାରସତରାଇ ଜଳ ସଂରକ୍ଷଣ କ୍ଷେତ୍ରରେ ଉଦାହରଣ ପାଲଟିଛି। ମରୁଡ଼ି ପ୍ରବଣ ଅଞ୍ଚଳ ହୋଇଥିଲେ ମଧ୍ୟ ଜଳ ସଂରକ୍ଷଣ ଦ୍ୱାରା କୃଷି କ୍ଷେତ୍ର ଶସ୍ୟ ଶ୍ୟାମଳା ହୋଇପାରୁଛି। ରାୟପୁରରୁ ୮୦ କିମି ଦକ୍ଷିଣରେ ଅବସ୍ଥିତ ଏହି ଗାଁର କୃଷକ କେବଳ ଜଳସଂରକ୍ଷଣ ନୁହେଁ, ବରଂ ବର୍ଷକରେ ଏକାଧିକ ଫସଲ ଉତ୍ପାଦନ କରି ସବୁଜ ବିପ୍ଳବ କ୍ଷେତ୍ରରେ ନୂଆ ପରିଚୟ ସୃଷ୍ଟି କରିଛନ୍ତି। ସ୍ଥାନୀୟ କୃଷକଙ୍କ କୃତିତ୍ୱକୁ ନେଇ ଅକ୍ଟୋବର ୫ ଓ ୬ ତାରିଖରେ ଛତିଶଗଡ଼ର ରବିଶଙ୍କର ସାଗର ବା ଗ୍ୟାଙ୍ଗରେଲ୍ ଡ୍ୟାମ୍ ଅଞ୍ଚଳରେ ୨ ଦିନିଆ ଅନ୍ତର୍ଜାତୀୟ ଜଳ ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି।

୨୦୨୨ ମସିହାରେ ଜଳ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା କରାଯାଇଥିବା ଏକ ସର୍ଭେରେ ସମ୍ପୃକ୍ତ ଅଞ୍ଚଳରେ ଜଳ ଅଭାବ ଚିହ୍ନଟ ହୋଇଥିଲା। ୪ଟି ଡ୍ୟାମ୍ ଘେରି ରହିଥିଲେ ମଧ୍ୟ ସମ୍ପୃକ୍ତ ସ୍ଥାନରେ ଜଳସ୍ତର ହ୍ରାସ ପାଇବା ଚିନ୍ତାର କାରଣ ପାଲଟିଥିଲା। ତେଣୁ ଏହାକୁ ଦୃଷ୍ଟିରେ ରଖି ଉଭୟ ରବି ଓ ଖରିଫ ଋତୁରେ କେବଳ ଧାନ ଚାଷ ପରିବର୍ତ୍ତେ ଅନ୍ୟ ଫସଲ କରିବାକୁ ଧାମତରୀ ପ୍ରଶାସନ ଅଣ୍ଟା ଭିଡ଼ିଥିଲା। ଏଥିପାଇଁ କୃଷକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଫଳରେ କୃଷକମାନେ ଖରିଫ ଋତୁରେ ଧାନଚାଷ ଓ ରବି ଋତୁରେ ଡାଲି ଓ ତୈଳବୀଜ ଜାତୀୟ ଫସଲ ଚାଷ କରିବା ଆରମ୍ଭ କରିଥିଲେ। ଏହି ଚାଷରେ ଅପେକ୍ଷାକୃତ କମ୍ ଜଳର ଆବଶ୍ୟକତା ହେଉଥିବାରୁ ଜଳ ସଂରକ୍ଷଣର ଏହା ଅନ୍ୟତମ ମାଧ୍ୟମ ପାଲଟିଥିଲା। ଏହାସହ ନଳକୂପ ଖନନ ହ୍ରାସ କରାଯିବା ସହ ବର୍ଷାଜଳ ଅମଳକୁ ଗୁରୁତ୍ୱ ଦିଆଯାଇଥିଲା। ସେହିଭଳି ବେଆଇନ ଗଛ କଟା ରୋକିବା ପାଇଁ ଗଛଗୁଡ଼ିକୁ ନମ୍ବରିଂ କରାଯିବା ସହ ପ୍ଲାଷ୍ଟିକ୍ ବ୍ୟବହାରକୁ ନିୟନ୍ତ୍ରଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇଙ୍କ ସରକାର ଜଳ ଜାଗର ଅଭିଯାନକୁ ତ୍ୱରାନ୍ୱିତ କରିଥିଲା।

ସୂଚନା ଥାଉକି, ପରାସତରାଇ ଗ୍ରାମରେ ୩୦୦ ପରିବାରର ପ୍ରାୟ ୧୫୦୦ ଲୋକ ବସବାସ କରନ୍ତି। ସରକାରୀ ଯୋଜନା ଲାଭ ଉଠାଇବା ପାଇଁ ସ୍ଥାନୀୟ ଜନପ୍ରତିନିଧିଙ୍କ ଦ୍ୱାରା ପ୍ରୋତ୍ସାହିତ କରାଯାଉଛି। ସେହିପରି ରବି ଋତୁରେ କୌଣସି କୃଷକ ଧାନ ଚାଷ କଲେ ତାଙ୍କୁ ଏକର ପିଛା ୨୭ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିଥାଏ। ସେହିପରି ରବି ଋତୁରେ ଧାନବିଲରୁ ପାଣି ଯାଇ କୌଣସି ଚାଷୀଙ୍କ ତୈଳବୀଜ କିମ୍ବା ଡାଲିଜାତୀୟ ଫସଲ ବିଲରେ ପ୍ରବେଶ କଲେ ଅତିରିକ୍ତ ୩୭ ହଜାର ଟଙ୍କା ଜରିମାନା ହୋଇଥାଏ। ପରାସତରାଇର ଏପରି ଜଳସଂକ୍ଷଣ ଓ ଚାଷପ୍ରକ୍ରିୟାକୁ ଆଖପାଖର ରଣୱା, ଖରତୁଲି, ପୋଟିୟାଡିହ, ଲୋହର୍ସି, ବାଗତରାଇ ଆଦି ଗାଁ ଅନୁସରଣ କରୁଥିବା ସ୍ଥାନୀୟ ସରପଞ୍ଚ ପରମାନନ୍ଦ ଆଦିଲ କହିଛନ୍ତି। ପରାସତରାଇର ଏହି ସଫଳତା ଶ୍ରେୟ ସମ୍ପୂର୍ଣ୍ଣ ଭାବେ ଗ୍ରାମବାସୀଙ୍କର ବୋଲି ଧାମତାରୀ ଜିଲାପାଳ ନମ୍ରତା ଗାନ୍ଧୀ କହିଛନ୍ତି। ବର୍ତ୍ତମାନ ଏହି ଗାଁରେ ମା’ ପାଇଁ ଗଛଟିଏ ଅଭିଯାନରେ ଚାରାରୋପଣକୁ ବ୍ୟାପକ କରାଯାଇଛି।

## ପିଜିଆଇର ଏମ୍ଏସ୍ ଧୋନି ସିଗ୍‌ନେଚର କଲେକ୍ସନ

ଭୁବନେଶ୍ୱର,୨୯।୯



ପ୍ଲାଟିନମ ଗିଲ୍‌ଡ ଇଣ୍ଟରନ୍ୟାଶନାଲ ବା ପିଜିଆଇ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ସୁକ୍ଷ୍ମ କାରିଗରିରେ ନିର୍ମିତ ମେନ୍ ଅଫ ପ୍ଲାଟିନମ୍ ଏମ୍ଏସ୍ ଧୋନି ସିଗ୍‌ନେଚର କଲେକ୍ସନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଭାରତୀୟ କ୍ରିକେଟ ଜଗତର କିମ୍ବଦନ୍ତୀ ଏମ୍ଏସ୍ ଧୋନିଙ୍କ ପ୍ରେରଣାଦାୟୀ ମୂଲ୍ୟବୋଧକୁ ଏହା ଶାଶ୍ୱତ କରୁଛି। ଏହି ସ୍ୱତନ୍ତ୍ର କଲେକ୍ସନରେ ଭରପୂର ଡିଜାଇନ ରହିଛି, ଯାହା ଧୋନିଙ୍କର ଅନନ୍ୟ ଷ୍ଟାଇଲ ଏବଂ ଚମତ୍କାର ଯାତ୍ରାକୁ ପ୍ରତିଫଳିତ କରିବା ସହିତ ତାଙ୍କର ଅତୁଳନୀୟ ବ୍ୟକ୍ତିତ୍ୱ ଓ ମହାନତାକୁ ପ୍ରତିପାଦିତ କରୁଛି।

୯୫% ଶୁଦ୍ଧ ପ୍ଲାଟିନମ୍‌ରେ ପ୍ରସ୍ତୁତ ମେନ୍ ଅଫ ପ୍ଲାଟିନମ୍‌ର ଏହି କଲେକ୍ସନ ସ୍ୱଚ୍ଛ, ଦମଦାର ଲାଇନ ଏବଂ ଏହାର ମୂଳରେ ଅତି ସୂକ୍ଷ୍ମ ଭାବରେ ପ୍ରସ୍ତୁତ କରାଯାଇଛି।

ଏ ସମ୍ପର୍କରେ ପିଜିଆଇ ଇଣ୍ଡିଆର ଏମଡି ବୈଶାଳୀ ବାନାର୍ଜୀ କହିଛନ୍ତି, ଏହି ଅନନ୍ୟ କଲେକ୍ସନରେ ଏମ୍ଏସ୍ ଧୋନିଙ୍କ ସହିତ ସହଭାଗିତା କରିବା ଏକ ସୌଭାଗ୍ୟ ଓ ଗୌରବର ବିଷୟ ହୋଇଛି। ଏହି କଲେକ୍ସନରେ ପ୍ରତ୍ୟେକଟି ପିସ୍ ତାଙ୍କର ସିଗ୍‌ନେଚର ବହନ କରୁଛି, ଏହାକୁ ବାସ୍ତବିକ ସ୍ୱତନ୍ତ୍ର କରି ଗଢି ତୋଳୁଛି। ଏହା ଏଭଳି ଏକ ଭାଗୀଦାରି ଯାହା ଅତି ସୁନ୍ଦର ଜୁଏଲେରି ସୃଷ୍ଟି କରିବାର ଊର୍ଦ୍ଧ୍ୱରେ–ଏହା ଆମର ବ୍ରାଣ୍ଡ୍‌କୁ ଗୁଣବତ୍ତା ସହିତ ସମ୍ମିଶ୍ରିତ କରିବା ହୋଇଛି, ଯାହା ବାସ୍ତବରେ ଧୈର୍ଯ୍ୟ, ମଜଭୁତପଣ ଏବଂ ନେତୃତ୍ୱ ଭଳି ଆମ ଗ୍ରାହକମାନଙ୍କ ସହିତ ବାସ୍ତବରେ ମେଳ ଖାଉଛି। ଏମଏସ୍ ଧୋନିଙ୍କ ସହିତ ଏହି ସହଯୋଗିତା ଜରିଆରେ ଆମର ଦୃଢ ବିଶ୍ୱାସ ଯେ ଆମେ ପ୍ଲାଟିନମ୍ ପ୍ରତିନିଧିତ୍ୱ କରୁଥିବା ମୂଲ୍ୟବୋଧକୁ ଅଧିକ ସୁଦୃଢ କରିପାରିବୁ ଏବଂ ଦୀର୍ଘସ୍ଥାୟୀ ସଫଳତାର ପ୍ରତୀକ ଭାବରେ ଏହାର ଗରିମାକୁ ପୁନଃ ଉପରକୁ ଉଠାଇପାରିବୁ।

## ଟିପିସିଓଡିଏଲକୁ ସ୍କଚ୍ ଆୱାର୍ଡ

ଭୁବନେଶ୍ୱର,୨୯।୯

ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ ବା ଟିପିସିଓଡିଏଲ୍‌କୁ ନିକଟରେ ଆଉ ଏକ ଜାତୀୟସ୍ତର ସମ୍ମାନ ‘ସ୍କଚ୍ ଆୱାର୍ଡ’ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀର ଇଣ୍ଡିଆ ହାବିଟାଟ୍ ସେଣ୍ଟରଠାରେ ଆୟୋଜିତ ୯୯ତମ ସ୍କଚ୍ ଶିଖର ସମ୍ମିଳନୀରେ ଟିପିସିଓଡିଏଲ୍‌କୁ ସ୍କଚ୍ ଆୱାର୍ଡ–୨୦୨୪ ପ୍ରଦାନ କରାଯାଇଛି। ଟିପିସିଓଡିଏଲ୍‌ର ଅତ୍ୟାଧୁନିକ ପଦକ୍ଷେପକୁ ସ୍ୱୀକୃତିସ୍ୱରୂପ ‘ଅନ୍‌ଲାଇନ୍ ପେମେଣ୍ଟ ପାଇଁ ଡିଜିଟାଲୀକରଣ’କୁ ଗୋଲ୍ଡ ଆୱାର୍ଡ ଏବଂ ‘ପ୍ରୋକ୍ୟୁର୍‌ମେଣ୍ଟ ପ୍ରକ୍ରିୟାର ଡିଜିଟାଲାଇଜେଶନ୍’ ପାଇଁ ରୌପ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପଦକ୍ଷେପଗୁଡ଼ିକ ଡିଜିଟାଲ ବିଦ୍ୟୁତ୍ ଦେୟରେ ୫ଗୁଣା ବୃଦ୍ଧି ସହିତ ଗ୍ରାହକ ସେବାରେ ଉନ୍ନତି ଆଣିଛି। ପ୍ରୋକ୍ୟୁର୍‌ମେଣ୍ଟର ଡିଜିଟାଲାଇଜେଶନ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିଥିବାବେଳେ ସମୟକୁ ଯଥେଷ୍ଟ ହ୍ରାସ କରିଛି ଏବଂ ବାର୍ଷିକ ଏକ ଟନ୍‌ରୁ ଅଧିକ କାର୍ବନ ନିର୍ଗମନ ହ୍ରାସକରି ଦୀର୍ଘସ୍ଥାୟୀ ପରିବେଶ ଗଠନରେ ଯୋଗଦାନ କରିଛି। ଏ ସମ୍ପର୍କରେ ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି, ଏହି ସମ୍ମାନଜନକ ସ୍ୱୀକୃତି ନବସୃଜନ, ଗ୍ରାହକ ସେବାରେ ଉନ୍ନତି ଏବଂ ପରିଚାଳନା ଗତ ଦକ୍ଷତା ବୃଦ୍ଧି ପାଇଁ ଆମର ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏପରିକି ନିଷ୍ଠା ଏବଂ କଠିନ ପରିଶ୍ରମ ପାଇଁ ଆମେ ଏହି ସମ୍ମାନ ପାଇଛୁ। ସେହିଭଳି ଡିଜିଟାଲ ରୂପାନ୍ତରଣର ଯାତ୍ରା ଜାରି ରଖି ଆମେ ଏକ ଦୀର୍ଘସ୍ଥାୟୀ ପରିବେଶ ଗଠନ ଲକ୍ଷ୍ୟରେ ଆଗକୁ କାମ ଜାରି ରଖିବୁ।

ଗ୍ରାହକ ସେବା ମାନରେ ଉନ୍ନତି ଆଣିବା ଏବଂ ପ୍ରୋକ୍ୟୁର୍‌ମେଣ୍ଟରେ ଆଧୁନିକ ପ୍ରକ୍ରିୟା ଆପଣାଇବାରେ ଟିପିସିଓଡିଏଲ ଉଲ୍ଲେଖନୀୟ ସଫଳତା, ୟୁଟିଲିଟିର ପରିଚାଳନାରେ ପରିବର୍ତ୍ତନ ଆଣିବା ସହିତ ଡିଜିଟାଲ ଗ୍ରହଣୀୟତାକୁ ପ୍ରୋତ୍ସାହିତ କରି ସମଗ୍ର ଅଞ୍ଚଳରେ ଦୀର୍ଘସ୍ଥାୟୀ ପରିବେଶ ଗଠନର ପ୍ରୟାସକୁ ଆଗେଇ ନେଉଛି।

## ଅଲ୍ ଓଡ଼ିଶା ସେଲ୍ଫ ଫାଇନାନ୍‌ସିଂ କଲେଜ ସଂଘର ବାର୍ଷିକ ସମ୍ମିଳନୀ




ଭୁବନେଶ୍ୱର,୨୯।୯ (ଅଭୟ ଦାଶ)

ଅଲ୍ ଓଡ଼ିଶା ସେଲ୍ଫ ପାଇନାନ୍‌ସିଂ କଲେଜର ବାର୍ଷିକ ସମ୍ମିଳନୀ ଭୁବନେଶ୍ୱରର ହୋଟେଲ୍ ପୁଷ୍ପକ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସାଧାରଣ ସଭା ଓ ବାର୍ଷିକ ସମ୍ମିଳନୀରେ ୧୩୫ କଲେଜର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ଅବସରରେ ସଂଘର ପୁରୁଣା ଦାବି ବିଷୟରେ ବିସ୍ତୃତ ଆଲୋଚନା ସହିତ ଉକ୍ତ ଦାବିକୁ କିପରି ସୁଦୃଢ଼ ଭାବେ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ସେ ନେଇ ମଧ୍ୟ ସମ୍ମିଳନୀରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।

ସେହିଭଳି ନୂତନ ଭାବେ ନିର୍ବାଚିତ ହୋଇଥିବା ସଂଘର ସଭାପତି ସୁବାସ ଚନ୍ଦ୍ର ଦାସ, ଉପସଭାପତି ସଞ୍ଜୟ ସାହୁ, ସମ୍ପାଦକ ପ୍ରଦୀପ ପୃଷ୍ଟି, ସହ ସମ୍ପାଦକ ବିଷ୍ଣୁ ଦାସ ଓ ମୁକେଶ ଚୌବେ ଏବଂ କୋଷାଧ୍ୟକ୍ଷ ସ୍ୱାଗତ ଶେଖର ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସଂଘର ଉପଦେଷ୍ଟା ତ୍ରିଦେବ୍ ବେହେରା, କେ.ସି. ମହାନ୍ତି, ମନୋଜ ପାଢ଼ୀ, ଅମରିଶ ଦାସ ଏବଂ ଫକୀର କର୍ଣ୍ଣ ପ୍ରମୁଖ ସମ୍ପ୍ରତି ଅନୁଷ୍ଠାନର ସଫଳତା ବିଷୟରେ ପରିପ୍ରକାଶ କରିଥିଲାବେଳେ ଆଗାମୀ ଭବିଷ୍ୟତରେ ସଂଘର ନୂତନ ରୂପରେଖ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ବିଶଦ୍ ଭାବେ ଚର୍ଚ୍ଚା କରାଯାଇଥିଲା। ଏପରିକି ନୂତନ ଶିକ୍ଷାନୀତି ବିଷୟରେ ତ୍ରିଦେବ୍ ବେହେରା ଏବଂ ଅମରିଶ ଦାସ ବିସ୍ତୃତ ଭାବେ ଆଲୋକପାତ (ସମ୍ପୂର୍ଣ୍ଣ ବ୍ୟାଖ୍ୟା) କରିଥିଲେ।

## ୟୁଏସ୍ ପୋଲୋର ନୂତନ ଆଉଟଲେଟ

ଭୁବନେଶ୍ୱର,୨୯।୯

ଭାରତର ଅଗ୍ରଣୀ କାଜୁଆଲ୍ ଓ୍ୟାର ବ୍ରାଣ୍ଡ୍ ତଥା ବିଶ୍ୱପ୍ରସିଦ୍ଧ ୟୁନାଇଟେଡ୍ ଷ୍ଟେଟ୍ସ ପୋଲୋ ଆସୋସିଏଶନ୍ (ୟୁଏସ୍‌ପିଏ)ର ରିଟେଲ ଚେନ ୟୁଏସ୍ ପୋଲୋ ଆସୋସିଏଶନ ବା ୟୁଏସ୍ ପୋଲୋର ନୂତନ ଆଉଟଲେଟ ଭୁବନେଶ୍ୱରର ଜନପଥ ରୋଡ(ଶହୀଦନଗରସ୍ଥିତ ମହାନ୍ତି ଛକ)ଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ୧୬୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢ଼ି ଉଠିଥିବା ଏହି ଅତ୍ୟାଧୁନିକ ଷ୍ଟୋର୍‌ରେ ପୁରୁଷଙ୍କ ପୋଷାକ, ଡେନିମ୍, ଜୋତା ଏବଂ ଆସେସରିଜ୍ ସମେତ ବିଭିନ୍ନ ପ୍ରକାରର ଆମେରିକୀୟ ପୋଲୋ ଆସୋସିଏଶନର ସିଗନେଚର କଲେକ୍ସନ ସାମିଲ ରହିଛି, ଯାହା ବ୍ରାଣ୍ଡ୍‌ର କ୍ଲାସିକ୍ ଆମେରିକୀୟ ଶୈଳୀ ଏବଂ ଆଧୁନିକ ଆକର୍ଷଣକୁ ପ୍ରତିଫଳିତ କରିବା ପାଇଁ ଡିଜାଇନ୍ କରାଯାଇଛି। ଏପରିକି ଗ୍ରାହକମାନେ ଉକ୍ତ ଷ୍ଟୋରରୁ ଆମେରିକାର ଅତ୍ୟାଧୁନିକ ଟ୍ରେଣ୍ଡ ଏବଂ ଟାଇମଲେସ ପିସ୍‌ଗୁଡ଼ିକ ପାଇପାରିବେ।

ଏ ସମ୍ପର୍କରେ ୟୁଏସ ପୋଲୋ ଆସୋସିଏଶନ ଇଣ୍ଡିଆର ସିଇଓ ଅମିତାଭ ସୁରି କହିଛନ୍ତି, ଭୁବନେଶ୍ୱରରେ ଆମେ ଆମର ନୂତନ ଷ୍ଟୋରର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଗ୍ରାହକମାନଙ୍କୁ ପ୍ରକୃତ ଆମେରିକୀୟ ପୋଲୋ ଆସୋସିଏଶନ ଅନୁଭୂତି ପ୍ରଦାନ କରିବାକୁ ଆମେ ଆମର ପ୍ରତିବଦ୍ଧତାକୁ ଆଗକୁ ବଢ଼ାଉଛି।

ସେହିଭଳି ଏହି ନୂତନ ଷ୍ଟୋର ଆମର ସଦ୍ୟତମ ଶରତ–ଶୀତକାଳୀନ ୨୦୨୪ ସଂଗ୍ରହକୁ ପ୍ରଦର୍ଶିତ କରୁଛି, ଯେଉଁଥିରେ ରିଫାଇଣ୍ଡ ଜ୍ୟାକେଟ୍ ଏବଂ ଆଉଟରୱେର ଭଳି ଷ୍ଟାଣ୍ଡଆଉଟ୍ ପିସ ସାମିଲ ରହିଛି,ଯାହା କ୍ଲାସିକ୍ ଆମେରିକୀୟ ଶୈଳୀ ସହିତ କାର୍ଯ୍ୟକାରିତାକୁ ମିଶ୍ରଣ କରୁଛି।

ଭାରତର ୨୦୦ଟି ସହରରେ ୪୦୦ରୁ ଅଧିକ ବ୍ରାଣ୍ଡ୍ ଷ୍ଟୋର ଏବଂ ୨,୦୦୦ଶପ–ଇନ୍–ସପ୍ ସହିତ, ଆମେରିକାର ପୋଲୋ ଆସୋସିଏଶନ ଏହାର ଉପସ୍ଥିତି ବଢ଼ାଉଛି,ଯାହା ଗ୍ରାହକମାନଙ୍କୁ ଉଚ୍ଚ ଗୁଣବତ୍ତା,ଷ୍ଟାଇଲିସ୍ ପୋଷାକ ଏବଂ ଆସେସରିଜ୍ ପ୍ରଦାନ କରୁଛି, ଯାହା ବ୍ରାଣ୍ଡ୍‌ର ସମୃଦ୍ଧ ଐତିହ୍ୟକୁ ପ୍ରତିଫଳିତ କରୁଛି।

## ଟିବିବିଡି–୨୪ ପ୍ରାରମ୍ଭରେ ୩୩ କୋଟିରୁ ଅଧିକ ଉପଭୋକ୍ତା ପରିଦର୍ଶନ

ଭୁବନେଶ୍ୱର,୨୯।୯

ଦେଶର ପ୍ରମୁଖ ଇ-କମର୍ସ ପ୍ଲାଟଫର୍ମ ‘ଫ୍ଲିପ୍‌କାର୍ଟ’ର ବହୁ ପ୍ରତୀକ୍ଷିତ ଦ ବିଗ୍ ବିଲିୟନ ଡେଜ୍ (ଟିବିବିଡି)ର ୧୧ତମ ସଂସ୍କରଣ ନିକଟରେ ଶୁଭାରମ୍ଭ ହୋଇଯାଇଛି। ଏପରିକି ଫ୍ଲିପ୍‌କାର୍ଟ ଭିଆଇପି ଏବଂ ପ୍ଲସ୍ ଗ୍ରାହକଙ୍କ ପାଇଁ ୟର୍ଲି ଆକ୍ସେସ୍ ୨୦୨୪ସେପ୍ଟେମ୍ବର ୨୬ରୁ ଆରମ୍ଭ ହୋଇଥିଲାବେଳେ ୟର୍ଲି ଆକ୍ସେସ ଏବଂ ପ୍ରଥମ ଦିନର ଗ୍ରାହକ ଭିଜିଟକୁ ମିଶାଇ ପ୍ଲାଟଫର୍ମରେ ଏହି ସଂଖ୍ୟା ୩୩ କୋଟିରୁ ଅଧିକ ଉପଭୋକ୍ତା ପରିଦର୍ଶନ କରିଥିବା ରେକର୍ଡ କରାଯାଇଛି। ଏ ସମ୍ପର୍କରେ ଫ୍ଲିପକାର୍ଟର ଉପାଧ୍ୟକ୍ଷ (ଗ୍ରୋଥ୍ ବିଭାଗ) ହର୍ଷ ଚୌଧୁରୀ କହିଛନ୍ତି, ପ୍ରତି ବର୍ଷ ଦେଶର ପାର୍ବଣ ଋତୁରେ ଦ ବିଗ୍ ବିଲିୟନ ଡେଜ୍ ସହ ନୂତନ ଅଭିଯାନ ଆରମ୍ଭ ହୋଇଥାଏ, ଯାହା କେବଳ ଏକ ସପିଂ ଫେଷ୍ଟିଭାଲଠାରୁ ଅଧିକ କିଛି ଦେଇଥାଏ।

## ପ୍ରଥମ ତ୍ରୈମାସରେ ଦାବି ସମାଧାନ ଅନୁପାତ ୯୯.୩୫%

ଭୁବନେଶ୍ୱର,୨୯।୯

ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନସ୍ୟୁରାନ୍ସ ୯୯.୩୫%ର ଦାବି ସମାଧାନ ଅନୁପାତ ସମ୍ପର୍କରେ ଘୋଷଣା କରିଛି। କମ୍ପାନୀର ହାରାହାରି ଦାବି ସମାଧାନ ସମୟ ମାତ୍ର ୧.୨ ଦିନ ଥିଲାବେଳେ ଏହି ସମୟ ମଧ୍ୟରେ କମ୍ପାନୀ ଦ୍ୱାରା ସମାଧାନ ହୋଇଥିବା ମୃତ୍ୟୁ ଦାବି ମୋଟ ମୂଲ୍ୟ ୩୮୧.୨୪ କୋଟି ଟଙ୍କା ଥିଲା। ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନସ୍ୟୁରାନ୍ସର ସିଓଓ (ସିଏସ୍) ଅମିଷ ବ୍ୟାଙ୍କର କହିଛନ୍ତି, ଜୀବନ ବୀମା ହେଉଛି ଏକ ଉତ୍ପାଦ, ଯାହା ରୋଜଗାରକ୍ଷମ ସଦସ୍ୟଙ୍କ କ୍ଷତି ହେଲେ ପରିବାରର ଆର୍ଥିକ ନିରାପତ୍ତାକୁ ବୀମା ସୁନିଶ୍ଚିତ କରିଥାଏ।

ଫୁରସତ୍



ଜୁନିୟର ଏନ୍‌ଟିଆର୍

## ‘ସ୍ତ୍ରୀ ୨’ର ରେକର୍ଡ ଭାଙ୍ଗିଲା ‘ଦେବରା ପାର୍ଟ ୧’

ହାଇଦ୍ରାବାଦ

ଜୁନିୟର ଏନ୍‌ଟିଆର୍‌ଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ‘ଦେବରା ପାର୍ଟ ୧’ ଶୁକ୍ରବାର ମୁକ୍ତିଲାଭ କରିଛି। ଆରମ୍ଭରୁ ହିଁ ଏହି ଚଳଚ୍ଚିତ୍ରକୁ ଦର୍ଶକ ବେଶ୍ ପସନ୍ଦ କରିବାରେ ଲାଗିଛନ୍ତି, ଯାହାଫଳରେ ଏହା ବକ୍ସ ଅଫିସ୍‌ରେ ମଧ୍ୟ ଧମାଲ୍ ମଚାଇବାରେ ଲାଗିଛି। କେବଳ ଘରୋଇ ବକ୍ସ ଅଫିସରେ ନୁହେଁ ବରଂ ‘ଦେବରା ପାର୍ଟ ୧’ ବିଶ୍ୱବ୍ୟାପୀ ମଧ୍ୟ ରେକର୍ଡ ବ୍ୟବସାୟ କରିବା ଆରମ୍ଭ କରିଛି। ରିଲିଜ୍ ହେବାର ମାତ୍ର ୨ ଦିନ ମଧ୍ୟରେ ‘ଦେବରା ପାର୍ଟ ୧’ ୨୦୦ କୋଟି ଫିଲ୍ମ କ୍ଲବ୍ ତାଲିକାରେ ପ୍ରବେଶ କରିଛି। ରବିବାର ବିଭିନ୍ନ ରିପୋର୍ଟ ଅନୁଯାୟୀ, ପ୍ରଥମ ୨ ଦିନରେ ‘ଦେବରା ପାର୍ଟ ୧’ ବିଶ୍ୱବ୍ୟାପୀ ୨୧୨ କୋଟି ଟଙ୍କାର ବ୍ୟବସାୟ କରିଛି। କେବଳ ଶୁକ୍ରବାର ଏହା ୧୫୭ କୋଟି ସଂଗ୍ରହ କରିଥିବା ବେଳେ ଶନିବାର ଏହି ଫିଲ୍ମ ବିଶ୍ୱବ୍ୟାପୀ ୫୫ କୋଟି ଟଙ୍କାର ବ୍ୟବସାୟ କରିଛି। ଏହାସହ ‘ଦେବରା ପାର୍ଟ ୧’ ଚଳିତ ବର୍ଷର ସବୁଠୁ ସଫଳ ଚଳଚ୍ଚିତ୍ର ‘ସ୍ତ୍ରୀ ୨’ର ରେକର୍ଡକୁ ଭାଙ୍ଗିବାରେ ମଧ୍ୟ ସଫଳ ହୋଇଛି। ଚଳିତ ବର୍ଷ ଅଗଷ୍ଟ ୧୫ରେ ‘ସ୍ତ୍ରୀ ୨’ ଫିଲ୍ମ ରିଲିଜ୍ ହୋଇଥିବାବେଳେ ଏହା ପ୍ରଥମ ୨ ଦିନରେ ବିଶ୍ୱବ୍ୟାପୀ ୧୩୦.୦୫ କୋଟି ଟଙ୍କାର ବ୍ୟବସାୟ କରିଥିଲା।

## ନର୍ସଙ୍କ ଚିତ୍ର ଆଙ୍କିଲେ ରୋଗୀ

ନୂଆଦିଲ୍ଲୀ




ପ୍ରାଞ୍ଜଳୀ ଚଭନ ନାମ୍ନୀ ଜଣେ ଡିଜିଟାଲ ଆର୍ଟିଷ୍ଟ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଯୋଗୁ ଏକ ହସ୍ପିଟାଲରେ କିଛି ଦିନ ପାଇଁ ଭର୍ତ୍ତି ହୋଇଥିଲେ। ସେ ଏହି ଅବସରରେ ତାଙ୍କର ଯତ୍ନ ନେଉଥିବା ନର୍ସଙ୍କୁ ଖୁସି କରାଇବାକୁ ଚାହିଁଥିଲେ। ଡାକ୍ତରଖାନାର ବିଛଣାରେ ପଡ଼ି ଚିକିତ୍ସିତ ହେଉଥିବା ସମୟରେ ପ୍ରାଞ୍ଜଳୀ ନିଜ ଟ୍ୟାବ୍‌ରେ ଉକ୍ତ ନର୍ସଙ୍କର ଏକ ଅବିକଳ ଡିଜିଟାଲ୍ ଫଟୋ ପ୍ରସ୍ତୁତ କରିଥିଲେ। ନିଜର ଅବିକଳ ଚିତ୍ରକୁ ଦେଖି ନର୍ସ ଜଣଙ୍କ ଖୁସିରେ ବିଭୋର ହୋଇ ଉଠିଥିଲେ।

# ପ୍ରତିବନ୍ଧକ ଦୂର କରେ ଭାଷା




ପ୍ରତିବର୍ଷ ୩୦ ସେପ୍ଟେମ୍ବରରେ ବିଶ୍ୱ ଅନୁବାଦ ଦିବସ ପାଳନ କରାଯାଇଥାଏ। ଚଳିତବର୍ଷ ଏହାର ଥିମ୍ ରହିଛି, ‘ଅନୁବାଦ ସଂରକ୍ଷଣର ଏକ କଳା, ସ୍ୱଦେଶୀ ଭାଷା ପାଇଁ ନୈତିକ ଏବଂ ଭୌତିକ ଅଧିକାର’। ଏହି ଥିମ୍ ଅଧୀନରେ କପିରାଇଟ, ତଥ୍ୟ ସଂଗ୍ରହ ଏବଂ ଅନୁବାଦିତ କାର୍ଯ୍ୟଗୁଡ଼ିକର ବ୍ୟବହାର ସମ୍ବନ୍ଧୀୟ ନୈତିକ ପ୍ରସଙ୍ଗ ଉପରେ ଧ୍ୟାନ ଦିଆଯିବ। ଦୁନିଆରେ ୬,୫୦୦ରୁ ଅଧିକ କଥିତ ଭାଷା ଅଛି। ଭାଷା ପ୍ରତିବନ୍ଧକକୁ ଦୂର କରିବା ଏକ ଆହ୍ୱାନ। ଅନୁବାଦକମାନେ ଏହାକୁ ସହଜ କରନ୍ତି। ଅନୁବାଦ ଏବଂ ବ୍ୟାଖ୍ୟା ଦୁଇଟି ଭିନ୍ନ ଜିନିଷ। ଅନୁବାଦ ଲିଖିତ ଶବ୍ଦ ସହିତ ଜଡ଼ିତ। ବ୍ୟାଖ୍ୟା କଥିତ ଶବ୍ଦ ସହିତ ଜଡ଼ିତ।

ଯଦି କୌଣସି ବହି କିମ୍ବା ରିପୋର୍ଟକୁ ଅନ୍ୟ ଭାଷାରେ ଅନୁବାଦ କରିବାକୁ ପଡ଼ିବ, ତେବେ ଜଣେ ଅନୁବାଦକ ଆବଶ୍ୟକ। ଅନୁବାଦକମାନେ କଥିତ ସୂଚନା ନିଅନ୍ତି ଏବଂ ଏହାକୁ ଅନ୍ୟ ଭାଷାରେ ବୁଝାଇବାରେ ସାହାଯ୍ୟ କରନ୍ତି। ଅନୁବାଦ କେବଳ ଅନ୍ୟ ଭାଷା ଜାଣିବା ନୁହେଁ, ବରଂ ଅନୁବାଦକମାନେ ସଂସ୍କୃତିକୁ ବୁଝିବା ଜରୁରୀ। ବ୍ୟକ୍ତିବିଶେଷ ପରସ୍ପରକୁ ଭଲ ଭାବରେ ବୁଝିବାରେ ସାହାଯ୍ୟ କରିବାବେଳେ ଅନୁବାଦ ଏବଂ ଅନୁବାଦକ ଉଭୟ ଜରୁରୀ। ପାଶ୍ଚାତ୍ୟ ଦେଶରେ ଏକ ନୂତନ ବ୍ୟବସାୟ ଆରମ୍ଭ କରିବାବେଳେ ସେମାନେ ଏକ ବଡ଼ ପରିବର୍ତ୍ତନ କରନ୍ତି। ଏହି ଅନୁବାଦ ଡାକ୍ତରଖାନାର ରୋଗୀ, ବିଦ୍ୟାଳୟର ଛାତ୍ର ଏବଂ ବିଦେଶରେ କାର୍ଯ୍ୟ କରୁଥିବା ଖବରକାଗଜ ସାମ୍ବାଦିକମାନଙ୍କୁ ମଧ୍ୟ ସାହାଯ୍ୟ କରେ।

ଆବଶ୍ୟକତା ହେତୁ ଅନୁବାଦ ଏବଂ ଅନୁବାଦକଙ୍କ ଚାହିଦା ବହୁତ ଅଧିକ। ଯୁକ୍ତରାଷ୍ଟ୍ରରେ ଅନୁବାଦ ଏବଂ ଅନୁବାଦକଙ୍କ ପାଇଁ ଚାକିରି ୨୦୨୪ ସୁଦ୍ଧା ୨୯ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ସର୍ବାଧିକ ଚାହିଦା ଭାଷାଗୁଡ଼ିକରେ ସ୍ପାନିସ, ରୁଷିଆ, ଫରାସୀ ଏବଂ ଜର୍ମାନ ଅନ୍ତର୍ଭୁକ୍ତ। ଅନ୍ୟ ଭାଷା ଯାହାର ଚାହିଦା ବଢ଼ିବାରେ ଲାଗିଛି ତାହା ହେଲା ଆରବୀ, ଚାଇନିଜ, ଜାପାନିଜ, ହିନ୍ଦୀ ଏବଂ କୋରିଆନ।

### ବିଶ୍ୱ ଅନୁବାଦ ଦିବସର ଇତିହାସ

ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଟ୍ରାନ୍ସଲେଟର୍ସ (ଏଫ୍‌ଆଇଟି) ୧୯୫୩ରେ ପ୍ରତିଷ୍ଠା ହେବା ଦିନରୁ ଅନୁବାଦ ଦିବସ ପାଳନ କରିଆସୁଛି। ୧୯୯୧ରେ ଫିଟ୍ ଏକ ଆନୁଷ୍ଠାନିକ ଭାବରେ ସ୍ୱୀକୃତିପ୍ରାପ୍ତ ଅନ୍ତର୍ଜାତୀୟ ଅନୁବାଦ ଦିବସ ଚାହୁଁଥିଲା। ୨୦୧୭ ପର୍ଯ୍ୟନ୍ତ ଏହା ନୁହେଁ ଯେ, ମିଳିତ ଜାତିସଂଘ ସେପ୍ଟେମ୍ବର ୩୦କୁ ଅନ୍ତର୍ଜାତୀୟ ଅନୁବାଦ ଦିବସ ଭାବରେ ଘୋଷଣା କରିଛି।

ସେପ୍ଟେମ୍ବର ୩୦ ଅନୁବାଦର ପୃଷ୍ଠପୋଷକ ସେଣ୍ଟ୍ ଜେରୋମଙ୍କୁ ଉତ୍ସର୍ଗ କରାଯାଇଛି। ସେଣ୍ଟ୍ ଜେରୋମ ବାଇବେଲ୍‌ର ଅନେକ ଅଂଶ ଲାଟିନ ଏବଂ ହିବ୍ରୁରୁ ଗ୍ରୀକ୍ ଭାଷାରେ ଅନୁବାଦିତ ହୋଇଛି। ୩୦ ସେପ୍ଟେମ୍ବର ୪୨୦ ଖ୍ରୀଷ୍ଟାବ୍ଦରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କୁ ମନେ ପକାଇବା ପାଇଁ ଏହି ଦିବସ ପାଳନ କରାଯାଉଛି।

## ୧୨ ବର୍ଷରେ ଥରେ ଫୁଟୁଛି ଦୁର୍ଲଭ ଫୁଲ

ଚେନ୍ନାଇ



ତାମିଲନାଡୁ କ୍ୟାଡର୍ ଆଇଏଏସ୍ ତଥା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁପ୍ରିୟା ସାହୁ ତାଙ୍କ ଏକ୍ସ’ ଆଇଡିରେ କିଛି ଦୁର୍ଲଭ ପ୍ରଜାତିର ଫୁଲ ଗଛଗୁଡ଼ିକର ଫଟୋ ଶେୟାର କରିଛନ୍ତି। ପୋଷ୍ଟର କ୍ୟାପ୍‌ଶନ୍‌ରେ ସୁପ୍ରିୟା ଲେଖିଛନ୍ତି, ଏହା ହେଉଛି ତାମିଲନାଡୁର ନୀଳଗିରି ପର୍ବତରେ ପ୍ରତି ୧୨ ବର୍ଷକୁ ଥରେ ଫୁଟୁଥିବା ଦୁର୍ଲଭ ‘ନୀଳକୁରିଞ୍ଜି’ ଫୁଲ। ପ୍ରତି ୧୨ ବର୍ଷର ଚକ୍ରରେ କେବଳ ଥରୁଟିଏ ଏହି ଫୁଲ ଫୁଟିଥାଏ ବୋଲି ସୁପ୍ରିୟା କହିଛନ୍ତି। ଏହା ଦେଖିବାକୁ ନୀଳ ରଙ୍ଗର ହୋଇଥିବାରୁ ଏହାର ନାମ ‘ନୀଳକୁରିଞ୍ଜି’ ରଖାଯାଇଛି। ଚଳିତ ବର୍ଷ ଇଣ୍ଟରନ୍ୟାଶନାଲ ୟୁନିୟନ୍ ଫର୍ କଞ୍ଜରଭେଶନ୍ ଅଫ୍ ନେଚର୍ (ଆଇୟୁସିଏନ୍) ଦ୍ୱାରା ନୀଳକୁରିଞ୍ଜି ଫୁଲକୁ ବିପଦପୂର୍ଣ୍ଣ ପ୍ରଜାତିର ରେଡ୍ କାଟେଗୋରି ତାଲିକାରେ ସାମିଲ କରାଯାଇଛି। ତେଣୁ ରାଜ୍ୟ ସରକାର ନୀଳକୁରିଞ୍ଜି ଫୁଲର ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯିବା ସହ ଏହାକୁ ବଞ୍ଚାଇବା ପାଇଁ ପ୍ରୟାସ ଆରମ୍ଭ ହୋଇଥିବା ସେ କହିଛନ୍ତି।

# ଗ୍ରାହକଙ୍କୁ ଶୋଷଣ କରୁଥିବା ବ୍ୟବସାୟୀ, ଶିଳ୍ପସଂସ୍ଥା ଉପରେ ଚଢ଼ାଉ ହେବ: ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର


ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମେତ ଅନ୍ୟମାନେ।

## ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ପୂର୍ବ ପ୍ରାନ୍ତ ସୁବର୍ଣ୍ଣ ଜୟନ୍ତୀ ସମାରୋହ

କଟକ,୨୯।୯(ଶିଳ୍ପା ପ୍ରିୟଦର୍ଶିନୀ)

ଠକାମିର ଶିକାର ହେବେନି ଗ୍ରାହକ। ଉଚିତ୍ ମୂଲ୍ୟରେ ସେମାନେ ଜିନିଷ ପାଇବେ। ରାଜ୍ୟରେ ଗ୍ରାହକଙ୍କୁ ଶୋଷଣ କରୁଥିବା ବ୍ୟବସାୟୀ ଓ ଶିଳ୍ପ ସଂସ୍ଥା ଉପରେ ଆଗାମୀ ଦିନରେ ଚଢ଼ାଉ ହେବ। ଏଥିରେ ସମ୍ପୃକ୍ତ କୌଣସି ବ୍ୟବସାୟୀଙ୍କୁ ଛଡାଯିବ ନାହିଁ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓଡ଼ିଶା ପୂର୍ବ ପ୍ରାନ୍ତର ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପାତ୍ର ଯୋଗଦେଇ କହିଛନ୍ତି, ରାଜ୍ୟରେ କାର୍ଯ୍ୟରତ ଅନେକ ଘରୋଇ ହସ୍ପିଟାଲ ରୋଗୀଙ୍କୁ ଆର୍ଥିକ ଶୋଷଣ କରୁଛି। ସ୍ୱାସ୍ଥ୍ୟକାର୍ଡ ଆଳରେ ମନଇଚ୍ଛା ଅର୍ଥ ନେଉଛି। ଆଗାମୀ ଦିନରେ ଘରୋଇ ହସ୍ପିଟାଲଗୁଡିକ କେଉଁ ରୋଗର ଚିକିତ୍ସା ପାଇଁ କେତେ ଅର୍ଥ ନେବେ ସେ ସମ୍ପର୍କରେ ଏକ ବୋର୍ଡରେ ଉଲ୍ଲେଖ କରିବେ। ଲୋକଙ୍କ ସୁବିଧା ପାଇଁ ଆଗାମୀ ଦିନରେ ସରକାର ରାଜ୍ୟର ବିଭିନ୍ନ ସ୍ଥାନରେ ୫୮ ଶୀତଳ ଭଣ୍ଡାର କାର୍ଯ୍ୟକାରୀ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଏଥିସହ ରାଜ୍ୟ ଓ ଜିଲାସ୍ତରୀୟ ଗ୍ରାହକ ପରିଷଦ ଗଠନ କରିବାକୁ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ଏହି ପରିଷଦରେ ସକ୍ରିୟ କାର୍ଯ୍ୟକର୍ତ୍ତାଙ୍କୁ ସରକାର ସାମିଲ କରିବେ। ପାର୍ବଣ ସମୟରେ ବିଭିନ୍ନ ଖାଦ୍ୟ ସାମଗ୍ରୀ ଦୋକାନରେ ଚଢ଼ାଉ କରାଯିବ। ଏଥିପାଇଁ ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଯାଞ୍ଚବେଳେ ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଥିବା ପ୍ରମାଣ ମିଳିଲେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଶେଷକରି ଦୁଗ୍ଧ ଜାତୀୟ ସାମଗ୍ରୀ ଉପରେ ନଜର ରହିବ ବୋଲି ପାତ୍ର କହିଛନ୍ତି।

ସେହିପରି ମୁଖ୍ୟବକ୍ତା ଭାରତୀୟ ଗ୍ରାହକ ପଞ୍ଚାୟତର କେନ୍ଦ୍ରୀୟ ସମ୍ପାଦକ ଅରୁଣ ଦେଶପାଣ୍ଡେ କହିଛନ୍ତି, ଏହି ସଙ୍ଗଠନ ରାଷ୍ଟ୍ର, ସମାଜ ଓ ଗ୍ରାହକଙ୍କ ହିତ ପାଇଁ କାର୍ଯ୍ୟ କରୁଛି। ଏଥିରେ ପୂର୍ବତନ ରାଜ୍ୟ ସମ୍ପାଦକ ସୌମେନ୍ଦ୍ର ଜେନା, ପୂର୍ବକ୍ଷେତ୍ର ପ୍ରଭାରୀ ସହ ସଙ୍ଗଠକ ମନ୍ତ୍ରୀ ବଦ୍ରିନାରାୟଣ ମହାରଣା, ସୁବର୍ଣ୍ଣ ଜୟନ୍ତୀ ଆବାହକ ଡ. ଜୟଶ୍ରୀବାଳା ମଲ୍ଲିକ, ରାଜ୍ୟର କେନ୍ଦ୍ର ସଭାପତି ଦୀପକ ମହାନ୍ତି, ପୂର୍ବ ପ୍ରାନ୍ତର ସଭାପତି ଦୀନବନ୍ଧୁ ମହାରଣା ଯୋଗଦେଇଥିଲେ। ପଞ୍ଚାୟତର ଯୁଗ୍ମ ସମ୍ପାଦକ ସୁବାସ ଚନ୍ଦ୍ର ବେହୁରା ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ସଂଯୋଗ ସାମନ୍ତରାୟଙ୍କ ନେତୃତ୍ୱରେ ପାୟଲ୍ ସଙ୍ଗୀତ ସଂସ୍କାର କଳାକାରମାନେ ସଙ୍ଗୀତ ପରିବେଷଣ କରିଥିଲେ। ଆଇନଜୀବୀ କୌସ୍ତୁଭ ଚୌଧୁରୀ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର ପ୍ରଧାନ, ସ୍ନେହାଶିଷ ପଟ୍ଟନାୟକ, ସଞ୍ଜୟ ପଟ୍ଟନାୟକ, ମିଳନ ଦତ୍ତ, ଶିବଶଙ୍କର ରାଉତ, ତାପସ ଦ୍ୱିବେଦୀ, ସୁଶାନ୍ତ ଦେ, ଜଗନ୍ନାଥ ମହାନ୍ତି, ଜୟରାମ ସାହୁ, ଦୀପେଶ ଗୋହିଲି ଉପସ୍ଥିତ ଥିଲେ।

# ସମବାୟ ସମିତି ସଶକ୍ତୀକରଣ ଲାଗି ଆଜିଠୁ ୨ ଦିନିଆ ଜାତୀୟ ସମୀକ୍ଷା ବୈଠକ

## ଯୋଗଦେବେ ୨୮ ରାଜ୍ୟ ଓ ୪ କେନ୍ଦ୍ର ଶାସିତ ଅଞ୍ଚଳର ପ୍ରତିନିଧି

ଭୁବନେଶ୍ୱର,୨୯।୯(ସୁନିତ୍ ମିଶ୍ର)

ସମବାୟ ସମିତିର ସଶକ୍ତୀକରଣ ପାଇଁ ଦୁଇ ଦିନିଆ ଜାତୀୟସ୍ତରୀୟ ସମୀକ୍ଷା ବୈଠକ ସୋମବାରଠାରୁ ସ୍ଥାନୀୟ ଏକ ଘରୋଇ ହୋଟେଲରେ ଆରମ୍ଭ ହେବ। ଭାରତ ସରକାରଙ୍କ ସମବାୟ ମନ୍ତ୍ରଣାଳୟର ଶାସନ ସଚିବ ତଥା ମୁଖ୍ୟ ଅତିଥି ଆଶିଷ ଭୁଟାନୀ ଏବଂ ଓଡ଼ିଶା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏହାର ଉଦ୍‌ଘାଟନ କରିବେ। ଏହି ଅବସରରେ ବୟନିକା-ଉତ୍କଳିକା-ସେରିଫେଡ୍(ଅମ୍ଳାନ୍) ପକ୍ଷରୁ ଏକ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ସମସ୍ତ ୨୮ ରାଜ୍ୟ ଓ ୪ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧିମାନେ ଯୋଗଦେବେ। ଏହି ଅବସରରେ ସମବାୟ ସମିତିଗୁଡ଼ିକର ସଶକ୍ତୀକରଣ ପାଇଁ ମାନସମନ୍ଥନ ହେବ। ଦେଶରେ ୨ ଲକ୍ଷ ନୂତନ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତି, ପ୍ରାଥମିକ ଦୁଗ୍ଧ ଉତ୍ପାଦନ ଏବଂ ମତ୍ସ୍ୟ ସମବାୟ ସମିତି ଗଠନ ଉପରେ ଆଲୋଚନା କରାଯିବ। ସାଧାରଣ ଲୋକଙ୍କ ନିକଟରେ ଉନ୍ନତମାନର ସେବା ପହଞ୍ଚାଇବା ପାଇଁ ପ୍ରାଥମିକ କୃଷି ସମବାୟ ସମିତିର ସଶକ୍ତୀକରଣକୁ ପ୍ରାଧାନ୍ୟ ଦିଆଯିବ।

# ଛାତିଏ ପାଣିରେ ପଶି ମୃତଦେହ ସତ୍କାର ପାଇଁ ନେଲେ ପରିବାର


ମୃତକଙ୍କ ପରିବାର ଓ ସାହିବାସୀ କେନାଲରେ ମୃତଦେହକୁ ନେଇ ଯାଉଛନ୍ତି।

## ଶ୍ମଶାନକୁ ଯିବାକୁ ନାହିଁ ରାସ୍ତା

ଉମରକୋଟ, ୨୯।୯ (ସନ୍ତୋଷ ଶତପଥୀ)

ଶ୍ମଶାନକୁ ଯିବା ପାଇଁ ରାସ୍ତା ନାହିଁ। କେନାଲ ଭିତରେ ଛାତିଏ ପାଣିରେ ପଶି ମୃତଦେହକୁ ସତ୍କାର ପାଇଁ ନେଲେ ପରିବାର, ସମ୍ପର୍କୀୟ ଓ ସାହିବାସୀ। ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳର ୮ ନମ୍ବର ୱାର୍ଡରେ ଏଭଳି ଦେଖିବାକୁ ମିଳିଛି।

ସୂଚନାନୁଯାୟୀ ୮ ନମ୍ବର ୱାର୍ଡର ଜଣେ ବୃଦ୍ଧାଙ୍କ ରବିବାର ମୃତ୍ୟୁ ହୋଇଛି। ଏହି ୱାର୍ଡ ଦେଇ ଭାସ୍କେଲ ଡ୍ୟାମର କେନାଲ ଯାଇଛି। କେନାଲ ଆର ପଟେ ଶ୍ମଶାନ ରହିଛି। ଶ୍ମଶାନକୁ ଯିବାକୁ ରାସ୍ତା ନ ଥିବାରୁ ପରିବାର, ସମ୍ପର୍କୀୟ ସାହିବାସୀ ବାଧ୍ୟ ହୋଇ କେନାଲରେ ଛାତିଏ ପାଣିରେ ପଶି ମୃତଦେହ ସତ୍କାର ପାଇଁ ଶ୍ମଶାନକୁ ନେଇଥିଲେ। ୮ ନମ୍ବର ୱାର୍ଡବାସୀ ସ୍ଥାନୀୟ ପ୍ରଶାସନ ଓ ଜିଲାପାଳଙ୍କ ଜନ ଶୁଣାଣିରେ ଉକ୍ତ କେନାଲ ଉପରେ ବ୍ରିଜ ଓ ଶ୍ମଶାନକୁ ରାସ୍ତା ତିଆରି ପାଇଁ ନିବେଦନ କରିଥିଲେ ମଧ୍ୟ ଏଯାଏ କିଛି ସୁଫଳ ମିଳି ନ ଥିବା ସେମାନେ କହିଛନ୍ତି। ତୁରନ୍ତ ପ୍ରଶାସନ କେନାଲ ଉପରେ ଏକ ପୋଲ ଓ ଶ୍ମଶାନରେ ଏକ ବିଶ୍ରାମ ଗୃହ ତିଆରି କରିବାକୁ ଦାବି ହେଉଛି। ଏ ନେଇ ପୌରାଧ୍ୟକ୍ଷା ରାଧା ଭତ୍ରାଙ୍କୁ ପଚାରିବାରୁ ଭାସ୍କେଲ ଡ୍ୟାମ୍ କର୍ତ୍ତୃପକ୍ଷଙ୍କୁ ସାହି ବାସିନ୍ଦାଙ୍କ ଦାବି ସମ୍ପର୍କରେ ଜଣାଇ ଦିଆଯାଇଛି। ସେମାନେ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

# ବାଇକ୍ ଉପରେ ଚଢ଼ିଗଲା ଟ୍ରାକ୍ଟର, ୨ ମୃତ

ଉଦଳା,୨୯।୯(ସନ୍ତୋଷ କୁମାର ବାଛିନି)

ମୟୂରଭଞ୍ଜ ଜିଲା ଉଦଳା ଥାନା କୁଟଲିଂ ରାଇସ୍ ମିଲ୍ ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ବାଇକ ସହ ଟ୍ରାକ୍ଟର ମୁହାଁମୁହିଁ ଧକ୍କା ହୋଇଥିବା ବେଳେ ବାଇକ୍ ଉପରେ ଟ୍ରାକ୍ଟରଟି ଚଢ଼ିଯାଇଛି। ଘଟଣାରେ ବାଇକରେ ଥିବା ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ କୁଟଲିଂ ଗ୍ରାମର ଭାଦ ହେମ୍ବ୍ରମ ଓ ରାମେଶ୍ୱର ହେମ୍ବ୍ରମ। ଘଟଣାରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, କୁଟଲିଂ ଗ୍ରାମ ଭିତରୁ ଏକ ଟ୍ରାକ୍ଟର ଇଟା ବୋଝେଇ କରି ବହୁବନ୍ଧ ଗ୍ରାମ ଅଭିମୁଖେ ଯାଉଥିଲା। ବିପରୀତ ଦିଗରୁ ବାଇକ୍‌ରେ ୨ ଯୁବକ ନିଜ ଗ୍ରାମ କୁଟଲିଂକୁ ଫେରୁଥିଲେ। କୁଟଲିଂ ରାଇସ୍ ମିଲ୍ ଛକରେ ବାଇକକୁ ସମ୍ମୁଖରୁ ଟ୍ରାକ୍ଟର ଧକ୍କା ଦେଇ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ୍‌ରେ ଥିବା ୨ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଘଟଣା ପରେ ଟ୍ରାକ୍ଟରଟି ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଟ୍ରାକ୍ଟର ଡ୍ରାଇଭର ସମେତ ଟ୍ରାକ୍ଟରରେ ଥିବା ଅନ୍ୟ ୨ଜଣ ଫେରାର ହୋଇଯାଇଛନ୍ତି। ହେଲପରଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ଘଟଣାକୁ ନେଇ କିଛି ସମୟ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ଖବର ପାଇ ଉଦଳା ପୋଲିସ ପହଞ୍ଚି ୨ ଜଣଙ୍କୁ ହେପାଜତକୁ ନେଇଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

## ୩ ମାସରେ ୩ ଜୀବନ ନେଲାଣି ନରହନ୍ତା ଦନ୍ତା

ଯୋଡ଼ା,୨୯।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବାମେବାରି ସେକ୍ସନ ଅନ୍ତର୍ଗତ ଖଜୁରୀଡ଼ିହି ଗ୍ରାମ ନିକଟରେ ରବିବାର ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଉକ୍ତ ଗ୍ରାମର ଗୌରଚରଣ ନାୟକ(୪୫)। ଦନ୍ତା ହାତୀଟି ଅଞ୍ଚଳରେ ଉତ୍ପାତ ଚଳାଇଥିବା ବେଳେ ୩ ମାସ ମଧ୍ୟରେ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଗୌରଚରଣଙ୍କ ମୃତ୍ୟୁ ପରେ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ଉପୁଜିଛି।

ସୂଚନା ଅନୁଯାୟୀ, ଗୌରଚରଣ ଭୋର ସମୟରେ ଗ୍ରାମ ନିକଟ ଜଙ୍ଗଲକୁ ଶୌଚ ହେବାକୁ ଯାଇଥିଲେ। ମିତ୍ତଲ କମ୍ପାନୀର ୫ ନଂ. ଗେଟ୍ ସମ୍ମୁଖରେ ସେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ସେଠାରେ ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ଗୌରଚରଣଙ୍କ ମୃତ୍ୟୁ ଘଟିଥିଲା। ହାତୀଟି ପୂର୍ବରୁ ଅଞ୍ଚଳରେ ଉପଦ୍ରବ କରୁଥିବା ବେଳେ ବନ ବିଭାଗ ଘଉଡ଼ାଇବାରେ ବିଫଳ ହୋଇଛି। ଫଳରେ ଉକ୍ତ ହାତୀ ଆକ୍ରମଣରେ ଗୌରଚରଣଙ୍କୁ ମିଶାଇ ୩ ଜଣଙ୍କ ଜୀବନ ଗଲାଣି। ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏ ନେଇ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା। ଲୋକେ ବନ ବିଭାଗ କର୍ମଚାରୀଙ୍କୁ ଘେରିଥିଲେ। ବାମେବାରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ବାମେବାରି ଫରେଷ୍ଟର ରାଜେନ୍ଦ୍ର ଜେନା କହିଛନ୍ତି, ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଦନ୍ତା ଆକ୍ରମଣରେ ନିକଟରେ ୩ ଜଣଙ୍କ ଜୀବନହାନି ଘଟିଛି। ତେବେ ଏ ନେଇ ବନ ବିଭାଗ କ'ଣ ପଦକ୍ଷେପ ନେବାକୁ ଯାଉଛି ବୋଲି ପ୍ରଶ୍ନରେ, ଉପରିସ୍ଥ ଅଧିକାରୀମାନେ ଯାହା ନିଷ୍ପତ୍ତି ନେବେ ତାହାକୁ ପାଳନ କରାଯିବ ବୋଲି ସେ କହିଥିଲେ।

## ଦନ୍ତା ଆକ୍ରମଣରେ ବୃଦ୍ଧା ମୃତ

ବଡ଼ଗାଁ,୨୯।୯(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ସାହାଜବାହାଲ ଗ୍ରାମ ବନ୍ଧୁପଡ଼ାରେ ଦନ୍ତା ଆକ୍ରମଣରେ ରବିବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ବୃଦ୍ଧା ହେଲେ ମାଗଦାଲି(୭୦)। ସୂଚନାଯୋଗ୍ୟ, ରବିବାର ସକାଳେ ଏକ ଦନ୍ତା ସିଆଁମାଲ ଗ୍ରାମ ପଟୁ ଆସି ବନ୍ଧୁପଡ଼ା ଗାଁ ଭିତରକୁ ପଶିଯାଇଥିଲା। ଗୋଠଛଡ଼ା ଦନ୍ତା ଚାର୍ସେଲ ବାର୍ଲଙ୍କ ଘର ଭାଙ୍ଗି ଭିତରେ ପଶିଲା ପରେ ଘର ବେଢ଼ାରେ ବସିଥିବା ତାଙ୍କ ମା' ମାଗଦାଲିଙ୍କୁ ଆକ୍ରମଣ କରିଥିଲା। ବୃଦ୍ଧାଙ୍କ ୨ ହାତ ଭାଙ୍ଗି ଯିବା ସହିତ ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ବଡ଼ଗାଁ ଡାକ୍ତରଖାନା ଓ ପରେ ସୁନ୍ଦରଗଡ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ତାଙ୍କୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ଛୁଆହାତୀର ମୃତଦେହ ଠାବ

ହାଟଡ଼ିହୀ/ ଛେନାପଦି,୨୯।୯ (ଶୁଭକାନ୍ତ ନାୟକ/ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ହଦଗଡ଼ ହସ୍ତୀ ଅଭୟାରଣ୍ୟର ଚକ୍ରତୀର୍ଥ ନିକଟରୁ ଏକ ଛୁଆ ମାଈହାତୀର ମୃତଦେହ ଠାବ ହୋଇଛି। ହାତୀର ବୟସ ପ୍ରାୟ ୫ ବର୍ଷ ହେବ। ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରି ନ ଥିବା ବେଳେ ହାତୀଙ୍କ ମଧ୍ୟରେ ମାଡ଼ଗୋଳ କିମ୍ବା ରୋଗ ଦ୍ୱାରା ମାଈହାତୀର ମୃତ୍ୟୁ ଘଟିଥିବା ନେଇ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

ସୂଚନା ଅନୁଯାୟୀ, ଛୁଆହାତୀଟିର ମୃତଦେହ ଉକ୍ତ ଅଞ୍ଚଳରେ ୨ ଦିନ ହେବ ପଡ଼ିଥିବା ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି। ବନ ବିଭାଗ ଖବର ପାଇ ଶନିବାର ରାତିରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ରବିବାର ଡିଏଫ୍‌ଓଙ୍କ ସମେତ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ସହ ମୃତଦେହ ଜବତ କରିଥିଲେ। ଘସିପୁରା ଭେଟେରିନାରି ଡାକ୍ତର ସରୋଜ କୁମାର ମହାନ୍ତି, ଆନନ୍ଦପୁରରୁ ସର୍ଜନ ଆସିଷ୍ଟାଣ୍ଟ ଭାଗ୍ୟଶ୍ରୀ ଓଝା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ହାତୀର ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ଟେଷ୍ଟିଂ ରିପୋର୍ଟ ପାଇଁ ମୃତ ମାଈହାତୀର ଆବଶ୍ୟକ ଅଙ୍ଗ ଲ୍ୟାବକୁ ପଠାଯାଇଛି। ଆନନ୍ଦପୁର ଡିଏଫଓ ଅଭୟ ଦଳେଇ କହିଛନ୍ତି, ବର୍ତ୍ତମାନ କିଛି କହିହେବ ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ସୂଚନାଯୋଗ୍ୟ, ନିକଟ ଅତୀତରେ ସୋସୋ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ଏକ ଦନ୍ତା ହାତୀକୁ କରେଣ୍ଟ ଲଗାଇ ମାରି ଦେଇଥିଲେ। ଅପରପକ୍ଷେ ୨୦୨୪ ହାତୀ ଗଣନା ଅନୁସାରେ ଅଭୟାରଣ୍ୟରେ ମୋଟ ୨୪ ହାତୀ ଥିଲେ। ୨୦୨୪-୨୦୨୫ ବର୍ଷରେ ୨ଟି ହାତୀ ମୃତ୍ୟୁବରଣ କରିଛନ୍ତି। ପୁଣି ଏକ ହାତୀର ମୃତ୍ୟୁ ଘଟିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଷକା କଡ଼ି
ମନେ ପଡୁଥିବ ଘଡ଼ିକି ଘଡ଼ି।**

ସମବୟସ୍କା ଦୁଇ ତରୁଣୀ ପରସ୍ପର ମଧ୍ୟରେ ମିତ୍ରତା ଗଢ଼ିବାକୁ ଯାଇ ଓଷକା ବସିଥାନ୍ତି। ଏହା ସଙ୍ଗାତ, ସହି ଓ ମିତର ଅନ୍ୟରୂପ ହୋଇଥାଏ। ଏହି ଭାବରେ ଦୁହେଁ ପରସ୍ପରକୁ ସ୍ମରଣ କରିଥାନ୍ତି। ଦୁଇ ବାନ୍ଧବୀଙ୍କ ମଧ୍ୟରେ ବନ୍ଧୁତାକୁ ବାନ୍ଧି ରଖିବା ନେଇ ଦୃଢ଼ ପ୍ରତିଶ୍ରୁତି ଦିଆଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଷେଇତିର ମନ ନାହିଁ
ଘଣ୍ଟି ବଜାଉ କାହିଁ ପାଇଁ ?**

ପୂଜା ବା ଓଷାବ୍ରତକୁ ଅତ୍ୟନ୍ତ ଭକ୍ତି ଓ ନିଷ୍ଠାର ସହ ପାଳନ କରାଯିବା ଉଚିତ। ଭକ୍ତିଭାବ ବିନା ଲୋକଦେଖାଣିଆ ପୂଜାବ୍ରତ କରିବାରେ ମୂଲ୍ୟ କିଛି ମିଳୁ ନ ଥିବାବେଳେ ପୂଜା ପ୍ରତି ମନ ବଳାଇଥିବା ବ୍ୟକ୍ତିର ଅନାଗ୍ରହ ଭାବ ପ୍ରଦର୍ଶନ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମୁଖ୍ୟ ମନ୍ଦିର ଉପରେ ପଦ୍ମ-ଆକୃତି ମୁଣ୍ଡିପଥର ଥିଲା ବିଶ୍ୱ-ବିସ୍ମୟ

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟର ଓଡ଼ିଶା

- କୋଣାର୍କରେ ଥିଲା ନଅଟି ଭଣ୍ଡାରଘର
- ପ୍ରତିବର୍ଷ ଭଣ୍ଡାରଘର ହିସାବ ପାଇଁ ଲାଗୁଥିଲା ୧୨ଦିନ

ପୂର୍ବ ସଂଖ୍ୟାରେ ଆମେ ଅରୁଣସ୍ତମ୍ଭ ନିର୍ମାଣ ପ୍ରସଙ୍ଗ ଆଲୋଚନା କରିଥିଲୁ। ପ୍ରସଙ୍ଗକ୍ରମେ 'ରାଜକୋଷ' ତଥା ଭଣ୍ଡାରଘର କଥା ଲେଖିଥିଲୁ। ରାଜକୋଷ ପାଇଁ ଗଜପତି ଓ ପାଟମହାଦେଈ ସତର୍କ ଦୃଷ୍ଟି ରଖିଥିଲେ। କାରଣ ନିର୍ମାଣକାର୍ଯ୍ୟରେ ଯେପରି ବାଧା ସୃଷ୍ଟି ନ ହେଉ। ରାଜକୋଷ ପାଇଁ ଭଣ୍ଡାରଘର ନିର୍ମାଣ ହୋଇଥିଲା। ରାଜକୋଷ ବୋଲି ଆମେ ଯାହା ବୁଝୁ... ତା' ପାଇଁ ଏତେ ଭଣ୍ଡାର ଗୃହ କାହିଁକି! ତା' ରହସ୍ୟ ଭିତରକୁ ଆମେ ପ୍ରବେଶ କରିବା ପରେ ଦେଖିଲୁ କେବଳ ରାଜ ପ୍ରଶାସନ ନୁହେଁ, ଓଡ଼ିଆ ଜାତି ମନ୍ଦିର ନିର୍ମାଣ ପାଇଁ କେତେ ସତର୍କ ଥିଲା। ସେତେବେଳର କୋଣାର୍କରେ କେବଳ ସୁନା- ରୁପା- କଉଡ଼ି- ମୁଦ୍ରା ରଖିଦେଲେ ଯେ କାମ ଆଗେଇଯିବ ତା' ନୁହେଁ, ଖାଇବା ଜିନିଷଠାରୁ ଶଗଡ଼ଗାଡ଼ି, ଜିନିଷ ପର୍ଯ୍ୟନ୍ତ ଓଡ଼ିଆ ଜାତି ଭଣ୍ଡାରଘରେ ସାଇତି ରଖିଥିଲା।

ବିଶାରଦମାନଙ୍କୁ ତାଙ୍କ ପାଉଣା ଦିଆଯାଉଥିଲା- ରାଜକୋଷ ପାଇଁ ଗୋଟିଏ ଭଣ୍ଡାରଘର ଜରୁରୀ। ମାତ୍ର ରାଜକୋଷ ବୃଦ୍ଧି ପାଇବା ପରେ ଚାରୋଟି ଭଣ୍ଡାରଘର ନିର୍ମାଣ ହୋଇଥିଲା। ପୁଣି ପାଞ୍ଚୋଟି ଭଣ୍ଡାରଘର ନୂଆ ନିର୍ମାଣ ହେଲା। ରାଜକୋଷର ଚିକିନିଖି ହିସାବ ରଖାଯାଉଥିଲା। ପ୍ରତିବର୍ଷ ସୁନିଆଁ ନବବର୍ଷ ପୂର୍ବରୁ ବୀରବର ପଟ୍ଟନାୟକ ଓ ଯଦୁ ସାଆନ୍ତ ଭଣ୍ଡାର ହିସାବପତ୍ର କରି ସୁନିଆଁ ଦିନ ଗଜପତିଙ୍କୁ ଜଣାଉଥିଲେ। ଏଥିରୁ ଗଜପତି ଜାଣିପାରୁଥିଲେ ତହବିଲରେ କ'ଣ କ'ଣ କେତେ ପରିମାଣର ଗଚ୍ଛିତ ଅଛି। ଭଣ୍ଡାର ତନଖି ପାଇଁ ସେ ଦୁଇଜଣ ପାଲିଙ୍କିରେ ଯା'ଆସ କରୁଥିଲେ।

ଏଥିରୁ ସ୍ପଷ୍ଟ ହେଉଥିଲା- କେତେ ଓଳିଆ ଧାନ ଅଛି, କେତେ ଓଳିଆ ଚାଉଳ, ବିରି, ମୁଗ ଅଛି। କେତେ ଲୁଗାପଟା, କେତେ ଘିଅ, କେତେ ରାଶିତେଲ, କେତେ କତା ଦଉଡ଼ି, ଝୁଣାବସ୍ତା କେତେ ଅଛି।


ଭଣ୍ଡାରଘରେ ରହି ପୂଜିତ ଶ୍ରୀସୂର୍ଯ୍ୟନାରାୟଣଙ୍କ ଛାୟା ପ୍ରତିକୃତି। ମନ୍ଦିର ନିର୍ମାଣ ପରେ ମୂଳବିଗ୍ରହ ମହୋଦଧିରେ ବିସର୍ଜିତ।

ବଡ଼ ମାଢ଼ ସୁନା, ସାନ ମାଢ଼ ସୁନା, ବାଦଶାହା ରୁପା ଟଙ୍କା, ଗେଡ଼ିମୁଦ୍ରା, କେତେ ତୋଳା କୁରୁଜାତକ ସୁନା ଗଚ୍ଛିତ ଅଛି। ସେତିକି ନୁହେଁ, ଘୋଡ଼ାସାଜ, କେତେ ଲୁହା ସାମଗ୍ରୀ, କେତେ ଦୋ-ମୁହାଁ ମଶାଲ, କେତେ କାଠି ମଶାଲ ରହିଛି, ସେଥିପାଇଁ ନଜର ରଖାଯାଉଥିଲା। ଗୋଟିଏ ଭଣ୍ଡାରଘରେ ପୁରାତନ ସୂର୍ଯ୍ୟମନ୍ଦିରର ପଥର ବିଗ୍ରହ ବି ରହି ପୂଜା ପାଉଥିଲେ। ଏହି ବିଗ୍ରହଙ୍କୁ କେଶରୀ ବଂଶର ରାଜା ପୁରନ୍ଦର କେଶରୀ ପ୍ରତିଷ୍ଠା କରିଥିଲେ। ଶ୍ରୀପଦ୍ମକେଶର ମନ୍ଦିର ସମ୍ପୂର୍ଣ୍ଣ ନିର୍ମାଣ ହେବାପରେ ଏହି ବିଗ୍ରହଙ୍କୁ ଶୋଭାଯାତ୍ରାରେ ନିଆଯାଇ ମହୋଦଧିରେ ବିସର୍ଜନ କରାଯାଇଥିଲା। ଆମେ ଏସବୁ ଆଲୋଚନା ଏଇଥିପାଇଁ କରୁଛେ ଯେ ସମସ୍ତ ଦିଗକୁ ଦୃଷ୍ଟି ଦିଆଯାଇଥିଲା। ନିର୍ମାଣ କାର୍ଯ୍ୟରେ ବାଧା ନ ଆସୁ। ବଢ଼େଇ ଓ କମାରଙ୍କ ହତିଆରଠାରୁ ଆରମ୍ଭ କରି ହାତୀ ଅଙ୍କୁଶ ପର୍ଯ୍ୟନ୍ତ ସବୁ ଠିକ୍‌ଠାକ୍ ଭାବରେ ସଜଡ଼ା ହୋଇ ରହୁଥିଲା।

କେବଳ ଏତିକି ନୁହେଁ, କେତେ ପଥର ଆସିଲା, କେତେ ଖୋଦେଇ ଚାଲିଛି, କେଉଁ ପଥର କେଉଁଠି ସାଇତା ହୋଇଛି, କାମ ହେଲା କେତେ, ବଳକା ପଥର ଠିକ୍ ଅଛି କି ନାହିଁ ତନ୍ନ ତନ୍ନ କରି ଯାଞ୍ଚ ହେଉଥିଲା। ଜଣାପଡ଼ିବ କେଉଁଠି କେତେ ଆଉ ଆବଶ୍ୟକ। କେତେ ସତର୍କ ହୋଇ କାର୍ଯ୍ୟ ଚାଲିଥିଲା ଏଥିରୁ ଆମେ ବୁଝିପାରିବା। କେବଳ ଫୁଲାଫାଙ୍କିଆ ଭାବରେ ମନ୍ଦିର ନିର୍ମାଣ ହେଉଥିଲେ ଶିଳ୍ପୀ ସଫଳ ହୋଇପାରି ନ ଥାନ୍ତେ। ଭଣ୍ଡାରଘର ହିସାବ ୧୨ ଦିନ ଲାଗିଥିଲା। ହିସାବ ଫର୍ଦ୍ଦ ନେଇ ହିସାବ ନିରୀକ୍ଷକ ସୁନିଆଁ ପୂର୍ବରୁ ପୁରୁଷୋତ୍ତମ କ୍ଷେତ୍ରକୁ ଫେରି ଯାଇଥିଲେ। ଗଜପତିଙ୍କୁ ଅବଗତ କରାଇବାକୁ ପଡ଼ିବ।

ମନ୍ଦିର ନିର୍ମାଣ କାମ ଅଗ୍ରଗତି କରୁଥାଏ। ଏହାପରେ ଆରମ୍ଭ ହୋଇଥିଲା ଦକ୍ଷିଣପଟ ନିଶା ମନ୍ଦିର। ଅନନ୍ତ ମହାରଣା ୪୦ଜଣ ଶିଳ୍ପୀଙ୍କୁ ନେଇ ଚୁକ୍ତି ସମ୍ପନ୍ନ କରିଥିଲେ। ଚାଳିଶ ମାଢ଼ ସୁନା ନେବେ। ଉତ୍ତରପଟ ନିଶା ମନ୍ଦିର ନିର୍ମାଣ ପାଇଁ ଚାଳିଶ ମାଢ଼ ସୁନା ନେଇ ଚୁକ୍ତି କରିଥିଲେ ରାମ ମହାପାତ୍ର। ପଶ୍ଚିମପଟ ନିଶା ମନ୍ଦିର ଦାୟିତ୍ୱ ନେଇଥିଲେ ଗୋବିନ୍ଦ ମହାପାତ୍ର। ନିଶା ମନ୍ଦିରର ଦୁଆରଗୁଡ଼ିକ ଯାଉଁଳି କବାଟ ଥିଲା। କବାଟ ବନ୍ଦ କରିଦେଲେ ଦେଖାଯିବ ପଦ୍ମଫୁଲଟିଏ। କବାଟ ଶିଳ୍ପୀ ଅଲଗା ଥିଲେ ନିଶା ମନ୍ଦିର ଶିଳ୍ପୀଙ୍କଠାରୁ। ପଥର ସନ୍ଧି ଜାବ ଦିଆଯାଇଥିଲା କରାଳ ଓ ପଥରଗୁଣ୍ଡକୁ ନେଇ।

ଏହାପରେ ଓଡ଼ିଆ ଶିଳ୍ପୀ ବିଶ୍ୱର ବିସ୍ମୟ କଳାକୃତି ଆରମ୍ଭ କରିଥିଲେ। ସେ କଳାକୃତି ମୁଖ୍ୟ ମନ୍ଦିରର ଛାତରେ 'ମୁଣ୍ଡିପଥର' ଖଞ୍ଜିବା। ମାପ ଦେଲେ ଶିବେଇ ସାମନ୍ତରାୟ। କୁଣ୍ଡାପଥରରେ ନିର୍ମାଣ ହୋଇଥିଲା 'ମୁଣ୍ଡିପଥର'। କୁଣ୍ଡାପଥରଗୁଡ଼ିକୁ ପଲିସି କରାଗଲା। ସବୁ ପଥର ପାଞ୍ଚହାତ ଲମ୍ବର। ମୁଣ୍ଡିପଥର ଛତା ଆକୃତିରେ ଲାଗିବ। ଉଚ୍ଚତା ରହିବ ଦୁଇହାତ। ଚାରିପଟ ବୁଲି ଖଞ୍ଜା ହେବ। ଖଞ୍ଜା ହେବା ପରେ ଦେଖାଯିବ ଠିକ୍ ଏକ ପଦ୍ମଫୁଲ ପରି। କମ୍ କଥା ନୁହେଁ... ଓଡ଼ିଆ ଶିଳ୍ପୀ ଏଥିରେ ସଫଳ ହୋଇଥିଲା।

ଦେଖିବାଲୋକ ଦଣ୍ଡେ ଅଟକି ଯାଉଥିଲା ଏଇ କଳାକୃତି ପାଖରେ। ଦଶହରା ଦିନ ମୁଣ୍ଡିପଥର ପୂଜା ହୋଇଥିଲା। ପୂଜା ପରେ ସମସ୍ତ ପଥରକୁ ମୁଖ୍ୟ ମନ୍ଦିର ପରିକ୍ରମା କରାଯାଇଥିଲା। ପୂଜାର ଆଚାର୍ଯ୍ୟ ହୋଇଥିଲେ ନରସିଂହ ରାଜଗୁରୁ। କର୍ତ୍ତା ହେଲେ ସୂତ୍ରଧର। ବେଦପୁର ମହାଜନ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ସମସ୍ତେ ନୂତନ ବସ୍ତ୍ର ଧାରଣ କରିଥିଲେ। ପୂଜା ପଥର ଫାସିକାଠ ଭାରା ଉପରକୁ ନିଆଗଲା ଆଶ୍ୱିନ ମାସ ତ୍ରୟୋଦଶୀ ଦିନ। କାମ ପ୍ରତି ଥିଲା ନିଷ୍ଠା। ପୂଜା ହେଲା ଆତ୍ମବିଶ୍ୱାସ ବଢ଼ାଇବା ପାଇଁ। ସଫଳ ହେଲେ ଶିବେଇ ସାମନ୍ତରା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏଶନର ଏଜିଏମ୍



ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭୁବନେଶ୍ୱର, ୨୯।୯ (ବିଜୟ ରଣା)**

ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏଶନ (ଓଏଏ)ର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) କଟକସ୍ଥିତ ଓସିଏ କନ୍‌ଫରେନ୍ସ ହଲ୍‌ରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନର ସଭାପତି ଡକ୍ଟର ଜି.ଏସ୍. ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଆଶୀର୍ବାଦ ବେହେରା, ଉପସଭାପତିଗଣ ଦୁଲାଲ ଚନ୍ଦ୍ର ପ୍ରଧାନ, ନଳିନୀ କୁମାର ଦାସ, ଡକ୍ଟର ଜନାର୍ଦ୍ଦନ ଦାଶ, ତାପସ କୁମାର ରାୟ ଚୌଧୁରୀ, ରଘୁନନ୍ଦନ ପାଢ଼ୀ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁ, ସହକାରୀ ସମ୍ପାଦକ ବିଭୂତି ଭୂଷଣ ପଣ୍ଡା ଓ ରବିଶଙ୍କର ପ୍ରତିହାରୀଙ୍କ ସମେତ ସମସ୍ତ ଜିଲା ଆଥ୍‌ଲେଟିକ୍ ଆସୋସିଏଶନଗୁଡ଼ିକର ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ୪୭ କୋଟି ଟଙ୍କାର ବଜେଟ ଅନୁମୋଦନ ଲାଭ କରିଥିଲା। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ସହଯୋଗ କ୍ରମେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ପୂର୍ବାଞ୍ଚଳ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଏବଂ ନ୍ୟାଶନାଲ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଯଥାକ୍ରମେ ଅକ୍ଟୋବର ୭ରୁ ୯ ଏବଂ ଅକ୍ଟୋବର ୨୫ରୁ ୨୯ ପର୍ଯ୍ୟନ୍ତ ହେବ ବୋଲି ଆଶୀର୍ବାଦ ବେହେରା ବୈଠକରେ ସୂଚନା ଦେଇଥିଲେ। ଏହି ଅବସରରେ କିଟ୍ ଦ୍ୱାରା ଡକ୍ଟୋରେଟ୍ ଉପାଧି ଲାଭ କରିଥିବା ଆଶୀର୍ବାଦ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସାଧାରଣ ସମ୍ପାଦକ ଅଭିଜିତ ପାଲ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା ଅମିତ ରୋହିଦାସଙ୍କୁ ଏକ ମେମେଣ୍ଟୋ ପ୍ରଦାନ କରିଥିଲେ।

# ୮୬ ଡେକ୍‌ରେ ମିଳିବ ବିଶ୍ୱସ୍ତରୀୟ ସୁବିଧା

**ବେଙ୍ଗାଲୁରୁ, ୨୯।୯ (ପି.ଟି.)**

ବେଙ୍ଗାଲୁରୁ ସ୍ଥିତ ନ୍ୟାଶନାଲ କ୍ରିକେଟ ଏକାଡେମୀ ପରିସରରେ ବିଶ୍ୱସ୍ତରୀୟ ସୁବିଧାର ଆରମ୍ଭ କରିଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)। ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବରେ ଏହାକୁ ନାମିତ କରାଯାଇଥିବା ବେଳେ

## ଏନ୍‌ସିଏରେ ୩ ନୂତନ ଗ୍ରାଉଣ୍ଡ ଉଦ୍‌ଘାଟିତ

ଏଥିରେ ସମସ୍ତ ପ୍ରକାରର ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ଅନ୍ତର୍ଜାତୀୟ ସ୍ତରର ୩ଟି ନୂତନ ଗ୍ରାଉଣ୍ଡ ରହିଥିବା ବେଳେ ଏହା ମଧ୍ୟରେ ମୋଟ ୮୬ ଡେକ୍ ରହିଛି। ବିଶ୍ୱର ଯେ କୌଣସି ସ୍ଥାନରେ ଥିବା ପିଚ୍‌ରେ ଖେଳିବାର ଅଭିଜ୍ଞତା ଏଠାରେ ଭାରତୀୟ ଖେଳାଳିଙ୍କୁ ମିଳି ପାରିବ ବୋଲି ସମ୍ପାଦକ ଜୟ ଶାହା କହିଛନ୍ତି। ଏହା ଦ୍ୱାରା ଦେଶର କୌଣସି ପିଚ୍ ହେଉ କି ବିଦେଶର କୌଣସି ପିଚ୍ ଖେଳାଳି ମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ନାହିଁ।

ଗ୍ରାଉଣ୍ଡ ଏରେ ୮୫ ୟାର୍ଡ ବାଉଣ୍ଡ୍ରି ରହିଥିବା ବେଳେ ମୁମ୍ବାଇ ଲାଲ ମାଟିରେ ଏହାର ୧୩ଟି ପିଚି ତିଆରି ହୋଇଛି। ରେଡ୍ ସଏଲ୍ ପିଚ୍ ସାଧାରଣତଃ ପେସ୍ ଓ ବାଉନ୍ସ ପ୍ରଦାନ କରିଥାଏ। ବର୍ଡର-ଗାଭାସ୍କର ସିରିଜ୍ ପୂର୍ବରୁ ଭାରତୀୟ ଦଳ ପାଇଁ ଏଠାରେ ଅଭ୍ୟାସ କରିବାର ଭଲ ସୁଯୋଗ ରହିଛି। ଏହା ସହ ଏହି ଗ୍ରାଉଣ୍ଡରେ ହେରିଙ୍ଗବୋନ୍ ଡ୍ରେନେଜ ସିଷ୍ଟମ ରହିଥିବା ବେଳେ ଏହା ବର୍ଷା ପରେ ଗ୍ରାଉଣ୍ଡକୁ ଶୀଘ୍ର ଶୁଖିବାରେ ସାହାଯ୍ୟ କରିଥାଏ।




ସେଣ୍ଟର ଅଫ୍ ଏକ୍ସଲେନ୍ସିରେ ଭିଭିଏସ୍ ଲକ୍ଷ୍ମଣ। ଜୟ ଶାହା ଓ ରୋଜର ବିନ୍ନିଙ୍କ ସହ ଉପସ୍ଥିତି ଅନ୍ୟ ଅତିଥି ଉଦ୍‌ଘାଟନ ଅବସରରେ।

ଗ୍ରାଉଣ୍ଡ ବି ଓ ସିରେ ୧୧ଟି ଲେଖାଏ ପିଚ୍ ରହିଥିବା ବେଳେ ଏହାର ବାଉଣ୍ଡ୍ରି ଲମ୍ବ ୭୫ ୟାର୍ଡ ରହିଛି। ଗ୍ରାଉଣ୍ଡ ବିରେ ମଣ୍ଡ୍ୟାରୁ ଆସିଥିବା ମାଟିରେ ପ୍ରସ୍ତୁତ କରାଯାଇଥିବା ବେଳେ ଓଡ଼ିଶାର କଳାହାଣ୍ଡିରୁ ଯାଇଥିବା ବ୍ଲାକ୍ କଟନ୍ ସଏଲରେ ପ୍ରସ୍ତୁତ ହୋଇଛି ଗ୍ରାଉଣ୍ଡ ସିର ପିଚ୍। ଏନ୍‌ସିଏରୁ ପରବର୍ତ୍ତୀ ପିଢିର କ୍ରିକେଟର ମାନେ ବାହାରିବା ପୂର୍ବରୁ ସେମାନଙ୍କୁ ସମସ୍ତ ପ୍ରକାର କଣ୍ଡିସନ ସହ ଅଭ୍ୟସ୍ତ କରାଇବା ଏହି ସେଣ୍ଟର ଅଫ୍ ଏକ୍ସଲେନ୍ସର ଲକ୍ଷ୍ୟ ବୋଲି କହିଛନ୍ତି ଶାହା। ୪୦ ଏକର ଅଞ୍ଚଳରେ ପରିବ୍ୟାପ୍ତ ଏହା ମଧ୍ୟରେ ୪୫ଟି ଆଉଟଡୋର୍ ନେଟ୍ ପିଚ୍ ମଧ୍ୟ ରହିଛି। ସେହିପରି ଫିଲ୍ଡିଂ ଅଭ୍ୟାସ ଓ ରନିଙ୍ଗ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ରଖାଯାଇଛି। ଏନ୍‌ସିଏ ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ, ସଭାପତି ରୋଜର ବିନ୍ନି ଓ କୋଷାଧ୍ୟକ୍ଷ ରାଜୀବ ଶୁକ୍ଳା ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରିଷ୍ଣା, ସତ୍ୟମ୍ ଚାମ୍ପିୟନ

**ଭୁବନେଶ୍ୱର, ୨୯।୯ (ବିଜୟ ରଣା)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଏବଂ ରୟାଲ ପବ୍ଲିକ ସ୍କୁଲ, କେଶୁରାର ମିଳିତ ଆନୁକୂଲ୍ୟରେ ୪ ରାଉଣ୍ଡ ବିଶିଷ୍ଟ ୧୦ ବର୍ଷରୁ କମ୍ ଓ ୧୨ ବର୍ଷରୁ କମ୍ ଓପନ ଚେସ୍ ଟୁର୍ନାମେଣ୍ଟ ରବିବାର ରୟାଲ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୧୨ବର୍ଷରୁ କମ୍ ବିଭାଗରେ ସତ୍ୟମ୍ ସ୍ୱରୂପ ସାହୁ ଓ ୧୦ବର୍ଷରୁ କମ୍ ବିଭାଗରେ ବିଜେଇଏମ୍ ସ୍କୁଲର କ୍ରିଷ୍ଣା ସାମଲ ଚାମ୍ପିୟନ ହୋଇଥିଲେ। ଏହାଛଡ଼ା ବିଭିନ୍ନ ବୟସବର୍ଗର ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। ରୟାଲ ପବ୍ଲିକ ସ୍କୁଲର ପ୍ରିନ୍‌ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ଡୁମୁଡୁମା ଶାଖା ଆକ୍ସିସ ବ୍ୟାଙ୍କ୍ ମ୍ୟାନେଜର ଶ୍ୱେତା ମିଶ୍ର, ରୟାଲ ପବ୍ଲିକ ସ୍କୁଲର ଭାଇସ୍ ପ୍ରିନ୍‌ସିପାଲ ପ୍ରଜ୍ଞା ପରିମିତା ସାହୁ ଓ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ।

# ଶ୍ରୀଲଙ୍କାର ଐତିହାସିକ ସିରିଜ୍ ବିଜୟ



ଟ୍ରଫି ସହ ଚାମ୍ପିୟନ ଶ୍ରୀଲଙ୍କା ଦଳର ଖେଳାଳି।

**ଗାଲେ, ୨୯।୯ (ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟକୁ ଇନିଂସ ଓ ୧୫୪ ରନ୍‌ରେ ପରାସ୍ତ କରି ୨ ମ୍ୟାଚ୍ ବିଶିଷ୍ଟ ଘରୋଇ ସିରିଜ୍‌କୁ କ୍ଲିନ୍ ସୁଇପ୍ କରିଛି ଶ୍ରୀଲଙ୍କା। ପ୍ରଥମ ଇନିଂସରେ ୮୮ ରନ୍‌ରେ ସମସ୍ତ ଉଇକେଟ ହରାଇ ଫଲୋଅନ୍ ଡାକରା ପାଇଥିବା ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସରେ ୩୬୦ ରନ୍‌ରେ ଅଲଆଉଟ ହୋଇଥିଲା। ସିରିଜ୍‌ରେ ୧୮ ଉଇକେଟ ନେଇଥିବା ପ୍ରବାଥ ଜୟସୁରିୟା ପ୍ଲେୟର ଅଫ୍ ଦ ସିରିଜ୍ ଓ କାମିନ୍ଦୁ ମେଣ୍ଡିସଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ୧୫ ବର୍ଷ ପରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏକ ଟେଷ୍ଟ ଜିତିଥିବା ବେଳେ ପ୍ରଥମ ଥର ସିରିଜ୍ ଜିତିବାରେ ସଫଳ ହୋଇଛି ଶ୍ରୀଲଙ୍କା।

କାମିନ୍ଦୁ ମେଣ୍ଡିସଙ୍କ ୧୮୨, ଦୀନେଶ ଚାନ୍ଦିମାଲଙ୍କ ୧୧୬ ଓ କୁଶାଲ ମେଣ୍ଡିସଙ୍କ ୧୦୬ ରନ୍ ବଳରେ ଶ୍ରୀଲଙ୍କା ପ୍ରଥମ

## ୧୫ ବର୍ଷ ପରେ ହାରିଲା ନ୍ୟୁଜିଲାଣ୍ଡ

ଇନିଂସରେ ୫ ଉଇକେଟରେ ୬୦୨ ରନ୍ କରି ଇନିଂସ ଘୋଷଣା କରିଥିଲା। ଜବାବରେ ପ୍ରବାଥ ଜୟସୁରିୟାଙ୍କ ବୋଲିଂ ସଫଳତା ବଳରେ ନ୍ୟୁଜିଲାଣ୍ଡ ମାତ୍ର ୮୮ ରନରେ ଅଲଆଉଟ ହୋଇଯାଇଥିଲା। ଶ୍ରୀଲଙ୍କା ଫଲୋଅନ୍ ଡାକରା ଦେଇଥିବା ବେଳେ ନ୍ୟୁଜିଲାଣ୍ଡ ୩୬୦ ରନ୍ କରିଥିଲା। ଦ୍ୱିତୀୟ ଇନିଂସରେ ନ୍ୟୁଜିଲାଣ୍ଡର ବ୍ୟାଟର ମାନେ ସାମାନ୍ୟ ଶୃଙ୍ଖଳିତ ବ୍ୟାଟିଂ କରିଥିଲେ ମଧ୍ୟ ଏହା ମ୍ୟାଚ୍ ବଞ୍ଚାଇବା ପାଇଁ ଯଥେଷ୍ଟ ନ ଥିଲା। ଉଇକେଟ କିପର ଗ୍ଲେନ୍ ଫିଲିପ୍ସ ସର୍ବାଧିକ ୭୮ ରନ କରିଥିଲେ। ୯୯ ବଲ୍ ଖେଳିଥିବା ଫିଲିପ୍ସ ୬ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ୍ ସାଣ୍ଟନର ୬୭, ଡେଭନ୍ କନୱେ ୬୧ ଓ ଟମ୍ ବ୍ଲଣ୍ଡେଲ ୬୦ ରନ୍ ସ୍କୋର କରିଥିଲେ। ୧୧୫ ବଲ ଖେଳି ୬ ଚୌକା ଓ ୩ ଛକା ମାରିଥିବା ସାଣ୍ଟନର ଶେଷ ବ୍ୟାଟର ଭାବରେ ଆଉଟ ହୋଇଥିଲେ। ଶ୍ରୀଲଙ୍କା ପକ୍ଷରୁ ପଦାର୍ପଣକାରୀ ସ୍ପିନର ନିଶାନ ପେରିସ୍ ଏକାକୀ ୬ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରବାଥ ଜୟସୁରିୟା ୩ ଓ ଧନଞ୍ଜୟ ଡି ସିଲ୍‌ଭା ୧ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ପ୍ରଥମ ଇନିଂସ: ୬୦୨/୫(ଘୋଷଣା)। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୮୮/୧୦। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ ୩୬୦/୧୦(ଗ୍ଲେନ୍ ଫିଲିପ୍ସ-୭୮, ମିଚେଲ୍ ସାଣ୍ଟନର-୬୭, ଡେଭନ୍ କନୱେ-୬୧, ଟମ୍ ବ୍ଲଣ୍ଡେଲ-୬୦, ନିଶାନ ପେରିସ୍-୬/୧୭୦, ପ୍ରବାଥ୍ ଜୟସୁରିୟା-୩/୧୩୯, ଧନଞ୍ଜୟ ଡି ସିଲ୍‌ଭା-୧/୨୮)।

# ୧୪ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୩୯ ପଦକ



ଉଦ୍‌ଯାପନୀ ଉତ୍ସବରେ ପଦକ ସହ ଓଡ଼ିଶା ଦଳର ସଫଳ ସନ୍ତରଣକାରୀ।

## ଖେଲୋ ଇଣ୍ଡିଆ ଜୁନିୟର ମହିଳା ସନ୍ତରଣ ପ୍ରତିଯୋଗିତା

**ସମ୍ବଲପୁର, ୨୯।୯ (ବି.ଶଙ୍କର)**

ସାଇ ଏବଂ ଓଡ଼ିଶା ରାଜ୍ୟ ସନ୍ତରଣ ଆସୋସିଏଶନ ପକ୍ଷରୁ ଆୟୋଜିତ ଖେଲୋ ଇଣ୍ଡିଆର ଜୁନିୟର ମହିଳା ସନ୍ତରଣ ଜୋନ-୪ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି । ସମ୍ବଲପୁର ସହରସ୍ଥିତ ଡାକ୍ତର ଝସକେତନ ସାହୁ ସନ୍ତରଣାଗାରଠାରେ ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ସଭାପତି ପ୍ରଦୀପ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ସମାରୋହ ହୋଇଥିଲା । ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ । ସାଇ ହକି କୋଚ ରାକେଶ କୁମାର ସୁଖଦେବ ସମ୍ମାନିତ ଅତିଥି ଥିଲେ । ଓଡ଼ିଶାର ସନ୍ତରଣକାରୀ ଦିବ୍ୟାଙ୍କା ଦିବ୍ୟାଜୋତି ପ୍ରଧାନ ୪ଟି ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ସେ ପ୍ରଥମ ଦିନରେ ୩ ଏବଂ ଦ୍ୱିତୀୟ ଦିନରେ ଅନ୍ୟ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ଦୁଇଦିନିଆ ଟୁର୍ନାମେଣ୍ଟରେ ଓଡ଼ିଶାର ସନ୍ତରଣକାରୀ ମୋଟ ୩୯ ପଦକ ହାସଲ କରିଛନ୍ତି। ଏଥିରେ ୧୪ ସ୍ୱର୍ଣ୍ଣ, ୧୫ ରୌପ୍ୟ ଏବଂ ୧୦ ବ୍ରୋଞ୍ଜ ପଦକ ରହିଛି । ରାଜ୍ୟ ସନ୍ତରଣ ସଂଘ ସାଧାରଣ ସମ୍ପାଦକ ଗୋଲାପମଣି ମହନ୍ତ, କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ, ଯୁଗ୍ମ ସଚିବ ଲକ୍ଷ୍ମୀଚନ୍ଦ୍ର ମହାକୁର ଏବଂ ରାଜୀବ ଲୋଚନ ଦାଶ ପ୍ରତିଯୋଗିତା ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପ୍ରଶିକ୍ଷକ ସୁରେନ୍ଦ୍ର ନାୟକ ଏହି ଟୁର୍ନାମେଣ୍ଟର ବୈଷୟିକ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଥିଲେ। ରାଜେନ୍ଦ୍ର ମିଶ୍ର, ଆଶୁତୋଷ ନାୟକ, ମନୋଜ ବନଛୋର, ରାଙ୍କାନିଧି ସେଠ, କିଶୋର ଲୁହା, ଭୋଲନାଥ ବିଶୋଇଙ୍କ ସମେତ ଅନ୍ୟ ବୈଷୟିକ ଅଧିକାରୀମାନେ ଚାମ୍ପିୟନଶିପକୁ କାର୍ଯ୍ୟକାରୀ କରିଥିଲେ ।


# Classified Everyday
0674-2580101, 2549949


REAL ESTATE
SALE

ଭୁବନେଶ୍ୱରର ଯେକୌଣସି ଏରିଆରେ ଘରବାଡ଼ି ପ୍ଲଟ୍ କିଣିବାକୁ କିମ୍ବା ବିକିବାକୁ ଚାହୁଁଥିଲେ। 9439493164. D-75993

କଟକ-ଭୁବନେଶ୍ୱର ମଧ୍ୟଭାଗରେ Sum Hospital-2 ନିକଟସ୍ଥ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ 30ft. ରାସ୍ତାଥାଇ ଘରବାରି ପ୍ଲଟ୍ କିଣନ୍ତୁ- 6371200121. D-75994

Prime location Sthitiban Land for Sale Plot- 1 Location- Chandanpur Bypass Road, Area- 0.25 Decimal, Frontage to Road (N.H 316)- 120 ft., Plot- 2 Location- Chandanpur main market, Area- 0.30 Decimal, Frontage to Road (S.H)- 200 ft. Contact Number- 9337399239. D-1501

ନଖରା Grandbazar Oppositeରେ, Biswalapadaରେ, Sum Hospital ଘଙ୍ଗାପାଟଣାରେ 30' ରାସ୍ତା ଥାଇ plot କିଣନ୍ତୁ। 6372851880. D-71078

Plot for sale 42Mouza, Jagatpur, Choudwar ସଙ୍ଗେସଙ୍ଗେ ଘର କଲା ଭଳି 30ft., 20ft. ରାସ୍ତା, ପାଚେରି, ବିଜୁଳି ସୁବିଧା ଥାଇ plot ମିଳୁଅଛି। 7008287609. D-1486

Contact for complete house construction (simplex/ Duplex/ Triplex), interior design (modular Kitchen/TV Unit/wardrobe/ Ceiling) and home furniture (King Bed/Sofa/Dining Table/Center Table) by the experts only. Mplanets- 7008550473. D- 1468

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990. D-1506

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302. D-1505




Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75790

Full body massage experience, good looking therapist @ 999 (Bhubaneswar). 9078484455. D-1347

Newly open Jyoti SPA positively health benefits (Expert therapist). 8458067955. D-76157

AFFIDAVIT

By virtue of an affidavit before Notary Public, dtd. Aug. 09.2024, Prakash Chandra Parida has been changed her son name Umakanth Parida to Prince Parida, At- Loco Colony, Jatni, Khordha, Odisha for all purposes. D-1504

I, Summana Kumari Panda, D/o Late Muralidhar Panda resident of Plot No. 5D-902/5, Sector 9, CDA, Cuttack, PIN-753014, Odisha declare by this affidavit No.- 2090 on dated 27.09.2024 that now onwards I shall be known as Sumana Kumari Panda for all future purposes. D-1502

By virtue of an affidavit before Executive Magistrate,I Smt. Sony Agrawal, R/o Dherapada, P.O./ P.S.- Sonepur, Dist.- Subarnapur, Odisha, 767017 declare that I have changed my name from Naiya Agrawal to Sony Agrawal after got married to Gobind Ram Agrawal. Henceforth, I shall be known as Sony Agrawal for all purposes. D-1503

By an affidavit I Kirttimayee Kamila, W/o- Umakanta Kamila, At- PKDA Colony, Post.- Station Road, Dist.- Puri, PIN-752002. Hereby declare that my name has been wrongly recorded as Kritimayee Kamila in my son Debakanta Kamila's Birth Certificate Regd. No.-559/2009. Both Kritimayee Kamila and Kirttimayee Kamila is one person. Henceforth, I shall be known as Kirttimayee Kamila for all purposes. D-75610

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

# କୃତ୍ରିମ ବୁଦ୍ଧିମତ୍ତା



ଡ. ଦେବାଶିଷ ମହାନ୍ତି

''ଅତି ସରଳ ଭାଷାରେ କହିଲେ କୃତ୍ରିମ ବୁଦ୍ଧିମତ୍ତା ବା artificial Inteligence (AI) କୌଣସି କମ୍ପ୍ୟୁଟର ପରି ଯନ୍ତ୍ରର ସାମର୍ଥ୍ୟ ବୃଦ୍ଧି କରି ମନୁଷ୍ୟ ମସ୍ତିଷ୍କ ପରି କିଛି ଜଟିଳ କାର୍ଯ୍ୟ କରିବା ପାଇଁ ସକ୍ଷମ କରିବା। ମାନବ ବୁଦ୍ଧିକୁ ଆମେ ପ୍ରାକୃତିକ ବୁଦ୍ଧିମତ୍ତା କହୁଥିବା ବେଳେ ମାନବ ଦ୍ୱାରା ଯନ୍ତ୍ରକୁ ପ୍ରଦତ୍ତ ବୁଦ୍ଧିମତ୍ତାକୁ କୃତ୍ରିମ ବୁଦ୍ଧିମତ୍ତା ବୋଲି କୁହାଯାଇଥାଏ। ଏହି ବୁଦ୍ଧିମତ୍ତା ଯୋଗୁ କୌଣସି ଯନ୍ତ୍ର ମଣିଷ ପରି କୌଣସି ଭାଷା ବୁଝିପାରେ, ଚିତ୍ରକୁ ଚିହ୍ନିପାରେ, କୌଣସି ସମସ୍ୟାର ସମାଧାନ କରିପାରେ ଓ ମନୁଷ୍ୟ ପରି ନିର୍ଣ୍ଣୟ ମଧ ନେଇପାରେ। ଏହା କମ୍ପ୍ୟୁଟରକୁ ଅନୁଭୂତିରୁ ଭାବିବା ଓ ଶିଖିବା ପରି ସାମର୍ଥ୍ୟ ପ୍ରଦାନ କରିବା ଅଟେ। ''



ବୈଦ୍ୟୁତିକ ଗଣମାଧମ ଓ ଟିଭି, ଓଡ଼ିଶାରେ ପ୍ରଥମ ଥର ପାଇଁ ଲିଶା ନାମକ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ପରିଚାଳିତ ଯନ୍ତ୍ର ମାନବକୁ ଖବର ପାଠିକା ଭାବରେ ଉପସ୍ଥାପିତ କଲା। ଏକ ଘରୋଇ ଚ୍ୟାନେଲରେ ଏହି ଖବର ଶୁଣୁ ଶୁଣୁ ମୋର ପିତା ଯେ କି ଜଣେ ବିଜ୍ଞାନ ଶିକ୍ଷକ ଥିଲେ କୌତୂହଳୀ ନଜରରେ ମୋ ଆଡକୁ ଅନାଇଲେ ଓ ପଚାରିଲେ ଆରେ ବୁବୁ, ଏ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ କ'ଣ? ସେଠାରେ ଉପସ୍ଥିତ ଥିବା ମୋ ପୁଅ ଓମ୍ ତାଙ୍କ କଥାରେ ତାଳ ଦେଇ କହିଲା, ହଁ ବାପା ଫେସ୍‌ବୁକ, ହ୍ୱାଟ୍‌ସଆପ ସବୁଆଡ଼େ ଖାଲି ଏହି କୃତ୍ରିମ ବୁଦ୍ଧିମତ୍ତାର ଚର୍ଚ୍ଚା। ମୋତେ ବି ଟିକେ ବୁଝେଇ ଦିଅ ଏହି କୃତ୍ରିମ ବୁଦ୍ଧିମତ୍ତା କ'ଣ? ସେମାନଙ୍କ ଉତ୍ସୁକତା ଦେଖି ମୁଁ ଏହି କୃତ୍ରିମ ବୁଦ୍ଧିମତ୍ତା ବିଷୟରେ ବର୍ଣ୍ଣନା କରିବାକୁ ଆରମ୍ଭ କଲି। ଅତି ସରଳ ଭାଷାରେ କହିଲେ, କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) କୌଣସି କମ୍ପ୍ୟୁଟର ପରି ଯନ୍ତ୍ରର ସାମର୍ଥ୍ୟ ବୃଦ୍ଧିକରି ମନୁଷ୍ୟ ମସ୍ତିଷ୍କ ପରି କିଛି ଜଟିଳ କାର୍ଯ୍ୟ କରିବା ପାଇଁ ସକ୍ଷମ କରିବା। ମାନବ ବୁଦ୍ଧିକୁ ଆମେ ପ୍ରାକୃତିକ ବୁଦ୍ଧିମତ୍ତା କହୁଥିବା ବେଳେ ମାନବ ଦ୍ୱାରା ଯନ୍ତ୍ରକୁ ପ୍ରଦତ୍ତ ବୁଦ୍ଧିମତ୍ତାକୁ କୃତ୍ରିମ ବୁଦ୍ଧିମତ୍ତା ବୋଲି କୁହାଯାଇଥାଏ। ଏହି ବୁଦ୍ଧିମତ୍ତା ଯୋଗୁ କୌଣସି ଯନ୍ତ୍ର ମଣିଷ ପରି କୌଣସି ଭାଷା ବୁଝିପାରେ, ଚିତ୍ରକୁ ଚିହ୍ନିପାରେ, କୌଣସି ସମସ୍ୟାର ସମାଧାନ କରିପାରେ ଓ ମନୁଷ୍ୟ ପରି ନିର୍ଣ୍ଣୟ ମଧ ନେଇପାରେ। ଏହା କମ୍ପ୍ୟୁଟରକୁ ଅନୁଭୂତିରୁ ଭାବିବା ଓ ଶିଖିବା ପରି ସାମର୍ଥ୍ୟ ପ୍ରଦାନ କରିବା ଅଟେ।

ଆଦିମ କାଳରୁ ପ୍ରକୃତି ଦ୍ୱାରା ପ୍ରଦତ୍ତ ବୁଦ୍ଧିମତ୍ତାକୁ ପ୍ରୟୋଗ କରି ମାନବ ନିଜ କାମକୁ ସହଜ କରିବା ପାଇଁ ବିଭିନ୍ନ ପ୍ରକାରର ଯନ୍ତ୍ର ସଂରଚନା କରି ଆସୁଅଛି। ପୁରାତନ ପ୍ରସ୍ତର ଯୁଗରୁ ଶିକାର ପାଇଁ ପ୍ରସ୍ତୁତ ପଥର ନିର୍ମିତ ହତିଆରରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଏବେ ଆସି କୃତ୍ରିମ ବୁଦ୍ଧିମତ୍ତାରେ ପହଞ୍ଚିଛି। ପ୍ରଥମେ ଶାରୀରିକ ଶ୍ରମକୁ ଲାଘବ କରିବା ପାଇଁ ମାନବ ବିଭିନ୍ନ ଯନ୍ତ୍ର ଉଦ୍ଭାବନ କରିଥିବା ବେଳେ ଗତ ଶତାବ୍ଦୀରେ ନିଜର ବୌଦ୍ଧିକ କର୍ମକୁ ସୁଗମ କରିବା ପାଇଁ ଯନ୍ତ୍ରମାନଙ୍କର ଉଦ୍ଭାବନ ଓ ବିକାଶ କରିବାରେ ଲାଗିପଡ଼ିଛି। ଏହି କ୍ରମରେ ଗତ ଶତାବ୍ଦୀରେ ଗଣନ ଯନ୍ତ୍ର ବା କାଲକୁଲେଟର ଓ କମ୍ପ୍ୟୁଟର ଉଦ୍ଭାବନ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା। ଆଜିକାଲି ସମାଜର ଅତି ସାଧାରଣ ଲୋକ ମଧ ଏହି କମ୍ପ୍ୟୁଟରର ଉପଯୋଗ ସ୍ମାର୍ଟ ଫୋନ, ସ୍ମାର୍ଟ ଟିଭି କିମ୍ବା ଲାପଟପ ମାଧମରେ କରିପାରୁଛନ୍ତି। ଏହି କ୍ରମରେ ଏହି ଶତାବ୍ଦୀରେ ଆଉ ଗୋଟାଏ ପାଦ ଆଗକୁ ଯାଇ ମଣିଷ କୃତ୍ରିମ ବୁଦ୍ଧିମତ୍ତାକୁ ବିକଶିତ କରି ବହୁ ଜଟିଳ କାର୍ଯ୍ୟକୁ ସହଜରେ ସମ୍ପନ୍ନ କରିବାକୁ ଚେଷ୍ଟିତ।

କୃତ୍ରିମ ବୁଦ୍ଧିମତ୍ତାର ଧାରଣା ଆଧୁନିକ ମନେ ହେଉଥିଲେ ମଧ ଆମେ ଯଦି ଭାରତୀୟ ପୁରାଣ ଓ ପ୍ରାଚୀନ ଗ୍ରନ୍ଥଗୁଡ଼ିକୁ ଅନୁସନ୍ଧାନ କରିବା ତେବେ ସ୍ୱୟଂଚାଳିତ ଯାନ ଯଥା ରାବଣର ପୁଷ୍ପକ ବିମାନ, ମନ୍ତ୍ର ଦ୍ୱାରା ନିୟନ୍ତ୍ରିତ ଅସ୍ତ୍ରଶସ୍ତ୍ର ଯଥା ମହାଭାରତ ଯୁଦ୍ଧରେ କର୍ଣ୍ଣ ଓ ଅର୍ଜୁନଙ୍କ ଦ୍ୱାରା ବ୍ୟବହୃତ ଦିବ୍ୟାସ୍ତ୍ର ତଥା ମୁଖକୁ ଚିହ୍ନି ପାରୁଥିବା ଯନ୍ତ୍ର ଯଥା ଦ୍ୱାରିକା ନଗରୀର ଫାଟକ ଯାହା କେବଳ ଦ୍ୱାରିକା ନାଗରିକଙ୍କ ମୁଖକୁ ଚିହ୍ନି ଭିତରକୁ ପ୍ରବେଶର ଅନୁମତି ପ୍ରଦାନ କରୁଥିବା ପରି ଚିତ୍ତାକର୍ଷକ ପ୍ରସଙ୍ଗ ମାନ ପାଇବା। ଯଦିଓ ଏହି ପ୍ରାଚୀନ କାହାଣୀଗୁଡ଼ିକ ଆମେ ଜାଣିଥିବା ବର୍ତ୍ତମାନର କୃତ୍ରିମ ବୁଦ୍ଧିମତ୍ତାକୁ ଠିକ୍ ଭାବରେ ପ୍ରତିଫଳିତ କରୁ ନ ଥିଲେ ମଧ ବୁଦ୍ଧିମାନ ଯନ୍ତ୍ର ଓ ଅତ୍ୟାଧୁନିକ ଉପକରଣ ପ୍ରସ୍ତୁତି ପାଇଁ ମାନବ କଳ୍ପନାର ଦୀର୍ଘଦିନର ଆକର୍ଷଣକୁ ସୂଚିତ କରେ। ଏହି ଆକର୍ଷଣ ଅତୀତର ସେହି କଳ୍ପନାକୁ ଆଜି କିଛି ପରିମାଣରେ ବାସ୍ତବତାରେ ପରିଣତ କରିଛି। ଆଧୁନିକ ଯୁଗରେ କୃତ୍ରିମ ବୁଦ୍ଧିମତ୍ତାର ବିବର୍ତ୍ତନକୁ ଚାରୋଟି ଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମ ପିଢ଼ିର କୃତ୍ରିମ ବୁଦ୍ଧିମତ୍ତାକୁ ରିଆକ୍ଟିଭ ମେଶିନ ବୋଲି କୁହାଯାଏ। ଏହା ଏକ ସୀମିତ କୃତ୍ରିମ ବୁଦ୍ଧିମତ୍ତା, ଯାହାକି କେବଳ ତାକୁ ନିର୍ଦ୍ଦେଶ ଦିଆଯାଇଥିବା ଗୋଟାଏ କର୍ମକୁ ସୁଚାରୁ ରୂପେ ସମ୍ପନ୍ନ କରେ। ଆଇ ବି ଏମ୍ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଡିପ୍ ବ୍ଲୁ ସୁପର କମ୍ପ୍ୟୁଟର, ଯାହା କି ୧୯୯୭ ମସିହାରେ ତତ୍କାଳୀନ ବିଶ୍ୱ ଚେସ୍ ବିଜେତା ଗ୍ୟାରି କସ୍ପ୍ରୋଭଙ୍କୁ ହରାଇଥିଲା ଏହି ଶ୍ରେଣୀ ଭୁକ୍ତ। ଲିମିଟେଡ ମେମୋରି ଦ୍ୱିତୀୟ ପିଢ଼ିର କୃତ୍ରିମ ବୁଦ୍ଧିମତ୍ତା, ଯାହାକି ବର୍ତ୍ତମାନ ବହୁଳ ବ୍ୟବହୃତ ତଥା ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା। ଚାଟ ଜି ପି ଟି ତଥା ବର୍ତ୍ତମାନ ବ୍ୟବହୃତ ଅଧିକାଂଶ କୃତ୍ରିମ ବୁଦ୍ଧିମତ୍ତା ଏହି ଶ୍ରେଣୀଭୁକ୍ତ କୃତ୍ରିମ ବୁଦ୍ଧିମତ୍ତା। ଏହା ସମୟକ୍ରମେ ନିଜ ସ୍ମରଣ ଶକ୍ତିକୁ ନୂତନ ତଥ୍ୟ ସଂଗ୍ରହ କରି ବୃଦ୍ଧି କରିପାରେ। କୃତ୍ରିମ ବୁଦ୍ଧିମତ୍ତାର ଏହି ଶ୍ରେଣୀ ପାଇଁ ମେଶିନ ଲର୍ନିଂ ହେଉଛି ମୂଳଦୁଆ। ଏହି ପ୍ରକାର କୃତ୍ରିମ ବୁଦ୍ଧିମତ୍ତା ଷ୍ଟକ୍ ମାର୍କେଟର ପୁରୁଣା ତଥ୍ୟକୁ ବିଶ୍ଳେଷଣ କରି ଷ୍ଟକ୍ ମାର୍କେଟର ଧାରାର ପୂର୍ବାନୁମାନ କରିପାରେ। ମେଶିନ ଲର୍ନିଂର ଅନ୍ୟ ଏକ ପ୍ରକାର ହେଲା ଡିପ୍ ଲର୍ନିଂ। ଏହା ନିରପେକ୍ଷ ନେଟୱର୍କର ତିନି ବା ତତ୍ତ୍ୱଧିକ ସ୍ତରକୁ ବ୍ୟବହାର କରି ଜଟିଳ ତଥ୍ୟକୁ ବିଶ୍ଳେଷଣ କରିପାରେ। ତେଣୁ ମନୁଷ୍ୟର କଥିତ ନିର୍ଦ୍ଦେଶକୁ ମାନି କାର୍ଯ୍ୟ କରିପାରେ। ଆପଲ କମ୍ପାନୀର ସିରି, ଆମାଜନର ଆଲେକ୍ସା ଓ ଗୁଗଲ ଆସିଷ୍ଟାଣ୍ଟ ପରି ସ୍ୱରକୁ ଚିହ୍ନି ପାରୁଥିବା ସଫ୍ଟୱେର ଏହି ଶ୍ରେଣୀଭୁକ୍ତ। ନିରପେକ୍ଷ ନେଟୱର୍କଗୁଡ଼ିକ ହେଉଛି ଏହି ଶ୍ରେଣୀଭୁକ୍ତ କୃତ୍ରିମ ବୁଦ୍ଧିମତ୍ତାର ଅନ୍ୟ ଏକ ପ୍ରକାର, ଯାହା ମାନବ ମସ୍ତିଷ୍କର ପରସ୍ପର ସହିତ ସଂଯୁକ୍ତ ନ୍ୟୁରନ ଦ୍ୱାରା ଅନୁପ୍ରାଣିତ। ଏମାନେ ଉପରୋକ୍ତ କୃତ୍ରିମ ବୁଦ୍ଧିମତ୍ତାମାନଙ୍କଠାରୁ ଅଧିକ ମଣିଷ ମସ୍ତିଷ୍କ ପରି ତଥ୍ୟକୁ ବିଶ୍ଳେଷଣ କରିପାରନ୍ତି। ସାମାଜିକ ଗଣମାଧମ ଫେସବୁକ୍‌ରେ ଫଟୋରୁ ଜଣେ ବ୍ୟକ୍ତିଙ୍କୁ ଚିହ୍ନି ତାଙ୍କ ବନ୍ଧୁମାନଙ୍କ ସହିତ ଯୋଡ଼ି ପାରୁଥିବା ପ୍ରତିଛବି ଚିହ୍ନିବା ସଫ୍ଟୱେର ଏହି ଶ୍ରେଣୀଭୁକ୍ତ।

ତୃତୀୟ ପିଢ଼ିର କୃତ୍ରିମ ବୁଦ୍ଧିମତ୍ତା ହେଉଛି ଥିଓରି ଅଫ ମାଇଣ୍ଡ ବା କୃତ୍ରିମ ସାଧାରଣ ବୁଦ୍ଧିମତ୍ତା। ଏହି ପ୍ରକାରର କୃତ୍ରିମ ବୁଦ୍ଧିମତ୍ତା ଏପର୍ଯ୍ୟନ୍ତ ତିଆରି ହୋଇନାହିଁ କିନ୍ତୁ ଏହାର ପ୍ରସ୍ତୁତି ପାଇଁ ଜୋରଦାର ଗବେଷଣା ଚାଲିଛି। କଳ୍ପନା କରନ୍ତୁ ଏମିତି ଏକ ରୋବଟ, ଯାହା କି ସମାନ ଦକ୍ଷତା ସହିତ କବିତା ଲେଖି ପାରୁଥିବ, ଚେସ୍ ଖେଳୁଥିବ, ଗଣିତର ଜଟିଳ ପ୍ରଶ୍ନ ସମାଧାନ କରିପାରୁଥିବ ଓ ରୋଷେଇ କରିପାରୁଥିବ ଇତ୍ୟାଦି ଇତ୍ୟାଦି। ରୋବଟ ସିନେମାରେ ବୈଜ୍ଞାନିକ ବସିକରନ ଦ୍ୱାରା ପ୍ରସ୍ତୁତ ରୋବଟ ଚିଟିକୁ ଏହି ଶ୍ରେଣୀଭୁକ୍ତ କରିପାରିବା। ଚତୁର୍ଥ ପିଢ଼ିର କୃତ୍ରିମ ବୁଦ୍ଧିମତ୍ତା ହେଲା କୃତ୍ରିମ ଅସାଧାରଣ ବୁଦ୍ଧିମତ୍ତା ବା ଆତ୍ମସଚେତନ ବା ସେଲ୍ଫ ଆୱାର୍ ରୋବଟ। ଏହା ଏବେ କେବଳ ଆମ କଳ୍ପନାରେ ଅଛି। ଏହା ନିଜର ଅସ୍ତିତ୍ୱ ବିଷୟରେ ଅବଗତ ତଥା ଏହାର ମନୁଷ୍ୟ ପରି ବୌଦ୍ଧିକ ଓ ଆବେଗୀୟ ଗୁଣରେ ପରିପୂର୍ଣ୍ଣ। ଏହା ପ୍ରତ୍ୟେକ କ୍ଷେତ୍ରରେ ମାନବଠାରୁ ଅଧିକ ପ୍ରତିଭାଶାଳୀ ଓ ଶକ୍ତିଶାଳୀ ହୋଇପାରେ। ରୋବଟ ସିନେମାର ଦ୍ୱିତୀୟାର୍ଦ୍ଧରେ ପ୍ରଦର୍ଶିତ ଚିଟି-୨.୦ କୁ ଏହି ଶ୍ରେଣୀର ବୋଲି କଳ୍ପନା କରିପାରିବା। (କ୍ରମଶଃ...)

-ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର
ରସାୟନ ବିଜ୍ଞାନ ବିଭାଗ, ଢେଙ୍କାନାଳ
ସ୍ୱୟଂଶାସିତ ମହାବିଦ୍ୟାଳୟ ଢେଙ୍କାନାଳ
ମୋ :୯୮୬୧୩୯୧୧୯୦

## ସ୍ମରଣଶକ୍ତି ବୃଦ୍ଧି କରେ ମହୁ



ମହୁରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ସକାଳେ ଖାଲି ପେଟରେ ଉଷୁମ ପାଣି ସହ ଲେମ୍ବୁ ରସ ଏବଂ ମହୁ ମିଶାଇ ପିଇଲେ ତାହା ଓଜନ କମାଇବାରେ ଅନେକାଂଶରେ ସହାୟକ ହୋଇଥାଏ। ସବୁଠାରୁ ଖାସ୍ କଥା ହେଲା ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ସାଧାରଣତଃ ଥଣ୍ଡା, କାଶ ପାଇଁ ଏହା ବେଶ୍ ଉପକାରୀ। ବିଶେଷଭାବରେ ଏହା ରକ୍ତରେ ଶର୍କରା ଅଂଶକୁ ସନ୍ତୁଳିତ ରଖିବାରେ ମଧ ସାହାଯ୍ୟ କରିଥାଏ। ରକ୍ତହୀନତା ସମସ୍ୟା ସହ ଜଡ଼ିତ ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ରକ୍ତ ସଞ୍ଚାଳନକୁ ସକ୍ରିୟ କରିବାରେ ସାହାଯ୍ୟ କରିଥାଏ। ରକ୍ତଚାପ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।

## ଭିଟାମିନ୍-ଡି'ର ଅଭାବ ହେଲେ...



ଆମ ଶରୀର ପାଇଁ ଭିଟାମିନ୍‌ର କେତେ ଆବଶ୍ୟକତା ରହିଛି ତାହା କହିବା ବାହୁଲ୍ୟ ମାତ୍ର। ବିଭିନ୍ନ ପ୍ରକାର ଖାଦ୍ୟରେ ଏଗୁଡ଼ିକ ଭରି ରହିଛି। ବିଶେଷଭାବରେ ଆମେ ନିୟମିତ ଖାଉଥିବା ଭାତ, ରୁଟି, ଡାଲି, ସବୁଜ ପନିପରିବାରେ ପ୍ରସ୍ତୁତ ଖାଦ୍ୟ, ତଟକା ଫଳମୂଳ ହେଉଛି ଭିଟାମିନ୍‌ର ପ୍ରମୁଖ ଉତ୍ସ। ଶରୀର ପାଇଁ ଭିଟାମିନ୍ 'ଡି'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ଏହାର ଅଭାବ ହୃତ୍‌ପିଣ୍ଡର କାର୍ଯ୍ୟଧାରାକୁ ପ୍ରଭାବିତ କରିବା ଆଶଙ୍କା ରହିଛି ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡିଛି ଯେ, ଭିଟାମିନ୍ 'ଡି'ର ଅଭାବ ସ୍ନାୟୁ ଉପରେ ମଧ ପଡ଼ିଥାଏ। ସ୍ନାୟୁ ଦୁର୍ବଳ ହେଲେ ତାହାର ପ୍ରଭାବ ହୃତ୍‌ପିଣ୍ଡର କାର୍ଯ୍ୟଧାରା ଉପରେ ପଡ଼ିଥାଏ। କଦଳୀ, କମଳା, ଆଲମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର, ଜୁସ୍ ଆଦିରେ ଭିଟାମିନ୍ 'ଡି' ପ୍ରଚୁର ପରିମାଣରେ ରହିଛି।

## ଜାଣି ରଖନ୍ତୁ...



- ବେଳେବେଳେ ଆମେ କେତେକ ସ୍ୱାସ୍ଥ୍ୟ ସମସ୍ୟାର ଲକ୍ଷଣ ବିଷୟରେ ଅବଗତ ଥିଲେ ବି ସେନେଇ ଠିକ୍ ସମୟରେ ଡାକ୍ତରଙ୍କ ସହ ପରାମର୍ଶ କରି ନଥାଉ। ଏଭଳି ଭୁଲ୍ କଦାପି କରନ୍ତୁ ନାହିଁ। କୌଣସି ରୋଗର ପ୍ରାରମ୍ଭିକ ଲକ୍ଷଣ ଜାଣିବା ମାତ୍ରେ ସବୁବେଳେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ହିଁ ଚିକିତ୍ସିତ ହୁଅନ୍ତୁ।
- ନିଶାଦ୍ରବ୍ୟ ସେବନ ଅଭ୍ୟାସ ଥିଲେ ତାହାକୁ ବର୍ଜନ କରନ୍ତୁ। କାରଣ ଏହା ଅଯଥାରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ଏ ନେଇ ନିଶା ନିବାରଣ ବିଶେଷଜ୍ଞଙ୍କ ସହ ପରାମର୍ଶ କରିପାରନ୍ତି।
- ଚଟପଟି ଏବଂ ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏହାଦ୍ୱାରା ପେଟଜନିତ ରୋଗ ହେବାର ଆଶଙ୍କା ରହିଛି।
- ଯଦି ଆପଣ ଡାଇବେଟିସ୍ କିମ୍ବା ବ୍ଲଡ୍‌ପ୍ରେସର ସମସ୍ୟା ସହ ଜଡ଼ିତ ତେବେ ମନକୁ ମନ ଦୀର୍ଘ ସମୟ ଧରି ଔଷଧ ଆଦୌ ବନ୍ଦ କରନ୍ତୁ ନାହିଁ। କାରଣ ଏଗୁଡ଼ିକ କେବଳ ଔଷଧ ଦ୍ୱାରା ହିଁ ନିୟନ୍ତ୍ରଣରେ ରହିଥାଏ। ତା'ସହ ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ।
- ନିଜର ମାନସିକତାକୁ ସବୁବେଳେ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। କାରଣ ଏହାଦ୍ୱାରା ଆପଣ ନିଜକୁ ଟେନ୍‌ସନ୍ ଏପରିକି ଅବସାଦଠାରୁ ଅନେକାଂଶରେ ଦୂରେଇ ରଖିପାରିବେ।

## ରକ୍ତଦାନ କରୁଥିଲେ...



ରକ୍ତଦାନ ଦ୍ୱାରା ଆମେ ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଅନେକାଂଶରେ ସହାୟତା କରିପାରିବା- ଏକଥା ସମସ୍ତେ ହୃଦୟଙ୍ଗମ କରିବା ଦରକାର। ବିଶ୍ୱରେ କୋଟି କୋଟି ରକ୍ତଦାତା ଅଛନ୍ତି। ସେମାନେ ନିଜ ପଟରୁ ଏଭଳି ମହତ କାମ ପାଇଁ ହାତ ବଢ଼ାଇ ଥାଆନ୍ତି। ସେମାନଙ୍କ ଏଭଳି ମହତ କାମକୁ ଆମେ ଅନୁସରଣ କରିବା ଦରକାର। ରକ୍ତଦାନ କରିବା ପୂର୍ବରୁ ସଂପୃକ୍ତ ବ୍ୟକ୍ତିଙ୍କର ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ପୂର୍ବଦିନ ପ୍ରଚୁର ପାଣି ପିଅନ୍ତୁ। ରକ୍ତଦାନକୁ ନେଇ ମନରେ କୌଣସି ଆଶଙ୍କା ଥିଲେ ଅଭିଜ୍ଞ ରକ୍ତରୋଗ ବିଶେଷଜ୍ଞଙ୍କ ସହ ଆଲୋଚନା କରନ୍ତୁ। କାରଣ ଏହାପୂର୍ବରୁ ମନରେ ଉଙ୍କି ମାରୁଥିବା ପ୍ରଶ୍ନଗୁଡ଼ିକର ସମାଧାନ ହୋଇଯିବା ଆବଶ୍ୟକ। ରକ୍ତଦାନ କରୁଥିବା ମନରେ ମନକୁ ହାଲୁକା ରଖନ୍ତୁ। ଆପଣ ଯଦି କୌଣସି ରୋଗରେ ଆକ୍ରାନ୍ତ ତେବେ ରକ୍ତଦାନ କରିବା କେତେ ସମୀଚୀନ ତାହା ବୁଝି ନିଅନ୍ତୁ। ରକ୍ତଦାନ ପୂର୍ବରୁ ରକ୍ତଦାନ କେନ୍ଦ୍ରରେ ନିଜ ସମ୍ପର୍କିତ ସମସ୍ତ ସୂଚନାକୁ ପଞ୍ଜୀକରଣ କରିବାକୁ ଭୁଲନ୍ତୁ ନାହିଁ।

## ଡିପ୍ରେସନ୍ ଦୂର କରେ ସନ୍ତୁଳିତ ଖାଦ୍ୟ



ଶରୀରକୁ ସୁସ୍ଥ ଓ ମଜଭୁତ ରଖିବାରେ ସନ୍ତୁଳିତ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବର୍ତ୍ତମାନର ଧାଁଧପଡ ଜୀବନରେ ଅନେକେ ଡିପ୍ରେସନ୍‌ର ଶିକାର ହେଉଛନ୍ତି। ଯଦି ଆପଣ ଏଭଳି ସମସ୍ୟା ସହ ଜଡ଼ିତ ତେବେ ଏଥିରୁ ମୁକୁଳିବାର ସହଜ ତଥା ସରଳ ଉପାୟ ଆପଣଙ୍କ ହାତ ପାଆନ୍ତାରେ ରହିଛି। ତାହା କ'ଣ ଜାଣନ୍ତି? ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସନ୍ତୁଳିତ ଖାଦ୍ୟ ସାମିଲ କରନ୍ତୁ। ଏଭଳି ଖାଦ୍ୟ ଖାଇବା ଦ୍ୱାରା ଜଣେ ବ୍ୟକ୍ତିଙ୍କର ମାନସିକତା ସକାରାତ୍ମକ ରହିଥାଏ ଏବଂ ସେ ନିଜକୁ ଡିପ୍ରେସନରୁ କେତେକାଂଶରେ ଦୂରେଇ ନେବାରେ ସକ୍ଷମ ହୋଇଥାଆନ୍ତି। ଉପରୋକ୍ତ ତଥ୍ୟ ନିକଟରେ ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି। ଏହି ସମୟରେ ସେମାନେ ଡିପ୍ରେସନ ସହ ଜଡିତ କେତେକ ବ୍ୟକ୍ତିଙ୍କୁ ନିୟମିତ ସନ୍ତୁଳିତ ଖାଦ୍ୟ ଖାଇବାକୁ ଦେଇଥିଲେ। ପରିଶେଷରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତି ନିଜକୁ ଡିପ୍ରେସନଠାରୁ କେତେକାଂଶରେ ମୁକ୍ତ କରିବାରେ ସକ୍ଷମ ହୋଇଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସ୍ୱାସ୍ଥ୍ୟ ସୂଚନା

- ଖାଇବା ସମୟରେ ଅଧିକ ସମୟ ଗପିବା କେତେକ ବ୍ୟକ୍ତିଙ୍କ ଅଭ୍ୟାସ। ତେବେ ଯେତେବେଳେ ଖାଉଛନ୍ତି ସେତେବେଳେ ଶାନ୍ତ ମନରେ ଖାଦ୍ୟ ଖାଇଲେ ଭଲ।
- ଘରେ ଯଦି କିଛି ଅତ୍ୟାବଶ୍ୟକ ମେଡିସିନ୍ ରଖୁଛନ୍ତି ତେବେ ତାହାର ନାମ ଏବଂ ଏକ୍ସପାଏରି ତାରିଖ ଡାଏରିରେ ଟିପି ରଖନ୍ତୁ।
- ମର୍ନିଂ ୱାକ୍ କରିବା ବେଳେ ଆବଶ୍ୟକତାଠାରୁ ଅଧିକ ସ୍ପିଡ୍‌ରେ ଚାଲନ୍ତୁ ନାହିଁ। ଏହି ସମୟରେ କିପରି ଚାଲିବେ ସେ ନେଇ ବ୍ୟାୟାମ ଏକ୍ସପର୍ଟ କିମ୍ବା ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଦୈନନ୍ଦିନ ଖାଦ୍ୟ ତାଲିକାରେ ତଟକା ଫଳମୂଳ ସାମିଲ କରନ୍ତୁ। ଏଥିରୁ ପ୍ରସ୍ତୁତ ଜୁସ୍ ମଧ ଶରୀର ପାଇଁ ବେଶ୍ ଉପକାରୀ।
- ଯଦି ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି, ତେବେ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ଏବଂ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ। ଯଦି ଦୃଷ୍ଟିଶକ୍ତିଜନିତ କିଛି ସମସ୍ୟା ଅନୁଭବ କରୁଛନ୍ତି ତେବେ ସେ ବିଷୟରେ ଡାକ୍ତରଙ୍କୁ ଜଣାନ୍ତୁ।
- କୌଣସି ସ୍ଥାନରେ ବସିବା ବେଳେ ସିଧା ବସନ୍ତୁ। ଏହି ସମୟରେ ଆପଣଙ୍କ ଅଣ୍ଟା ୯୦ ଡିଗ୍ରୀ ରହିବା ଭଲ। କାରଣ ଅଧିକ ସମୟ ଠିକ୍ ଭାବରେ ନ ବସିଲେ ତାହାର ପ୍ରଭାବ ଅଣ୍ଟା ଏବଂ ମେରୁଦଣ୍ଡ ଉପରେ ପଡ଼ିଥାଏ।
- ପ୍ରତିଦିନ ରାତିରେ ଶୋଇବାକୁ ଯିବା ପୂର୍ବରୁ ଭଲ ଭାବରେ ଗୋଡ଼ହାତ ଏବଂ ମୁହଁ ଧୁଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।



## ସୁସ୍ଥ ରହିବାର ସରଳ ଉପାୟ

ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ, ଯାହାଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ ଠିକ୍ ଭାବେ ହୁଏ। ତା'ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ ଶକ୍ତ ହୋଇଥାଏ। ରକ୍ତଚାପକୁ ବି ଏହା ସନ୍ତୁଳିତ ଅବସ୍ଥାରେ ରଖେ। ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁ ଶୋଇ ପାରନ୍ତି ନାହିଁ। ସେଥିପାଇଁ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ତେଣୁ ଏସବୁଠାରୁ ନିଜକୁ ଦୂରେଇ ରଖିବା ପାଇଁ ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ମାନସିକ ଭାରସାମ୍ୟ ଠିକ୍ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ମଧ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।



ଧରିତ୍ରୀ DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୩୦/୨୦୨୪ Bhubaneswar, Monday, September 30/ 2024

# ଧୋଇଗଲା ତୃତୀୟ ଦିନ ଖେଳ

**ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟ**

କାନପୁର,୨୯।୯(ପି.ଟି.)

କାନପୁରରେ ଅନୁଷ୍ଠିତ ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚର ଆଉ ଗୋଟିଏ ଦିନ ବର୍ଷାରେ ଧୋଇ ଯାଇଛି। ପ୍ରଥମ ଦିନରେ ବାଂଲାଦେଶ ୩ ଉଇକେଟ ହରାଇ ୧୦୭ ରନ୍ ସଂଗ୍ରହ କରିଥିବା ବେଳେ ଲଗାତର ଦୁଇ ଦିନଧରି ଖେଳ ସମ୍ଭବ ହୋଇ ନାହିଁ। ବର୍ଷା ବାଧାପ୍ରାପ୍ତ ପ୍ରଥମ ଦିନରେ ମାତ୍ର ୩୫ ଓଭରର ଖେଳ ସମ୍ଭବ ହୋଇଥିଲା। ମେଘୁଆ ପାଗ ରହିବା ନେଇ ପୂର୍ବାନୁମାନ ରହିଥିବା ବେଳେ ଭାରତ ୩ ଜଣ ପେସ୍ ବୋଲରଙ୍କ ସହ ଓହ୍ଲାଇଥିଲା। ଭାରତୀୟ ଅଧିନାୟକ ରୋହିତ ଶର୍ମା ଟସ୍ ଜିତିବା ସହ ବୋଲିଂ ନିଷ୍ପତ୍ତି ନେଇଥିଲେ।



କାନପୁର ଗ୍ରୀନ୍‌ପାର୍କର ଗ୍ରାଉଣ୍ଡକୁ ବର୍ଷା କାରଣରୁ ଘୋଡ଼ାଇ ରଖାଯାଇଛି।

ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ବାଂଲାଦେଶ ୩ ଉଇକେଟ ହରାଇ ୧୦୭ ରନ୍ କରିଥିଲା। ଲଗାତର ବର୍ଷା କାରଣରୁ ଦ୍ୱିତୀୟ ଓ ତୃତୀୟ ଦିନର ଖେଳ ସମ୍ଭବ ହୋଇ ନ ଥିଲା। ୮ଟି ଯାକ ସେଶନରେ ଗୋଟିଏ ବଲ୍ ପଡି ପାରି ନ ଥିବା ବେଳେ ଦୁଇ ଦିନର ଖେଳ ଧୋଇ ଯାଇଛି। ଆଉ ୨ ଦିନର ଖେଳ ବାକି ଥିବା ବେଳେ ଏହି ମ୍ୟାଚର ଫଳାଫଳ ଆସିବା ସମ୍ଭାବନା କ୍ଷୀଣ ରହିଛି। ମୋମିନୁଲ ହକ୍ ୪୦ ଓ ଭେଟେରାନ୍ ମୁଶଫିକୁର ରହିମ ୬ ରନ୍ କରି ଷ୍ଟମ୍ପ ଅପସାରଣ ଯାଏ ବ୍ୟାଟିଂ କରୁଛନ୍ତି। ଭାରତ ପକ୍ଷରୁ ଆକାଶ ଦୀପ୍ ୨ ଓ ଅଶ୍ୱିନ ୧ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୩୫ ଓଭରରେ ୧୦୭/୩ (ମୋମିନୁଲ ୪୦, ନଜମୁଲ-୩୧, ଶଦମାନ-୨୪, ଆକାଶ ଦୀପ୍-୨/୩୪, ରବିଚନ୍ଦ୍ରନ ଅଶ୍ୱିନ-୧/୨୨)।

# ସୂର୍ଯ୍ୟସ୍-କ୍ୟାପିଟାଲ୍ସ ମ୍ୟାଚ୍ ବାତିଲ

**ଲିଜେଣ୍ଡସ ଲିଗ୍ କ୍ରିକେଟ୍**

ଭୁବନେଶ୍ୱର,୨୯।୯
(ସରୋଜ ଜେନା)

ପ୍ରବଳ ବର୍ଷା ଓ ଓଦା ଆଉଟଫିଲ୍ଡ କାରଣରୁ କୋଣାର୍କ ସୂର୍ଯ୍ୟସ୍ ଓଡ଼ିଶାର ଲଗାତର ଦ୍ୱିତୀୟ ମ୍ୟାଚ୍ ବାତିଲ ହୋଇଛି। ଶୁକ୍ରବାର ମଣିପାଲ ଟାଇଗର୍ସ ବିପକ୍ଷ ମ୍ୟାଚ୍ ବର୍ଷା କାରଣରୁ ବାତିଲ ହୋଇଥିଲା। ସମାନ ଭାବରେ ରବିବାର ଖେଳାଯିବାକୁ ଥିବା ଇଣ୍ଡିଆ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ମଧ୍ୟ ଧୋଇ ଯାଇଛି। ଦୁଇ ଦିନ ଧରି ଲଗାଣ ବର୍ଷା କାରଣରୁ ଆଉଟ ଫିଲ୍ଡ ଶୁଖି ନ ଥିବା ବେଳେ ଗ୍ରାଉଣ୍ଡ ଷ୍ଟାଫଙ୍କ ଅକ୍ଳାନ୍ତ ପରିଶ୍ରମ ବିଫଳ ହୋଇଥିଲା। ମ୍ୟାଚ୍ ବାତିଲ ହେବା ଫଳରେ ଉଭୟ ଦଳକୁ ୧ ପଏଣ୍ଟ ଲେଖାଏ ମିଳିଛି। ୩ ମ୍ୟାଚ୍‌ରୁ ୪ ପଏଣ୍ଟ ସହ କୋଣାର୍କ ସୂର୍ଯ୍ୟସ୍ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୩ ପଏଣ୍ଟ ହାସଲ କରିଛି କ୍ୟାପିଟାଲ୍ସ। କୋଣାର୍କ ସୂର୍ଯ୍ୟସ୍ ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିୟନ ମଣିପାଲ ଟାଇଗର୍ସଙ୍କୁ ୨ ରନ୍‌ରେ ପରାସ୍ତ କରିଥିଲା। ଟେବୁଲ ଟପ୍ପର ଥିବା ସଦର୍ନ ସୁପରଷ୍ଟାର୍ସ ବିପକ୍ଷରେ କୋଣାର୍କ ସୂର୍ଯ୍ୟସ୍ ଓଡ଼ିଶା ଅକ୍ଟୋବର ୨ ତାରିଖରେ ଏହାର ପରବର୍ତ୍ତୀ ମ୍ୟାଚ ଖେଳିବ।




# ଭାରତୀୟ ଶୁଟର ଜିତିଲେ ୨ସ୍ୱର୍ଣ୍ଣ ପଦକ

**ଜୁନିୟର ଶୁଟିଂ ବିଶ୍ୱ ଚାମ୍ପିୟନଶିପ୍**

ନୂଆଦିଲ୍ଲୀ, ୨୯।୯ (ପି.ଟି.)

ପେରୁଠାରେ ଅନୁଷ୍ଠିତ ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍ (ରାଇଫଲ/ ପିସ୍ତଲ/ ଶଟ୍‌ଗନ୍)ରେ ଭାରତୀୟ ଶୁଟରମାନେ ସେମାନଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟର ଉଭୟ ପୁରୁଷ ଓ ମହିଳା ବିଭାଗରେ ଭାରତ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିପାରିଛି। ମାତ୍ର ବ୍ୟକ୍ତିଗତ କାଟେଗୋରି ଫାଇନାଲରେ ବିଳମ୍ବରେ ପହଞ୍ଚିଥିବାରୁ ୨ପଏଣ୍ଟ କାଟ ଖାଇବାରୁ ପଦକରୁ ବଞ୍ଚିତ ହେବାକୁ ପଡ଼ିଛି। ଜୁନିୟର ପୁରୁଷ ତ୍ରୟ ଉମେଷ ଚୌଧାରୀ, ପ୍ରଦ୍ୟୁମ୍ନ ସିଂ ଓ ମୁକେଶ ନେଲାଭାଲି ୧୦ ମିଟର ଏୟାର ପିସ୍ତଲରେ ୧୭୨୬ ପଏଣ୍ଟ ସହ ଟିମ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।



ସ୍ୱର୍ଣ୍ଣ ବିଜୟୀ ଭାରତୀୟ ପୁରୁଷ ଦଳ।

ଦ୍ୱିତୀୟ ସ୍ଥାନରେ ରହିଥିବା ରୋମାନିଆଠାରୁ ସେମାନେ ୧୦ ପଏଣ୍ଟ ଆଗରେ ରହିଥିଲେ। ଇଟାଲୀ ୧୭୦୭ ପଏଣ୍ଟ ସହ ବ୍ରୋଞ୍ଜ ପଦକ ଲାଭ କରିଥିଲା। ଫାଇନାଲରେ ବିଳମ୍ବରେ ରିପୋର୍ଟିଂ ପାଇଁ ୨ ପଏଣ୍ଟ ପେନାଲ୍ଟି ଯୋଗୁ ଚୌଧାରୀ ଅଳ୍ପକେ ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ। ବ୍ୟକ୍ତିଗତ ବିଭାଗ କ୍ୱାଲିଫିକେଶନ ରାଉଣ୍ଡରେ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଚୌଧାରୀ (୫୮୦ ଶଟ୍) ଓ ସିଂ (୫୭୮) ଫାଇନାଲରେ ଯଥାକ୍ରମେ ୭ମ ଓ ୮ମ ସ୍ଥାନ ପଦକ ଲାଭରୁ ବଞ୍ଚିତ ହୋଇଥିଲେ। ରୋମାନିଆର ଲୁକା ଜୋଲ୍‌ଡିଆ ସ୍ୱର୍ଣ୍ଣ ଜିତିଥିବା ବେଳେ ଚାଇନିଜ ତାଇପେର ହିଏ ହିଆଙ୍ଗ-ଚେନ୍ ରୌପ୍ୟ ପାଇଥିଲେ।

## ସୁଭାଷ ସଭାପତି, ପ୍ରସନ୍ନ ଜେନେରାଲ ସେକ୍ରେଟାରି

**ଭୁବନେଶ୍ୱର,୨୯।୯(ସରୋଜ ଜେନା):** ଇଷ୍ଟର୍ନ ଇଣ୍ଡିଆ ବଡି ବିଲ୍‌ଡିଂ ଆସୋସିଏଶନ ସାଧାରଣ ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା, ଆସାମ, ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ, ମଣିପୁର, ମେଘାଳୟ, ମିଜୋରାମର ପ୍ରତିନିଧି ଭାଗ ନେଇଥିଲେ। ମେଘାଳୟର ସୁଭାଷ ଚନ୍ଦ୍ର ପଲ୍ ସଭାପତି, ଓଡ଼ିଶାର ପ୍ରସନ୍ନ ମହାସୁପକାର ଜେନେରାଲ ସେକ୍ରେଟାରୀ ଭାବରେ ନିର୍ବାଚିତ ହୋଇଥିଲେ। ବିକାଶ ଚନ୍ଦ୍ର ପଟ୍ଟନାୟକ, ବାବୁଲି ପଟ୍ଟନାୟକ କାର୍ଯ୍ୟକାରୀ ସଭାପତି, ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ କୋଷାଧ୍ୟକ୍ଷ, ସୁମିତ୍ରା ତ୍ରିପାଠୀ ଉପଦେଷ୍ଟା ଓ ତରୁଣ କୁମାର ଚାଟାର୍ଜୀ କାର୍ଯ୍ୟକାରୀ କମିଟି ସଦସ୍ୟ ନିର୍ବାଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ବୋରା ଓ ସୋଭନ ମୁଖାର୍ଜୀ ଉପ ସଭାପତି, ଜୟ ପ୍ରକାଶ ମହାନ୍ତି ସହ ସମ୍ପାଦକ, ଲାଲ ବାହାଦୂର ପାଶ୍ୱାନ ଓ ବିଜୟ କୁମାର ସାଂଗଠନିକ ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି।

# ଧୂମଲ, ଅଭିଷେକ ପଦ ବଜାୟ ରଖିଲେ

**ବିସିସିଆଇ ବାର୍ଷିକ ସାଧାରଣ ବୈଠକ**

ବେଙ୍ଗାଲୁରୁ, ୨୯।୯

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୯୩ ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ବେଙ୍ଗାଲୁରୁରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମ୍ପାଦକ ଜୟ ଶାହା ତାଙ୍କର ଉତ୍ତରାଧିକାରୀ ବାଛିବା ଲାଗି ପ୍ରକ୍ରିୟା ଆରମ୍ଭ କରିଦେବାକୁ ଅନୁରୋଧ କରିଥିଲେ। ନଭେମ୍ବର ଶେଷ ସପ୍ତାହରେ ଶାହା ତାଙ୍କ ପଦବୀରୁ ଓହରି ଯିବେ। ଡିସେମ୍ବର ୧ରେ ସେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚେୟାରମ୍ୟାନ ଭାବେ ନୂଆ ଦାୟିତ୍ୱ ଗ୍ରହଣ କରିବେ। ତାଙ୍କ କାର୍ଯ୍ୟକାଳ ୩ ବର୍ଷ ରହିବ। ନୂଆ ସମ୍ପାଦକ ବାଛିବା ଏଜିଏମ୍ ଏଜେଣ୍ଡାରେ ସ୍ଥାନ ପାଇ ନ ଥିଲା। ତେବେ ପରବର୍ତ୍ତୀ ଉତ୍ତରାଧିକାରୀ କିଏ ହେବ ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନା ହୋଇଥିବା ପ୍ରକାଶ। ଚୟନ ପ୍ରକ୍ରିୟାରେ ଯଦି କେହି ଡାର୍କହର୍ସ ଉଭା ନ ହୁଅନ୍ତି ତେବେ ଯେଉଁ ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନେଇ ଆଲୋଚନା ହେଉଛି ସେମାନଙ୍କ ମଧ୍ୟରେ ରହିଛନ୍ତି ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ ସଭାପତି ରୋହନ ଜେଟ୍‌ଲୀ, ବିସିସିଆଇ କୋଷାଧ୍ୟକ୍ଷ ଆଶିଷ ଶେଲାର, ଯୁଗ୍ମ ସମ୍ପାଦକ ଦେବଜିତ ସାଇକିଆ ଓ ଗୁଜରାଟ କ୍ରିକେଟ ଆସୋସିଏଶନ ସମ୍ପାଦକ ଅନୀଲ ପଟେଲ। ଏଜିଏମ୍‌ରେ ମୁଖ୍ୟତଃ ଆଇସିସି ବୈଠକ ପାଇଁ ଭାରତର ଦୁଇ ପ୍ରତିନିଧି ମନୋନୟନ କରିବା। ବର୍ତ୍ତମାନ ଶାହା ଆଇସିସି ବୋର୍ଡରେ ପ୍ରତିନିଧି ଅଛନ୍ତି। ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲକୁ ପୁନଃ ନିର୍ବାଚିତ ହୋଇଛନ୍ତି। ଆନ୍ଧ୍ର ପ୍ରଦେଶର ପୂର୍ବତନ କ୍ରିକେଟର ଭି. ଚାମୁଣ୍ଡେଶ୍ୱରନାଥ ଇଣ୍ଡିଆନ କ୍ରିକେଟର୍ସ ଆସୋସିଏଶନ (ଆଇସିଏ) ଦ୍ୱାରା ଆଇପିଏଲ୍ ପରିଚାଳନା ପରିଷଦ ପାଇଁ ମନୋନୀତ ହୋଇଛନ୍ତି।



ସଞ୍ଜୟ ବେହେରା, ଅରୁଣ ସିଂ ଧୂମଲ ଓ ଅଭିଷେକ ଡାଲମିୟା।

### ଜୋନାଲ ଫର୍ମାଟରେ ଦୁଲୀପ ଟ୍ରଫି

ବୈଠକରେ ନିଆଯାଇଥିବା ଏକ ନିଷ୍ପତ୍ତି ଅନୁସାରେ ଦୁଲୀପ ଟ୍ରଫି ଆସନ୍ତାବର୍ଷ ପାରମ୍ପରିକ ଜୋନାଲ ଫର୍ମାଟ ସହ ଫେରିବ। ରାଜ୍ୟ ୟୁନିଟଗୁଡ଼ିକ ଏନେଇ ସହମତି ପ୍ରକାଶ କରିଛନ୍ତି। ଚଳିତ ସିଜନର ଦୁଲୀପ ଟ୍ରଫି ୪ଟି ଦଳ ଭାରତ 'ଏ', ଭାରତ 'ବି', ଭାରତ 'ସି' ଓ ଭାରତ 'ଡି'କୁ ନେଇ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଭାରତ 'ସି' କୁ ପରାସ୍ତ କରି ଭାରତ 'ଏ' ଚାମ୍ପିୟନ ହୋଇଥିଲା। ସାଧାରଣତଃ ୬ଟି ଦଳ ଯଥା କେନ୍ଦ୍ରାଞ୍ଚଳ, ପୂର୍ବାଞ୍ଚଳ, ଉତ୍ତରାଞ୍ଚଳ, ଦକ୍ଷିଣାଞ୍ଚଳ ଏବଂ ଉତ୍ତରପୂର୍ବାଞ୍ଚଳ ଦଳକୁ ନେଇ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥାଏ।

# ବିଜୟ ସହ କ୍ୱାର୍ଟରରେ ବରଗଡ଼

**ଆନ୍ତଃ ଜିଲା ସାହାଣୀ କପ୍ ଫୁଟ୍‌ବଲ**

ବରଗଡ଼,୨୯।୯
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ଓ ବରଗଡ଼ ଜିଲା କ୍ରୀଡା ସଂସଦର ମିଳିତ ଆୟୋଜନରେ ଅନୁଷ୍ଠିତ ହେଉଥିବା ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତାରେ ରବିବାର ୨ଟି ମ୍ୟାଚ୍ ହୋଇଥିଲା। କେନ୍ଦୁଝର ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ହୋଇଥିବା ବେଳେ ମାଲକାନଗିରି ବିପକ୍ଷ ମ୍ୟାଚ୍ ବିଜୟୀ ହୋଇ ବରଗଡ଼ କ୍ୱାର୍ଟର ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛି ।

କେନ୍ଦୁଝର ଓ ସମ୍ବଲପୁର ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ଟି ଅତି ସଂଘର୍ଷପୂର୍ଣ୍ଣ ହୋଇଥିଲା। ଉଭୟ ଦଳ ଶେଷ ପର୍ଯ୍ୟନ୍ତ ଚେଷ୍ଟା କରି ମଧ୍ୟ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ମ୍ୟାଚ୍‌ଟି ବିନା ଗୋଲରେ ଡ୍ର ଭାବେ ସମାପ୍ତ ହୋଇଥିଲା। ଖେଳକୁ ଜଗନ୍ନାଥ ମାଝୀ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ରୋଶନ ଖାଁ, ଶୁଭମ ପାତ୍ର ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ରାଜେନ୍ଦ୍ର ଭୁଏ। ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପ୍ରାକ୍ତନ ଫୁଟବଲ ଖେଳାଳି କୁମର ମାହାନା, ତେଜରାଜ ସରାଫ ଓ ହାରାଧନ ଭୋଇ ଅତିଥି ଭାବେ ଯୋଗଦେଇ ସମ୍ବଲପୁର ଦଳର ଖେଳାଳି ସୁମନ ଓରାମଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ।

ବରଗଡ ଓ ମାଲକାନଗିରି ଦଳ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ବରଗଡ ଦଳ ୩-୦ ଗୋଲରେ ବିଜୟୀ ହୋଇଥିଲା। ବରଗଡ ପକ୍ଷରୁ ଜିତୁ ମୁଦୁଲି, ପ୍ରଭାତ ଡନଶନା ଓ ବିବେକ ବାଗ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ । ମ୍ୟାଚ୍‌କୁ ସହଦେବ ମୁଚିନେ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଚକ୍ରଧର ଛତର ଓ ଜିତେନ୍ଦ୍ରୀୟ ଥନାପତି ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ନିତ୍ୟାନନ୍ଦ ମେହେର। ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲା କ୍ରୀଡା ସଂସଦର କାଉନସିଲ ସଦସ୍ୟ ଦିଲୀପ ସାୱଡ଼ିଆ, ପ୍ରାକ୍ତନ ଫୁଟବଲ ଖେଳାଳି କ୍ଷିତିପତି ପ୍ରଧାନ ଅତିଥି ଭାବେ ଯୋଗଦେଇ ବରଗଡ ଦଳର ଜନସନ ବାଡ୍ରାଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।

## କ୍ୱାର୍ଟର ଫାଇନାଲରେ ମୟୂରଭଞ୍ଜ

ବାରିପଦା,୨୯।୯
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଷ୍ଟାଡିୟମ ପଡିଆରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନ ଓ ଓଡିଶା ଫୁଟବଲ ଆସୋସିଏଶନର ସହଯୋଗିତାରେ ଅନୁଷ୍ଠିତ ସାହାଣୀ କପ - ୨୦୨୪ର ୫ମ ଦିନ ଖେଳାଯାଇଛି। ପ୍ରଥମ ମ୍ୟାଚରେ ଅନୁଗୋଳ ୭-୦ ଗୋଲରେ ଭଦ୍ରକକୁ ପରାସ୍ତ କରିଥିଲା। ଫାଡୁ ଚରଣ ହେମ୍ବ୍ରମ, କୃଷ୍ଣଚନ୍ଦ୍ର ନାଏକ ଏବଂ ତ୍ରିନାଥ ଭାନୁ ନାୟକ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନୁଗୋଳ ଦଳର ଅମୀୟ ପ୍ରଧାନ ହ୍ୟାଟ୍ରିକ ସହ ୪ ଗୋଲ ଦେଇ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥି ଭାବେ ଯୋଗ ଦେଇ ଦେବାଶିଷ ମହାନ୍ତି ଓ ଜୀତେନ୍ଦ୍ର ମହାନ୍ତି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଶ୍ରେଷ୍ଠ ଖେଳାଳିଙ୍କୁ ମହେଶ ଦାସ ସ୍ମୃତି ସମ୍ମାନରେ ୨ ହଜାର ଟଙ୍କା ଓ ଉପଢୌକନ ଦେଇ ପୁରସ୍କୃତ କରିଥିଲେ।



ଅନୁଗୋଳ ଓ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଦ୍ୱିତୀୟ ମ୍ୟାଚରେ ମୟୂରଭଞ୍ଜ ୧-୦ ଗୋଲରେ ବୌଦ୍ଧକୁ ପରାସ୍ତ କରି କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି । ହାମ୍ବିରା ହେମ୍ବ୍ରମ ଏକ ମାତ୍ର ଗୋଲ ସ୍କୋର କରିଥିଲେ। ବୌଦ୍ଧ ଦଳର ଗୋଲକିପାର ସୁବ୍ରତ ମହାରଣା ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଶିବ ଶଙ୍କର ପଣ୍ଡା, ସେଖାବତ ଖାନ, ସୁଜିତ ରାଜହଂସ, ଲକ୍ଷ୍ମଣ ସେଠ ଖେଳ ପରିଚାଳନା କରିଥିବା ବେଳେ ସୁଭଦ୍ରା ହେମ୍ବ୍ରମ ମ୍ୟାଚ କମିଶନର କାର୍ଯ୍ୟ ତୁଲାଇଥିଲେ। ଅତିଥି ଭାବେ ଯୋଗ ଦେଇ ୧ ନଂ ୱାର୍ଡ କାଉନସିଲର ସୁକେଶିନୀ ସେଠି, କାଶୀନାଥ ରଣା, ପ୍ରଭାତ ନାୟକ ଓ ବିଶିଷ୍ଟ କ୍ରୀଡ଼ାବିତ ଓ କାଉନସିଲ ସଭ୍ୟ ଅମୀୟ କୁମାର ବଳ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଫାଓ ଉପ ସଭାପତି ଅସିତ ପତି, ମୟୂରଭଞ୍ଜ କ୍ରୀଡା ସଂସଦର ଉପ ସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଫୁଟବଲ ସଂଘ ସମ୍ପାଦକ ଅମର କୁମାର ସେଠି, କୋଷାଧ୍ୟକ୍ଷ ଅମିତାଭ ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ହରପ୍ରସାଦ ପାତ୍ର, ପ୍ରସନ୍ନଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଭାରତକୁ ୨ ସ୍ୱର୍ଣ୍ଣ ସମେତ ୭ପଦକ

**ଜୁନିୟର ଉଷୁ ବିଶ୍ୱ ଚାମ୍ପିୟନଶିପ୍**

ନୂଆଦିଲ୍ଲୀ, ୨୯।୯(ପି.ଟି.)

ବ୍ରୁନେଇର ବନ୍ଦର ସେରି ବେଗାୱାନଠାରେ ୯ମ ବିଶ୍ୱ ଜୁନିୟର ଉଷୁ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତର ଉଷୁ ଖେଳାଳିମାନେ ୭ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ତନ୍ମଧ୍ୟରେ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୪ ବ୍ରୋଞ୍ଜ ରହିଛି। ପ୍ରଥମ ଥର ଭାରତୀୟ ଖେଳାଳି ଆର୍ଯ୍ୟନ ୪୮ ଓଜନ କାଟେଗୋରିରେ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଥିଲେ। ସେ ଏକ କଡ଼ା ମୁକାବିଲାରେ ଚାଇନିଜ ଖେଳାଳିଙ୍କୁ ହରାଇ ଦେଇଥିଲେ। ଭାରତୀୟ ଖେଳାଳି ସୌର୍ଯ୍ୟା ତାଙ୍କ ଇରାନୀୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ଦେଶ ପାଇଁ ଆଉ ଏକ ସ୍ୱର୍ଣ୍ଣ ପଦକ ଆଣି ଦେଇଥିଲେ। ତାଓଲୁ ଜିଆନ ଶୁ ସି' ଗ୍ରୁପ୍ ଇଭେଣ୍ଟରେ ନାଙ୍ଗ ମିଙ୍ଗବି ବୋର୍ଫୁକାନଙ୍କୁ ଏକ ରୌପ୍ୟ ମିଳିଥିଲା। ଅନ୍ୟପକ୍ଷରେ ତନିଶ ନାଗର (୫୬କେଜି), ଅଭିଜିତ (୬୦କେଜି), ଦିବ୍ୟାଂଶୀ (୬୦କେଜି) ଓ ଯୁବରାଜ (୪୨କେଜି) ପ୍ରତ୍ୟେକେ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଚାମ୍ପିୟନଶିପ୍‌ରେ ଏକ ୨୪ ଜଣିଆ ଭାରତୀୟ ଦଳ ଭାଗ ନେଇଥିଲେ।



ସ୍ୱର୍ଣ୍ଣ ପଦକ ବିଜୟିନୀ ସୌର୍ଯ୍ୟା (ମଝି)।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ